# ଧରିତ୍ରୀ
DHARITRI

୨୦୨୧

ବାଲେଶ୍ୱର, ଶୁକ୍ରବାର, ଜାନୁୟାରୀ ୧/୨୦୨୧ (୨୦ ପୃଷ୍ଠା) | Balasore, Friday, January 1/2021 | ★★★★

୪୭ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-








ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଲା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।

ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।


KP GROUP
Quality Since 1965
2021
Happy New Year
KP GROUP
MADHUBAN
Safal
TM
PAN MASALA
NO TOBACCO, NO NICOTINE ADDED
କେ.ପି. ସମୂହ
ଆପଣ ସମସ୍ତଙ୍କ ମଙ୍ଗଳ କାମନା ସହ
ନବବର୍ଷକୁ ସ୍ୱାଗତ ଜଣାଉଛି ।
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ । କରୋନା ମହାମାରୀରୁ ବଞ୍ଚନ୍ତୁ ।
ସଫଳ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଜାନୁୟାରୀ ୧/୨୦୨୧ Friday, January 1/2021



## ୮ ବର୍ଷୀୟ ଲେଖକ

୮ ବର୍ଷର ଛାତ୍ର ମିଲନ କୁମାର 'କୋଭିଡ୍ ଖ୍ରୀଷ୍ଟମାସ ପରେଡ୍' ବହି ଲେଖି ଚର୍ଚ୍ଚାର ପରିସରକୁ ଆସିଛନ୍ତି।

୧୪

୧୫

## ଲିଓନ ମେଣ୍ଡୋଙ୍କା ୬୭ତମ ଗ୍ରାଣ୍ଡମାଷ୍ଟର

ଗୋଆର ୧୪ ବର୍ଷୀୟ ଲିଓନ ମେଣ୍ଡୋଙ୍କା ଭାରତର ୬୭ତମ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି।






ନବବର୍ଷ ୨୦୨୧ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ନବବର୍ଷ - ୨୦୨୧ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି। ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା। ରାଜ୍ୟକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରିରଖିବାକୁ ମୁଁ ଆହ୍ୱାନ ଜଣାଉଛି।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

DADLS-69 OIPR-15001/13/0112/2021



ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନୂଆବର୍ଷ ଅଭିନନ୍ଦନ

ନୂଆବର୍ଷ ୨୦୨୧ ଓଡ଼ିଶାବାସୀଙ୍କ ପାଇଁ ସୁଖମୟ ହେଉ । ସମସ୍ତଙ୍କ ପାଇଁ ଆନନ୍ଦ, ସମ୍ଭାବନା ଓ ସମୃଦ୍ଧିର ବର୍ଷ ହେଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ।

ମୋର ପୂର୍ଣ୍ଣ ବିଶ୍ୱାସ ୨୦୨୧ରେ ବିଶ୍ୱରୁ କରୋନା ସଂକଟ ଦୂର ହେବ ଏବଂ ଭାରତ ସହିତ ଓଡ଼ିଶା ଦ୍ରୁତ ପ୍ରଗତି ପଥରେ ଅଗ୍ରସର ହେବ ।

(ନବୀନ ପଟ୍ଟନାୟକ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DADLS-69 OIPR-15001/13/0112/2021



ନବବର୍ଷ ୨୦୨୧ ଅବସରରେ ଶୁଭେଚ୍ଛା

ନବବର୍ଷ-୨୦୨୧ ଅବସରରେ ମୁଁ ରାଜ୍ୟବାସୀ ସମସ୍ତ ଭାଇଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନୂଆବର୍ଷ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ । ଏହା ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

ସମ୍ପ୍ରତି ଜାରି କରାଯାଇଥିବା କରୋନା ସଂକ୍ରମଣ ଜନିତ କଟକଣା ଅନୁପାଳନ କରିବା ଏବଂ ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ନିମନ୍ତେ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବାକୁ ମୁଁ ସମସ୍ତଙ୍କର ସହଯୋଗ କାମନା କରୁଛି ।

(ରଘୁନନ୍ଦନ ଦାସ)
ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

DADLS-69 OIPR-15001/13/0112/2021

DSPL-139

ଓଡ଼ିଶା ଆମ ଗୌରବ

ଓଡ଼ିଶା ସରକାର

ରାଜ୍ୟବାସୀଙ୍କୁ ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ଯୋଗାଇବା ନିମନ୍ତେ
ରାଜ୍ୟ ସରକାରଙ୍କ ନିଜସ୍ୱ ପାଣ୍ଠିରୁ ଅତିରିକ୍ତ ୮୪ଟି ନୂତନ ଆମ୍ବୁଲାନ୍ସର
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ

ଶ୍ରୀ ନବୀନ ପଟ୍ଟନାୟକଙ୍କ

କରକମଳରେ

ଲୋକାର୍ପଣ

୧ ଜାନୁଆରୀ ୨୦୨୧
ଦିବା ୧୧ଘ. ୩୦ ମି.



ଡାଏଲ୍ 108 ଆମ୍ବୁଲାନ୍ସ ସେବା





ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ ନମ୍ବର 108

ସମସ୍ତ ପ୍ରକାର ଦୁର୍ଘଟଣା, ପ୍ରାକୃତିକ ବିପର୍ଯ୍ୟୟ ଏବଂ ଗୁରୁତର ରୋଗରେ ପୀଡିତ ବ୍ୟକ୍ତିଙ୍କ ପାଇଁ ଜରୁରୀକାଳୀନ ସମୟରେ ବିନା ମୂଲ୍ୟରେ ଆଶୁ ଚିକିତ୍ସା ଓ ଡ଼ାକ୍ତରଖାନାକୁ ଯିବା ପାଇଁ ଟୋଲ୍ ଫ୍ରି ନଂ. 108 କୁ (ବିନା କୋଡ୍‌ରେ) ଫୋନ୍ କରି ଜରୁରୀକାଳୀନ ଆମ୍ବୁଲାନ୍ସ ସେବାର ସୁବିଧା ନିଅନ୍ତୁ ।

ସୁସ୍ଥ ଓଡ଼ିଶା, ସୁଖୀ ଓଡ଼ିଶା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10084/13/0020/2021

**ଆଜିର ମନ୍ତବ୍ୟ**

ଔଷଧ ସାଙ୍ଗକୁ ସତର୍କତା ନୂତନ ବର୍ଷ ୨୦୨୧ର ମନ୍ତ୍ର ହେଉ।
-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଆଦ୍ୟାଶ୍ରୀ
ପରିବାରବର୍ଗ


ଅଦ୍ୱୈତ
ପରିବାରବର୍ଗ


ଅଂଶୁ
ପରିବାରବର୍ଗ


ନରେନ୍ଦ୍ର
ପରିବାରବର୍ଗ


ଶାନ୍ତିଲତା
ପରିବାରବର୍ଗ


ସନ୍ଦୀପ୍
ପରିବାରବର୍ଗ


ସୁଜାତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢ଼ମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯିଏ ଯେଉଁଠି ଥାଅ,**
**ଟିକେ ପଚାରୁ ଥାଅ।**

ଭଲମନ୍ଦରେ ପଚାରିବା ଦ୍ୱାରା ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ। ଯିଏ ଯେତେ ଦୂରରେ ରହୁଥିଲେ ମଧ୍ୟ ମନର ଭାବନା ପରସ୍ପର ମଧ୍ୟରେ ଆଦାନପ୍ରଦାନ କରାଗଲେ ସମ୍ପର୍କର ସ୍ଥାୟିତ୍ୱ ବଜାୟ ରହୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଯୋଡ଼ା ମାଇପରେ ଯେବଣ ଘର,**
**ବେଦିରେ ବରକୁ ଧଇଲେ ଜର,**
**ଅଣ୍ଡିରାଚଣ୍ଡୀକୁ ନ ମିଳେ ବର,**
**ଏ ସବୁ ବଡ଼ ହରବର।**

ଦୁଇଟା ସ୍ତ୍ରୀ ଘରେ ଥିଲେ, ଉଭୟଙ୍କ ମଧ୍ୟରେ କଳିଝଗଡା ଲାଗିଥାଏ, ଫଳରେ ଘର ମଧ୍ୟରେ ଅଯଥାରେ ନାନା ଅଶାନ୍ତି ସୃଷ୍ଟି ହୁଏ। ବାହାବେଦୀରେ ବର ରୋଗଗ୍ରସ୍ତ ହେବା ଅମଙ୍ଗଳ ସୂଚକ ହୋଇଥାଏ, ମାଙ୍ଗଳିକ କାର୍ଯ୍ୟରେ ବିଘ୍ନ ଘଟିଥାଏ। ସେହିପରି ଉଗ୍ର ସ୍ୱଭାବର ଝିଅଙ୍କୁ ବାହା ହେବା ପାଇଁ ସହଜରେ କେହି ରାଜି ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:**

# ଫିକା ପଡ଼ିଲା ଜିରୋନାଇଟ ସେଲିବ୍ରେଶନ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

- ଜାରି ହେଲା ନାଇଟ କର୍ଫ୍ୟୁ
- ସରକାରୀ ଦପ୍ତରରେ ଗହଳି କରିବାକୁ ମନା
- ନୂଆବର୍ଷ ଅଭିନନ୍ଦନ ଫୁଲତୋଡ଼ାରେ ନୁହେଁ, ଫୋନ, ହ୍ୱାଟ୍ସଆପ, ସାମାଜିକ ଗଣମାଧ୍ୟମକୁ ବ୍ୟବହାର କରିବାକୁ ପରାମର୍ଶ

ରାଜ୍ୟରୁ କୋଭିଡ୍-୧୯ ମହାମାରୀ ସଂକ୍ରମଣ ଆଶଙ୍କା ଦୂର ହୋଇ ନାହିଁ। ଅନ୍ୟପକ୍ଷରେ ବ୍ରିଟେନ ଫେରନ୍ତା ଆହୁରି ଚିନ୍ତା ବଢ଼ାଇ ଦେଇଛନ୍ତି। ଅପରପକ୍ଷରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷ ୨୦୨୧କୁ ସ୍ୱାଗତ କରିବାକୁ ବିଭିନ୍ନ ହୋଟେଲ, କ୍ଲବଗୁଡ଼ିକରେ ବହୁ ଲୋକ ସମାଗମ ହେବାର ସମ୍ଭାବନା ରହିଛି। ତେଣୁ ମହାମାରୀ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଜିରୋନାଇଟ ଉପରେ କଟକଣା ଲଗାଇଛନ୍ତି। ଗୁରୁବାର ରାତି ୧୦ଟାରୁ ଶୁକ୍ରବାର ସକାଳ ୫ଟା ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ରାତ୍ରିକାଳୀନ କର୍ଫ୍ୟୁ ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସହ ପରିବାର ସହିତ ଘରେ ରହି କୋଭିଡ୍ କଟକଣା ମାନି ନୂତନ ବର୍ଷ ଆଗମନକୁ ଆନନ୍ଦ ଉଲ୍ଲାସରେ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଏପରି କି କଟକ ଓ ଭୁବନେଶ୍ୱରରେ ୧୪୪ ଧାରା ଜାରି କରାଯାଇଛି। ଫଳରେ ବର୍ଷ ଶେଷ ହେଉଥିଲେ ମଧ୍ୟ କୌଣସି ସ୍ଥାନରେ ରାତିରେ ଜିରୋନାଇଟ ସେଲିବ୍ରେଶନ ହୋଇପାରି ନାହିଁ। ଲୋକମାନେ ଆଲୋକରେ ଘରକୁ ସଜାଇ ପରିବାର ଓ ଅଳ୍ପ କିଛି ବନ୍ଧୁଙ୍କ ସହିତ ମିଶି ଭୋଜିଭାତ ଆୟୋଜନ କରି ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି। କେତେକ ସ୍ଥାନରେ ଆତସବାଜି ଫୁଟାଇ ଲୋକମାନେ ନୂତନ ବର୍ଷକୁ ସ୍ୱାଗତ କରିଛନ୍ତି। କେବଳ ଡିସେମ୍ବର ୩୧ ନୁହେଁ, ୨୦୨୧ ଜାନୁୟାରୀ ୧ ତାରିଖରେ ହୋଟେଲ, କ୍ଲବ, ପାର୍କ, କଲ୍ୟାଣ ମଣ୍ଡପ ଏବଂ ଅନ୍ୟାନ୍ୟ କୌଣସି ସର୍ବସାଧାରଣ ସ୍ଥାନରେ ଜିରୋନାଇଟ, ନୂଆବର୍ଷ ପାଳନକୁ ନିଷେଧ କରାଯାଇଛି। ନୂତନବର୍ଷ ଅବସରରେ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡିକରେ କର୍ମଚାରୀମାନେ ପରସ୍ପର ଏବଂ ବରିଷ୍ଠ ଅଧିକାରୀମାନଙ୍କୁ ନୂତନ ବର୍ଷର ଅଭିନନ୍ଦନ ଜଣାଇବାକୁ ଏକତ୍ରିତ ହୋଇଥାନ୍ତି। ଭୋଜିଭାତର ଆସର ଜମି ଥାଏ। ଏହାଛଡା ସାଧାରଣ ବ୍ୟକ୍ତିମାନେ ମଧ୍ୟ ବିଭିନ୍ନ ଦପ୍ତରକୁ ଆସି ଶୁଭେଚ୍ଛା ଜଣାଇଥାନ୍ତି। ଚଳିତ ବର୍ଷ କୌଣସି ସରକାରୀ କାର୍ଯ୍ୟାଳୟରେ ନୂତନ ବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ଏକାଠି ନ ହେବାକୁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ନିର୍ଦ୍ଦେଶନାମାକୁ କଡ଼ାକଡ଼ି ପାଳନ କରିବାକୁ ସମସ୍ତ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କଟକଣାକୁ ଭିନ୍ନ ଦୃଷ୍ଟିରେ ନ ଦେଖି ଏହି କଠିନ ସମୟରେ ପୁରୁଣା ବର୍ଷର ବିଦାୟ ଓ ନୂତନ ବର୍ଷର ଆଗମନକୁ ସମ୍ମିଳିତ ଭାବେ ପାଳନ ନ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ୍ତ କୁମାର ଜେନା ଅନୁରୋଧ କରିଛନ୍ତି। ନିଜର ଓ ଅନ୍ୟମାନଙ୍କ ସ୍ୱାସ୍ଥ୍ୟ ଦୃଷ୍ଟିରୁ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରି ନୂତନ ବର୍ଷର ଅଭିନନ୍ଦନ ଜଣାଇବାରୁ ନିବୃତ୍ତ ରହିବାକୁ କୁହାଯାଇଛି। ଟେଲିଫୋନ, ହ୍ୱାଟ୍ସଆପ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ଜଣାଇବା ସହିତ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ବନ୍ଧୁମିଳନ କରି ନୂତନ ବର୍ଷକୁ ସ୍ୱାଗତ କରିବାକୁ ପରାମର୍ଶ ଦିଆଯାଇଛି।

# ସୁନିତ ଶର୍ମା ରେଳ ବୋର୍ଡ ଅଧ୍ୟକ୍ଷ

**ନୂଆଦିଲ୍ଲୀ,୩୧।୧୨:** ରେଳ ବୋର୍ଡର ନୂଆ ଅଧ୍ୟକ୍ଷ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ(ସିଇଓ) ଭାବେ ସୁନିତ ଶର୍ମା ଅବସ୍ଥାପିତ ହେବେ। କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି ଏହି ପଦବୀ ଲାଗି ଶର୍ମାଙ୍କ ନାମକୁ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହି ପଦବୀରେ ବିନୋଦ କୁମାର ଯାଦବ କାର୍ଯ୍ୟ କରୁଥିଲେ। ତାଙ୍କ କାର୍ଯ୍ୟକାଳ ଡିସେମ୍ବର ୩୧ରେ ଶେଷ ହୋଇଛି। ରେଳ ବୋର୍ଡ ପୁନର୍ଗଠନ ପରେ ଯାଦବ ପ୍ରଥମ ସିଇଓ ଭାବେ ନିଯୁକ୍ତ ହୋଇଥିଲେ। ତାଙ୍କର କାର୍ଯ୍ୟକାଳକୁ ଗୋଟିଏ ବର୍ଷ ମଧ୍ୟ ବଢ଼ାଯାଇଥିଲା। ନୂଆ ସିଇଓ ଶର୍ମା ୧୯୭୮ ବ୍ୟାଚ୍ ସ୍ପେଶାଲ କ୍ଲାସ୍ ରେଲଓ୍ୱେ ଆପ୍ରେଣ୍ଟିସ ଅଫିସର। ସେ ରାଏବରେଲି



ସ୍ଥିତ ମଡର୍ନ କୋଚ୍ ଫ୍ୟାକ୍ଟ୍ରିର ଜେନେରାଲ ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେହିଭଳି ପୁଣେଠାରେ ସେଣ୍ଟ୍ରାଲ ରେଲଓ୍ୱେର ଡିଭିଜନାଲ ରେଲଓ୍ୱେ ମ୍ୟାନେଜର ଭାବେ ମଧ୍ୟ ତାଙ୍କର କାର୍ଯ୍ୟ ଅଭିଜ୍ଞତା ରହିଛି।

# ଜଷ୍ଟିସ୍ ମୁରଲୀଧର ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି

**ନୂଆଦିଲ୍ଲୀ/ କଟକ ଅଫିସ: ୩୧।୧୨**

- ୪ ମୁଖ୍ୟ ବିଚାରପତି, ୬ ବିଚାରପତିଙ୍କ ବଦଳି
- ୪ ଜଣଙ୍କୁ ପଦୋନ୍ନତି

ଜଷ୍ଟିସ ଏସ୍. ମୁରଲୀଧର ଓଡ଼ିଶା ହାଇକୋର୍ଟର ପରବର୍ତ୍ତୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତ ହୋଇଛନ୍ତି। ପଞ୍ଜାବ ଓ ହରିୟାଣା ହାଇକୋର୍ଟର ବିଚାରପତି ଥିବା ଜଷ୍ଟିସ୍ ମୁରଲୀଧରଙ୍କୁ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବା ଲାଗି ଗତ ୧୪ତାରିଖରେ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲେ। ସେହିପରି ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟକୁ ବଦଳି ହୋଇଛି। ଜଷ୍ଟିସ୍ ମୁରଲୀଧର ୧୯୮୪ରେ ଚେନ୍ନାଇରେ ଆଇନ ବ୍ୟବସାୟ ଆରମ୍ଭ କରିଥିଲେ। ୧୯୮୭ରେ ସେ ଦିଲ୍ଲୀରେ ଓକିଲାତି କରିଥିଲେ ଏବଂ ୨୦୦୬ରେ ଦିଲ୍ଲୀ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ।

ସେହିପରି ତେଲଙ୍ଗାନା ହାଇକୋର୍ଟ ବିଚାରପତି ହିମା କୋହଲି ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତ ହୋଇଥିବାବେଳେ କୋଲ୍‌କାତା ହାଇକୋର୍ଟ ବିଚାରପତି ସଞ୍ଜୀବ ବାନାର୍ଜୀ ମାଡ୍ରାସ ହାଇକୋର୍ଟ ମୁଖ୍ୟ ବିଚାରପତି ଏବଂ ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଥିବା ପଙ୍କଜ ମିଥଲ ଜମ୍ମୁ-କଶ୍ମୀର ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ ଦିଆଯାଇଛି। ସରକାରଙ୍କ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ବିଭିନ୍ନ ହାଇକୋର୍ଟର ୪ ମୁଖ୍ୟ ବିଚାରପତି ଓ ୬ବିଚାରପତିଙ୍କ ଗୁରୁବାର ବଦଳି ହୋଇଛି। ମୁଖ୍ୟ ବିଚାରପତି ରାଘବେନ୍ଦ୍ର ସିଂ ଚୌହାନଙ୍କ ତେଲଙ୍ଗାନାରୁ ଉତ୍ତରାଖଣ୍ଡ ବଦଳି ହୋଇଥିବାବେଳେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଜିତେନ୍ଦ୍ର କୁମାର ମାହେଶ୍ୱରୀଙ୍କ ସିକ୍କିମ ବଦଳି ହୋଇଛି। ସେହିପରି ସିକିମ୍ ହାଇକୋର୍ଟ ମୁଖ୍ୟ ବିଚାରପତି ଅରୂପ କୁମାର ଗୋସ୍ୱାମୀଙ୍କର ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତିଭାବେ ବଦଳି ହୋଇଛି। ବିଚାରପତିଙ୍କ ମଧ୍ୟରେ ସଞ୍ଜୟ ଯାଦବଙ୍କ ମଧ୍ୟପ୍ରଦେଶରୁ ଆଲ୍ଲାହାବାଦ, ରାଜେଶ ବିନ୍ଦାଲଙ୍କର ଜମ୍ମୁ-କଶ୍ମୀରରୁ କୋଲ୍‌କତା, ବିନୀତ କୋଠାରୀଙ୍କ ମାଡ୍ରାସ୍‌ରୁ ଗୁଜରାଟ, ଜୟମାଲ୍ୟ ବାଗ୍‌ଚୀଙ୍କର କାଲ୍‌କାଟାରୁ ଆନ୍ଧ୍ରପ୍ରଦେଶ, ସତୀଶ ଚନ୍ଦ୍ର ଶର୍ମାଙ୍କର ଏମ୍‌ପିରୁ କର୍ନାଟକ, ରବି ବିଜୟକୁମାର ମାଳିମଠଙ୍କ ଉତ୍ତରାଖଣ୍ଡରୁ ହିମାଚଳପ୍ରଦେଶ ହାଇକୋର୍ଟକୁ ବଦଳି ହୋଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ନୂଆ ବରଷର ନୂଆ ସକାଳରେ ଅନୁକୂଳ ଗ୍ରହସ୍ଥିତି ପାରିବାରିକ ସୁଖ, ଶରଧା ଓ ଆନନ୍ଦ ପ୍ରଦାନ କରିବ। କର୍ମାଧିପତି ଶନିଙ୍କ ପ୍ରାଧାନ୍ୟରୁ କର୍ମକ୍ଷେତ୍ରରେ ମର୍ଯ୍ୟାଦାଜନକ ସ୍ଥିତିରେ ରହିବେ । କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରର ମାଦକତାକୁ ଉପଭୋଗ କରିବେ। ଉନ୍ନତ ସ୍ୱାସ୍ଥ୍ୟ, ନୂତନ ସମ୍ପର୍କ ମଧ୍ୟରେ ମନ ପ୍ରଫୁଲ୍ଲ ରହିବ।

**ବୃଷ** ନବ ବରଷର ଗୁରୁଶୌରୀ ଯୋଗ ଆଜିର ଚନ୍ଦ୍ରଙ୍କ ସହ ସମ୍ବନ୍ଧ ସ୍ଥାପନ କରି ବନ୍ଧୁଙ୍କ ସହାୟତାରେ ଅର୍ଥଲାଭ କରିବେ। ମଜା ମଉଜ ମଧ୍ୟରେ ଅଧିକାଂଶ ସମୟ କଟିବ। ଆଜିର ଗ୍ରହସ୍ଥିତି ଯାତ୍ରା, ନୂତନ ବାଣିଜ୍ୟାରମ୍ଭ, ସଭାସମିତିରେ ଆଲୋଚନା, ବନ୍ଧୁ ମିଳନ ପାଇଁ ସୁନ୍ଦର ସୁଯୋଗ ସୃଷ୍ଟି କରିବ। ଅନୁକୂଳ ପରିବେଶ ଯୋଗୁ ଯାହା ଚାହୁଁଛନ୍ତି ପାଇବେ।

**ମିଥୁନ** ଆଜି ମୁଖଭାବରେ ଚନ୍ଦ୍ରଙ୍କ ଶୁଭ ପ୍ରଭାବରୁ ହସିଲେ କଥା କହିବେ। ହାତରୁ ଖର୍ଚ୍ଚ କରି ଅନ୍ୟକୁ ଖୁଆଇ ପିଆଇ ଘରେ ବାହାରେ ସବୁଠି ଆଦର, ଅଭ୍ୟର୍ଥନା ଆପଣଙ୍କ ଲୋକପ୍ରିୟତାକୁ ବଢାଇ ଦେବ। ଶନିଙ୍କ ପ୍ରଭାବ ଆପଣଙ୍କୁ କର୍ମକ୍ଷେତ୍ରରେ ଠିକ୍ ନିଷ୍ପତ୍ତି ନେବାରେ ଅନ୍ତରାୟ ସୃଷ୍ଟି କରିବ। ଅଜଣା ଲୋକ ସହ ବାକ୍ ବିତଣ୍ଡା ସୃଷ୍ଟି ହେବ।

**କର୍କଟ** ସ୍ୱଗୃହୀ ଚନ୍ଦ୍ର ଶାରୀରିକ ସୁସ୍ଥତା ସହ ନୂତନ ଉତ୍ସାହ, ଉଦ୍ଦୀପନା ସୃଷ୍ଟିକରି କର୍ମକ୍ଷେତ୍ରକୁ ସରସ ଓ ସୁନ୍ଦର କରିବ। କୌଣସି କ୍ଷେତ୍ରରେ ପ୍ରତିଦାନ ଆଶାକଲେ ନିରାଶ ହେବାକୁ ପଡ଼ିବ। ନୂଆ ଜିନିଷ କିଛି କିଣିବା ସକାଶେ ମନ ବଳାଇପାରନ୍ତି। ବ୍ୟବସାୟ, ଭ୍ରମଣ, ନୂତନ କର୍ମାରମ୍ଭ ପାଇଁ ସୁବିଧା ସୁଯୋଗ ମିଳିବ।

**ସିଂହ** ଆଜି ବୁଧଙ୍କ ଶୁଭଦୃଷ୍ଟିରୁ କୌଣସି ସୂତ୍ରରୁ ଅର୍ଥଲାଭର ସମ୍ଭାବନା ରହିଛି। ବର୍ତ୍ତମାନ ପରିସ୍ଥିତିରେ ଅନ୍ୟମାନଙ୍କ ସହ ଶତ୍ରୁତା କଲେ ନିଜକୁ ବହୁମୂଲ୍ୟ ଦେବାକୁ ପଡିପାରେ। ସାହାଯ୍ୟର ପ୍ରତିଶ୍ରୁତି ଦେଇଥିବା ବନ୍ଧୁଙ୍କଠାରୁ ନାସ୍ତିବାଣି ଶୁଣିବେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଉନ୍ନତ ମାନର ଫଳ ପାଇବେ ।

**କନ୍ୟା** ଏକାଦଶସ୍ଥ ଚନ୍ଦ୍ର ଓ ଭାଗ୍ୟସ୍ଥାନକୁ ବୁଧାଦିତ୍ୟଙ୍କ ଦୃଷ୍ଟିରୁ ଆଜି ଦିନଟି ବହୁତ ଭଲ। ଉପକୃତ ବ୍ୟକ୍ତିଙ୍କ ଠାରୁ ଅଯାଚିତ ପ୍ରତିଦାନ ପାଇ ଖୁସି ହେବେ। ତଥାପି ଅଷ୍ଟମସ୍ଥ ମଙ୍ଗଳଙ୍କ କୁପ୍ରଭାବ ଦ୍ୱାରା ନିଜର ଲୋକମାନେ ଦାଉ ସାଧିପାରନ୍ତି। କର୍ମକ୍ଷେତ୍ରରେ ସ୍ୱର୍ଶକାତର କଥାରେ ଚିହ୍ନା ପଡନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟି କରିପାରେ।

**ତୁଳା** ଚତୁର୍ଥଭାବସ୍ଥ ଶନି ହେତୁ ଘରୋଇ କ୍ଷେତ୍ରରେ ପରିବାରବର୍ଗଙ୍କୁ ନୂତନ ଦିଗ୍‌ଦର୍ଶନ ଦେଇ ପ୍ରଶଂସିତ ହେବେ। ଆବଶ୍ୟକତା ପୂରଣ ସକାଶେ ଟଙ୍କା ଯୋଗାଡ କରିବାରେ ସକ୍ଷମ ହୋଇପାରନ୍ତି। ଟାଉଟରି କରୁଥିବା ଲୋକଟି ପ୍ରତି ସତର୍କ ରହିବା ଭଲ। ନୂତନଗାଡି, ଧାତୁ ଅଳଙ୍କାର, ପୋଷାକପତ୍ର, କିଣିବା ପାଇଁ ମନ ବଳାଇପାରନ୍ତି।

**ବିଛା** ସମୟର ଅନୁକୂଳତା କାରଣରୁ କିଛି ନୂଆଁ କାମ ଆରମ୍ଭ କରିବା ସକାଶେ ମନ ବଳାଇବେ। କର୍ମକ୍ଷେତ୍ରରେ କୌଣସି ବ୍ୟକ୍ତିଙ୍କ ଉପସ୍ଥିତି ଲକ୍ଷ୍ୟ ହାସଲରେ ପ୍ରତିବନ୍ଧକ ସୃଷ୍ଟି କରିପାରେ। ଖର୍ଚ୍ଚ କମାଇବା ପାଇଁ ଚେଷ୍ଟା କଲେ ମଧ୍ୟ ସମୟ ଓ ପରିସ୍ଥିତି ତାହା କରାଇ ଦେବ ନାହିଁ। ଶାରୀରିକ ଅସୁସ୍ଥି ଅନୁଭବ କରିବେ।

**ଧନୁ** ନୀଚସ୍ଥ ବୃହସ୍ପତିଙ୍କ ଦୋଷରୁ ପାରିବାରିକ କ୍ଷେତ୍ରରେ ବିତର୍କର ସମ୍ଭାବନା ରହିଛି। ମଙ୍ଗଳ ପ୍ରଭାବରେ ପ୍ରତ୍ୟେକ ସମସ୍ୟାର ସମ୍ମୁଖୀନ ହେବାର ତାକତ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। ମଧ୍ୟାହ୍ନରେ ଟେନସନ୍ ଦୂର ହେବ। ପୂର୍ବାଷାଢା ନକ୍ଷତ୍ର ଆଶା ପୂରଣ ହେବ। ଅନ୍ୟର ପ୍ରହେଳିକାପୂର୍ଣ୍ଣ କଥାରେ ପଡି ପଛରେ ଦୌଡିପାରନ୍ତି।

**ମକର** ସପ୍ତମସ୍ଥ ଚନ୍ଦ୍ର ହେତୁ ଦିନଟି ଖୁସି ଓ ଆନନ୍ଦରେ ଅତିବାହିତ ହେବ। ନୂତନ ବନ୍ଧୁତା ସ୍ଥାପନ କରିବା ଦିଗରେ ଆଜି ଦିନଟି ସ୍ମରଣୀୟ ହୋଇ ରହିବ। ଶ୍ରବଣା ନକ୍ଷତ୍ର ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କରି ଅନୁତପ୍ତ ହେବେ। ତରବର ନ ହୋଇ ସମୟକୁ ଅପେକ୍ଷା କରନ୍ତୁ ବିଳମ୍ବ ହେଲେ ମଧ୍ୟ କାର୍ଯ୍ୟ ସାଧିତ ହେବ।

**କୁମ୍ଭ** ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ। ପାରିବାରିକ କ୍ଷେତ୍ରରେ ପରିସ୍ଥିତି ଶାନ୍ତ ରହିବ। କାର୍ଯ୍ୟ ହାସଲ ସକାଶେ ବନ୍ଧୁଙ୍କ ସହାନୁଭୂତି ନିଶ୍ଚୟ ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ଭ୍ରମଣ, ସଭାସମିତି, ଆଲୋଚନା ଓ ବନ୍ଧୁ ମିଳନରୁ ଖୁସି ରହିବେ।

**ମୀନ** ରବି ଓ ବୁଧଙ୍କ ପ୍ରଭାବରେ ଆଜି କାର୍ଯ୍ୟବ୍ୟସ୍ତତାରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। ଖାଦ୍ୟପେୟ ଠିକ୍ ରହିବ ନାହିଁ । ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି କାମ ଆରମ୍ଭ କରିପାରନ୍ତି। ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ପର କଥାରେ ପଡ଼ି ଭୁଲ୍ ଧାରଣା ପୋଷଣ କରିବ।

ଆଜି ଇଂରାଜୀ ନବବର୍ଷ ୨୦୨୧ ଜାନୁୟାରୀ ୧ ତାରିଖ ଶୁକ୍ରବାର, ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର ପ୍ରତିଷ୍ଠା ଦିବସ, ରାଶି ନକ୍ଷତ୍ର- ପୁଷ୍ୟା/କର୍କଟ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୫ମି. ଗତେ ଘ.୦୭.୦୮ମି. ମଧ୍ୟେ, ଘ.୦୭.୫୧ମି. ଗତେ ଘ.୧୦.୦୧ମି. ମଧ୍ୟେ, ଘ.୧୨.୧୧ମି. ଗତେ ଘ.୦୩.୦୫ମି. ମଧ୍ୟେ ଅମୃତ ବେଳା। ଦିବା ଘ.୧୦.୨୯ମି. ଗତେ ଘ.୧୧.୫୦ମି. ମଧ୍ୟେ ରାହୁକାଳ।

# ଜାନୁୟାରୀ ୧୫ରୁ ୨୩ ଭିତରକନିକା ପର୍ଯ୍ୟଟକଙ୍କ ପାଇଁ ବନ୍ଦ

**ରାଜନଗର, ୩୧।୧୨(ଡି.ଏନ.ଏ.)** ଭିତରକନିକା ଜାତୀୟ ଉଦ୍ୟାନର ନଦୀ ଓ ନାଳଗୁଡ଼ିକରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଗଣନା ତାରିଖ ବଦଳିଛି। ଜାନୁୟାରୀ ୫ରୁ ୧୪ ପରିବର୍ତ୍ତେ ୧୫ରୁ ୨୩ ତାରିଖ ଯାଏ କୁମ୍ଭୀର ଗଣନା କରାଯିବ। ଏହି ସମୟ ମଧ୍ୟରେ ଭିତରକନିକା ଜାତୀୟ ଉଦ୍ୟାନ ସାଧାରଣ ଯାତାୟାତ ଓ ପରିଦର୍ଶନ ପାଇଁ ବନ୍ଦ ରହିବ ବୋଲି ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି। ସବୁଠୁ ବଡକଥା ହେଲା ଚଳିତବର୍ଷ କୁମ୍ଭୀର ଗଣନା ପାଇଁ ୩ ଥର ତାରିଖ ପରିବର୍ତ୍ତନ କରାଯାଇଛି। ଡିସେମ୍ବର ୨୯ରୁ ଜାନୁୟାରୀ ୭ ଯାଏ କୁମ୍ଭୀର ଗଣନା ପାଇଁ ତାରିଖ ସ୍ଥିର କରାଯାଇଥିଲା। ମାତ୍ର ତାରିଖ ବଦଳାଯାଇ ଜାନୁୟାରୀ ୫ ରୁ ୧୪ ଯାଏ କୁମ୍ଭୀର ଗଣନା ପାଇଁ ନୋଟିଫିକେଶନ ବାହାରିଥିଲା। ଏହି ସମୟ କୁମ୍ଭୀର ଗଣନା ପାଇଁ ତିଥି, ବାର ଅନୁକୂଳ ନ ଥିବାରୁ ପୁଣି ଏହାକୁ ବଦଳା ଯାଇଛି। ଅଧିକ ଶୀତ, ଅନ୍ଧାର ପକ୍ଷରେ ଦିନ ଓ ରାତି ଉଭୟ ସମୟରେ କୁମ୍ଭୀର ଗଣନା କରାଯାଇଥାଏ। ଭିତରକନିକାର ନଦୀଗୁଡିକ ଜୁଆରିଆ ହୋଇଥିବାରୁ ଜୁଆର ଓ ଭଟ୍ଟା ସମୟକୁ ଲକ୍ଷ୍ୟ ରଖି ଗଣନା ତାରିଖ ସ୍ଥିର କରାଯାଇଥାଏ। ଅମାବାସ୍ୟା ପକ୍ଷର ଅନ୍ଧାର ରାତିରେ ଟର୍ଚ୍ଚ ମାରି କୁମ୍ଭୀର ଗଣନା ହୋଇଥାଏ। କୁମ୍ଭୀର ବିଶାରଦ ତଥା ପ୍ରାଣୀବିଜ୍ଞାନୀ ଡା. ସୁଧାକର କର ବନବିଭାଗକୁ ଲିଖିତ ଭାବେ ଜଣାଇଥିଲେ। ଡା. କରଙ୍କ ଚିଠି ପରେ କୁମ୍ଭୀର ଗଣନା ତାରିଖ ବଦଳିଛି।


# classifieds Everyday
0674-2580101, 2549302

real estate

**SALE**

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

2BHK readymade flat for sale near Garage Chhak, Bhubaneswar-2, 7873492433. D-70207

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। 9776862716, 7008068622. D-69358

Doctor's colony with facilities 1st time in Bhubaneswar, book individual house near Rasulgarh, Bhubaneswar Price-1.10 crore, Doctor's only contact: 8260595320. D-70079

Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999. D-69951

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

Plot For Sale, 2000sqft (10nos) per Sq.ft.- 1700, Gharabari Plot and Sarada-2 (15nos) per sqft- 1500 main road side, infront of Tata Ariana, Mouza- Sankarpur, Ghatikia, BBSR. Electricity, Supply Water available. Contact: 8114744495, 8328943165. D-19368

Bank Approved Plot, Saivihar Colony, Rangabazar 1500 Sq.ft. @ 6,75,000/- 9437522338, 9437522339. D-19367

3BHK flat, 1750sqft. Rs.4200/- per sqft. only 2nd floor available opposite side road Reliance Fresh, Samantarapur, Bhubaneswar handover- July-2021. Contact: 7008673872, 8598902781. D-69467

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Hanspal Canalroadରେ Gharabari, Electricity, Boundary ଥାଇ Plot ବିକ୍ରି ହେଉଛି। ଯେଉଁମାନେ Immediate ଘର କରିବେ ସେମାନେ Call କରନ୍ତୁ। Sq.ft. 750/-. 9437005434 D-70136

Bhubaneswar. Khordha NH side Pitapalli Chhaka ନିକଟରେ plot ମିଳୁଛି। 9090963952. D-70141

Bhubaneswar ସୁନ୍ଦରପଦାରେ ଆଜି ଘର କରିବା ପ୍ଲଟ୍ sqft.-950/- investment plot near Xavier University-299/-, Deras (Kateni) 650/- Lipsa- 9938016295. D-70139

Immediate construction with ଘରବାରି ବାଉଣ୍ଡ୍ରିଓ୍ୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868. D-70135

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

construction

Building construction repairing, Colouring, Plumbing work. Contact- Mistrilabour.com, 9658009658. D-70078

healthcare

Newly open evergreen SPA Offer @ 799/- Jaydev Vihar. 7846814019. D-59973

ଡା. ଅଞ୍ଜନ ଷଡ଼ଙ୍ଗୀ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ଓମ୍ ସେବା ପଲିକ୍ଲିନିକ୍, ସାତ ମହଲା ହସ୍‌ପିଟାଲ ରୋଡ୍, ବାରିପଦା। Mob: 9861133366, 8917663804. D-19432

Revitalize your self with our ayurvedic massage and refreshment, Call: 7381239385. D-70075

Experience full body massage with expert therapists. Call: 7377048581. D-70076

astrology

Are you suffering from Vastu related problems? For solution. 7978736177. D-68267

**AFFIDAVIT**

By virtue of an affidavit before Notary Public. Junagarh I Laxmipriya Rout . W/o Suresh Chandra Rout. At/Po Junagarh, Kalahandi declare that in land record khata no 171/3427 my name is Laxmipriya Nayak & Laxmi priya Rout is same person. D- 19425

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI






# ଫେବୃୟାରୀ ୧୫କୁ ଘୁଞ୍ଚିଲା ଫାସ୍‌ଟାଗ୍

ନୂଆଦିଲ୍ଲୀ, ୩୧।୧୨

ଜାତୀୟ ରାଜପଥଗୁଡ଼ିକରୁ ଫାସ୍‌ଟାଗ୍ ମାଧ୍ୟମରେ ଶତପ୍ରତିଶତ ଟୋଲ୍ ସଂଗ୍ରହ ଲାଗି ଧାର୍ଯ୍ୟ ସମୟସୀମାକୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଫେବୃୟାରୀ ୧୫ ଯାଏ ବୃଦ୍ଧି କରିଛନ୍ତି। ଏନେଇ ଭାରତର ଜାତୀୟ ରାଜପଥ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏଆଇ)କୁ ମନ୍ତ୍ରଣାଳୟ ଜଣାଇଦେଇଛି। ବର୍ତ୍ତମାନ ସୁଦ୍ଧା ୭୦ରୁ ୮୦ ପ୍ରତିଶତ ଟୋଲ୍ ସଂଗ୍ରହ ଫାସ୍‌ଟାଗ୍‌ରେ ହେଉଛି। ଫେବୃୟାରୀ ୧୫ରୁ ୧୦୦% ଫାସ୍‌ଟାଗ୍ ଟୋଲ ସଂଗ୍ରହ ପାଇଁ ଏନ୍‌ଏଚ୍‌ଏଆଇ ଆବଶ୍ୟକ ନିୟମାବଳୀ ପ୍ରଣୟନ କରିପାରିବ ବୋଲି ମନ୍ତ୍ରଣାଳୟ କହିଛି। ୨୦୨୧ ଜାନୁୟାରୀ ୧ରୁ ଫାସ୍‌ଟାଗ୍ ମାଧ୍ୟମରେ ସମ୍ପୂର୍ଣ୍ଣ ☞ପୃଷ୍ଠା-୧୧

**ଆଜିର ସମ୍ପାଦକୀୟ**

**ଋଣ ଯନ୍ତ୍ରା**

**ଶେଷ ସୂର୍ଯ୍ୟାସ୍ତ**



୨୦୨୦ର ଶେଷ ଦିନରେ ଲିଙ୍ଗରାଜ ମନ୍ଦିର ନିକଟରୁ ଦୃଶ୍ୟମାନ ଅସ୍ତଗାମୀ ସୂର୍ଯ୍ୟ। (ଫଟୋ- ବିକାଶ ନାୟକ)

# ଆଜିଠାରୁ ଡବଲ ହେଲ୍‌ମେଟ ଚେକିଂ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ଜାନୁୟାରୀ ପହିଲାରୁ ବାଇକ ପଛ ସିଟ୍‌ରେ ବସୁଥିବା ବ୍ୟକ୍ତିଙ୍କ ପାଇଁ ହେଲ୍‌ମେଟ ବାଧ୍ୟତାମୂଳକ କରାଯିବ। ଏ ନେଇ ଯାଞ୍ଚ କଡ଼ାକଡ଼ି କରାଯିବ। ଯେଉଁମାନେ ହେଲ୍‌ମେଟ ପିନ୍ଧି ନ ଥିବେ ସେମାନଙ୍କର ଅନ୍ୟାନ୍ୟ ଗାଡି କାଗଜପତ୍ର ମଧ୍ୟ ଯାଞ୍ଚ କରାଯିବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ଗୁରୁବାର ଏହି ସୂଚନା ଦେଇଛନ୍ତି। ରାଜ୍ୟରେ ସଡ଼କ ଦୁର୍ଘଟଣାରେ ବହୁ ଲୋକ ପ୍ରାଣ ହରାଉଛନ୍ତି । ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ତାଗିଦ ପରେ ରାଜ୍ୟ ସରକାର ଦୁର୍ଘଟଣା ହ୍ରାସ କରିବାକୁ ବାଇକ ପଛରେ ବସୁଥିବା ବ୍ୟକ୍ତିଙ୍କ ପାଇଁ ହେଲ୍‌ମେଟ ବ୍ୟବସ୍ଥା କଡ଼ାକଡ଼ି କରିଛନ୍ତି । ହେଲ୍‌ମେଟ ନ ପିନ୍ଧି ଓ ମଦ ପିଇ ଦ୍ରୁତ ଗତିରେ ଗାଡି ☞ପୃଷ୍ଠା-୧୧

# ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡିକାଲ କଲେଜ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)



- ଖର୍ଚ୍ଚ ହେବ ୩୫୦୦ କୋଟି
- ଲୋକଙ୍କୁ ମିଳିବ ଅତ୍ୟାଧୁନିକ ଚିକିତ୍ସା ସୁବିଧା
- ଶଯ୍ୟା ସଂଖ୍ୟା ହେବ ୫ ହଜାର
- ସରକାରୀ ସ୍ତରରେ ହସ୍ପିଟାଲ ପାଇଁ ଦେଶର ସର୍ବବୃହତ୍ ପ୍ରକଳ୍ପ
- ୨୦୨୪ ଜାନୁୟାରୀ ପହିଲାରେ ଉଦ୍‌ଘାଟନ ହେବ

କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲକୁ ଏକ ଅତ୍ୟାଧୁନିକ ବିଶ୍ୱସ୍ତରୀୟ ଚିକିତ୍ସା ପ୍ରତିଷ୍ଠାନରେ ପରିଣତ କରାଯିବ। ଏଥିପାଇଁ ୩,୫୦୦ କୋଟି ଟଙ୍କା ବ୍ୟୟ ହେବ। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଘୋଷଣା କରିଛନ୍ତି। ଏହି ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସାନୁଷ୍ଠାନରେ ପରିଣତ କରିବା ଲକ୍ଷ୍ୟ ନେଇ ଏହି ପ୍ରକଳ୍ପ ୫-ଟି ଅଧୀନରେ କାର୍ଯ୍ୟକାରୀ କରାଯିବ। ୨୦୨୪ ଜାନୁୟାରୀ ସୁଦ୍ଧା ଏହାକୁ ଏମ୍ସ ପ୍ଲସ୍‌ରେ ପରିଣତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏଠାରେ ସାଧାରଣ ଲୋକଙ୍କୁ ମିଳିବ ଉନ୍ନତ ଚିକିତ୍ସା ସୁବିଧା। ଏହି ଯୋଜନାର ଭିତ୍ତିଭୂମିର ବିକାଶ ସହିତ ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ଅଣାଯିବ। ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ସରକାରୀ ସ୍ତରରେ ଏହା ହେବ ଦେଶର ସର୍ବବୃହତ୍ ପ୍ରକଳ୍ପ । ୫ ହଜାର ଶଯ୍ୟା ସହିତ ଡାକ୍ତର, ରୋଗୀ ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପାଇଁ ଅତ୍ୟାଧୁନିକ ଚିକିତ୍ସା ସୁବିଧା ଉପଲବ୍ଧ ହେବ।

୧୭୫ ଏକର ଜମିରେ ବିକଶିତ ହେବାକୁ ଥିବା ଏହି ପ୍ରକଳ୍ପରେ ପ୍ରଥମ ପର୍ଯ୍ୟାୟରେ ୩୫୦୦ ଶଯ୍ୟା କରାଯିବ ଓ ଦ୍ୱିତୀୟ ପର୍ଯ୍ୟାୟରେ ଏହା ୫ ହଜାରକୁ ବୃଦ୍ଧି କରାଯିବ। ଆସନ୍ତା ୩ ବର୍ଷରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ଏହି ପ୍ରକଳ୍ପରେ ଡାକ୍ତର, ରୋଗୀ, ରୋଗୀଙ୍କ ସହାୟକ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଅତ୍ୟାଧୁନିକ ସୁବିଧା ଉପଲବ୍ଧ ହେବ। ଆଧୁନିକ ଚିକିତ୍ସା ଉପକରଣ ସହିତ ପରିବହନ ବ୍ୟବସ୍ଥା, ଆଧୁନିକ ରେଷ୍ଟୁରାଣ୍ଟ, ବାଣିଜ୍ୟ କେନ୍ଦ୍ର, ଓ ସୁରକ୍ଷା ବ୍ୟବସ୍ଥା ଆଦି ଉପଲବ୍ଧ ହେବ। ଏଥିରେ ୧୨୮୦ ସରକାରୀ ବାସଗୃହ ନିର୍ମିତ ହେବା ସହିତ ଛାତ୍ରାବାସରେ ଅଧିକ ୨୨୦୦ ଛାତ୍ରୀଛାତ୍ର ରହିବା ବ୍ୟବସ୍ଥା କରାଯିବ। ଏହି ହସ୍ପିଟାଲରେ ଉନ୍ନତୀକରଣ ସହିତ କ୍ରୀଡ଼ା ଓ ମନୋରଞ୍ଜନ ପାଇଁ ମଧ୍ୟ ଉତ୍ତମ ପରିବେଶ ସୃଷ୍ଟି କରାଯିବ। ୧୯୪୪ରେ ସ୍ଥାପିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ ଦୀର୍ଘବର୍ଷ ଓଡ଼ିଶା ସମେତ ପୂର୍ବ ଭାରତର ବିଭିନ୍ନ ରାଜ୍ୟର ଲୋକମାନଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟସେବା ଯୋଗାଇବାରେ ସୁନାମ ଅର୍ଜନ କରିଛି। ଏଠାରେ ପଢ଼ିଥିବା ଡାକ୍ତରମାନେ ସାରା ପୃଥିବୀରେ ସେମାନଙ୍କ ଦକ୍ଷତା ଦ୍ୱାରା ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ଦେଶରେ ଚିକିତ୍ସା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ଏହି ମର୍ଯ୍ୟାଦାଜନକ ଅନୁଷ୍ଠାନକୁ ଏକ ବିଶ୍ୱସ୍ତରୀୟ ଚିକିତ୍ସା କେନ୍ଦ୍ରରେ ପରିଣତ କରାଯିବ।

ମୁଖ୍ୟମନ୍ତ୍ରୀଙ୍କ ୫-ଟି କାର୍ଯ୍ୟକ୍ରମ ଅଧୀନରେ ଚିକିତ୍ସା ଓ ଡାକ୍ତରୀ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଆରମ୍ଭ ହେବାକୁ ଥିବା ଏହି ପ୍ରକଳ୍ପ ରୋଗୀମାନଙ୍କୁ ସୁଲଭ ତଥା ଗୁଣାତ୍ମକ ଚିକିତ୍ସା ଯୋଗାଇବାରେ ଏକ ଉଦାହରଣ ହୋଇ ରହିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତ, ଜନସାଧାରଣ ସୁଲଭ ତଥା ଉଚ୍ଚ ଗୁଣାତ୍ମକ ମାନର ସ୍ୱାସ୍ଥ୍ୟସେବା ପାଇବେ। ଓଡ଼ିଶାର ଲୋକେ ଏହିଠାରେ ହିଁ ଉନ୍ନତ ଚିକିତ୍ସା ପାଇ ପାରିବେ। ବହୁ ଓଡ଼ିଆ ଡାକ୍ତର ଦେଶ ବିଦେଶରେ ଚିକିତ୍ସା ସେବା ଯୋଗାଇ ସୁନାମ ଅର୍ଜନ କରିଛନ୍ତି। ସେମାନେ ଯେପରି ଜନ୍ମମାଟିରେ ନିଜର ଦକ୍ଷତାକୁ ଓଡ଼ିଶାବାସୀଙ୍କ ସେବାରେ ଲଗାଇ ପାରିବେ, ସେଥିପାଇଁ ମଧ୍ୟ ଏକ ଉତ୍ତମ ପରିବେଶ ସୃଷ୍ଟି କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନିଜେ ବ୍ୟକ୍ତିଗତ ଭାବେ ତଦାରଖ କରୁଛନ୍ତି। ସମସ୍ତଙ୍କ ସହଯୋଗରେ ଏହି ଅନୁଷ୍ଠାନ ଦିନେ ଦେଶର ଶ୍ରେଷ୍ଠ ୩ଟି ଚିକିତ୍ସାନୁଷ୍ଠାନ ମଧ୍ୟରେ ସ୍ଥାନ ପାଇବାରେ ସଫଳ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

ମେଡିକାଲ କଲେଜ ହସ୍ପିଟାଲର ସୁପରିଚାଳନା ପାଇଁ ☞ପୃଷ୍ଠା-୧୧




# ମେ' ୪ରୁ ସିବିଏସ୍‌ଇ ବୋର୍ଡ ପରୀକ୍ଷା

**ଜୁଲାଇ ୧୫ ସୁଦ୍ଧା ରେଜଲ୍ଟ**

ନୂଆଦିଲ୍ଲୀ, ୩୧।୧୨(ପି.ଟି.)

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ମେ' ୪ରୁ ଆରମ୍ଭ ହୋଇ ଜୁନ୍ ୧୦ ପର୍ଯ୍ୟନ୍ତ ଚାଲିବ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖ୍‌ରିୟାଲ ନିଶଙ୍କ ଗୁରୁବାର ଏନେଇ ଘୋଷଣା କରିଛନ୍ତି। ପ୍ରାକ୍ଟିକାଲ ପରୀକ୍ଷା ମାର୍ଚ୍ଚ ୧ରୁ ଆରମ୍ଭ ହେବ। ବୋର୍ଡ ପରୀକ୍ଷା ଫଳାଫଳ ଜୁଲାଇ ୧୫ ସୁଦ୍ଧା ଘୋଷଣା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସାଧାରଣତଃ ସିବିଏସ୍‌ଇ ପ୍ରାକ୍ଟିକାଲ ପରୀକ୍ଷା ଜାନୁୟାରୀରେ ହେଉଥିବାବେଳେ ଲିଖିତ ପରୀକ୍ଷା ଫେବୃୟାରୀରୁ ଆରମ୍ଭ ହୋଇ ମାର୍ଚ୍ଚରେ ଶେଷ ହୋଇଥାଏ। ତେବେ କରୋନା ମହାମାରୀ ଯୋଗୁ ୨୦୨୧ ବୋର୍ଡ ପରୀକ୍ଷା ବିଳମ୍ୱ ହେବାକୁ ଯାଉଛି। ଖୁବ୍‌ଶୀଘ୍ର ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ତାରିଖ ସୂଚୀ ପ୍ରକାଶ ପାଇବ ବୋଲି ପୋଖ୍‌ରିୟାଲ ଘୋଷଣା କରିଛନ୍ତି। ପିଲାମାନଙ୍କୁ ପ୍ରସ୍ତୁତ କରିବା ଲାଗି ☞ପୃଷ୍ଠା-୧୧




# ୧,୪୨୯ କୋଟି ଟଙ୍କା ଋଣ କରିବ ଓଡ଼ିଶା

**ଅର୍ଥ ମନ୍ତ୍ରଣାଳୟ ଦେଲା ଅନୁମୋଦନ**

ନୂଆଦିଲ୍ଲୀ,୩୧।୧୨

ଦେଶ ମଧ୍ୟରେ ଇଜ୍ ଅଫ୍ ଡୁଇଁ ବିଜ୍‌ନେସ ସଂସ୍କାର ପ୍ରକ୍ରିୟାକୁ ଏବେ ଅଗ୍ରାଧିକାର ଦିଆଯାଉଛି। ଓଡ଼ିଶା ଏଭଳି ପ୍ରକ୍ରିୟା ହାତକୁ ନେବାରେ ସକ୍ଷମ ହୋଇଛି। ଏହି ଧାରା ଆଗକୁ ନେବା ଲାଗି ରାଜ୍ୟ ୧,୪୨୯ କୋଟି ଟଙ୍କା ଖୋଲାବଜାରରୁ ଋଣ କରିବ। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିବା ସୂଚନା ମିଳିଛି। ଏଭଳି ଅନୁମତି ଲାଭ କରିବାରେ ଓଡ଼ିଶା ଅନ୍ୟ ୬ଟି ରାଜ୍ୟ ସହ ଯୋଡ଼ିହୋଇଛି। ଆନ୍ଧ୍ର ପ୍ରଦେଶ, କର୍ନାଟକ, ମଧ୍ୟପ୍ରଦେଶ, ରାଜସ୍ଥାନ, ତାମିଲନାଡୁ ଏବଂ ତେଲଙ୍ଗାନା ଭଳି ରାଜ୍ୟକୁ ପୂର୍ବରୁ ଏଭଳି ଅନୁମତି ମିଳିଛି। ଏହି ୭ ରାଜ୍ୟ ମୋଟ ୨୦,୮୮୮ କୋଟି ଟଙ୍କା ଋଣ ଉଠାଇବେ ବୋଲି ଜଣାପଡ଼ିଛି।

ଦେଶ ମଧ୍ୟରେ ନିବେଶ ଉପଯୋଗୀ ବାଣିଜ୍ୟିକ ପରିବେଶ ସୃଷ୍ଟି କରିବା ଦିଗରେ ଇଜ୍ ଅଫ୍ ଡୁଇଁ ବିଜ୍‌ନେସ୍‌କୁ ଏକ ପ୍ରମୁଖ ମାନକ ☞ପୃଷ୍ଠା-୧୧




# ପରଲୋକରେ ମାଇକେଲ କିଣ୍ଡୋ




ମାଇକେଲ କିଣ୍ଡୋ

ରାଉରକେଲା ଅଫିସ, ୩୧। ୧୨

ବର୍ଷର ଶେଷ ଦିନରେ ଭାରତ ଏବଂ ଓଡ଼ିଶା କ୍ରୀଡ଼ା ଜଗତପାଇଁ ଆସିଛି ଏକ ଦୁଃଖ ଖବର। ଅର୍ଜୁନ ପୁରସ୍କାର ବିଜେତା, ସୁନ୍ଦରଗଡ ଜିଲାର ସୁଯୋଗ୍ୟ ହକି ତାରକା ମାଇକେଲ କିଣ୍ଡୋ ଗୁରୁବାର ଅପରାହ୍ନରେ ୭୩ବର୍ଷ ବୟସରେ ଆଇଜିଏଚ୍‌ଠାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ପୁଅ ଆଲବର୍ଟ, ସ୍ତ୍ରୀ ଶୀଲାଙ୍କ ସମେତ ଅନ୍ୟ ସମ୍ପର୍କୀୟ ଉପସ୍ଥିତ ଥିଲେ। ଶୁକ୍ରବାର ମଧ୍ୟାହ୍ନରେ ହମିରପୁର ଚର୍ଚ୍ଚରେ ଅନ୍ତ୍ୟେଷ୍ଟି କାର୍ଯ୍ୟ କରାଯିବ ବୋଲି ପରିବାର ସୂତ୍ରରୁ ଖବର ମିଳିଛି।

ମାଇକେଲ ୧୯୭୧ ବିଶ୍ୱକପ ହକିରେ ବ୍ରୋଞ୍ଜ, ୧୯୭୩ରେ ରୌପ୍ୟ ଓ ୧୯୭୫ରେ ସ୍ୱର୍ଣ୍ଣ ପଦକ ଜିଣି ଦେଶକୁ ଗୌରବାନ୍ୱିତ କରିଥିଲେ। ଏହାଛଡ଼ା ଅଲିମ୍ପିକ୍ସ ବ୍ରୋଞ୍ଜ ପଦକର ମଧ୍ୟ ଅଧିକାରୀ ☞ପୃଷ୍ଠା-୧୧

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। -ଶ୍ରୀମା

# ଋଣ ଯନ୍ତା

ଦେଶରେ ଲେଣ୍ଡିଂ ଆପ୍‌ଗୁଡ଼ିକ ଲୋକମାନଙ୍କୁ ବେଆଇନ ଋଣ ଉପଲବ୍ଧ କରାଉଛନ୍ତି । ଏହା ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ) ସାମ୍ନାରେ ଏକ ଚ୍ୟାଲେଞ୍ଜ ଭାବେ ଉଭା ହୋଇଛି। ଅଣସ୍ୱୀକୃତ ଠକ ଆପ୍ କମ୍ପାନୀଗୁଡ଼ିକରେ ନିଯୁକ୍ତ ଋଣ ଅସୁଲକାରୀ ଏଜେଣ୍ଟ ବା ଦଲାଲମାନଙ୍କ ଦ୍ୱାରା ଲୋକମାନେ ନିର୍ଯାତନାର ଶିକାର ହେବା ଖବର ବିଭିନ୍ନ ରାଜ୍ୟରୁ ଆସିବାରେ ଲାଗିଛି। ଏଭଳି ଅଭିଯୋଗ ଉପରେ ପଦକ୍ଷେପ ନେବାକୁ ଯାଇ ଆର୍‌ବିଆଇ ବେଆଇନ ଋଣ ନେଇ ଠକାମି ବା ନିର୍ଯାତନାର ଶିକାର ନ ହେବା ଲାଗି ନିର୍ଦ୍ଦେଶ ଜାରି କରିଛି। ଏହି ଆପ୍ ଥିବା କମ୍ପାନୀଗୁଡ଼ିକର ମାଲିକାନା ଏବଂ ସେମାନଙ୍କ କାର୍ଯ୍ୟଧାରା ସ୍ୱଚ୍ଛ ନୁହେଁ। ଖୁବ୍ କମ୍ କାଗଜପତ୍ର କାମ କରି ଯେତେ ପାରେ ସେତେ ଶୀଘ୍ର ସେମାନେ ଅତ୍ୟଧିକ ସୁଧରେ ଋଣ ଦେଉଛନ୍ତି ଏବଂ ବହୁତ ଅଧିକ ପ୍ରୋସେସିଂ ଫି ନେଉଛନ୍ତି। ଫଳରେ ଋଣଗ୍ରହୀତାମାନେ ସ୍ଥିରୀକୃତ ଟଙ୍କା ଫେରସ୍ତ କରିବାକୁ ଅକ୍ଷମ ହେଉଛନ୍ତି। ଫଳରେ ଋଣ ଖିଲାଫକାରୀମାନଙ୍କଠାରୁ ଟଙ୍କା ଆଦାୟ କରିବାକୁ ଏହି ବେଆଇନ ସଂସ୍ଥାଗୁଡ଼ିକ ସେମାନଙ୍କ ବିରୋଧରେ ତା'ର ନିଯୁକ୍ତ କର୍ମଚାରୀ ତଥା ବାହାର ଭଡ଼ାଟିଆ ଗୁଣ୍ଡାମାନଙ୍କୁ ଲଗାଇ ଦିଅନ୍ତି। ଉକ୍ତ ଆପ୍‌ଗୁଡ଼ିକ ନିକଟରେ ଋଣଗ୍ରହୀତାଙ୍କ ଫୋନ୍ ସହ ଅନ୍ୟାନ୍ୟ ବିବରଣୀ ରହିଥାଏ। ଏଣୁ ଋଣ ଦେବାରେ ଖିଲାଫ କଲେ ଏହି ସଂସ୍ଥାଗୁଡ଼ିକ ଋଣଖିଲାଫୀଙ୍କ ଉପରେ ଚାପ ସୃଷ୍ଟି କରିବା ଲାଗି ସେମାନଙ୍କ ସମ୍ପର୍କୀୟଙ୍କୁ କଲ୍ କରିଥାନ୍ତି। ଏଭଳି ବେଆଇନ ବିଜ୍‌ନେସ କିଛି ସମୟ ଧରି ଚାଲି ଆସିଛି। ତେବେ କୋଭିଡ୍-୧୯ ମହାମାରୀ ପ୍ରକାଶ ପାଇବା ପରେ ଏହାର ଆକାର ଢ଼େର ବଢ଼ିଯାଇଛି। ମହାମାରୀ ଅନେକଙ୍କ ଜୀବନ ଜୀବିକା ନେଇଯାଇଛି। ଏଣୁ ସଂଖ୍ୟାଧିକ ଲୋକ ଏହି ସବୁ ଲେଣ୍ଡିଂ ଆପ ଦ୍ୱାରା ପ୍ରଦାନ କରାଯାଉଥିବା ବେଆଇନ ଋଣ ମୁହାଁ ହୋଇଛନ୍ତି। ଯେତେ ସଂଖ୍ୟାରେ ଏମାନେ ଋଣ ନେଇଛନ୍ତି ସେହି ଅନୁସାରେ ଖିଲାଫକାରୀଙ୍କ ସଂଖ୍ୟା ବି ବଢ଼ିଛି। ଫଳରେ ଋଣଗ୍ରହୀତାମାନେ ନିର୍ଯାତିତ ହେବା ଘଟଣା ଅଧିକ ସାମ୍ନାକୁ ଆସିଛି। ଏଣୁ ଆଗକୁ ଋଣ କରିବା ଲାଗି ଇଚ୍ଛୁକ ଥିବା ଲୋକମାନଙ୍କୁ ସେମାନଙ୍କ କାଗଜପତ୍ର ଏହି ଅଣସ୍ୱୀକୃତିପ୍ରାପ୍ତ କମ୍ପାନୀଗୁଡ଼ିକ ସହ ଶେୟାର ନ କରିବା ଲାଗି ଆର୍‌ବିଆଇ ସତର୍କ କରି ଦେଇଛନ୍ତି । ଆର୍‌ବିଆଇଙ୍କ ଏହି ନିଷ୍ପତ୍ତି ନିଶ୍ଚିତ ସ୍ୱାଗତଯୋଗ୍ୟ। ତେବେ ଆର୍‌ବିଆଇଙ୍କ ଏହି ସତର୍କତା କେତେ ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଛି । ଆମ ଦେଶରେ ସାଧାରଣତଃ ବ୍ୟାଙ୍କ ଏବଂ ଅଣ ବ୍ୟାଙ୍କିଙ୍ଗ ଫାଇନାନ୍ସ କମ୍ପାନୀ(ଏନ୍‌ବିଏଫସି)ଗୁଡ଼ିକ ଲୋକମାନଙ୍କୁ ଋଣ ଯୋଗାଇ ଦେଇଥାନ୍ତି। ଋଣ କାରବାରକୁ ନିୟନ୍ତ୍ରଣ କରିବା ଲାଗି ରାଜ୍ୟ ସରକାରଗୁଡ଼ିକ ମଧ୍ୟ ଆଇନ ଗଢ଼ିଛନ୍ତି। ଆର୍‌ବିଆଇ ଡିଜିଟାଲ ଲେଣ୍ଡିଂ ପ୍ଲାଟଫର୍ମଗୁଡ଼ିକୁ ସେମାନଙ୍କ ବ୍ୟାଙ୍କ ଓ ଏନ୍‌ବିଏଫସି ପଞ୍ଜୀକରଣ ସମ୍ପର୍କୀତ କାଗଜପତ୍ର ଦର୍ଶାଇବାକୁ କହିଛନ୍ତି। କିନ୍ତୁ ଅନେକ ଠକ ସଂସ୍ଥା ଆର୍‌ବିଆଇଙ୍କ ଏହି ନିର୍ଦ୍ଦେଶକୁ ଶୁଣିନାହାନ୍ତି।

## ଆଜିର ଅର୍ଥନୀତି

ଆପ୍ ଆଧାରରେ ବେଆଇନ ଋଣ ପ୍ରଦାନ କରୁଥିବା କମ୍ପାନୀଗୁଡ଼ିକ ବିରୋଧରେ କେନ୍ଦ୍ରୀୟ ବ୍ୟାଙ୍କ ଏକ ସତର୍କ ସୂଚନା ଦେଇ ଭଲ କରିଛନ୍ତି । କିନ୍ତୁ ଏହା ସେମାନଙ୍କ ପାଇଁ ଯଥେଷ୍ଟ ନୁହେଁ। ଯେପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ ନିୟାମକ ତା'ର କ୍ଷମତା ଲାଗୁ ନ କରିଛି , ସରକାର ଉଚିତ ପଦକ୍ଷେପ ନେବାରେ ନିଶ୍ଚିତ ନ କରିଛନ୍ତି ସେ ପର୍ଯ୍ୟନ୍ତ ଏହି ସଂସ୍ଥାଗୁଡ଼ିକୁ ସବୁଦିନ ପାଇଁ ସମୂଳେ ଧ୍ୱଂସ କରାଯାଇପାରିବନାହିଁ। ଯଦିଓ ଏହି କାରବାରର ଢାଞ୍ଚା ଟେକ୍‌ନୋଲୋଜି ଉପରେ ପର୍ଯ୍ୟବସିତ, ସେଥିପାଇଁ ଏହି ଠକାମୀ ତଥା ସଙ୍କଟକୁ ଟାଳିବା ଲାଗି ସରକାର ତାଙ୍କ ଡିଜିଟାଲ କ୍ଷମତାକୁ ସକ୍ରିୟ କରିବା ଉଚିତ। ଏହାର ସମାଧାନ ଲାଗି ଗୁଗଲ ଓ ଅନ୍ୟ କେତେକ ବିଶାଳ ଆଇଟି ସଂସ୍ଥାକୁ ସେମାନଙ୍କ ଆପ୍ ଷ୍ଟୋରମାନଙ୍କରେ ଏଭଳି ଲେଣ୍ଡିଂ ଆପ୍‌ଗୁଡ଼ିକୁ ହୋଷ୍ଟ ନ କରିବା ପାଇଁ ସରକାର ହ୍ୱିଇପ୍ ମଧ୍ୟ ଜାରି କରିପାରନ୍ତି। ଗତ ସପ୍ତାହରେ ଏହି ଆପଗୁଡ଼ିକର ହୋଷ୍ଟ ବନ୍ଦ କରିବା ଲାଗି ସରକାର ଗୁଗଲକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଦକ୍ଷେପ ନେବାକୁ ସରକାରଙ୍କୁ ଏ ସଂକ୍ରାନ୍ତରେ ଥିବା କଠୋର ନିୟମଗୁଡ଼ିକ ସମର୍ଥନ କରିବା ଦରକାର। ଏହା ସହ ହାତ ପାହାନ୍ତାରେ ମିଳୁଥିବା ବେଆଇନ ଋଣ ଲାଭ କରିବାକୁ ଯାଉଥିବା ଲୋକମାନଙ୍କୁ ସଚେତନ କରିବା ଲାଗି ଏକ ବିରାଟ କାର୍ଯ୍ୟକ୍ରମ ଆରମ୍ଭ କରିବା ଆବଶ୍ୟକ। ସ୍ମାର୍ଟଫୋନରେ ସୁବିଧାରେ ଏହି ଠକ୍ କମ୍ପାନୀଗୁଡ଼ିକରୁ ଋଣ ପାଇବା ବ୍ୟବସ୍ଥା ଲୋକମାନଙ୍କ ପାଇଁ ସହଜ ହୋଇଯାଇଛି। ଏହି ବିପର୍ଯ୍ୟୟକୁ ନିୟନ୍ତ୍ରଣ କରିବା ଲାଗି ଯଦି ଆବଶ୍ୟକ ପଡ଼େ ଆଇନରେ ସଂଶୋଧନ କରି ନୂଆ ଆଇନ ଆଣିବା ଗୁରୁତ୍ୱପୂର୍ଣ୍ଣ। ଆର୍‌ବିଆଇ ମଧ୍ୟ ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଲାଗି ଅଧିକ ସତର୍କ ରହିବା ଉଚିତ। ଏତଦ୍ ବ୍ୟତୀତ ଲୋକମାନେ ଏହି ଆପ୍ ଲେଣ୍ଡିଂରେ ଋଣ ବ୍ୟବସ୍ଥାର ପରିଣାମ ଆଶାନୁରୂପ ନୁହେଁ ବୋଲି ନିଶ୍ଚିତ ହେବା ସତ୍ତ୍ୱେ କାହିଁକି ଏମାନେ ଏହାର ଜାଲରେ ପଡୁଛନ୍ତି ସେ ସମ୍ପର୍କରେ ବି ବୁଝିବା ଦରକାର। ସଂଖ୍ୟାଧିକ ଲୋକଙ୍କ ପାଖରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ପହଞ୍ଚାଇବା ପାଇଁ ଅନେକ ଯୋଜନା କରିଛନ୍ତି ବୋଲି କେନ୍ଦ୍ର ସରକାର ବଡ଼ ଦାବି କରୁଛନ୍ତି। ଦେଖିବାକୁ ଗଲେ ଜନଧନ ଯୋଜନା ଏବଂ ହିତାଧିକାରୀଙ୍କ ଖାତାକୁ ସିଧାସଳଖ ଟଙ୍କା ପଠାଇବା ଭଳି ଯୋଜନା ତା'ର ଈପ୍‌ସିତ ଲକ୍ଷ୍ୟ ହାସଲ କରିନାହିଁ। ଏହାର ସଫଳତା ଉପରେ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ଦାବି କରୁଥିଲେ ବି ବାସ୍ତବରେ ତା'ର ମାନେ କିଛି ନାହିଁ। ବରଂ ବ୍ୟାଙ୍କଗୁଡ଼ିକ , ମୁଖ୍ୟତଃ ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସମ୍ଭାବ୍ୟ ଋଣଗ୍ରହୀତାଙ୍କୁ ଋଣ ଦେବା ଲାଗି କାର୍ପଣ୍ୟତା ପ୍ରକାଶ କରି ଏମାନଙ୍କୁ ଲେଣ୍ଡିଂ ଆପ୍ ନିକଟରେ ପହଞ୍ଚିବାକୁ ବାଧ୍ୟ କରିଛି। ସାମ୍ପ୍ରତିକ ପରିସ୍ଥିତିରେ ଏହି ସଙ୍କଟ ଶେଷ କରିବା ପାଇଁ ଉଚିତ ପଦକ୍ଷେପ ନେବା ଉଚିତ। ଉପଯୁକ୍ତ ଆଇନ ଓ ଏହାର କାର୍ଯ୍ୟକାରିତାର ଅଭାବ ରହିଲେ ଦେଶରେ ଏଭଳି ଋଣ ପ୍ରଦାନ କାରବାର କମ୍ ସମୟରେ ବ୍ୟାପକ ହୋଇଯିବ । ଋଣପ୍ରଦାନକାରୀ ଏହି ଠକ ସଂସ୍ଥାଗୁଡ଼ିକ ଗ୍ରହଣ କରିଥିବା ଭୟପ୍ରଦର୍ଶନକାରୀ ବ୍ୟବସ୍ଥାରେ ବହୁ ଲୋକ ନିର୍ଯାତନାର ଶିକାର ହେଉଛନ୍ତି। ଏଣୁ ସରକାର ଏବଂ ଆର୍‌ବିଆଇ ଏହି ଘଟଣା ପ୍ରତି ଦୃଷ୍ଟି ଦେଇ ହାତପାଆନ୍ତାରେ ଉପଲବ୍ଧ ଫଳଟିଏ ଭଳି ଖୁବ୍ ସହଜରେ ମିଳୁଥିବା ବେଆଇନ ଋଣଠାରୁ ଲୋକମାନଙ୍କୁ ଦୂରେଇ ରଖିବା ଉଚିତ।

# ରାଜନୀତିରେ ହିଂସା



ପ୍ରକାଶ ତ୍ରିପାଠୀ

ପଶ୍ଚିମ ବଙ୍ଗ ପୁଣି ଚର୍ଚ୍ଚାରେ। ଏ ଚର୍ଚ୍ଚା ନୋବେଲ ବିଜେତା ରବୀନ୍ଦ୍ରନାଥ ଟାଗୋର, ସ୍ୱାମୀ ବିବେକାନନ୍ଦ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ଅରବିନ୍ଦ ଘୋଷ, ବଙ୍କିମ ଚନ୍ଦ୍ର ଚାଟାର୍ଜୀ ବା ସତ୍ୟଜିତ ରାୟଙ୍କ ଭଳି ମହାପୁରୁଷଙ୍କ ପାଇଁ ନୁହେଁ, ଏ ଚର୍ଚ୍ଚା କ୍ଷମତା ଲଢ଼େଇଜନିତ ରାଜନୈତିକ ହିଂସା ପାଇଁ। ଯେଉଁ ରାଜ୍ୟ ଦିନେ ଉପର ବର୍ଣ୍ଣିତ ମହାନ୍ ଆତ୍ମାଙ୍କ ସାହିତ୍ୟ, ସଙ୍ଗୀତ, କଳା, ଆଧ୍ୟାତ୍ମିକ ଓ ସଂସ୍କୃତି କ୍ଷେତ୍ରରେ ଅବିସ୍ମରଣୀୟ ଅବଦାନ ପାଇଁ ସାରା ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିଥିଲା, ସେହି ରାଜ୍ୟରେ ଆଜି କ୍ଷମତା ଆହରଣ ପାଇଁ ରାଜନୈତିକ ଦଳଗୁଡ଼ିକର ହିଂସାତ୍ମକ କାର୍ଯ୍ୟକ୍ରମ ରାଜ୍ୟର ନାମକୁ ଭୂପତିତ କରିବାରେ ଲାଗିଛି।

୩୪ବର୍ଷର ଦୀର୍ଘ କମ୍ୟୁନିଷ୍ଟ ଶାସନକୁ ହଟାଇ ୨୦୧୧ ବିଧାନସଭା ନିର୍ବାଚନରେ ତୃଣମୂଳ କଂଗ୍ରେସ ନେତ୍ରୀ ମମତା ବାନାର୍ଜୀ ପଶ୍ଚିମ ବଙ୍ଗର ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ହେଲେ। ୨୦୧୬ ବିଧାନସଭା ନିର୍ବାଚନରେ ସମୁଦାୟ ୨୯୪ ଆସନରୁ ୨୧୧ ଆସନ ଜିତି ସେ ଦ୍ୱିତୀୟ ଥର ମୁଖ୍ୟମନ୍ତ୍ରୀ ହେଲେ। ଦୁଇ ମୁଖ୍ୟ ବିପକ୍ଷ ଦଳ କମ୍ୟୁନିଷ୍ଟ ଓ କଂଗ୍ରେସ ଦଳ ରାଜ୍ୟରେ କ୍ରମଶଃ ଦୁର୍ବଳ ହେବାରେ ଲାଗିଥିଲା ବେଳେ ବିକଳ୍ପ ଭାବେ ପ୍ରତୀୟମାନ ହୋଇଥିଲା ଭାରତୀୟ ଜନତା ପାର୍ଟି (ଭାଜପା)। ଜାତୀୟ ସ୍ତରରେ ନିଜର ସ୍ଥିତିକୁ ମଜଭୁତ କରିଥିବା ଭାଜପା ୨୦୧୬ରେ ଏକ ଅଙ୍କରେ ସୀମିତ ରହି ରାଜ୍ୟରେ ତା'ର ମୂଳଦୁଆ ପକାଇବାରେ ସମର୍ଥ ହୋଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ରାଜ୍ୟରେ ୪୦ ପ୍ରତିଶତ ଭୋଟ ହାସଲ କରିବା ଓ ଚଳିତବର୍ଷ ହେବାକୁ ଯାଉଥିବା ରାଜ୍ୟ ବିଧାନସଭା ନିର୍ବାଚନରେ କ୍ଷମତା ହାସଲ କରିବା ପାଇଁ ଭାଜପାର ଯୋଜନା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ନିଦ ହଜାଇଦେଇଛି। ରାଜ୍ୟରେ ଗତ କିଛିଦିନର ଘଟଣାବଳୀକୁ ତର୍ଜମା କଲେ ବୁଝାପଡ଼େ ଯେ ସତେ ଯେମିତି ରାଜ୍ୟରେ ରାଜନୈତିକ ପରିସ୍ଥିତି ଏକ ଅପ୍ରୀତିକର ଦିଗକୁ ଗତି କରୁଛି। ରାଜନୈତିକ ସ୍ଥିତି ସୁଦୃଢ଼ ପାଇଁ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉପେକ୍ଷା କରି ହିଂସାତ୍ମକ କାର୍ଯ୍ୟକୁ ପ୍ରୋତ୍ସାହନ ଦିଆଯାଉଛି। ରାଜ୍ୟର ରାଜନୈତିକ ହିଂସା ଅତି ସାଧାରଣ ହୋଇଗଲାଣି ଓ ବିଭିନ୍ନ ସମୟରେ ଏହା ମୃତାହାତର ରୂପ ନେଉଛି। ପ୍ରାକ୍ ସ୍ୱାଧୀନତା ସମୟରେ ବନ୍ଦେ ମାତରମ ନାରା ସୃଷ୍ଟିକରି ସ୍ୱାଧୀନତା ଆନ୍ଦୋଳନର ପୁରୋଧା ସାଜିଥିବା ପଶ୍ଚିମ ବଙ୍ଗରେ ଆଜି କ୍ଷମତା ପାଇଁ କୁତ୍ସିତ ଚିନ୍ତାଧାରାକୁ ଆପଣା ଯାଉଛି। ବିଶ୍ୱ ଗୁରୁ ରବୀନ୍ଦ୍ରନାଥଙ୍କ ଜନଗଣମନ ହେଉ ବା ବିବେକାନନ୍ଦଙ୍କ ବିଶ୍ୱ ଧର୍ମ ସଭାରେ ଉଦ୍‌ବୋଧନ ହେଉ, ଏହା କେବେ ବି ବଙ୍ଗଳାକୁ ନୁହେଁ, ସମଗ୍ର ଭାରତ ବର୍ଷକୁ ପ୍ରତିନିଧିତ୍ୱ କରିଥିଲା। ମାତ୍ର ଏବେ ଅଣ ବଙ୍ଗାଳୀ ଭାଷାଭାଷୀଙ୍କୁ ବାହାର ଲୋକ କହି ସେହି ମହାନ୍ ଚିନ୍ତାଧାରାକୁ ସଙ୍କୁଚିତ କରାଯାଉଛି, ଯାହା କେବଳ ନିଜ ହୀନ ରାଜନୈତିକ ଚିନ୍ତାଧାରାର ପରିପୂର୍ଣ୍ଣତା ପାଇଁ।

୨୦୨୧ରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଯେତେ ନିକଟତର ହେଉଛି, ରାଜ୍ୟରେ ରାଜନୈତିକ ବାତାବରଣ ସେତେ ଉଷ୍ମ ହେବାରେ ଲାଗିଛି। ସବୁ ରାଜନୈତିକ ଦଳ ନିଜର ସ୍ଥିତି ସୁଦୃଢ଼ ପାଇଁ କସରତ ଆରମ୍ଭ କରିଦେଲେଣି। ତା' ସହ ରାଜନୈତିକ ହିଂସା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ଗୋଟିଏ ପଟେ ତୃଣମୂଳ କଂଗ୍ରେସ ନିଜର ଗଡ ବଞ୍ଚାଇବାକୁ ପ୍ରାଣପଣେ ଉଦ୍ୟମ ଜାରି ରଖିଥିବା ବେଳେ ଭାରତୀୟ ଜନତା ପାର୍ଟି ନିଜର ବିସ୍ତାରବାଦୀ ନୀତି ଆଧାରରେ ପଶ୍ଚିମବଙ୍ଗରେ ସରକାର ଗଢ଼ିବାକୁ ରାତିଦିନ ଏକ କରିଦେଇଛି। ୧୯୦୫ ରେ ଲର୍ଡ କର୍ଜନଙ୍କ ସମୟରେ ବଙ୍ଗ ବିଭାଜନ ସମୟରୁ ବେଙ୍ଗଲରେ ଜନ୍ମ ନେଇଥିବା ହିଂସା କାଣ୍ଡ ଏବେ ବି ଭିନ୍ନ ରୂପରେ ବିଦ୍ୟମାନ। ଏକଦା ହିଂସା ଇଂରେଜ ବିରୁଦ୍ଧରେ ହେଉଥିଲା ଓ ଏବେ ତାହା କ୍ଷମତା ଆହରଣ ପାଇଁ। କୌଣସି ଗୋଟିଏ ରାଜନୈତିକ ଦଳ ନୁହେଁ, ସଭି ଦଳ ବିରୋଧରେ ଏ ଅଭିଯୋଗ ଅଳ୍ପ ବହୁତ ଉଠେ। ନ୍ୟାଶନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୧୮ ରେ ପଶ୍ଚିମବଙ୍ଗରେ ସର୍ବାଧିକ ରାଜନୈତିକ ହିଂସା ସଂଗଠିତ ହୋଇଥିଲା। ୧୯୯୯ରୁ ୨୦୧୬ ମଧ୍ୟରେ ୨୦ଟି ରାଜନୈତିକ ହତ୍ୟା ସଂଗଠିତ ହୋଇଥିବା କୁହାଯାଏ। ସେ ପଞ୍ଚାୟତ ନିର୍ବାଚନ ହେଉ ବା ଲୋକ ସଭା ନିର୍ବାଚନ ହେଉ, ବିନା ରାଜନୈତିକ ହିଂସାକାଣ୍ଡରେ ସତେଯେପରି ନିର୍ବାଚନ ଅସମ୍ଭବ। ଗୋଟିଏ ପଟେ କ୍ଷମତାରେ ଥିବା ତୃଣମୂଳ କଂଗ୍ରେସ ବିରୋଧରେ ହିଂସା ରାଜନୀତି ଅଭିଯୋଗ ଉଠୁଥିବା ବେଳେ ଅନ୍ୟପଟେ ଜଣକ ପରେ ଜଣେ ରାଜନେତା ତୃଣମୂଳ କଂଗ୍ରେସ ଛାଡି ଭାଜପାର ଶରଣାପନ୍ନ ହେବା ମମତା ବାନାର୍ଜୀଙ୍କ ମୁଣ୍ଡ ବ୍ୟଥାର କାରଣ ହୋଇଛି।

ପଶ୍ଚିମବଙ୍ଗର ମହାନ୍ ସାଂସ୍କୃତିକ ପରମ୍ପରା ବିଶ୍ୱବିଦିତ। ଯେଉଁ ବଙ୍ଗଳା ଦିନେ ନିଜର ପ୍ରତିଭା, କଳା, ସିନେମା, ସାହିତ୍ୟକୁ ନେଇ ବିଶ୍ୱ ବିଖ୍ୟାତ ଥିଲା, ତାହା ଆଜି ବହୁଲୁଣ୍ଠିତ ଓ ବଦନାମିତ। ପଶ୍ଚିମବଙ୍ଗରେ ରାଜନୈତିକ ହିଂସା ଆଜିକାଲି ଖବରକାଗଜର ମୁଖ୍ୟ ଖବର। ବିଶ୍ୱାସ କରିହୁଏ ନାହିଁ ଯେ ଯେଉଁ ରାଜ୍ୟରେ ମହାପ୍ରଭୁ ଚୈତନ୍ୟ, ମହାଯୋଗୀ ରାମକୃଷ୍ଣ ପରମହଂସ ଓ ସ୍ୱାମୀ ବିବେକାନନ୍ଦ ଆଦି ମହାପୁରୁଷଙ୍କ ଅହିଂସା ବାଣୀ ସମଗ୍ର ବିଶ୍ୱକୁ ମନ୍ତ୍ରମୁଗ୍ଧ କରୁଥିଲା, ସେହି ରାଜ୍ୟରେ ହିଂସାକାଣ୍ଡକୁ କିପରି ପ୍ରଶ୍ରୟ ଦିଆଯାଇ ପାରୁଛି। ପଶ୍ଚିମବଙ୍ଗରେ ଯେଉଁ ଦଳ କ୍ଷମତାରେ ରହିଛି, ସେହି ଦଳ ହିଂସାକାଣ୍ଡ ସୃଷ୍ଟିକରିବା ଅଭିଯୋଗରେ ବଦ୍‌ନାମ ହୋଇଛି। ସେ ଅତୀତର କମ୍ୟୁନିଷ୍ଟ ଶାସନ ହେଉ ବା ବର୍ତ୍ତମାନର ତୃଣମୂଳ କଂଗ୍ରେସ ହେଉ। ନିର୍ବାଚନ ପାଖେଇ ଆସିଲେ ରାଜ୍ୟର ସାମାଜିକ ଓ ରାଜନୈତିକ ସ୍ଥିତି କ'ଣ ହେବ ତାହା ବର୍ତ୍ତମାନର ସ୍ଥିତି ଦେଖିଲେ ସହଜରେ ଅନୁମାନ କରିହୁଏ। ମାତ୍ର ଏହା ସ୍ୱୀକାର କରିବାକୁ ହେବ ଯେ, ଏକ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବା ସଫଳ ଗଣତନ୍ତ୍ର ପାଇଁ ରାଜନୈତିକ ହିଂସା ଆଦୌ ଗ୍ରହଣୀୟ ନୁହେଁ। ଏକ ସଭ୍ୟ ସମାଜ ଓ ଗଣତାନ୍ତ୍ରିକ ସମାଜ ପାଇଁ ହିଂସାର ସ୍ଥାନ ନାହିଁ। କ୍ଷମତାକୁ ଆସିବାକୁ ଚାହୁଁଥିବା ବା କ୍ଷମତାରେ ଥିବା ରାଜନେତାମାନେ ଏହା ସ୍ମରଣ ରଖିବା ଉଚିତ। ନଚେତ୍ ଦେଶର ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିଗିଡ଼ିଯାଇପାରେ।

ରାଜନୈତିକ ଅସହିଷ୍ଣୁତା ଯେ କୌଣସି ପ୍ରଗତିଶୀଳ ସମାଜ ପାଇଁ ବିଷ ସଦୃଶ। ବିଶେଷ କରି ଏହା ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଅରାଜକତା ଓ ହିଂସା ବୃଦ୍ଧିରେ ସହାୟକ ହୋଇଥାଏ । ଆଜି ପଶ୍ଚିମବଙ୍ଗରେ ଯେଉଁ ରାଜନୈତିକ ହିଂସା ଅବ୍ୟାହତ ରହିଛି ତା'ର ମୂଳରେ ରହିଛି ଏହି ଅସହିଷ୍ଣୁତା। କେବଳ ପଶ୍ଚିମବଙ୍ଗ ନୁହେଁ, ସମଗ୍ର ଭାରତରେ ଅଳ୍ପ ବହୁତ ଏହା ଅନୁଭୂତ ହେଉଛି। ପଶ୍ଚିମବଙ୍ଗରେ ଅଧିକ ମାତ୍ରାରେ ହେଉଥିବାରୁ ସାଧାରଣରେ ଏହାକୁ ନେଇ ଅଧିକ ଚର୍ଚ୍ଚା ହେଉଛି। କଳେ ବଳେ କ୍ଷମତାରେ ରହିବା ପାଇଁ ସବୁ ଦଳର ଉଦ୍ୟମ ହିଁ ସୃଷ୍ଟିକରେ ଅସହିଷ୍ଣୁତା ଓ ଏଥିରୁ ଜନ୍ମ ନିଏ ରାଜନୈତିକ ହିଂସା। ଯେତେବେଳେ କ୍ଷମତାରେ ଥିବା ଦଳ ହିଂସାରେ ସାମିଲ ହୁଏ ତାହା ସାଧାରଣତଃ ଉଗ୍ର ରୂପ ଧାରଣ କରିଥାଏ। ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ସର୍ବଶକ୍ତିମାନ ହେଉଛନ୍ତି ଭୋଟର। କିଛିଦିନ ପାଇଁ ସେମାନଙ୍କୁ ଅନ୍ଧାରରେ ରଖିହୁଏ, ମାତ୍ର ସବୁଦିନ ପାଇଁ ନୁହେଁ। ଭାରତୀୟ ଭୋଟରମାନେ ପରିପକ୍ୱ ହେଲେଣି ଓ ବିଗତ କେତୋଟି ନିର୍ବାଚନରେ ଏହାର ପ୍ରମାଣ ମିଳିସାରିଛି। କଶ୍ମୀରରେ ନିକଟରେ ଶେଷ ହୋଇଥିବା ଜିଲା ବିକାଶ ପରିଷଦର ସଫଳ ନିର୍ବାଚନ ଏହାର ସଦ୍ୟତମ ଉଦାହରଣ। ସର୍ବାଧିକ ଆତଙ୍କବାଦପ୍ରବଣ ବୁଲଗ୍ରାମରେ ୭୦ ପ୍ରତିଶତ ମତଦାନ ପ୍ରମାଣ ଦେଇଛି ମତଦାତାଙ୍କ ନିର୍ଭୀକ ଓ ସାହସିକ ପଦକ୍ଷେପ। କଶ୍ମୀରରୁ ୩୭୦ ଧାରା ଉଠିବା ପରେ ଏହା ଥିଲା ପ୍ରଥମ ନିର୍ବାଚନ; ଯାହାକୁ କି ବିପୁଳ ଜନସମର୍ଥନ ମିଳିଛି। ହିଂସା ଓ ଆତଙ୍କବାଦ ନୁହେଁ, ଶାନ୍ତି, ଅହିଂସା ଓ ଗଣତନ୍ତ୍ର ବିଶ୍ୱାସ ରଖୁଥିବା ସାଧାରଣ ଭୋଟର ନିଜ ଭୋଟ ଦାନରେ ତାହା ପ୍ରମାଣ ଦେଇଛନ୍ତି। ଏହାକୁ ଗଣତନ୍ତ୍ରର ପ୍ରକୃତ ବିଜୟ ବୋଲି କୁହାଯାଇ ପାରେ । କ୍ଷମତାରେ ରହିବା ପାଇଁ ରାଜନୈତିକ ଦଳର ଭିତିରି ଉଦ୍ଦେଶ୍ୟ ଆଉ ଅବୁଝା ନାହିଁ ଭୋଟରମାନଙ୍କ ପାଇଁ। କେବଳ ରାଜନେତାମାନେ ଏହା ବୁଝିବା ଉଚିତ।

prakas.tripathy୦୯@gmail.com

# ଆଶା ଓ ଆଶ୍ୱାସନାର ବର୍ଷ ୨୦୨୧



ଦାଶରଥି ଶତପଥୀ

ଏ ସଂସାର ଅନିତ୍ୟ, ଜୀବନ ଅନିତ୍ୟ। ସଂସାରରେ କେବଳ ନିତ୍ୟ ହେଉଛି ପରିବର୍ତ୍ତନତା। ଏହି ପରିବର୍ତ୍ତନତାକୁ ଆଧାର କରି ସମୟ ଚକ୍ରରେ ଦୁନିଆ ଚାଲିଥାଏ ଉତ୍ଥାନ ଓ ପତନ ଦେଇ। ସେହିପରି ଏକ ନିରାଶାର ବର୍ଷ ଥିଲା ୨୦୨୦। କରୋନା ମହାମାରୀ ସହ ବଡ଼ ବଡ଼ ଘଟଣା ସମଗ୍ର ପୃଥିବୀକୁ କବଳିତ କରି ବିପର୍ଯ୍ୟୟ ସୃଷ୍ଟି କରିବା ସହ ଦୁଃଖ, ଯନ୍ତ୍ରଣା ଦେଇଥିଲା ମାନବ ସମାଜକୁ। କରୋନା ମହାମାରୀର ପ୍ରଭାବ ଓ ତାହାର ଭୟାବହତା ମନକୁ ଆସିଲେ ରୁମ ଟାଙ୍କୁରି ଉଠେ। ମହାମାରୀ କରୋନା ଆମେରିକା, ରୁଷିଆ, ବ୍ରିଟେନ, ଫ୍ରାନ୍ସ ଭଳି ପ୍ରଗତିଶୀଳ ଦେଶଗୁଡ଼ିକର ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି, ଅବଶ୍ୟ ଏହାର ପ୍ରଭାବ ବହୁ ପରିମାଣରେ ହ୍ରାସ ପାଇ ଆୟତ୍ତ ଭିତରକୁ ଆସିପାରିଛି। ଏହାର ଏକମାତ୍ର କାରଣ ହେଉଛି ସରକାରଙ୍କର ତତ୍ପରତା ସହିତ ଜନସାଧାରଣଙ୍କ ସହଯୋଗ, ସତର୍କତା ଓ ସାବଧାନତା।

କୋଭିଡ୍-୧୯ (କରୋନା ମହାମାରୀ)କୁ ବାଦ୍ ଦେଲେ ପୃଥିବୀର ବଡ଼ ବଡ଼ ଘଟଣା ଭିତରେ ବହୁ ଦୁଃଖଦ ପରିସ୍ଥିତି ଘଟଣା ଜନସାଧାରଣଙ୍କୁ ମ୍ରିୟମାଣ କରିଥିଲା। ଗତ ବର୍ଷ ଜାନୁୟାରୀ ୧ ତାରିଖରେ ସିଲିୱାଙ୍ଗ ଓ ସିସାଡେନ୍ ନଦୀର ବନ୍ୟା ଇଣ୍ଡୋନେସିଆର ରାଜଧାନୀ ଜାକର୍ତ୍ତାକୁ ବୁଡ଼ାଇ ଦେଇଥିଲା। ଏଥିରେ ଲକ୍ଷ ଲକ୍ଷ ଲୋକ ବିସ୍ଥାପିତ ହୋଇଥିଲେ ଓ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ମେ ମାସରେ ଆସାମରେ ବନ୍ୟା, ତୁର୍କୀ, ଗ୍ରୀସ୍, ଚାଇନା, ରୁଷିଆ, ଭାରତରେ ଭୂକମ୍ପ ସହିତ ତୁର୍କୀ ଓ ଗ୍ରୀସ୍‌ରେ ଭୂକମ୍ପ ସହିତ ସୁନାମି, ଆମାଜନ ଜଙ୍ଗଲରେ ନିଆଁ ଲାଗି ଶ୍ରୀହୀନ ହେବା, କରାଚୀ ବିମାନ ଦୁର୍ଘଟଣା, ଫିଲିଫାଇନ୍ସରେ ଲାଭା ଉଦ୍‌ଗିରଣ, ପଙ୍ଗପାଳ ଦୌରାତ୍ମ୍ୟ, ପୂର୍ବ ଆଫ୍ରିକା ଓ ଭାରତ ସମେତ ବିଭିନ୍ନ ରାଜ୍ୟର କୃଷି ଉପରେ ଆକ୍ରମଣ, ଦକ୍ଷିଣ ଆଫ୍ରିକାର ହାତୀ ମଡ଼କ ଆଦି ଜାତୀୟ ବିପର୍ଯ୍ୟୟ ସମସ୍ତଙ୍କର ଚିନ୍ତା ବଢାଇ ଦେଇଥିଲା।

କରୋନାଜନିତ ଅନିଶ୍ଚିତତା ମଧ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ, ରାଜନେତା, କଣ୍ଠଶିଳ୍ପୀ, ବିଶିଷ୍ଟ କ୍ରୀଡ଼ାବିତଙ୍କ ପରଲୋକରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା ସତ, କିନ୍ତୁ କୋଭିଡ୍ ଯୋଦ୍ଧାମାନଙ୍କର ଏପରି ପରିସ୍ଥିତିରେ ଯେପରି ଧୈର୍ଯ୍ୟ, ସେବା ଜନସାଧାରଣ ଭୁଲିବାର ନାହିଁ; ଯାହାଫଳରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରାଜ୍ୟର କୋଭିଡ୍ ପରିଚାଳନାକୁ ସମଗ୍ର ବିଶ୍ୱରେ ଜନସହଯୋଗ ଓ ଅଭୂତପୂର୍ବ ଉଦାହରଣ ଭାବେ ଅଭିହିତ କରି ସରକାରଙ୍କ ସହ ଓଡ଼ିଶାବାସୀଙ୍କ ସହଯୋଗର ଭୂୟସୀ ପ୍ରଶଂସା କରିଛନ୍ତି। ସମସ୍ତଙ୍କର ନିଷ୍ଠା ଓ ସାଧନା ବଳରେ କୋଭିଡ୍ ସଂକ୍ରମିତଙ୍କ ଚିକିତ୍ସା ପାଇଁ ସମସ୍ତ ସୁବିଧା ରାଜ୍ୟ ସରକାର ବହନ କରିବା ଓ ମୃତ୍ୟୁ ହାରକୁ ସର୍ବନିମ୍ନସ୍ତରରେ ସୀମିତ ରଖିବାରେ ଓଡ଼ିଶା ରାଜ୍ୟ ଅଗ୍ରଣୀ ହୋଇପାରିଛି।

ବର୍ତ୍ତମାନ ଉପଯୁକ୍ତ ସମୟ ଆସିଛି ଭାଇଚାରାରେ ବାନ୍ଧି ହୋଇ ସମସ୍ତେ ସମସ୍ତଙ୍କର ଦୁଃଖ, ସୁଖରେ ଭାଗୀଦାର ହୋଇ ପରସ୍ପରକୁ ସାହାଯ୍ୟ କରିବା ପାଇଁ। ଶିଶୁଠାରୁ ଯୁବବର୍ଗ ପର୍ଯ୍ୟନ୍ତ ସମସ୍ତଙ୍କୁ ଶିକ୍ଷା ସହ ଉଚିତ ମାର୍ଗ ଦର୍ଶନ ପାଇଁ ସରକାରଙ୍କ ସହ ମିଶି ଯେଉଁ ଅନୁଷ୍ଠାନ, ସ୍ୱେଚ୍ଛାସେବୀ, ଯୁବବର୍ଗ, ଶିକ୍ଷକ ସମାଜ ଓ ସାମାଜିକ କର୍ମୀ କରୋନା ମହାମାରୀରେ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିବା ସମୟରେ ଶିକ୍ଷାଦୀକ୍ଷା ଓ ଆତ୍ମନିର୍ମାଣ ପାଇଁ ସଚେତନତା ସହ ମାନସିକ ଭାରାକ୍ରାନ୍ତକୁ ଦୂର କରିବା ଲାଗି ବିଭିନ୍ନ ସମୟରେ ବିଭିନ୍ନ କାର୍ଯ୍ୟକ୍ରମ ଚଳାଇ ଆସୁଛନ୍ତି ସେମାନେ ଅଶେଷ ଧନ୍ୟବାଦର ପାତ୍ର। ନିକଟରେ ବ୍ରିଟେନର କରୋନା ଭୂତାଣୁର ନୂଆ ଷ୍ଟ୍ରେନ ଭୟଙ୍କର ରୂପ ନେଇଥିବାରୁ ଏଥିରେ କେନ୍ଦ୍ର ସରକାରଙ୍କ ସତର୍କତା ପରେ ରାଜ୍ୟ ସରକାର ଅବିଳମ୍ବେ ସତର୍କତା ଅବଲମ୍ବନ କରି ଏହାର ପ୍ରତିକାର ପାଇଁ ଦୃଢ଼ ସଂକଳ୍ପ ନେବା ସହିତ ତାଙ୍କର କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରିଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୦୨୦ ଡିସେମ୍ବର ୨୪ ତାରିଖରେ କୋଭିଡ୍ ସଚେତନତା ରଥ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଓ ୟୁନିସେଫ ପକ୍ଷରୁ ଗୁରୁବାର ସଂସ୍କୃତି ଭବନ ପରିସରରେ ସଚେତନତା ରଥ ସାତଟି ଜିଲା ପରିଭ୍ରମଣ କରି ସଚେତନତା ସୃଷ୍ଟି କରିବା ପାଇଁ ବ୍ୟବସ୍ଥା କରାଯାଇଛି। ଶୀତ ଋତୁ ସହ ସମ୍ଭାବ୍ୟ ନୂଆ ଷ୍ଟ୍ରେନକୁ ରୋକିବାରେ ଏହି ରଥ ପ୍ରମୁଖ ଭୂମିକା ଗ୍ରହଣ କରିବା ନେଇ ଦୃଢ଼ ଆଶା ରହିଛି।

ଦୀର୍ଘଦିନ ପରେ ଗତବର୍ଷ ଡିସେମ୍ବର ୨୩ ତାରିଖରୁ ଭକ୍ତଙ୍କ ପାଇଁ ଖୋଲିଛି ଶ୍ରୀମନ୍ଦିର। ରତ୍ନ ବେଦିରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଲୌକିକ ଦୃଶ୍ୟକୁ ଦର୍ଶନ କରିଛନ୍ତି ଓଡ଼ିଶାବାସୀ । ସେହିପରି ଏକାମ୍ର କ୍ଷେତ୍ରରେ ପ୍ରଭୁ ଲିଙ୍ଗରାଜଙ୍କ ମନ୍ଦିର ଶ୍ରଦ୍ଧାଳୁଙ୍କ ପାଇଁ ୨୭ ତାରିଖରୁ ଖୋଲାଯାଇଥିବାରୁ ସମଗ୍ର ଓଡ଼ିଶାରେ ଆନନ୍ଦର ଲହରି ଖେଳିଯାଇଛି। ପ୍ରଥମେ ସେବାୟତ, ପୂଜକ ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଦର୍ଶନ କରିବା ପାଇଁ ନିୟମ ଥିବାବେଳେ ନୂଆ ବର୍ଷରେ ଜାନୁୟାରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ସେବାୟତଙ୍କ ପରିବାର ପର୍ଯ୍ୟନ୍ତ ରାଜଧାନୀବାସୀ ଏବଂ ୬ ତାରିଖରୁ ସର୍ବସାଧାରଣଙ୍କ ପାଇଁ ଠାକୁରଙ୍କ ଦର୍ଶନ ନୂତନ ଆହ୍ୱାନ, ନୂତନ ସଂଦେଶ ଓ ନୂତନ ଚିନ୍ତାଧାରା ଆଣିଦେବ ସମସ୍ତଙ୍କ ପାଇଁ।

ଗତ ଡିସେମ୍ବର ୨୨ ତାରିଖରେ ରାଜ୍ୟର ଶତାଧିକ ବିଧାୟକ, ଏମ୍‌ପି, ଐତିହାସିକ ପାରାଦୀପ ବନ୍ଦର ଗସ୍ତରେ ଆସି ସମସ୍ତ କୋଭିଡ୍ ନିୟମ ମାନି ଭାରତୀୟ ନୌସେନାର ଦ୍ୱିତୀୟ ବୃହତ୍ ଯୁଦ୍ଧ ଜାହାଜ INS(ଆଇଏନ୍‌ଏସ) ଜଲାଶ୍ୱରେ ବୁଲିଛନ୍ତି। ଏହା ନୌସେନା ଇତିହାସରେ ପ୍ରଥମ ବୋଲି କାର୍ଯ୍ୟକ୍ରମ ଶେଷରେ ରିୟଲ ଆଡ୍‌ମିରାଲ ସଂଜୟ ଭଞ୍ଜ ସାୟାନ କହିଛନ୍ତ। ୧୯୭୧ ଭାରତ ପାକିସ୍ତାନ ଯୁଦ୍ଧରେ ଭାରତୀୟ ନୌସେନାର ପ୍ରମୁଖ ଭୂମିକା ଥିଲା ଚଳିତବର୍ଷ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ, ଏହାକୁ ସ୍ମରଣ କରିବା ପାଇଁ ନୌସେନାର ଏହି କାର୍ଯ୍ୟକ୍ରମ କରାଯାଇଥିଲା।

ସୂଚନା ଏହି କି ଯେ ଗତ ୧୯୭୧ ମସିହା ଭାରତ ପାକିସ୍ତାନ ଯୁଦ୍ଧରେ ପାକିସ୍ତାନ ଦୁଇ ଭାଗ ହୋଇ ପୂର୍ବ ପାକିସ୍ତାନ ବଙ୍ଗଳା ଦେଶ ଭାବେ ସ୍ୱୀକୃତି ପାଇବା ଏବଂ ଭାରତର ବିଜୟ ଏକ ଉଲ୍ଲେଖନୀୟ ଘଟଣା ଥିଲା ସତ, କିନ୍ତୁ ଏହି ଯୁଦ୍ଧର ଭୟାବହତା ସହ ପରିବେଶ ଦୂଷିତ ହୋଇ ବଙ୍ଗଳାଦେଶ ସହ ସମଗ୍ର ପୂର୍ବଭାରତର ରାଜ୍ୟଗୁଡ଼ିକରେ ଆଖି ଧରା ରୋଗ ଚହଳ ପକାଇ ଦେଇଥିଲା। ସେତେବେଳେ ବିଜୁବାବୁଙ୍କ ନେତୃତ୍ୱରେ ଗଠିତ ଉତ୍କଳ କଂଗ୍ରେସ ଓ ସ୍ୱତନ୍ତ୍ର ଦଳ ମିଶି ପ୍ରଗତି ସରକାର ସେତେବେଳର ଏହି ପ୍ରାକୃତିକ ବିପର୍ଯ୍ୟୟକୁ ଦୃଢଭାବେ ମୁକାବିଲା କରିଥିଲେ। ସେହିଭଳି ଆତ୍ମବିଶ୍ୱାସ ଓ ସ୍ୱାଭିମାନକୁ ମନେ ପକାଇ ସମସ୍ତଙ୍କୁ ଚେତାଇ ଦେବାର ସମୟ ଆଜି ଉପନୀତ, ଯେପରି ଗତବର୍ଷର ଲକ୍ ଡାଉନ ଆମକୁ ଶିକ୍ଷା ଦେଇଥିଲା ନିଜ ଗୋଡରେ ଠିଆ ହୋଇ ସମସ୍ତ ନୀତି ନିୟମ ମାନି ସମାଜରେ ଶୃଙ୍ଖଳାର ସହିତ ତିଷ୍ଠି ରହି ନୂତନ ଆହ୍ୱାନକୁ ଗ୍ରହଣ କରି ସମସ୍ତ ପରିବେଶ ଓ ପରିସ୍ଥିତିକୁ ସାମନା କରିବାକୁ ପଡ଼ିବ।

ନବ ବର୍ଷରେ ଆଜିର ସମାଜ ଶିକ୍ଷା, ସଂସ୍କୃତି, ନୈତିକ ମୂଲ୍ୟବୋଧ ସହ ମାନବିକ ଧର୍ମ ପାଳନ କରି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ଆତ୍ମବିଶ୍ୱାସରେ ଭରପୂର ଓ କର୍ମଠ ହେଲେ ହିଁ ଆମ ବୈଭବଶାଳୀ ଦେଶ ଓ ରାଜ୍ୟର ସ୍ୱପ୍ନ ସାକାର ହେବ। ଜାଣିବାକୁ ହେବ ଏଠି ମଣିଷ ବି ଈଶ୍ୱର, ସକଳ ଦେହେ ନାରାୟଣ, ଦେଖି ସନ୍ତୋଷ ଭଗବାନ। ଏହି ବିଶ୍ୱାସ ଏଠାରେ ରହିଛି ଏହା ପରମ ଶାସ୍ତ୍ର ଭାଗବତରେ ବର୍ଣ୍ଣିତ।

ସଚିବ, ଓଡ଼ିଶା ବିଧାନସଭା

## ଏଇ ଭାରତରେ

ଜୀବନ ଜୀବିକା ପଥରେ ସଫଳତାର ସହ ଆଗକୁ ବଢ଼ିବାରେ ଦିବ୍ୟାଙ୍ଗଙ୍କ ଦକ୍ଷତା କେବଳ ଈଶ୍ୱରଙ୍କ କୃପା ବୋଲି କହିବାକୁ ହେବ। ଏମିତି ଜଣେ ଦିବ୍ୟାଙ୍ଗ ହେଉଛନ୍ତି କେରଳର ସୁଧାକର କୁରୁପ। କେରଳର ପଥନାମଥିଟ୍ଟା ଜିଲା ଭାଲିକୋଡୁ ଗାଁରେ ଏକ ଷ୍ଟେସନେରୀ ଦୋକାନ ଦୀର୍ଘ ୪୬ ବର୍ଷ ହେବ ଚଳାଇ ସ୍ୱାବଲମ୍ବୀ ହେବାର ପ୍ରେରଣା ପାଲଟିଛନ୍ତି। ସେ ୨୧ ବର୍ଷ ବୟସରେ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ହରାଇଥିଲେ। ଦୃଷ୍ଟିବାଧିତ ସୁଧାକର ଦୋକାନ ଖୋଲିବା, ଗୋଦାମରୁ ଜିନିଷ ଆଣିବା, ଲୋକଙ୍କୁ ଜିନିଷ ଯୋଗାଇଦେବା ଓ ଟଙ୍କା ରଖିବା କାର୍ଯ୍ୟ ନିଜେ ହିଁ କରୁଛନ୍ତି। ସୁଧାକରଙ୍କୁ ଏବେ ବୟସ ୬୯। ସେ ୨୨ ବର୍ଷ ବୟସରେ ଏହି ଦୋକାନ ଆରମ୍ଭ କରିଥିଲେ। ସେ ତାଙ୍କ ବନ୍ଧୁଙ୍କ ଅଟୋରେ ଗୋଦାମରୁ ଜିନିଷ ଆଣିଥାନ୍ତି। ୪୬ ବର୍ଷ ତଳେ ସେ ଯେଉଁ ଥାକରେ ଯେଉଁ ଜିନିଷ ରଖୁଥିଲେ ଆଜି ବି ସେମିତି ରଖୁଛନ୍ତି; ଯାହା ଫଳରେ ସେଗୁଡ଼ିକୁ ପାଇବାରେ ତାଙ୍କୁ ଅସୁବିଧା ହେଉନାହିଁ। କେବଳ ୨୦୧୬ର ବିମୁଦ୍ରୀକରଣ ସମୟରେ କିଛିଦିନ ସମସ୍ୟାରେ ପଡିଥିଲେ ବୋଲି କହନ୍ତି ସୁଧାକର। ପରେ ସେ ନୂଆ ନୋଟ୍‌ର ଲମ୍ବ-ପ୍ରସ୍ଥ ଜାଣିବା ପରେ ଆଉ ସମସ୍ୟା ରହି ନ ଥିଲା। ତାଙ୍କୁ ଗ୍ରାମବାସୀ 'କୋଚିଟାନ' ବା ସାନଭାଇ ବୋଲି ସମ୍ବୋଧନ କରନ୍ତି। ଦୋକାନରେ ବିଭିନ୍ନ ଥାକରୁ ଜିନିଷ ଆଣି ଦେବାରେ ବିଳମ୍ବ ହେଲେ ବି ଗ୍ରାମବାସୀ ଧୈର୍ଯ୍ୟର ସହ ଅପେକ୍ଷା କରିଥାନ୍ତି। ଦୋକାନରେ ଥିବା ୮୦ଟି ଥାକରୁ ଜିନିଷ ଆଣିବାରେ ତାଙ୍କୁ କୌଣସି ସମସ୍ୟା ହୁଏନାହିଁ। ଦିନ ରାତି ଯେତେବେଳେ ଯାହା ଚାହିଁଲେ ବି ତାଙ୍କ ଦୋକାନରୁ ଜିନିଷ ମିଳିଥାଏ, କାରଣ ସେ ଦୋକାନରେ ହିଁ ଶୋଇଥାନ୍ତି। ଦୋକାନରୁ ଯାହା ଲାଭ ହୁଏ ସେଥିରେ କିଛି ନୂଆ ଜିନିଷ କିଣନ୍ତି ଓ ଆଉ ସବୁ ପରିବାର ପିଛା ଖର୍ଚ୍ଚ କରନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧ ଜାନୁୟାରୀ ୧୯୯୬

- ଏୟାର ଇଣ୍ଡିଆ ପରିଚାଳନା କର୍ତ୍ତୃପକ୍ଷ ଓ ଏୟାର ଇଣ୍ଡିଆ କର୍ମଚାରୀ ସଂଘ ମଧ୍ୟରେ ନୂଆ ବେତନ ରାଜିନାମା ସ୍ୱାକ୍ଷରିତ।
- ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ କେ.ପି.ଏସ୍. ଗିଲ୍ ଚାକିରିରୁ ଅବସର ଗ୍ରହଣ କରିଛନ୍ତି।
- ଏକ ଚାଞ୍ଚଲ୍ୟକର ଠକେଇ ଘଟଣାରେ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ସତ୍ୟସୁନ୍ଦର ମିଶ୍ରଙ୍କ ପୁତ୍ର ଗିରଫ।

## ଚିରନ୍ତନୀ

ନୟନେ କା'ର ନାହିଁ ପଲକ
ସକଳ ଦେହେ ଭରେ ଲୋତକ
ବରଷା ବାରି ପୂରଇ ଯଥା ବିଶ୍ୱେ
ସ୍ୱରଗ-ଭୂତି କରଇ ଦାନ ନିଃସ୍ୱେ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିହିତ ପଦକ୍ଷେପ ଗ୍ରହଣ କରାଯାଉ

ମହାଶୟ,

ଗଣମାଧ୍ୟମରେ ନିର୍ଭୀକ ତଥା ନିରପେକ୍ଷ ଖବର ପ୍ରସାରଣକୁ ଭିତ୍ତିକରି କେତେକ ନିୟମବିରୋଧୀ କାର୍ଯ୍ୟକଳାପ ଲୋକଲୋଚନରେ ପଡୁଛି । ପ୍ରେସ୍‌ର ନାମଫଳକ ଲଗାଇ କେତେକ ନାମୀଦାମୀ ଗାଡିରେ ବୁଲୁଥିବା ବ୍ୟକ୍ତିମାନେ ଏହାର ଉଦାହରଣ ପାଲଟିଛନ୍ତି । କିନ୍ତୁ ପ୍ରକାରାନ୍ତରେ ସେମାନଙ୍କ ସହିତ ଯାତ୍ରା କରୁଥିବା କିଛି ବ୍ୟକ୍ତିଙ୍କୁ ସରକାରଙ୍କର କୋଭିଡ୍ ନିୟମ ପାଳନ କରିବା ଓ ହୋଇଥିବା ଗାଇଡ ଲାଇନ ଆଦୌ ଜଣାନାହିଁ । ଏମାନେ ପ୍ରେସ୍ ନାମଫଳକ ଲାଗିଥିବା ଦାମୀ ଗାଡ଼ିକୁ ରାସ୍ତାର ମଝିରେ ଛିଡା କରାଉଛନ୍ତି ? ସେପଟେ ଗାଡିର କର୍ମଚାରୀ ଗାଡିରୁ ବାହାରି କୋଭିଡ୍ ନିୟମକାନୁନ୍‌କୁ ଉଲ୍ଲଂଘନ କରି ରାସ୍ତା ଉପରେ ମେଞ୍ଚା, ମେଞ୍ଚା ପାନଛେପ ପକାଇବାରେ କୌଣସି କାଇଦା କଟକଣାକୁ ପାଳନ କରୁନାହାନ୍ତି। କାରଣ ସେମାନେ କ'ଣ କୋଭିଡ୍ ନିୟମ ସମ୍ପର୍କରେ ଅବଗତ ନୁହନ୍ତି କି ? ଏଠାରେ ମୋର ସମସ୍ତ ପ୍ରେସ୍ କର୍ତ୍ତୃପକ୍ଷଙ୍କୁ ନିବେଦନ ସେମାନେ ଉପରୋକ୍ତ କାର୍ଯ୍ୟକଳାପ ଉପରେ ଉପଯୁକ୍ତ ତଦନ୍ତ କରି ଏହାର ତୁରନ୍ତ ପ୍ରତିକାର ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ ।

-ଯୁଧିଷ୍ଠିର ନାୟକ, ସିଂହବ୍ରହ୍ମପୁର, ମୋଟରୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | | | | | | | D | | | | 3 | | E | |
| | | B | | 5 | | | 6 | | 1 | D | | | | |
| | | | | A | | | | | | | 4 | | | 6 |
| | E | D | | | 0 | 1 | | A | 9 | | | | | |
| | | | 7 | 2 | E | | 5 | | B | | | 0 | | 9 |
| | | | | 0 | | | 2 | | | 7 | | | | |
| | | 7 | | | C | | | 0 | | 3 | | | | |
| E | | | | 1 | 6 | | 9 | | 8 | | | | | |
| 1 | | 4 | 9 | B | 3 | | | D | | | C | | 0 | |
| 5 | C | | | | | 6 | A | 8 | | | | | | |
| | 8 | 9 | | 4 | | | 1 | 3 | 5 | | | | | E |
| | | | | 9 | 8 | 5 | B | | D | 4 | | | 7 | A |
| 7 | | 5 | | | A | 4 | | | 6 | 1 | E | | | |
| | | 0 | | | 5 | 2 | 8 | | | B | | | | 3 |
| B | | | | E | | | | 6 | | | A | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | A | C | 0 | E | 4 | D | 6 | 3 | B | 5 | 9 | 2 | 7 | 1 |
| D | 2 | 6 | 9 | 3 | 8 | 0 | 4 | 5 | 7 | C | 1 | B | A | E |
| 5 | 9 | B | 1 | 2 | A | C | 7 | 8 | D | 0 | E | 3 | 6 | 4 |
| 4 | 3 | 7 | 6 | C | D | 1 | B | E | 2 | A | 8 | 0 | 5 | 9 |
| E | 0 | 1 | B | 7 | 5 | 9 | A | 2 | 3 | 6 | 4 | 8 | D | C |
| C | B | 0 | 8 | D | 1 | E | 3 | A | 9 | 7 | 6 | 5 | 4 | 2 |
| A | 8 | D | 7 | 6 | B | 2 | 1 | C | 5 | 4 | 0 | 9 | E | 3 |
| 2 | 1 | E | 4 | 9 | C | 5 | 0 | 6 | A | D | 3 | 7 | B | 8 |
| 3 | 6 | 9 | E | 5 | 0 | 7 | 8 | 4 | 1 | 2 | B | D | C | A |
| 7 | 4 | 5 | 2 | A | 3 | B | 9 | D | E | 8 | C | 6 | 1 | 0 |
| 0 | E | A | 5 | B | 7 | 3 | C | 1 | 6 | 9 | 2 | 4 | 8 | D |
| 9 | D | 4 | C | 1 | 6 | A | 2 | 0 | 8 | B | 7 | E | 3 | 5 |
| 1 | C | 8 | 3 | 0 | 2 | 6 | D | B | 4 | E | 5 | A | 9 | 7 |
| 6 | 7 | 3 | D | 4 | E | 8 | 5 | 9 | 0 | 1 | A | C | 2 | B |
| B | 5 | 2 | A | 8 | 9 | 4 | E | 7 | C | 3 | D | 1 | 0 | 6 |

ଗତକାଲିର ଉତ୍ତର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୩୪,୧୯,୨୯୭ | ୧୮,୧୮,୬୮୯ | ୫,୯୧,୦୧,୫୦୯ |
| ଭାରତ | ୧,୦୨,୮୨,୭୨୪ | ୧,୪୮,୯୫୦ | ୯୮,୭୬,୫୫୭ |
| ଓଡ଼ିଶା | ୩,୨୯,୬୨୧ | ୧୮୭୩(+୫୩) | ୩,୨୫,୪୩୨ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ସଡ଼କ ଦୁର୍ଘଟଣାରେ ୬ ମୃତ, ୪ ଆହତ

**କେନ୍ଦୁଝର/ଢେଙ୍କିକୋଟ/ପଦ୍ମପୁର, ୩୧।୧୨(ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଏବଂ ଭଦ୍ରକ ଜିଲାରେ ପୃଥକ ସ୍ଥାନରେ ସଡ଼କ ଦୁର୍ଘଟଣା ଘଟି ୬ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ମାନେ ହେଲେ ମୟୂରଭଞ୍ଜ ଜିଲା ବହଳଦା ଥାନା ଟାଙ୍ଗରଯୋଡ଼ା ଗ୍ରାମର କଲାଇ ବିରୁଆ, ବିର୍ସା ବିରୁଆ, ହେଲାପଦା ଗ୍ରାମର କନ୍ଦା ଉଗୁରୁସୁଣ୍ଡି, କାର୍ତ୍ତିକ ଟୁଡ୍ଡୁ, କେନ୍ଦୁଝର ଜିଲା ଢେଙ୍କିକୋଟ ପଞ୍ଚାୟତ ଟିକିରା ଗ୍ରାମର ମୋହନ ମହାନ୍ତ ଓ ଭଦ୍ରକ ସଦର ବ୍ଲକ ଗୋରାମାଟି ପଞ୍ଚାୟତ ତୋରଣପଦା ଗ୍ରାମର ରତିକାନ୍ତ ମଳିକ। ଏହି ଦୁର୍ଘଟଣାରେ ୪ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ଜଣଙ୍କ ଅବସ୍ଥା ଗୁରୁତର ଅଛି। ସେମାନେ ହେଲେ ହାଟବାଦାଲା ବିଟ୍ ଟାଙ୍ଗରଯୋଡ଼ା ଗ୍ରାମର ରାମ ତିରିଆ ଓ ମାଟା ନାଏକ।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରଙ୍ଗମାଟିଆ ଅଞ୍ଚଳରୁ ୧୨ଜଣ ବଳଦ କିଣିବା ପାଇଁ ଏକ ବୋଲେରୋ ଯୋଗେ ବୁଧବାର ବିଳମ୍ବିତ ରାତିରେ ପିଠାଗୋଳା ଅଞ୍ଚଳକୁ ଆସୁଥିଲେ। ସୋମଗିରି ଗ୍ରାମ ନିକଟସ୍ଥ ଜଙ୍ଗଲ ରାସ୍ତାରେ ଗାଡ଼ିଟି ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ୪ଜଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ଆହତମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏନେଇ ଥାନାରେ ଏକ ଦୁର୍ଘଟଣାଜନିତ ମାମଲା ରୁଜୁ ହୋଇଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବୋଲେରୋକୁ ଜବତ କରି ତଦନ୍ତ ଚଳାଇଛି। ସେହିପରି ଗୁରୁବାର ପୂର୍ବାହ୍ନ ସମୟରେ ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନଂ. ଜାତୀୟ ରାଜପଥ ବରବେଡା ଛକରେ ଏକ ଟ୍ରକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଥିଲା। ମୋହନ ଚାଲି ଚାଲି ଯାଉଥିବାବେଳେ ପଛପଟୁ ଏକ ଲୁହାପଥର ବୋଝେଇ ଟ୍ରକ ଆସି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତୁରନ୍ତ କେନ୍ଦୁଝର ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୧୭୪/୨୦) ରୁଜୁ ହୋଇଛି। ସେହିପରି ଭଦ୍ରକ ଜିଲାର ତୋରଣପଦା ଗ୍ରାମର ରତିକାନ୍ତ ମଳିକ ଘରକୁ ବାଇକ୍‌ରେ ଯାଉଥିବାବେଳେ ଭଦ୍ରକ ଆଡୁ ଆସୁଥିବା ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସାବରଙ୍ଗ ଥାନାଧିକାରୀ ମମତା ସାହୁ ପହଞ୍ଚି ମୃତଦେହ ଜବତ କରିଥିଲେ। ଥାନାରେ ଏକ ମାମଲା (ନଂ.୧/୨୦) ରୁଜୁ ହୋଇଛି।







## ୨ରେ ଶିଳାନ୍ୟାସ କରିବେ ପ୍ରଧାନମନ୍ତ୍ରୀ

**ସମ୍ବଲପୁରରେ ଆଇଆଇଏମ୍ ସ୍ଥାୟୀ କ୍ୟାମ୍ପସ**

**ସମ୍ବଲପୁର,୩୧।୧୨ (ବ୍ୟୁରୋ):** ସମ୍ବଲପୁର ଆଇଆଇଏମ୍‌ର ସ୍ଥାୟୀ କ୍ୟାମ୍ପସ ନିର୍ମାଣ ପାଇଁ ଆସନ୍ତା ଜାନୁୟାରୀ ୨ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭର୍ଚୁଆଲ ପଦ୍ଧତିରେ ଶିଳାନ୍ୟାସ କରିବେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲ, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସୂଚନା ରାଷ୍ଟ୍ରମନ୍ତ୍ରୀ ଧୋତ୍ରେ ସଞ୍ଜୟ ଶାମାରାଓ, ଆଇଆଇଏମ୍ ବୋର୍ଡ ପରିଚାଳନା ନିର୍ଦ୍ଦେଶକ ଅରୁନ୍ଧତି ଭଟ୍ଟାଚାର୍ଯ୍ୟ ଉପସ୍ଥିତ ରହିବେ। ଅସ୍ଥାୟୀ କ୍ୟାମ୍ପସରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେଓ ଜସୱାଲ ଏହି ସୂଚନା ଦେଇଥିଲେ। ସେହିପରି ଶିଳାନ୍ୟାସ ସ୍ଥଳରେ କେନ୍ଦ୍ର ପଶୁପାଳନ ଓ ଦୁଗ୍ଧ ଉତ୍ପାଦନ ମନ୍ତ୍ରୀ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ, ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ନାଉରୀ ନାଏକ ଉପସ୍ଥିତ ରହିବେ। ପୂର୍ବାହ୍ନ ୧୧ଟା ସମୟରେ ପ୍ରଧାନମନ୍ତ୍ରୀ ମୋଦି ଶିଳାନ୍ୟାସ କରିବେ।

## ଗଛରୁ ପ୍ରେମୀଯୁଗଳଙ୍କ ମୃତଦେହ ଜବତ

**ମାଲକାନଗିରି,୩୧।୧୨(ଡି.ଏନ୍.ଏ.):** ମାଲକାନଗିରି ଜିଲା ସଦର ମହକୁମାରେ ଗୁରୁବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ସ୍ଥାନୀୟ ଜବରଦସ୍ତ କଲୋନିର ମନ୍ଦିର ନିକଟରେ ଥିବା ଏକ ବରଗଛରୁ ପ୍ରେମୀଯୁଗଳଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ବେକରେ ଗାମୁଛା ବାନ୍ଧି ଉଭୟେ ଗଛରେ ଝୁଲିପଡିଥିବା ଅନୁମାନ କରାଯାଉଛି। ଯୁବତୀଙ୍କ ମୁଣ୍ଡରେ ସିନ୍ଦୂର ଲାଗିଛି। ହୁଏତ କୌଣସି ଏକ ମନ୍ଦିରରେ ଉଭୟେ ବିବାହ କରିବା ପରେ ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇ ଏହି ପଦକ୍ଷେପ ନେଇଛନ୍ତି। ସକାଳୁ ସ୍ଥାନୀୟ ଲୋକେ ଉଭୟଙ୍କ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ ରାମପ୍ରସାଦ ନାଗ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

## ମହିଳାଙ୍କୁ ନେଇ ବିଜେଡି ରାଜନୀତି କରୁଛି: କଂଗ୍ରେସ

**ଭୁବନେଶ୍ୱର,୩୧।୧୨ (ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରତିଷ୍ଠା ଦିବସରେ ମହିଳାଙ୍କ ଲାଗି ୩୩ ପ୍ରତିଶତ ସଂରକ୍ଷଣ କଥା କହିବା ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ମହିଳା କଂଗ୍ରେସ ଅଭିଯୋଗ କରିଛି। ଗୁରୁବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଦଳୀୟ ନେତ୍ରୀ ସ୍ମୃତିରେଖା ପହି କହିଛନ୍ତି, ବିଜେଡିର ମହିଳାଙ୍କ ପ୍ରତି ଟିକେ ହେଲେ ଦରଦ ନାହିଁ। ଯଦି ଥାଆନ୍ତା ତେବେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଦାୟିତ୍ୱରେ ଥିବା ଗୃହ ବିଭାଗରେ ମହିଳାଙ୍କ ଉପସ୍ଥିତି ଏତେ ଦୟନୀୟ ସ୍ଥିତିରେ ନ ଥାନ୍ତା। ମୁଖ୍ୟମନ୍ତ୍ରୀ ଲୋକ ସଭା ଓ ବିଧାନସଭାରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ କଥା କହୁଥିଲେ। ନିଜ ବିଭାଗରେ ମହିଳାଙ୍କୁ ୧୦ପ୍ରତିଶତରୁ ଅଧିକ ନିଯୁକ୍ତି ନ ଦେବା ଦର୍ଶାଉଛି ତାଙ୍କ କଥା ଏବଂ କାର୍ଯ୍ୟ ଭିତରେ କେତେ ପାର୍ଥକ୍ୟ। କଂଗ୍ରେସ ଏକମାତ୍ର ଦଳ ଯିଏ ରାଜ୍ୟରେ ମୁଖ୍ୟମନ୍ତ୍ରୀ ଏବଂ ଦେଶରେ ପ୍ରଧାନମନ୍ତ୍ରୀ ଭାବେ ମହିଳାଙ୍କୁ ଦାୟିତ୍ୱ ଦେଇଛି।












**ପାତିହିଞ୍ଜା ପଞ୍ଚାୟତରେ ହାତୀ ଉପଦ୍ରବ**

କୁଳିଅଣା,(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅନ୍ତର୍ଗତ ପାତିହିଞ୍ଜା ପଞ୍ଚାୟତରେ ହତୀ ଉପଦ୍ରବ ଦେଖା ଦେଇଛି। ଏହି ପଞ୍ଚାୟତର ଡେରାକଚା ଗ୍ରାମରେ ୧୦ରୁ ଊର୍ଦ୍ଧ୍ୱ ହାତୀ ପଶି ବହୁ ଲୋକଙ୍କ ଘର ଭାଙ୍ଗି ଦେଇଛନ୍ତି। ଗ୍ରାମର ଦାସମାତ୍ ସୋରେନ, କାଳିଚରଣ ସୋରେନ, ଗୁଲୁ ମାରାଣ୍ଡି ଓ ସାଗର ସୋରେନଙ୍କ ଘରେ ପଶି ଧାନ, ଚାଉଳ ଖାଇ ଦେଇଛନ୍ତି। ହାତୀ ଉତ୍ପାତରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ଯେତେ ଘଉଡ଼ାଇଲେ ମଧ ହାତୀପଲ ଅଞ୍ଚଳ ଛାଡ଼ି ଯାଉନାହାନ୍ତି। ବନ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଭୀମକୁଣ୍ଡ: ଭିତ୍ତିଭୂମି ଅଛି ବିକାଶ ନାହିଁ

ବୀର କିଶୋର ଦାଶ
ପାଟଣା,୩୧।୧୨



କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାନ୍ତ ଭୀମକୁଣ୍ଡ ପର୍ଯ୍ୟଟନସ୍ଥଳୀ ପର୍ଯ୍ୟଟକଙ୍କ ଆକର୍ଷଣର ଅନ୍ୟତମ କେନ୍ଦ୍ରବିନ୍ଦୁ। ବର୍ଷ ତମାମ ପର୍ଯ୍ୟଟକଙ୍କ କୋଳାହଳରେ ଏହି ଅଞ୍ଚଳ କମ୍ପିଉଠେ। ୧୯୯୨ରୁ ଓଡ଼ିଶା ସରକାର ଏକପାଖିଆ ଭାବେ ଭୀମକୁଣ୍ଡକୁ ମୟୂରଭଞ୍ଜ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିଛନ୍ତି। ଫଳରେ କେନ୍ଦୁଝରବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ଏହି ପର୍ଯ୍ୟଟନସ୍ଥଳୀ ଭିତ୍ତିଭୂମିର ବିକାଶ ଆଦୌ ସନ୍ତୋଷଜନକ ନୁହେଁ। ଏଠାରେ ପର୍ଯ୍ୟଟକଙ୍କ ପାଇଁ ସେଭଳି କୌଣସି ସୁବିଧା ନାହିଁ। ଫଳରେ ରାଜ୍ୟ ବାହାରେ ଏହାର ଯଥେଷ୍ଟ ପ୍ରଚାର ପ୍ରସାର ହୋଇପାରୁ ନାହିଁ।

ବୈତରଣୀ ନଦୀ କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ସୀମାର ଦନ୍ତୁରିତ ପ୍ରସ୍ତର ମାଳା ଦେଇ ପ୍ରବାହିତ ହେଉଛି। ପାଟଣା ତହସିଲ ଅନ୍ତର୍ଗତ ଡୁମୁରୀଆ ରାଜସ୍ୱ ସର୍କଲ ଅଧୀନ ଘାଟ ବାଲିଯୋଡ଼ିଠାରେ ଦୁଇଟି ପାହାଡ଼ର ସଂକୀର୍ଣ୍ଣ ଫାଙ୍କ ଦେଇ ୩୦ ଫୁଟ୍ ଉପରୁ ବୈତରଣୀ କ୍ଷିପ୍ରଗତିରେ ଭୂଲମ୍ଫ ଦେଉଛି। ଫଳରେ ସେଠାରେ ଦୁଇଟି ଜଳପ୍ରପାତ ସୃଷ୍ଟି ହୋଇଛି। ତାହା ସାନକୁଣ୍ଡ ଓ ବଡ଼କୁଣ୍ଡ ଭାବେ ପରିଚିତ। ଭୀମକୁଣ୍ଡର ଘର୍ଘର ଶବ୍ଦ ଆଉ ନିକଟସ୍ଥ ଅଟେଇ ସଂରକ୍ଷିତ ଘଞ୍ଚ ବନାନୀ ପ୍ରକୃତିର ପରିବେଶକୁ ଆହୁରି ମନୋରମ କରି ଗଢ଼ି ତୋଳିଛି।

ଭୀମକୁଣ୍ଡର ରମଣୀୟ ପରିବେଶ ପ୍ରକୃତି ପ୍ରେମୀଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ବଣଭୋଜି ପାଇଁ ଏହା ଏକ ସୁନ୍ଦର ସ୍ଥଳୀ ଭାବେ ଜଣାଶୁଣା। ଆଧ୍ୟାତ୍ମିକ ଦୃଷ୍ଟିରୁ ଏହି ଜଳପ୍ରପାତ ହିନ୍ଦୁ ମାନଙ୍କ ପାଇଁ ଏକ ପବିତ୍ରସ୍ଥାନ ଭାବେ ବିବେଚିତ ହୋଇଥାଏ। ଏଠାରେ ବୈତରଣୀ ନଦୀ ଦକ୍ଷିଣାବର୍ତ୍ତ ହୋଇଥିବାରୁ ପିତୃପୁରୁଷଙ୍କୁ ପିଣ୍ଡ ପ୍ରଦାନ ପାଇଁ ଏହା ଏକ ପ୍ରକୃଷ୍ଟ କ୍ଷେତ୍ର ଭାବେ ପ୍ରସିଦ୍ଧି ରହିଛି। ଏଠାରେ ମକର ସଂକ୍ରାନ୍ତିରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଥାନ୍ତି। ଏଠାରେ ମକରମେଳା ଓ ଟୁସୁ ବିସର୍ଜନ ମଧ ହୋଇଥାଏ। କିମ୍ବଦନ୍ତୀ ଅନୁସାରେ ପାଣ୍ଡବମାନେ ବନବାସକାଳରେ କିଛିକାଳ ଏଠାରେ ଅବସ୍ଥାନ କରିଥିଲେ। ଅଜ୍ଞାତବାସ ସମୟରେ ଦ୍ୱିତୀୟ ପାଣ୍ଡବ ଭୀମସେନ ଏହି କୁଣ୍ଡରେ ସ୍ନାନ କରିଥିବାର ଲୋକଶ୍ରୁତି ରହିଛି। ଏଠାରେ ଥିବା ତୀର୍ଥେଶ୍ୱର ମହାଦେବ ମନ୍ଦିର, ଭୀମସେନଙ୍କ ସୁଉଚ୍ଚ ମୂର୍ତ୍ତି, ରୁଙ୍ଗଟା କମ୍ପାନୀ ତରଫରୁ ନିର୍ମିତ ଏକ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ସୁରମ୍ୟ ୱାଚ ଟାୱାର ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି।

**ଏମାନେ ଯାହା କୁହନ୍ତି**



"ପ୍ରତିବର୍ଷ ଏଠାକୁ ବହୁ ସଂଖ୍ୟକ ପର୍ଯ୍ୟଟକ ଆସିଥାନ୍ତି। କୁଣ୍ଡର ଚତୁଃପାର୍ଶ୍ୱରେ ସୁରକ୍ଷା ବାଡ଼ ନ ଥିବାରୁ କେହିନା କେହି ପର୍ଯ୍ୟଟକ ସେଥିରେ ପଡ଼ି ପ୍ରାଣ ହରାଇଥାନ୍ତି। ଜିଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାସହ ରାଜ୍ୟ ସରକାର ଏହି ପର୍ଯ୍ୟଟନସ୍ଥଳୀକୁ କେନ୍ଦୁଝର ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରନ୍ତୁ।
-ଅନନ୍ତଚରଣ ନାୟକ, ପୂର୍ବତନ କେନ୍ଦୁଝର ଏମ୍‌ପି ତଥା ଭାଜପା ବରିଷ୍ଠ ନେତା।



"ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ 'ଭୀମକୁଣ୍ଡ' ୧୯୯୨ରୁ ମୟୂରଭଞ୍ଜ ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ ହୋଇଛି। ଏନେଇ ଅତୀତରେ ମୁକ୍ତିତୀର୍ଥ କ୍ଲବ ତରଫରୁ ବହୁ ଆନ୍ଦୋଳନ ହୋଇଛି। ରାଜ୍ୟ ସରକାର ଏହାର ପୁନର୍ବିଚାର କରି ଭୀମକୁଣ୍ଡକୁ କେନ୍ଦୁଝର ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରି ଏହାର ପରିପାର୍ଶ୍ୱିକ ଉନ୍ନୟନ କରିବା ଦରକାର।
-ଲିଙ୍ଗରାଜ ଦାଶ, ସମ୍ପାଦକ, ମୁକ୍ତିତୀର୍ଥ କ୍ଲବ, ସ୍ୱାମ।



"ଭୀମକୁଣ୍ଡ କିଭଳି କେନ୍ଦୁଝର ଜିଲା ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ପାଇବ ସେନେଇ ଜିଲାପାଳଙ୍କ ସହ ଆଲୋଚନା କରି ରାଜ୍ୟ ସରକାରଙ୍କୁ ପତ୍ର ଲେଖାଯିବ। ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଜାରି ରହିଛି। ୧ କୋଟି ୩୦ ଲକ୍ଷ ଟଙ୍କା ବ୍ୟୟରେ ୱାଚ୍ ଟାୱାର ନିର୍ମାଣ ସରିଛି। ଭବିଷ୍ୟତରେ ଏଠାରେ କେବୁଲ କାର ପ୍ରଚଳନ କରିବାକୁ ଉଦ୍ୟମ ଜାରି ରହିଛି।
-ରମେଶ ଚନ୍ଦ୍ର ନାୟକ, ଜିଲା ପର୍ଯ୍ୟଟନ ଅଧିକାରୀ।

## ଦୁଇ ନକଲି ଖବରଦାତା ଗିରଫ

ଭୋଗରାଇ, ୩୧।୧୨(ଡି.ଏନ.ଏ.)

ବାଲେଶ୍ୱର ଜିଲା ତାଳସାରୀ ମେରାଇନ ଥାନା ପୋଲିସ ୟୁଟ୍ୟୁବ୍ ଚ୍ୟାନେଲର ୨ଜଣ ନକଲି ଖବରଦାତାଙ୍କୁ ଗିରଫ କରିଛି। ସୀମାନ୍ତ ଉଦୟପୁର ଗ୍ରାମର ଭଗବାନ ବେହେରା (୨୮) ଓ ଜଗନ୍ନାଥ ଗିରି (୨୪) ଭୋଗରାଇ ଅଞ୍ଚଳରେ ସରକାରୀ ଅଫିସ ଓ ବର୍ଡ଼ରଠାରେ ଗାଡ଼ି ଅଟକାଇ ନିୟମିତ ଧମକ ଦେଇ ଚାନ୍ଦା ମାଗିବା ନେଇ ଅଭିଯୋଗ ହୋଇଆସୁଥିଲା। ନଭେମ୍ବର ୨୫ତାରିଖରେ ପଶ୍ଚିମବଙ୍ଗ ଦୀଘା ଅଧୀନ ବେଳାଭୂମିରେ ଉଠାଦୋକାନୀଙ୍କ ସହିତ ଗଣ୍ଡଗୋଳ କରି ମାଡ଼ ମାରିବା ଅଭିଯୋଗରେ ତାଳସାରୀ ମେରାଇନ୍ ଥାନାରେ ଅଭିଯୋଗ ହୋଇଥିଲା। ମେରାଇନ୍ ଥାନା ପକ୍ଷରୁ ଏନେଇ ଏକ ମାମଲା (ନଂ. ୭୫/୨୦) ରୁଜୁ କରାଯାଇଥିଲା। ବୁଧବାର ରାତିରେ ଏକ ନିବୃତ୍ତ ଘରେ ପୋଲିସ ଚଢ଼ାଉ କରି ନକଲି ଖବରଦାତା ଭଗବାନ ବେହେରାଙ୍କୁ ଗିରଫ କରି ଜଳେଶ୍ୱର କୋର୍ଟକୁ ଚାଲାଣ କରିଥିଲା। କୋର୍ଟରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଜଗନ୍ନାଥ ଗିରିଙ୍କୁ ବାଲିଆପାଳ ବ୍ଲକ ଅଫିସ୍ ସାମ୍ନାରୁ ଗିରଫ କରାଯାଇଥିବା ମେରାଇନ୍ ଥାନା ଆଇଆଇସି ହେମନ୍ତ କୁମାର ମାଝି ସୂଚନା ଦେଇଛନ୍ତି।

**ସଂକ୍ଷେପରେ**

## ଯୋଗଦେଲେ ନୂଆ ଏସ୍‌ପି

ଭଦ୍ରକ ଅଫିସ,୩୧।୧୨: ଭଦ୍ରକର ନୂତନ ଏସ୍‌ପି ଭାବେ ଚରଣ ସିଂ ମୀନା ଗୁରୁବାର ଯୋଗ ଦେଇଛନ୍ତି। ସେ ବିଦାୟୀ ଏସ୍‌ପି ରାଜେଶ ପଣ୍ଡିତଙ୍କଠାରୁ ବିଧିବଦ୍ଧ ଭାବେ



ଦାୟିତ୍ୱଭାର ଗ୍ରହଣ କରିଛନ୍ତି। ଜିଲାରେ ଚୋରାମଦ କାରବାର, ଡ୍ରଗ୍ସ ବ୍ୟବସାୟ, କୋଇଲା ଚୋରି ଓ ବଢ଼ୁଥିବା ଅପରାଧ ପ୍ରତି ତୀକ୍ଷ୍ଣ ନଜର ରଖିବେ ବୋଲି କହିଛନ୍ତି। ମୁଖ୍ୟତଃ ଅପରାଧ ନିୟନ୍ତ୍ରଣ ପାଇଁ ଜିଲାବାସୀ ପୋଲିସକୁ ସହଯୋଗ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି। ଲୋକଙ୍କ ଅଭିଯୋଗକୁ ସେ ଅଧିକ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## କୋଭିଡ୍-୧୯ ମୁକାବିଲା ପାଇଁ ୧କୋଟି ସହାୟତା

ବାରିପଦା ଅଫିସ,୩୧।୧୨: କୋଭିଡ୍-୧୯ ପରିଚାଳନା ପାଇଁ ରାଜ୍ୟ ସରକାରଙ୍କ ବିପର୍ଯ୍ୟୟ ପରିଚାଳନା ପାଣ୍ଠିକୁ ଓଡ଼ିଶା କୃଷି ଶିଳ୍ପ ନିଗମର ସିଏସଆର ଫଣ୍ଡରୁ ୧ କୋଟି ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ଏନେଇ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି ସୂଚନା ଦେଇଛନ୍ତି। ରାଜ୍ୟରେ କୋଭିଡ୍ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାରା ବିଶ୍ୱରେ ପରିଚୟ ସୃଷ୍ଟି କରିଥିବା ବେଳେ ରାଜ୍ୟବାସୀଙ୍କ ପ୍ରଶଂସାର ପ୍ରିୟପାତ୍ର ହୋଇପାରିଛନ୍ତି। କୋଭିଡ୍ ଆରମ୍ଭରେ ନିଗମ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ନିଗମ ଅଧ୍ୟକ୍ଷ ମହାନ୍ତି ଓ ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।

## ବ୍ୟାଙ୍କ ସାମ୍ନାରୁ ଲୁଟି ନେଲେ ୨.୫୦ ଲକ୍ଷ ଟଙ୍କା

ସଜନାଗଡ଼, ୩୧।୧୨(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ଥାନା ଓଲଡଙ୍ଗ ଛକ ଆକ୍ସିସ ବ୍ୟାଙ୍କ ସାମ୍ନାରୁ କଳା ପଲସରରେ ୨ଜଣ ବ୍ୟକ୍ତି ଆସି ୨.୫୦ଲକ୍ଷ ଟଙ୍କା ଲୁଟି ନେଇଥିବା ଜଣାପଡ଼ିଛି। ନୀଳଗିରି ଥାନା ହାଟସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ନିଜର ଋଣ ଟଙ୍କା ପରିଶୋଧ କରିବା ପାଇଁ ନୀଳଗିରି ଷ୍ଟେଟ୍‌ବ୍ୟାଙ୍କ ଶାଖାରୁ ୨.୫୦ଲକ୍ଷ ଟଙ୍କା ଉଠାଣ କରିଥିଲେ। ସେ ଓଲଡଙ୍ଗ ଆକ୍ସିସ ବ୍ୟାଙ୍କକୁ ଯାଇ ବାଇକ ରଖି ଡିକିରୁ ଟଙ୍କା କାଢୁଥିବା ବେଳେ ହଠାତ୍ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ଟଙ୍କା ବ୍ୟାଗକୁ ଝାମ୍ପି ନେଇ ୧୯ନଂ. ରାଜପଥ ଶେରଗଡ଼ ଆଡ଼କୁ ଫେରାର ହୋଇଯାଇଥିଲେ। ନୀଳଗିରି ପୋଲିସ ପହଞ୍ଚିଥିଲେ ହେଁ ଦୁର୍ବୃତ୍ତଙ୍କୁ ଧରିବାରେ ସକ୍ଷମ ହୋଇନାହିଁ।

## ସ୍କୁଟି ଚୋରି

ସୋର, ୩୧।୧୨(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ଷ୍ଟେଶନଛକ ନିକଟରେ ଥିବା ଚିତ୍ରକୂଟ ଷ୍ଟୁଡିଓ ଆଗରେ ଥିବା ଏକ ସ୍କୁଟିର ଚାବି ଭାଙ୍ଗି ଚୋରିକରି ନେଇଥିବା ବୁଧବାର ସୋର ଥାନାରେ ଅଭିଯୋଗ ହୋଇଛି। ଷ୍ଟୁଡିଓ ମାଲିକ ନିରଞ୍ଜନ ବରାଳ ନିଜ ସ୍କୁଟିକୁ ଷ୍ଟୁଡିଓ ଆଗରେ ରଖି ହ୍ୟାଣ୍ଡେଲ ଲକ୍ କରିଦେଇଥିଲେ। ରାତି ୯ଟା ବେଳେ ଷ୍ଟୁଡିଓ ବନ୍ଦ କରି ବାହାରିବା ସମୟରେ ସ୍କୁଟି ନପାଇ ବିଭିନ୍ନ ଆଡ଼େ ଖୋଜାଖୋଜି କରି ନ ପାଇ ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି।

## ପ୍ରଣବ ବ୍ଲକ ବିଜୁ ଛାତ୍ର ଜନତା ଦଳ ସଭାପତି

ବନ୍ତ,୩୧।୧୨(ଡି.ଏନ.ଏ.): ଭଦ୍ରକ ଜିଲା ବନ୍ତ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ପ୍ରଣବ କିଶୋର ଲେଙ୍କା ମନୋନୀତ ହୋଇଛନ୍ତି। ଏ ନେଇ ରାଜ୍ୟ ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଚିଠିରୁ ସୂଚନା ମିଳିଛି। ପୂର୍ବରୁ ପ୍ରଣବ ବନ୍ତ ଆଞ୍ଚଳିକ ମହାବିଦ୍ୟାଳୟ ଓ ବ୍ଲକ ବିଜୁ ଛାତ୍ର ଜନତା ଦଳର ସଭାପତି ଦାୟିତ୍ୱ ତୁଲାଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ପଦ୍ମପୁର, ୩୧।୧୨(ଡି.ଏନ.ଏ.): ଭଦ୍ରକ ଜିଲା ବ୍ଲକ ବେନ୍ତାଳ ପଞ୍ଚାୟତ ରାଉତସାହିର ରଞ୍ଜନ ରାଉତ ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସୂଚନା ମୁତାବକ ରଞ୍ଜନ ବୁଧବାର ରାତିରେ ଘରୁ ବାହାରକୁ ଯାଇ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ଖୋଜି ଗୁରୁବାର ସକାଳେ ଘର ନିକଟ ଏକ ଗଛରେ ଦଉଡ଼ିରେ ଝୁଲୁଥିବାର ଦେଖିଥିଲେ। ଖବର ପାଇ ସାବରଙ୍ଗ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦) ରୁଜୁ ହୋଇଛି।



ଉଦ୍ଧାର ହୋଇଥିବା ମାଛ।

## ବିରଳ ପ୍ରଜାତିର ମାଛ ଉଦ୍ଧାର

ରୂପ୍‌ସା, ୩୧।୧୨(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ବରଡ଼ିହା ଗାଁ ନିକଟ ଜଳକା ନଦୀରୁ ଗୁରୁବାର ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର ହୋଇଛି। ଏହାର ଓଜନ ୧୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ହେବ।

ଜଳକା ନଦୀରେ ମତ୍ସ୍ୟଜୀବୀମାନେ ଜାଲ ବସାଇ ଦୈନନ୍ଦିନ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ସକାଳେ ମତ୍ସ୍ୟଜୀବୀମାନେ ଜାଲ ଉଠାଇବାକୁ ଯାଇ ଏହି ମୃତ ମାଛକୁ ଟାଣି ଟାଣି ନଦୀକୂଳକୁ ଆଣିଥିଲେ। ଏହାକୁ ଦେଖିବା ପାଇଁ ପ୍ରବଳ ଭିଡ଼ ହୋଇଥିଲା।

## ଦୋକାନରେ ମିଳୁଛି ଜାଲ୍ ଆୟ ପ୍ରମାଣପତ୍ର

ପଦ୍ମପୁର, ୩୧।୧୨(ଡି.ଏନ.ଏ.)

**ଥାନାରେ ଏତଲା ଦେଲେ ତହସିଲଦାର**

ଭଦ୍ରକ ଜିଲା ବାସୁଦେବପୁର ତହସିଲ ଅଧୀନରେ ଜାଲ ଆୟ ପ୍ରମାଣପତ୍ର ଦୋକାନରେ ବିକ୍ରି ହେଉଥିବା ଥାନାରେ ଅଭିଯୋଗ ହୋଇଛି। ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ ଏନେଇ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବୁଧବାର ସନ୍ଧ୍ୟାରେ ବାସୁଦେବପୁର ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ବିଦେଇପୁର ଗ୍ରାମର ନୀଳାମ୍ବର ମହାନ୍ତି ବୁଧବାର ତହସିଲ ଅଫିସ୍‌କୁ ବୃତ୍ତି ଆବେଦନ ପାଇଁ ଯାଇଥିଲେ। ସେଠାରେ ସେ ପୂର୍ବରୁ ସଂଗ୍ରହ କରିଥିବା ଆୟ ପ୍ରମାଣପତ୍ର ତହସିଲଦାରଙ୍କୁ ଦେଖାଇଥିଲେ। ପ୍ରମାଣପତ୍ରକୁ ଦେଖିବା ପରେ ତହସିଲଦାର ପାଣିଗ୍ରାହୀଙ୍କର ସନ୍ଦେହ ହେବାରୁ ସେ ଏହାକୁ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ଏହି ପ୍ରମାଣପତ୍ର ଜାଲ ଥିବା ଜଣାପଡ଼ିଥିଲା। ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏହାକୁ ଏକ ଜେରକ୍ସ ଦୋକାନରୁ ନେଇଥିବା କହିଥିଲେ। ସଂଗୃହୀତ ପ୍ରମାଣପତ୍ର ଅନ୍‌ଲାଇନରେ ପ୍ରିଣ୍ଟ ବାହାରିଥିବା ବେଳେ ଓଡ଼ିଶା ସରକାରଙ୍କ ଲୋଗୋ ଓ ବାରକୋର୍ଡ଼ ରହିଥିବା ଦେଖିବାକୁ ମିଳିଛି। ଏହି ପ୍ରକାର ଜାଲିଆତି କେତେ ପରିମାଣରେ ଏବଂ କେଉଁ କେଉଁ ପ୍ରମାଣପତ୍ରରେ ହୋଇଛି ତାହା ଉଦ୍‌ବେଗର ବିଷୟ ପାଲଟିଛି ବୋଲି କୁହାଯାଇଛି।

## ମହାମାରୀ ସମୟରେ ନାରୀଙ୍କ ସାମାଜିକ ଦାୟିତ୍ୱ ଅପରିସୀମ

ଭଦ୍ରକ ଅଫିସ,୩୧।୧୨

**ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟା**

କରୋନା ମହାମାରୀ ସମଗ୍ର ମାନବ ସମାଜକୁ ଏକପ୍ରକାର ଦୋଛକିରେ ପକାଇ ଦେଇଛି। ମହାମାରୀରୁ ମୁକୁଳିବା ଲାଗି ସଂଗ୍ରାମ କରୁ କରୁ ହଜିଯାଉଛି ମାନବୀୟ ମୂଲ୍ୟବୋଧ। ସାମାଜିକ ଓ ସାଂସ୍କୃତିକ ମାନଦଣ୍ଡ ଓଲଟପାଲଟ ହୋଇଯାଉଛି। ସର୍ବତ୍ର ମୂଲ୍ୟବୋଧ ଭୁଶୁଡ଼ି ପଡୁଥିବା ବେଳେ ନାରୀ ହାତରେ ପରିବାର ଓ ସମାଜର ଗୁରୁଦାୟିତ୍ୱ ନ୍ୟସ୍ତ ରହିଛି। ଏପରି ସଙ୍କଟ କାଳରେ ନାରୀର ସାମାଜିକ ଦାୟିତ୍ୱ ଅପରିସୀମ ବୋଲି ଭଦ୍ରକ ଶହୀଦ ସ୍ମୃତି ଭବନଠାରେ ଚାଲିଥିବା ତ୍ୟାଗଭୂମି ମହୋତ୍ସବର ୨ୟ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏ ମାଟିର ମହିୟସୀ ସଂଗ୍ରାମୀ ବୈଦେହୀ ପଣ୍ଡାଙ୍କ ନାମରେ ମଞ୍ଚ ଉତ୍ସର୍ଗ ହୋଇଥିଲା। 'ମହାମାରୀ, ମୂଲ୍ୟବୋଧରେ ସଙ୍କଟ ଓ ସାମାଜିକ ଦାୟିତ୍ୱରେ ନାରୀ' ଶୀର୍ଷକ ଆଲୋଚନାଚକ୍ରରେ ପ୍ରାଧ୍ୟାପିକା ଡ. ସୁକାନ୍ତି ମହାପାତ୍ର ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପିଇସିୟୁସି ନିର୍ବାହୀ ନିର୍ଦ୍ଦେଶିକା ଅନୁରାଧା ମହାନ୍ତି ଯୋଗଦେଇ ଉଦ୍‌ଘାଟନ କରି ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ସୁଲେଖିକା ପ୍ରୀତିଛନ୍ଦା ଧଳ ପୁରାଣ ଯୁଗରୁ ଆଜିଯାଏ ନାରୀ ଭୂମିକା ସମ୍ପର୍କରେ କହିଥିଲେ। ଏହି ଅବସରରେ କବି ଗୀତାରାଣୀ ଆଇଚଙ୍କ କବିତା ଗ୍ରନ୍ଥ 'କାଞ୍ଚନଫୁଲ'କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଡ. ରାଧାରାଣୀ ମହାପାତ୍ର ଅତିଥି ପରିଚୟ ଓ ଡ. ପ୍ରଭାତ ନଳିନୀ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷୟିତ୍ରୀ ଦୀପ୍ତିମୟୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଜୁବାଳା ରାଉତ, ସୁମିତ୍ରା ପାଣି, ସୋଫିଆ ଆଲାମ, କଳ୍ପନା ଜେନା, ରାଜଲକ୍ଷ୍ମୀ ମହାପାତ୍ର, ବସୁମିତ୍ରା ସାହୁ, କାନ୍ତିରଞ୍ଜିତା ନାୟକ, ସୁରଜିତା ନାୟକ ପ୍ରମୁଖ ଉତ୍ସବ ପରିଚାଳନାରେ ସହାୟତା କରିଥିଲେ।

## ୨୪ ଜିଆର୍‌ଏସ୍‌ଙ୍କ ପଦୋନ୍ନତି

ବାରିପଦା ଅଫିସ,୩୧।୧୨

ମୟୂରଭଞ୍ଜ ଜିଲାର ୨୬ଟି ବ୍ଲକରେ କାର୍ଯ୍ୟରତ ଗ୍ରାମ ରୋଜଗାର ସେବକ(ଜିଆର୍‌ଏସ୍)ଙ୍କ ମଧ୍ୟରୁ ୪୨ଜଣଙ୍କ ପଦୋନ୍ନତି କରାଯାଇଛି । ଏ ନେଇ ଓଡିଶା ଗେଜେଟ ନୋଟିଫିକେସନଙ୍କ ୫୯୭ନଂ ଚିଠି ଅନୁଯାୟୀ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜିଆରଏସ୍‌ମାନଙ୍କୁ ଅସ୍ଥାୟୀ ଚୁକ୍ତିଭିତ୍ତିକ ପଞ୍ଚାୟତ ନିର୍ବାହୀ ଅଧିକାରୀଭାବେ ପଦୋନ୍ନତି ଦିଆଯାଇଛି। ଏ ନେଇ ଜିଲା ଗ୍ରାମପଞ୍ଚାୟତ ବିଭାଗ ପକ୍ଷରୁ ଚିଠି ନଂ. ୧୮୮୭ରେ କାର୍ଯ୍ୟରତ ଜିଆର୍‌ଏସ୍‌ମାନଙ୍କୁ ପଦୋନ୍ନତି ଦିଆଯାଇ ବିଭିନ୍ନ ବ୍ଲକରେ ଅବସ୍ଥାପିତ କରାଯାଇଛି।

## ନକଲି ଜର୍ଦ୍ଦା ବୋଝେଇ ଅଟୋ ଜବତ: ୨ ଅଟକ

ଭଦ୍ରକ ଅଫିସ, ୩୧।୧୨




ଅଟୋରୁ ଜବତ ହୋଇଥିବା ନକଲି ଜର୍ଦ୍ଦା।

ଭଦ୍ରକ ଟାଉନ ଥାନା ପୋଲିସ ଜାତୀୟ ରାଜପଥ ପାର୍ଶ୍ୱ ଏକ ପେଟ୍ରୋଲ ପମ୍ପ ନିକଟରୁ ବୁଧବାର ବିଳମ୍ବିତ ରାତିରେ ନକଲି ଜର୍ଦ୍ଦା ବୋଝେଇ ଅଟୋକୁ ଜବତ କରିଛି। ଏହି ଅଟୋକୁ ଏସ୍କର୍ଟ କରୁଥିବା ଏକ ବାଲେନୋ କାର୍‌କୁ ମଧ ଜବତ କରାଯାଇଛି। ଉକ୍ତ ଅଟୋରୁ ଲକ୍ଷାଧିକ ଟଙ୍କାର ନକଲି ଜର୍ଦ୍ଦା ଜବତ ହୋଇଥିବା ଥାନାଧିକାରୀ ଚନ୍ଦନ ଘଡ଼େଇ ସୂଚନା ଦେଇଛନ୍ତି। ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖାଯାଇ ପଚରାଉଚରା କରାଯାଉଥିବା ସେ କହିଛନ୍ତି। ଏମାନେ ପୁରୁଣାବଜାର ପାଟଣା ସାହିରୁ ନକଲି ଜର୍ଦ୍ଦା ନେଇ ବାହାର ଜିଲାକୁ ଯାଉଥିବା ବେଳେ ଧରାପଡ଼ିଥିବା ପୋଲିସ କହିଛି।

## ସମବାୟ ବ୍ୟାଙ୍କ ଏଟିଏମ୍ ଉଦ୍‌ଘାଟିତ

ଭଣ୍ଡାରିପୋଖରୀ, ୩୧।୧୨(ଡି.ଏନ.ଏ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀଠାରେ ଥିବା ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ବୁଧବାର ଏଟିଏମ୍ ଉଦ୍‌ଘାଟିତ ହୋଇଯାଇଛି। ବ୍ୟାଙ୍କ ଶାଖା ପରିଚାଳକ ମାନସ ରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରଫୁଲ୍ଲ ସାମଲ, ଅନ୍ୟତମ ଅତିଥି ଭାବେ ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ନିର୍ଦ୍ଦେଶକ ରମେଶ ଚନ୍ଦ୍ର ଭାରତୀ, କାର୍ଯ୍ୟନିର୍ବାହୀ ଅଧିକାରୀ ଆଦିତ୍ୟ ପ୍ରସାଦ ପତି, ସହକାରୀ ଶାଖା ପରିଚାଳକ ଧନୁଧର ସାହୁ, ଅଶୋକ ପଣ୍ଡା ଓ ପ୍ରଜ୍ଞା ପରମିତା ମଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଏଟିଏମ୍ ଭଣ୍ଡାରିପୋଖରୀ ଅଞ୍ଚଳ ପାଇଁ ଆବଶ୍ୟକ ଥିଲା। ଏହା ସ୍ଥାନୀୟ ଜନସାଧାରଣ ଓ ଚାଷୀଙ୍କ ଲାଗି ବେଶ୍ ଉପଯୋଗୀ ହେବ ବୋଲି କୁହାଯାଇଥିଲା। ସମ୍ପାଦକ ରାଜେନ୍ଦ୍ର ଖଣ୍ଡାୟୀ, ରଞ୍ଜନ ବେହୁରିଆ, ପିନାକୀ ଦାସ, ସୁମନ୍ତ ସେନାପତି, ଜୟନ୍ତ ଭୋଇ, ଅରବିନ୍ଦ ନାୟକ, ବିଜୟ ଖିଲାର, ଜୟନ୍ତ ସାହୁ, ଦେବେନ୍ଦ୍ର ନାଥ ଧଳ, ଅଶୋକ ଦାସ, ସତ୍ୟନାରାୟଣ ପଲେଇ, ସୁକାନ୍ତ ସେଠୀ ପ୍ରମୁଖ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

## ପଣ୍ଡାଶୁଣୀ କ୍ରିକେଟ କ୍ଲବ ଚାମ୍ପିୟନ

ବାହାନଗା, ୩୧।୧୨(ଡି.ଏନ.ଏ.)

**ତପନ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଓଡଶାଳ ଗ୍ରାମର ଥିବା ଭୀମଶକ୍ତି କ୍ରିକେଟ କ୍ଲବ ପକ୍ଷରୁ ତପନ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲରେ ବେତଗଡିଆ କ୍ରିକେଟ କ୍ଲବକୁ ହରାଇ ପଣ୍ଡାଶୁଣୀ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ ବେତକଡିଆ କ୍ରିକେଟ ଟିମ୍ ଟସ୍ ଜିତି ଫିଲିଡିଂ କରିଥିବା ବେଳେ ପଣ୍ଡାଶୁଣୀ କ୍ରିକେଟ କ୍ଲବ ବ୍ୟାଟିଂ କରିଥିଲେ । ପଣ୍ଡାଶୁଣୀ କ୍ରିକେଟ କ୍ଲବ ମୋଟ ୨୦ଓଭର ଖେଳି ୯ ଉଇକେଟ୍ ହରାଇ ୧୫୩ ରନ୍ ସଂଗ୍ରହ କରିଥିଲା। ଜବାବରେ ବେତଗଡିଆ କ୍ରିକେଟ ଟିମ୍ ୧୯ ଓଭର ୧ଟା ବଲ୍ ଖେଳି ସମସ୍ତ ଉଇକେଟ୍ ହରାଇ ୧୨୭ ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ତେବେ ଖେଳରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ମୃତ୍ୟୁଞ୍ଜୟ ଜେନା ଓ ମ୍ୟାନ ଅଫ୍ ଦି ସିରିଜ୍ ଭାବେ ମାନସ କୁମାର ଧାମୁଡିଆଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟାର ଭାବେ ରାମଚନ୍ଦ୍ର ବେହେରା, ଅମର ମହାଳିକ କାର୍ଯ୍ୟ ତୁଲାଇଥିଲେ । ଚାମ୍ପିୟନ ଦଳକୁ ସାଢେ ୪ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରନର୍ସଅପ୍ ଦଳକୁ ୩ହଜାର ୫ଶହ ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଆରତୀ ଦଳେଇ, ମଧୁସୂଦନ ଯେନା, ଶରତ ଦଳେଇଙ୍କ ସମେତ ଭୀମଶକ୍ତି କ୍ରିକେଟ କ୍ଲବର ରାମଚନ୍ଦ୍ର ବେହେରା, ସମ୍ପାଦକ ଜୀବନ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ । କ୍ଲବର ସଦସ୍ୟ ରାଜେନ୍ଦ୍ର ଯେନା, ଅନୁକୂଳ ବାରିକ, ଲଳିତ ବାରିକ୍, ମୃତ୍ୟୁଞ୍ଜୟ ରାଉତ, ଲକ୍ଷ୍ମଣ ଦଳେଇ , ଗୋବିନ୍ଦ ବାରିକ୍ ଓ ଅନିରୁଦ୍ଧ ଦଳେଇ ପ୍ରମୁଖ ସଦସ୍ୟମାନେ ଖେଳ ପରିଚାଳନା କରିଥିଲେ।



ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ଦୁଇ ଟିମ୍‌ର ଖେଳାଳିମାନେ ହାତ ମିଳାଉଛନ୍ତି।

**ନୂଆବର୍ଷ ପାଳିବେନି ନିରଞ୍ଜନ**

**ଭୁବନେଶ୍ୱର,(ବ୍ୟୁରୋ):** କେନ୍ଦ୍ର ସରକାର ପାରିତ କରିଥିବା କୃଷି ଓ କୃଷକ ବିରୋଧୀ ଆଇନର ପ୍ରତ୍ୟାହାର ଦାବିରେ ଲକ୍ଷ ଲକ୍ଷ ଚାଷୀ ଶୀତକାକରରେ ରାସ୍ତାରେ ପଡ଼ିରହି ଆନ୍ଦୋଳନ ଚଳାଇଛନ୍ତି। ସେମାନେ ଅତ୍ୟନ୍ତ ଦୁଃଖଦୁର୍ଦ୍ଦଶାରେ ସମୟ ଅତିବାହିତ କରୁଥିବା ବେଳେ ସରକାର ଏ ପର୍ଯ୍ୟନ୍ତ ସେମାନଙ୍କ ଦାବିକୁ ଶୁଣିନାହାନ୍ତି। ଇତିମଧ୍ୟରେ ୪୦ରୁ ଊର୍ଦ୍ଧ୍ୱ ଚାଷୀ ମୃତ୍ୟୁ ଘଟିଛି। ଏଭଳି ସମୟରେ ସେମାନଙ୍କ ପ୍ରତି ସମର୍ଥନ ଓ ସମବେଦନା ଜଣାଇବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ୨୦୨୧ ନୂଆବର୍ଷ ପାଳନ କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

# ସ୍ନେହାଙ୍ଗିନୀ ବିଜେଡି ମହିଳା ସଭାନେତ୍ରୀ



**ଭୁବନେଶ୍ୱର,୩୧।୧୨(ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ବିଜୁ ଜନତା ଦଳର ମହିଳା ସଭାନେତ୍ରୀ ଭାବେ ନିଯୁକ୍ତି ଦିଆଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ଦିଆଯାଇଥିବା ଗୁରୁବାର ବିଜେଡି ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି। ସ୍ନେହାଙ୍ଗିନୀ ୨ଥର ବିଧାୟକ ହୋଇଥିବା ବେଳେ ଥରେ ମନ୍ତ୍ରୀ ହୋଇଛନ୍ତି। ସାଙ୍ଗଠନିକ କ୍ଷେତ୍ରରେ ତାଙ୍କର ଦକ୍ଷତା ରହିଛି। ଏଠାରେ ସୂଚନାଯୋଗ୍ୟ ଯେ, ବିଜେଡି ଗଠନ ହେବା ପରଠାରୁ କମଳା ଦାସ, ପ୍ରମିଳା ମଲ୍ଲିକ ଏବଂ ମିନତି ବେହେରା ବିଜେଡି ମହିଳା ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇ ଥିଲେ।

# କପିଳାସ ଆସିଲା ଉଦ୍ଧାର ହାତୀ ଶାବକ

**ଢେଙ୍କାନାଳ ଅଫିସ/ ବ୍ରହ୍ମପୁର ଅଫିସ, ୩୧।୧୨**

ଗଞ୍ଜାମ ଜିଲା ଚିକିଟି ବ୍ଲକ ବାହୁଦା ନଦୀ ତଟ ଚିଙ୍ଗୁଡ଼ି ଘେରରୁ ଉଦ୍ଧାର ଅଣ୍ଡିରା ହାତୀ ଶାବକ ଢେଙ୍କାନାଳ ଜିଲା କପିଳାସ ଚିଡ଼ିଆଖାନାର ଏଲିଫ୍ୟାଣ୍ଟ ରେସ୍କ୍ୟୁ ସେଣ୍ଟରକୁ ଆସିଛି। ଏକ ସ୍ୱତନ୍ତ୍ର ମିନିଟ୍ରକ୍‌ରେ ଗୁରୁବାର ରାତି ୭ଟା ୪୫ରେ ଛୁଆ ହାତୀକୁ ରେସ୍କ୍ୟୁ ସେଣ୍ଟରକୁ ଅଣାଯାଇଛି। ତାକୁ କିଛିଦିନ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ରକ୍ତ ଏବଂ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ଜିଲା ବନଖଣ୍ଡ ଅଧିକାରୀ ଡା. ପ୍ରକାଶଚାନ୍ଦ ଗୋଗିନେନି ସୂଚନା ଦେଇଛନ୍ତି।

ଏଥିପୂର୍ବରୁ ରେସ୍କ୍ୟୁ ସେଣ୍ଟରରେ କାର୍ତ୍ତିକ, ଚନ୍ଦୁ, ଉମା, ହିରୋ ସମେତ ସ୍ୱତନ୍ତ୍ର କରିଡରରେ ଦନ୍ତାହାତୀ ରାକେଶ ରହିଛି। ୨୦୧୦ ଜୁଲାଇ ୭ରେ କଟକ ଜିଲା ଆଠଗଡ଼ ଡିଭିଜନରୁ କାର୍ତ୍ତିକ, ୨୦୧୧ ଡିସେମ୍ବର ୨୪ରେ ବରଗଡ ଡିଭିଜନରୁ ଚନ୍ଦୁ, ୨୦୧୨ ସେପ୍ଟେମ୍ବର ୪ରେ ଷଡ଼ଙ୍ଗୀ ରେଞ୍ଜ୍ ଢେଙ୍କାନାଳ ଡିଭିଜନରୁ ଉମା ଏବଂ ୨୦୧୮ରେ ସମ୍ବଲପୁର ଜିଲା ବାମରା ସଂରକ୍ଷିତ ଜଙ୍ଗଲରୁ ହିରୋ ଉଦ୍ଧାର ହୋଇ ଏଠାକୁ ଆସିଥିଲେ। ସେହିପରି ତାଳଚେର ବନାଞ୍ଚଳରେ ଉପଦ୍ରବ ସୃଷ୍ଟି କରି ବହୁ ଲୋକଙ୍କ ଜୀବନ ନେଇଥିବା ନରହନ୍ତା ଦନ୍ତା ରାକେଶକୁ ୨୦୧୯ ଜାନୁୟାରୀ ୨୨ରେ କପିଳାସ ଅଣାଯାଇଥିଲା।

ସୂଚନାଯୋଗ୍ୟ, ସୁରଳ ଅଞ୍ଚଳର ଏକ ଚିଙ୍ଗୁଡ଼ି ଘେରିରେ ଫସିଯାଇଥିବା ଉକ୍ତ ଛୁଆହାତୀକୁ କେତେଜଣ ମତ୍ସ୍ୟଜୀବୀ ଉଦ୍ଧାର କରିଥିଲେ। ହେଲେ ମଣିଷ ସଂସ୍ପର୍ଶରେ ଆସିଥିବାରୁ ଏହାକୁ ହାତୀପଲ ପରିତ୍ୟାଗ କରିଥିଲା। ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ଅମ୍ଲାନ ନାୟକଙ୍କ ତତ୍ତ୍ୱାବଧାନରେ ହାତୀ ଶାବକକୁ ଟମଣା ରେଞ୍ଜରେ ରଖାଯାଇଥିଲା।



ବ୍ରହ୍ମପୁରରୁ ଉଦ୍ଧାର ହୋଇ ଆସିଥିବା ହାତୀ ଶାବକ।

# ଆଜି ଦାୟିତ୍ୱ ନେବେ ସୁରେଶ ମହାପାତ୍ର

**ଅବସର ନେଲେ ଅସିତ ତ୍ରିପାଠୀ**

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଅସିତ କୁମାର ତ୍ରିପାଠୀ ଗୁରୁବାର ଅବସର ନେଇଛନ୍ତି। ଜାନୁୟାରୀ ୧ ତାରିଖ ଅର୍ଥାତ୍ ଶୁକ୍ରବାର ନୂଆ ମୁଖ୍ୟ ଶାସନ ସଚିବ ଭାବେ ସୁରେଶ ମହାପାତ୍ର ଦାୟିତ୍ୱ ଗ୍ରହଣ କରିବେ। କୋଭିଡ କଟକଣା ଥିବାରୁ ବିଦାୟୀ ମୁଖ୍ୟ ଶାସନ ସଚିବ ତ୍ରିପାଠୀ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି, ଜଣେ ଆଇଏଏସ୍ ଅଫିସର ଭାବେ ୩୦ରୁ ୩୫ ବର୍ଷ ପରେ ଏହି ପଦରେ ବସିବାର ସୌଭାଗ୍ୟ ମିଳିଥିବାରୁ ଅତ୍ୟନ୍ତ ଖୁସି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କୋଭିଡ ମୁକାବିଲା କରିବାରେ ଆମେ ସଫଳ ହୋଇ ପାରିଛୁ। କୋଭିଡ ବିରୋଧରେ ଯେଉଁ ପଦକ୍ଷେପ ନିଆଗଲା ସବୁଠି ତାହାକୁ ପ୍ରଶଂସା ମିଳିଛି।

କୋଭିଡ କଟକଣା ଯୋଗୁ ମୁଖ୍ୟ ଶାସନ ସଚିବଙ୍କ ପାଇଁ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇ ପାରି ନ ଥିଲା। ତେବେ ସମସ୍ତ ଆଇଏଏସ, ଓଏସଏସ, ସେକ୍ରେଟାରୀଏଟ ସେବା ଅଧିକାରୀ, ସୁରକ୍ଷା କର୍ମୀମାନେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟକୁ ଯାଇ ସାମାଜିକ ଦୂରତା ରକ୍ଷା କରି ବିଦାୟ ଜଣାଇଥିଲେ।

# ଚନ୍ଦକା ଗଲେ ୪୫ ଚିତ୍ରାହରିଣ

**ବାରଙ୍ଗ,୩୧।୧୨(ଡ.ଏନ୍.ଏ.):** ବାରଙ୍ଗସ୍ଥିତ ପ୍ରାଣୀଉଦ୍ୟାନ ନନ୍ଦନକାନନରୁ ଗୁରୁବାର ପୁଣି ୪୫ଟି ଚିତ୍ରାହରିଣଙ୍କୁ ଚନ୍ଦକା ଡମପଡ଼ା ଅଭୟାରଣ୍ୟର ଝଲରା ପାଖରେ ଛଡାଯାଇଛି। ଏମାନଙ୍କୁ ମିଶାଇ ନନ୍ଦନକାନନରୁ ମୋଟ୍ ୧୪୫ଟି ଚିତ୍ରାହରିଣ ଛଡ଼ାଯାଇଛି ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି। ନନ୍ଦନକାନନର ପରିସର ଓ ଏନକ୍ଲୋଜରରେ ଚିତ୍ରାହରିଣଙ୍କ ସଂଖ୍ୟା ବୃଦ୍ଧି ପାଇବା ସହ ମାରପିଟ ଯୋଗୁ ହରିଣମାନଙ୍କ ମୃତ୍ୟୁ ଘଟୁଛି। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଉକ୍ତ ହରିଣମାନଙ୍କୁ ଧରି ଚନ୍ଦକା ଜଙ୍ଗଲରେ ଛାଡୁଛନ୍ତି। ଏହାଦ୍ୱାରା ନନ୍ଦନକାନନର ହରିଣମାନେ ମୁକ୍ତାକାଶରେ ବିଚରଣ କରିବା ସହ ଚନ୍ଦକା ଜଙ୍ଗଲର ଶୋଭାରାଜି ମଧ ହରିଣମାନଙ୍କ ପାଇଁ ବୃଦ୍ଧି ପାଇବ।

# ଓବିସି, ଏସ୍‌ଇବିସି ବର୍ଗଙ୍କ ନିଯୁକ୍ତି ଓ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ରହୁ

**ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର**

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ):** ସରକାରୀ ହାଇସ୍କୁଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଲାଗି ଡାକ୍ତରୀ ଓ ଇଞ୍ଜିନିୟରିଂ ଭଳି ଉଚ୍ଚଶିକ୍ଷା ନିମନ୍ତେ ସ୍ଥାନ ସଂରକ୍ଷଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଏହି ପରିପ୍ରେକ୍ଷୀରେ ଅନ୍ୟାନ୍ୟ ପଛୁଆ ବର୍ଗ(ଓବିସି)ଙ୍କୁ ଚାକିରି କ୍ଷେତ୍ରରେ ଓ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆବର୍ଗ (ଏସ୍‌ଇବିସି)ଙ୍କୁ ଶିକ୍ଷା କ୍ଷେତ୍ରରେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା କରାଯାଉ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ପୂର୍ବରୁ ୨ଥର ଅର୍ଥାତ୍ ୨୦୧୯ ଜାନୁୟାରୀ ୧୫ ଏବଂ ଜୁଲାଇ ୨୫ରେ ଲେଖିଥିବା ପତ୍ରକୁ ସଂଲଗ୍ନକରି ଉଲ୍ଲେଖ କରିଛନ୍ତି, ରାଜ୍ୟ ସରକାର ଗତ ଫେବୃୟାରୀ ୧୨ରେ ବ୍ୟାକ୍‌ୱାର୍ଡ କ୍ଲାସ୍ କମିଶନ ଗଠନ କରିଛନ୍ତି। ମାତ୍ର ଏହି ଆୟୋଗର ରିପୋର୍ଟ ଏପର୍ଯ୍ୟନ୍ତ ଦାଖଲ ହୋଇ ନ ଥିବାବେଳେ ଓବିସି ବର୍ଗ ପାଇଁ ସଂରକ୍ଷଣର ଅନୁରୋଧ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ରାଜ୍ୟର ଓବିସି ଏବଂ ଏସ୍‌ଇବିସି ଜନସଂଖ୍ୟା ଦୃଷ୍ଟିରୁ ନିଶ୍ଚିତ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ସେ ଅନୁରୋଧ କରିଛନ୍ତି।



































୨୦୨୦ ବର୍ଷ ରାଜ୍ୟ ପାଇଁ ଯେତିକି ଭଲ ସେତିକି ଖରାପ ଥିଲା। କୋଭିଡ୍ -୧୯ ସଂକ୍ରମଣ ରାଜ୍ୟ ଉପରେ ବିଶେଷ ପ୍ରଭାବ ପକାଇଛି। ଜନସାଧାରଣଙ୍କ ଜୀବନ, ଜୀବିକା ବିଗାଡ଼ି ରଖିଦେଲା। ଅର୍ଥନୀତି ମଧ ଏକ ପ୍ରକାର ଭୁଶୁଡି ପଡ଼ିଛି। ଓଡ଼ିଶା ବାହାରେ ରହି କାମ କରୁଥିବା ଲୋକ ଫେରି ଆସିଲେ। ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟି ଯୋଗୁ ଏହାର ସଫଳ ମୁକାବିଲା କରାଯାଇପାରିଲା। ବିଦାୟୀ ବର୍ଷ ଚାଷୀଙ୍କ ପାଇଁ ଅତ୍ୟନ୍ତ ଭଲ ରହିଥିଲା। ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ନୂଆବର୍ଷଟି ସମସ୍ତଙ୍କ ପାଇଁ ଭଲ ଏବଂ ଶୁଭଙ୍କର ହେଉ। ନୂଆବର୍ଷର ପ୍ରଥମ ସପ୍ତାହରେ ପୂର୍ବ ଘୋଷଣା ଅନୁଯାୟୀ, ସମ୍ପୂର୍ଣ୍ଣ ବିଧାନସଭାର କାର୍ଯ୍ୟକଳାପ ଅନ୍‌ଲାଇନ କରାଯିବ। ବିଧାନସଭାର ନୂଆ ବିଲ୍ଡିଂ କାମ ଉପରେ ଗୁରୁତ୍ୱ ଦେବାକୁ ଚେଷ୍ଟା କରାଯିବ।

**- ସୂର୍ଯ୍ୟ ନାରାୟଣ ପାତ୍ର, ବାଚସ୍ପତି**



ନୂଆବର୍ଷ ସମସ୍ତଙ୍କ ପାଇଁ ସୁଖଶାନ୍ତି ଓ ସମୃଦ୍ଧିର ବର୍ଷ ହେଉ। ସମସ୍ତଙ୍କ ପାଇଁ ଭାଇଚାରାର ବର୍ଷ ହେଉ। ଆଗାମୀ ବର୍ଷରେ ଦଳଗତ ନିର୍ବିଶେଷରେ ସମସ୍ତେ ରାଜ୍ୟର ବିକାଶ କରିବା ତଥା ଗରିବଙ୍କ ମୁହଁରେ ହସ ଫୁଟାଇବା ପାଇଁ ଶପଥ ନେବା। ବିରୋଧୀ ଦଳ ଭାବେ କଂଗ୍ରେସ ଲୋକମାନଙ୍କ ସମସ୍ୟାକୁ ବିଧାନସଭାରେ ଓ ବାହାରେ ଆହୁରି ଶାଣିତ କରିବ।

**- ନରସିଂହ ମିଶ୍ର,**
**କଂଗ୍ରେସ ବିଧାୟକ ଦଳ ନେତା**



କୋଭିଡ୍-୧୯ ଟିକାକରଣ ୨୦୨୧ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଟିକାକରଣ କାର୍ଯ୍ୟ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେବ। ଜୀବନଜୀବିକା ପାଇଁ ଚାଲିଥିବା ପ୍ରକଳ୍ପଗୁଡ଼ିକୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଅନ୍ୟ ରାଜ୍ୟ ତୁଳନାରେ ରାଜ୍ୟର ଓଡ଼ିଶାର ଅର୍ଥନୀତି ଏବେ ଭଲ ଅଛି। ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଅଗ୍ରାଧିକାର ଦେବା ସହିତ ଲୋକଙ୍କ ହାତକୁ କିପରି ଅଧିକ ସମ୍ବଳ ଯିବ ସେନେଇ ବିଭିନ୍ନ ବ୍ୟାଙ୍କ ସହିତ ସରକାର ଆଲୋଚନା କରିଛନ୍ତି । ୨୦୨୧ରେ ଏହି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯିବ। ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ, ପୁରୀ ଓ ଲିଙ୍ଗରାଜ ମନ୍ଦିର , ମେଡିକାଲ କଲେଜଗୁଡିକ କାର୍ଯ୍ୟଗୁଡିକୁ ଅଗ୍ରାଧିକାର ଭିତ୍ତିରେ କରାଯିବ। ୫-ଟି ଅନୁଯାୟୀ ଲୋକଙ୍କ ପାଖରେ ସରକାରୀ ସୁବିଧା କିପରି ପହଞ୍ଚିପାରିବ ସେ ନେଇ ପଦକ୍ଷେପ ନେବାକୁ ପଡ଼ିବ। ଘରେ ବସି ଲୋକମାନେ ବିଭିନ୍ନ ଯୋଜନାରେ ସେବା କିପରି ପାଇବେ ଏବଂ ଦୁର୍ନୀତିଗ୍ରସ୍ତ ଅଧିକାରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବିଶେଷ ବ୍ୟବସ୍ଥା ହାତକୁ ନିଆଯିବ। ସର୍ବୋପରି ଜନସାଧାରଣଙ୍କ ସୁରକ୍ଷା ଓ ଉନ୍ନତି ପାଇଁ ପଦକ୍ଷେପ ନିଆଯିବ। ନୂତନ ବର୍ଷ ସମସ୍ତଙ୍କ ପାଇଁ ସମୃଦ୍ଧିର ବର୍ଷ ହେଉ।

**-ସୁରେଶ ଚନ୍ଦ୍ର ମହାପାତ୍ର,**
**ନବନିଯୁକ୍ତ ମୁଖ୍ୟ ଶାସନ ସଚିବ**



୨୦୨୦ରେ ରାଜ୍ୟରେ ଅପରାଧ ହାର କମ୍ ରହିବା ସହ ଓଡ଼ିଶା ପୋଲିସର ଆଇନ ଶୃଙ୍ଖଳା ଉଚ୍ଚମାନର ଥିଲା। ମାଓବାଦୀ ଦମନ ଓ ନିଶା କାରବାର ରୋକିବାରେ ପୋଲିସ ବଡ଼ ସଫଳତା ପାଇଛି। ତେବେ ୨୦୨୧ରେ ମାଓବାଦୀ କାର୍ଯ୍ୟକଳାପ ହ୍ରାସ କରିବା ଓ ସ୍ୱାଭିମାନ ଅଞ୍ଚଳକୁ ମାଓବାଦୀ ମୁକ୍ତ କରିବା ଆମ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ। ଓଡ଼ିଶା ପୋଲିସ ଏ ଚ୍ୟାଲେଞ୍ଜ ପାଇଁ ସଦାସର୍ବଦା ପ୍ରସ୍ତୁତ ଅଛି। ୨୦୨୧ରେ ମାଓବାଦୀ ଦମନ ଓ ରାଜ୍ୟରେ ଅପରାଧ ହ୍ରାସ କରିବା କ୍ଷେତ୍ରରେ ପୋଲିସ ପକ୍ଷରୁ ଅନେକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନିଆଯିବ। ଅତୀତର ଦୁଃଖ କଷ୍ଟ ଭୁଲି ରାଜ୍ୟବାସୀ ନୂଆ ବର୍ଷରେ ଏକ ନୂଆ ଜୀବନ ବଞ୍ଚନ୍ତୁ। ନୂଆବର୍ଷ ସେମାନଙ୍କ ଜୀବନରେ ସୁଖ ସମୃଦ୍ଧି ଭରିଦେଉ। ନୂତନ ବର୍ଷରେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ରାଜ୍ୟବାସୀଙ୍କ ଖୁସି କାମନା କରୁଛି।

- ଅଭୟ, ପୋଲିସ ଡିଜି।



୨୦୨୦ରେ ଲୁଟ୍ ଓ ଛିନ୍‌ତାଇ ଆମ ପାଇଁ ମୁଣ୍ଡବ୍ୟଥା ସାଜିଥିଲା। ୨୦୨୧ରେ ଏହାକୁ ରୋକିବା ଆମ ପାଇଁ ଚ୍ୟାଲେଞ୍ଜ ରହିବ। ଟୁଇନ୍ ସିଟିରେ ଲୁଟ୍ ଛିନ୍‌ତାଇ ଓ ଅନ୍ୟ ଅପରାଧ ହ୍ରାସ କରିବାକୁ ଆମେ ଚେଷ୍ଟା କରିବୁ। ଏଥିପାଇଁ ଯାହା ଯାହା ପଦକ୍ଷେପ ନେବାକୁ ପଡ଼ିବ ସେ ସମସ୍ତ ପଦକ୍ଷେପ ନିଆଯିବ। ମୁଖ୍ୟତଃ ସର୍ଭେଲାନ୍ସ କ୍ଷେତ୍ରରେ ଆମେ ଅଧିକ ଉନ୍ନତି ଆଣିବୁ। ସହରରେ ଅଧିକରୁ ଅଧିକ ସିସିଟିଭି କ୍ୟାମେରା ଖୁବ୍‌ଶୀଘ୍ର ଲଗାଇବାକୁ ଚେଷ୍ଟା କରାଯିବ। ବିଦାୟୀ ବର୍ଷରେ 'ଦାଦାବଟିକୁ ନା' ଅଭିଯାନରେ ୧୬୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ୨୦୨୧ରେ ଏହାକୁ ଆହୁରି କଡ଼ାକଡ଼ି କରାଯିବ। ଏଥିସହିତ ଖାଦ୍ୟ ଅପମିଶ୍ରଣ ରୋକିବାକୁ ଚାଲିଥିବା ଅଭିଯାନକୁ ଆହୁରି ବ୍ୟାପକ କରାଯିବ। ବରିଷ୍ଠ ନାଗରିକଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯିବ। ମୋଟାମୋଟି ଭାବେ ୨୦୨୧ରେ ରାଜଧାନୀରେ ଅପରାଧ ହ୍ରାସ ଦିଗରେ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ। ମାସ୍କ ଭିତରେ ସାଧାରଣ ଲୋକଙ୍କୁ ଦେଖିବାବେଳେ ଅନେକ କଷ୍ଟ ହେଉଛି। ନୂତନ ବର୍ଷରେ କରୋନାର କଳାବାଦଲ ଆମ ଉପରୁ ହଟିଯାଉ। ରାଜ୍ୟବାସୀ ଉନ୍ନତି ଓ ସମୃଦ୍ଧିର ପଥେ ଚାଲନ୍ତୁ। ପୋଲିସ ସଦାସର୍ବଦା ଲୋକମାନଙ୍କ ବିପଦ ଆପଦରେ ବନ୍ଧୁ ହୋଇ ଚାଲୁଛି।

**- ସୁଧାଂଶୁ ଷଡ଼ଙ୍ଗୀ, କଟକ-**
**ଭୁବନେଶ୍ୱର ପୋଲିସ**
**କମିଶନର**



ଲିଙ୍ଗରାଜ ମନ୍ଦିର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଉଦ୍ୟମ କରିଛନ୍ତି ତାହାକୁ ପୂରଣ କରିବା ଦିଗରେ ଆସନ୍ତା ବର୍ଷ କାର୍ଯ୍ୟ କରାଯିବ। ୨୦୨୧ରେ ବିଏମ୍‌ସି ହସ୍ପିଟାଲକୁ ଅତ୍ୟାଧୁନିକ ହସ୍ପିଟାଲରେ ପରିଣତ କରିବାକୁ ଲକ୍ଷ୍ୟ ରହିଛି। ଏକାମ୍ର ନିର୍ବାଚନ ମଣ୍ଡଳୀର ରାସ୍ତାଘାଟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିକାଶ, ଡ୍ରେନ, ଆଲୋକୀକରଣ, ପାନୀୟ ଜଳ ଯୋଗାଣକୁ ଅଗ୍ରାଧିକାର ଦିଆଯିବ। ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ। ମହାପ୍ରଭୁ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ଏହି ପ୍ରାର୍ଥନା।

**- ଅଶୋକ ଚନ୍ଦ୍ର ପଣ୍ଡା, ସାମାଜିକ ଭିନ୍ନକ୍ଷମ**
**ଓ ସଶକ୍ତୀକରଣ ମନ୍ତ୍ରୀ**

# ୨୦୨୧

**ବିଶ୍ୱ ମହାମାରୀ କରୋନା ବିଦାୟୀ ବର୍ଷକୁ ବିଗାଡ଼ିଦେଇଛି। ସାଧାରଣ ଜନଜୀବନ, ସ୍ୱାସ୍ଥ୍ୟ, ଶିକ୍ଷା, ଅର୍ଥ ବ୍ୟବସ୍ଥା ଏକ ପ୍ରକାର ଅବ୍ୟବସ୍ଥିତ ହୋଇପଡ଼ିଛି। ଏଭଳି ସ୍ଥିତିରେ ସମସ୍ତଙ୍କ ଆକାଂକ୍ଷା ୨୦୨୧ ଆଣିଦେବ ନୂଆ ଆଶା, ଉତ୍ସାହ ଓ ସମ୍ଭାବନା। ନୂଆ ବର୍ଷ କାହାପାଇଁ କ'ଣ ରହିବ, ନେତା ଓ ପ୍ରଶାସକମାନେ କ'ଣ ସବୁ ରଣନୀତି ଆପଣାଇ ରାଜ୍ୟର ସ୍ଥିତିକୁ ସୁଦୃଢ଼ କରିବାକୁ ଚେଷ୍ଟା କରିବେ, ତାହାକୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା।**



୨୦୨୦ ସାରା ପୃଥିବୀ ପାଇଁ ଏକ ଦୁଃଖଦାୟକ ବର୍ଷ ରହିଲା। ସାମାନ୍ୟ ଏକ ଭୂତାଣୁ ବିଶ୍ୱକୁ ଡରେଇ ରଖିଦେଲା। ଆମ ଜୀବଦଶା ଭିତରେ ଏଭଳି ଭୂତାଣୁ କେବେ ଦେଖି ନ ଥିଲୁ। ନୂତନ ବର୍ଷ ନୂଆ ସକାଳ ନେଇ ଆସୁ ଏବଂ ସମସ୍ତଙ୍କ ଆଶା ପୂରଣ କରୁ। ଆମ ରାଜ୍ୟ କରୋନାରୁ ମୁକ୍ତି ପାଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା। ଚାଷୀ, ବେକାରି ସମସ୍ୟା ଦୂର ହେବା ସହିତ ମହିଳା ସୁରକ୍ଷା, ଅର୍ଥନୀତି ଏବଂ ବିକାଶ ଦିଗରେ ଦେଶ ଗତି କରୁ। ବିଶ୍ୱର ସର୍ବଶ୍ରେଷ୍ଠ ଗଣତନ୍ତ୍ର ଭାରତରେ ରହିଛି। ଯାହାକୁ ନେହେରୁ ଏବଂ ମହାତ୍ମା ଗାନ୍ଧୀ ତିଆରି କରିଥିଲେ। ଏବେ ତାହା ବିପର୍ଯ୍ୟସ୍ତ ଅବସ୍ଥା ରହିଛି। ଲୋକମତକୁ ଭିତ୍ତିକରି ଦେଶର ଏହି ସ୍ୱତନ୍ତ୍ରତାକୁ ଅକ୍ଷୁଣ୍ଣ ରଖିବା ପାଇଁ ସାଧାରଣ ଲୋକଙ୍କ ମଧରେ ସଚେତନତା ସୃଷ୍ଟି କରିବା ନୂଆ ବର୍ଷର ପ୍ରଥମ କାମ ହେବ। ଏହାସହ ରାଜ୍ୟରେ ଦେଖାଦେଉଥିବା ବେକାରି ଓ ଚାଷୀ ସମସ୍ୟା ବିରୋଧରେ ଏବଂ ମହିଳାଙ୍କ ସୁରକ୍ଷା ପାଇଁ କଂଗ୍ରେସ ଜୋରଦାର ଲଢେଇ କରିବ।

- ନିରଞ୍ଜନ ପଟ୍ଟନାୟକ,
ପିସିସି ସଭାପତି



୨୦୨୧ ନବବର୍ଷରେ ସମସ୍ତ ଜନସାଧାରଣ ଭାଇଭଉଣୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ନୂଆ ବର୍ଷ ସମସ୍ତଙ୍କୁ ସୁଖ, ଶାନ୍ତି, ପ୍ରଗତି ଦେଉ। ଏହା ହିଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା। ରାଜ୍ୟରେ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା କମିବାରେ ଲାଗିଛି। ମାତ୍ର ଏହାର ସଂକ୍ରମଣ ଦୂର ହୋଇ ନାହିଁ। ଏଥିପାଇଁ ଆମ ସମସ୍ତଙ୍କୁ ସଚେତନ ରହିବାକୁ ହେବ। ଆମ ସମସ୍ତଙ୍କ ସହଯୋଗରେ ଓଡ଼ିଶା କୋଭିଡ୍ ମହାମାରୀ ବିରୋଧରେ ହେଉଥିବା ଲଢ଼େଇରେ ଖୁବଶୀଘ୍ର ବିଜୟୀ ହେବ। ୨୦୨୦ର ଭୟାବହ ବନ୍ୟା, ବାତ୍ୟା ଓ କୋଭିଡ୍ ମହାମାରୀର ସମସ୍ତ କ୍ଷତ ଶୀଘ୍ର ଭରଣା ହେଉ। ଜନସାଧାରଣ ସରକାରଙ୍କ ସହଯୋଗରେ ଆମ ରାଜ୍ୟ ଯଥା ସମ୍ଭବ କୋଭିଡ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଛି। ସେଥିପାଇଁ ବ୍ୟକ୍ତିଗତ ଭାବେ ରାଜ୍ୟର ସମସ୍ତ ଭଉଣୀଭାଇଙ୍କୁ ଧନ୍ୟବାଦ। ଜୀବନଜୀବିକା ସହ ଜଡ଼ିତ ସମସ୍ତ ଯୋଜନାକୁ ଅଗ୍ରାଧିକାରଭିତ୍ତିରେତ୍ୱରାନ୍ୱିତକରାଯିବାକୁଲକ୍ଷ୍ୟରଖାଯାଇଛି।

**- ପ୍ରଦୀପ କୁମାର ଜେନା, ନବନିଯୁକ୍ତ**
**ଉନ୍ନୟନ କମିଶନର**



୨୦୨୦ ମୋ ପାଇଁ ବ୍ୟକ୍ତିଗତ ଦୃଷ୍ଟିରୁ ସ୍ମରଣୀୟ ଥିଲା। ମୁଁ ଏହି ବର୍ଷ ଅର୍ଜୁନ ପୁରସ୍କାର ପାଇବା ସହ ଭାରତ ସରକାରଙ୍କ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ସ୍କିମ୍ (ଟପ୍ସ)ରେ ସାମିଲ ହୋଇଥିଲି। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୨ଟି ସ୍ୱର୍ଣ୍ଣ ପଦକ ମଧ ପାଇଥିଲି ଏବଂ ଚାକିରିରେ ମଧ ପଦୋନ୍ନତି ମିଳିଥିଲା। ତେବେ ଖେଳାଳି ଜୀବନ ଦୃଷ୍ଟିରୁ ଦେଖିବାକୁ ଗଲେ କରୋନା ମହାମାରୀ ପାଇଁ ମୋର ଟ୍ରେନିଂ ବାଧାପ୍ରାପ୍ତ ହୋଇଥିଲା। ଫଳରେ ମାନସିକ ସ୍ତରରେ କ୍ଷତିଗ୍ରସ୍ତ ହୋଇଥିଲି। ଗତବର୍ଷ ସ୍ଥଗିତ ରହିଥିବା କ୍ରୀଡ଼ାମହାକୁମ୍ଭ ଅଲିମ୍ପିକ୍ସ ୨୦୨୧ରେ ହେବ। ଏଥିପାଇଁ ଯୋଗ୍ୟତା ଅର୍ଜନ କରିବା ମୋର ମୁଖ୍ୟ ଲକ୍ଷ୍ୟ। ଅଲିମ୍ପିକ୍ସ ହେଲେ ତା' ପୂର୍ବରୁ ନିଶ୍ଚିତ ଅନେକ କ୍ୱାଲିଫାଇଂ ପ୍ରତିଯୋଗିତା ଆୟୋଜନ ହେବ। ସେଥିରେ ଭଲ ପ୍ରଦର୍ଶନ କରିବାକୁ ମୁଁ ପ୍ରାଥମିକତା ଦେଉଛି। କରୋନା କଟକଣା ହଟିବା ପରଠାରୁ ମୁଁ କଳିଙ୍ଗ ଷ୍ଟାଡିୟମରେ ଅଭ୍ୟାସ ଆରମ୍ଭ କରି ଦେଇଛି। କୋଚ୍ ନାଗାପୁରୀ ରମେଶଙ୍କ ପରାମର୍ଶ କ୍ରମେ ମୁଁ ଟ୍ରେନିଂକୁ ଜୋରଦାର କରିଛି। ଆଗାମୀ ବର୍ଷ ରାଜ୍ୟ ଓ ଦେଶ ପାଇଁ ଅଧିକରୁ ଅଧିକ ସୁନାମ ଅର୍ଜନ କରିବାକୁ ମୁଁ ଉଦ୍ୟମ କରିବି। ନୂଆବର୍ଷ ସମସ୍ତଙ୍କ ପାଇଁ ଶୁଭଙ୍କର ହେଉ।

**-ଦୃତୀ ଚାନ୍ଦ, ଅଲିମ୍ପିଆନ ଆଥଲେଟ୍**



୨୦୨୦ରେ ବିଶ୍ୱବାସୀ କରୋନାରେ ପୀଡ଼ିତ ହୋଇଛନ୍ତି। ହେଲେ ଜଗନ୍ନାଥଙ୍କ ଆଶୀର୍ବାଦରେ ଆମେ ଅବିଶ୍ୱସନୀୟ ପରିସ୍ଥିତିର ମୁକାବିଲା କରିପାରିଲୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁଭଳି ୧୩୫ କୋଟି ଦେଶବାସୀଙ୍କୁ କରୋନା ସଙ୍କଟରୁ ଉଦ୍ଧାର କଲେ ତାହା ମଧ ଇତିହାସରେ ଲିପିବଦ୍ଧ ହୋଇ ରହିବ। ଏହା ଭାରତବର୍ଷର ଅନେକ ବିବିଧତା ଭିତରେ ଥିବା ଏକତାକୁ ପ୍ରମାଣିତ କରିପାରିଛି। ତଥାପି କରୋନା ସମ୍ପୂର୍ଣ୍ଣ ଭାବେ ଯାଇନାହିଁ। ଆମକୁ ସଜାଗ ରହିବାକୁ ପଡ଼ିବ। ୨୦୨୧ ସମସ୍ତଙ୍କ ପାଇଁ ସୁଖ ସମୃଦ୍ଧିର ବର୍ଷ ହେଉ ଏହା ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା। ଭାଜପା ରାଜ୍ୟବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପ୍ରତି ସଚେତନ ଅଛି। ସାଢେ ୪ କୋଟି ଲୋକଙ୍କ ଯେଉଁ ଦାୟିତ୍ୱ ଆମ ଉପରେ ଅଛି ଆମେ ତାହା ସୂଚାରୁ ରୂପେ ସମ୍ପନ୍ନ କରିବାକୁ ପ୍ରତିଜ୍ଞାବଦ୍ଧ।

**-ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**



୨୦୨୦ କେବଳ ଭାରତ ନୁହେଁ ସାରା ପୃଥିବୀ ପାଇଁ ଭୟଙ୍କର ବର୍ଷ ସାବ୍ୟସ୍ତ ହୋଇଛି। ୨୦୨୧ରେ ଦେଶ ଓ ରାଜ୍ୟବାସୀଙ୍କ ସମୃଦ୍ଧି, ସୁରକ୍ଷା ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି। ରାଜ୍ୟବାସୀଙ୍କ ପାଇଁ ନୂଆ ବର୍ଷ ଏକ ନୂଆ ଯୁଗ, ନୂଆ ବିକାଶ ଓ ସମୃଦ୍ଧିର ଧାରା ହେଉ। ନୂତନ ବର୍ଷରେ ଓଡିଶାର କୃଷକମାନଙ୍କପାଇଁଭାରତୀୟଜନତାପାର୍ଟି କୃଷକ ମୋର୍ଚ୍ଚା କାମ କରିବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣିତ ନୂତନ କୃଷି ଆଇନରେ କୃଷକଙ୍କୁ ସାମିଲ କରିବାକୁ ପ୍ରୟାସ କରାଯିବ। କୃଷକମାନେ ଯେପରି ସେମାନଙ୍କର ହକ୍ ପାଇବେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କାମ କରିବ। ବିରୋଧୀ ଦଳମାନେ ନୂଆ କୃଷି ଆଇନକୁ ନେଇ କୃଷକମାନଙ୍କୁ ବିଭ୍ରାନ୍ତ କରୁଛନ୍ତି। ଆଇନର ଫାଇଦା ବିଷୟରେ କୃଷକମାନଙ୍କୁ ଅବଗତ କରାଇବା ପାଇଁ କୃଷକ ମୋର୍ଚ୍ଚା କାର୍ଯ୍ୟ କରିବ।

**- ପ୍ରଦୀପ ପୁରୋହିତ,**
**ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତି**

## ମେଷ

**(ଅଶ୍ୱିନୀ/ମେଷ)**୧/୧–ଆପଣଙ୍କ ପାଇଁ ଇଂରାଜୀ ନବବର୍ଷ ଅନେକ ନୂତନତ୍ୱର ସମ୍ଭାବନାକୁ ନେଇ ଏକ ସ୍ମରଣୀୟ ବର୍ଷ ଭାବରେ ଉଦ୍‌ଭାସିତ ହୋଇଉଠିବ । ବର୍ଷାରମ୍ଭରୁ ବୁଧାଦିତ୍ୟ, କ୍ଷେତ୍ରସିଂହାସନାଦି ଯୋଗ ପ୍ରଭାବରେ କର୍ମକ୍ଷେତ୍ରରେ ଉଚ୍ଚପଦବୀ, ନୂତନ ନିଯୁକ୍ତି ସହ ଯଶ, ମାନ ପ୍ରତିଷ୍ଠାଦି ଲାଭପୂର୍ବକ ନୂତନଗୃହ, ଯାନବାହନ ଓ ପାରିବାରିକ ଜୀବନ ସୁଖଶାନ୍ତି ମଧ୍ୟରେ ଜୀବନଚର୍ଯ୍ୟା ମଧୁମୟ ହେବ । କ୍ୟାରିୟର ଭଲ ରହିବ । ଫେବୃୟାରୀ ଓ ଜୁଲାଇରେ ସ୍ୱାସ୍ଥ୍ୟହାନି, ବିଭିନ୍ନ ସମସ୍ୟା, ଶତ୍ରୁତା, ସାମୟିକ ପ୍ରତିବନ୍ଧକ ସହ ଉଚ୍ଚଶିକ୍ଷା, ସମ୍ପର୍କ ଓ ସନ୍ତାନ କ୍ଷେତ୍ରରେ ବ୍ୟତିକ୍ରମ ଘଟିବାର ଆଶଙ୍କା ରହିଛି ।
**ଦ୍ୱିଜା/ମେଷ** (୨/୧)–ମିତ୍ରନକ୍ଷତ୍ରସ୍ଥ ଶୁକ୍ର ପ୍ରଭାବରେ ଦେହ ଭଲ ରହିବ, ଧନଭାବସ୍ଥ ରାହୁଙ୍କ ଯୋଗୁ ବନ୍ଧୁଙ୍କ ସହାୟତାରୁ, ସରକାରୀ ସାହାଯ୍ୟରୁ ଅର୍ଥଲାଭ ଘଟିବ । ଶିଳ୍ପବାଣିଜ୍ୟର ଅଭିବୃଦ୍ଧି ସଙ୍ଗକୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ମନ୍ଦ ହେବନି । ଅଟକି ରହିଯାଇଥିବା କାମକୁ ପୂର୍ଣ୍ଣାଙ୍ଗ କରିପାରିବେ । ତଥାପି ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ପୁତ୍ରବଧୂ ସହ ମନାନ୍ତର, ପ୍ରତିଦ୍ୱନ୍ଦ୍ୱିତା ଓ ବ୍ୟବସାୟିକ ସମସ୍ୟା ମଧ୍ୟରେ ନୟାନ୍ତ ହେବାକୁ ପଡିପାରେ । ତଥାପି କଳା, ସାହିତ୍ୟ, ସଙ୍ଗୀତ ସାଧନା ଓ ସୃଜନଶୀଳତା ବୃଦ୍ଧି ପାଇବ । ଆଶା ଓ ଅଭିଳାଷ ପୂର୍ଣ୍ଣାଙ୍ଗ ହେବ ।
**କୃତ୍ତିକା/ମେଷ**(୩/୧)– ସାଧକ ତାରସ୍ଥ ଚନ୍ଦ୍ର ଆପଣଙ୍କ କାର୍ଯ୍ୟସିଦ୍ଧି, ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟ, ପୁଅ ଝିଅଙ୍କ ବିବାହ, କ୍ରୀଡ଼ା ଓ ଚଳଚ୍ଚିତ୍ରରୁ ସୁନାମ, ଋଣ ପରିଶୋଧ, ମାମଲା ଫୈସଲା, ତୀର୍ଥାଟନ, ଆନୁଷ୍ଠାନିକ ସମ୍ମାନ ପ୍ରଦାନ କରିବ । ସ୍ୱାସ୍ଥ୍ୟ ଭଲ ରହିବ, ଅର୍ଥାଭାବ ରହିବନି, ସାହାଯ୍ୟ ସହଯୋଗ କମିବନି, ଲୋକସମ୍ପର୍କ ବଢିବ, ବ୍ୟବସାୟ ବାଣିଜ୍ୟରେ ସଫଳତା, ଆଇନ ସହାୟତା ସଙ୍ଗକୁ ବିଦେଶଯାତ୍ରା କରିବେ । ମଇ, ଜୁନ୍‌ରେ ଧନହାନି, ସନ୍ତାନପୀଡା, ପତିପତ୍ନୀ କଳହର ସୂଚନା ରହିଛି ।

## ବୃଷ

**କୃତ୍ତିକା/ବୃଷ** (୩/୨)– ଭାଗ୍ୟଭାବରେ ଗୁରୁଶୌରୀ ଯୋଗ ସାମାଜିକ ପ୍ରତିଷ୍ଠା ସହ ସୁଖ ସୌଭାଗ୍ୟ ପ୍ରଦାନ କରିବ । ବିବାହାଦି ମାଙ୍ଗଳିକ କାମ, ନୂତନ ବନ୍ଧୁସମ୍ପର୍କ ସ୍ଥାପନ, ପୂର୍ବ ସମସ୍ୟାର ସମାଧାନ, ବନ୍ଧୁ ସହାୟତାରେ ଅର୍ଥଲାଭ ସହ ବର୍ଷଟି ଉପଭୋଗ୍ୟ ରହିବ । ହୋଟେଲ, ରେଷ୍ଟୁରାଣ୍ଟ ଓ ପରିବହନରୁ ଲାଭବାନ୍ ହେବେ । କର୍ମକ୍ଷେତ୍ର ଓ ବାଣିଜ୍ୟ ବ୍ୟବସାୟରେ ପ୍ରତିରୋଧ, ପ୍ରତିବନ୍ଧକ ଆସିବ । ରାହୁଙ୍କ ଯୋଗୁ ମାନସିକ ଅଶାନ୍ତି, ରୋଗପୀଡା, ଭ୍ରାତୃ ବିବାଦ ପ୍ରଭୃତି ଦେଖାଦେବ । ଆକସ୍ମିକ ସ୍ଥାନାନ୍ତର ଓ ଖର୍ଚ୍ଚାନ୍ତ ହେତୁ ମନସ୍ତାପ ମଧ୍ୟ କରିବାକୁ ପଡିପାରେ । ବ୍ୟବସାୟ, ଧାର୍ମିକକାର୍ଯ୍ୟରେ ବାଧାବିଘ୍ନ ଓ ପ୍ରତିବନ୍ଧକକୁ ସାମ୍ନା କରିବାକୁ ପଡିପାରେ ।
**ରୋହିଣୀ/ବୃଷ** (୪/୨)– ରବି ମିତ୍ର ନକ୍ଷତ୍ରରେ ଅବସ୍ଥାନ କରି ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ଓ କର୍ମକ୍ଷେତ୍ରରେ ପଦୋନ୍ନତି କରାଇବ । ଧନଭାବକୁ ବୁଧଙ୍କ ଦୃଷ୍ଟି ଧନଲାଭ, ସାମାଜିକ ସମ୍ମାନ, ନୂତନମୈତ୍ରୀ ସୃଷ୍ଟିହେବ । ଭୋଗବିଳାସକାରକ ଶୁକ୍ର ସପ୍ତମକେନ୍ଦ୍ରସ୍ଥ ହୋଇ କଳା, ସାହିତ୍ୟ,ସଙ୍ଗୀତାଦିରେ ମନୋରଞ୍ଜନ କରାଇବେ । ବ୍ୟବସାୟିକ ସ୍ଥିତି ଭଲ ରହିବ । ଶନିଙ୍କ ଦୃଷ୍ଟିରୁ ଭାଇ, ଭଉଣୀ କିମ୍ବା ଆତ୍ମୀୟଙ୍କ ସହ ମନାନ୍ତର ଘଟିପାରେ । ପାରିବାରିକ ଅଶାନ୍ତି, ରକ୍ତଚାପ ବୃଦ୍ଧି, ଯାନବାହନରେ କ୍ଷତି, ପରୋକ୍ଷ ଶତ୍ରୁତା ପ୍ରତି ସତର୍କ ରହିବା ଭଲ ହେବ ।
**ମୃଗଶିରା/ବୃଷ** (୫/୨)– ନବମସ୍ଥ ବୃହସ୍ପତି ଆପଣଙ୍କୁ ଶାରୀରିକ ସୁସ୍ଥତା, ଧର୍ମକାର୍ଯ୍ୟ, ଉଚ୍ଚଶିକ୍ଷା ସହ ନୂତନ ଯୋଜନାରମ୍ଭ ପାଇଁ ପ୍ରେରଣା ଯୋଗଇବେ । ବୃତ୍ତିଗତଧନ୍ଦାରୁ ବୈଷୟିକ ଅଭିବୃଦ୍ଧି ଘଟିବ । କଳାକାର, କାରିଗର, ଖବରଦାତା, ଆଇନଜ୍ଞ ବିଶେଷ ଉପକୃତ ହେବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଶାନ୍ତି ଉପୁଜିବ । ନକ୍ଷତ୍ରାଧିପ ମଙ୍ଗଳ ଓ ରାଶ୍ୟାଧିପ ଶୁକ୍ର ଷଡାଷ୍ଟକ ସ୍ଥିତି ଯୋଗୁ ପରିକଳ୍ପିତ କର୍ମ ପ୍ରତିବନ୍ଧକଯୁକ୍ତ ରହିବ । ଶନିଙ୍କ କୁଦୃଷ୍ଟିରେ ମିତ୍ରମାନେ ଶତ୍ରୁ ପାଲଟିବେ ।ସହକର୍ମୀଙ୍କ ବିରୋଧ, ଜମିଜମା ବିବାଦ, ସନ୍ତାନଙ୍କ ବିଶୃଙ୍ଖଳା, ବନ୍ଧୁସମ୍ପର୍କହାନି ଦୁଶ୍ଚିନ୍ତା ବୃଦ୍ଧିକରିବ । ସ୍ୱଜନବିରୋଧ, ପାରିବେଶିକ ଅଶାନ୍ତି, ଚୋରି, ପକେଟ୍‌ମାରଜନିତ ଧନହାନି ଘଟିପାରେ ।

## ମିଥୁନ

**ମୃଗଶିରା/ମିଥୁନ** (୫/୩)–ଗ୍ରହଚକ୍ରରେ ରାଶ୍ୟାଧିପ ବୁଧଙ୍କ ରାଶି ଦୃଷ୍ଟିରୁ ଆରୋଗ୍ୟଲାଭ, ବନ୍ଧୁମାନଙ୍କ ସହଯୋଗ ସହ ବୌଦ୍ଧିକ ବିକାଶ ଘଟିବ । ଅର୍ଥନୈତିକ ଅଭିବୃଦ୍ଧି ସହ ଆନୁଷ୍ଠାନିକ ସମ୍ମାନ ପାଇବେ । ସପ୍ତମସ୍ଥ ପାପଗ୍ରହ ଓ ଅଷ୍ଟମସ୍ଥ ବୃହସ୍ପତି ମିତ୍ରନକ୍ଷତ୍ରସ୍ଥ ଯୋଗୁ ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିରୋଧ, ଗମନାଗମନର ବାଧା ଦୂରେଇଯିବ । ମାଲିମକଦ୍ଦମା, ବିବାଦରେ ବିଜୟୀ ହେବେ । ପ୍ରତିଯୋଗିତାରେ ସଫଳତା ମିଳିବ । କିନ୍ତୁ ମଙ୍ଗଳଙ୍କ ଦୃଷ୍ଟିରୁ ରୋଗପୀଡା, ଶତ୍ରୁତା, ଋଣ, ଅପବାଦ, ଜମିଜମା ବିବାଦ, ଭ୍ରାତୃ ସମ୍ପର୍କହାନି ଘଟିପାରେ । କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଭଲ ରହିବ ।
**ଆର୍ଦ୍ରା–ମିଥୁନ** ( ୬/୩)–ଏକାଦଶସ୍ଥ ମଙ୍ଗଳ ଓ ଷଷ୍ଠସ୍ଥ ଶୁକ୍ରକେତୁ ଆପଣଙ୍କୁ ଭୋଗବିଳାସ, ସାହିତ୍ୟକୃତିରୁ ସମ୍ମାନ, କ୍ରୀଡା, ଚଳଚ୍ଚିତ୍ରରୁ ସୁନାମ ପ୍ରଦାନ କରିବ । ଦୂରଯାତ୍ରାର ସୁଯୋଗ, କର୍ମୋନ୍ନତି, କାର୍ଯ୍ୟସିଦ୍ଧି, ସାମାଜିକ ଆଦୃତି, ଯଶଲାଭ ସହ ନୂତନ ସମ୍ପର୍କରୁ ଖୁସୀ ରହିବେ । ରବି, ଶନି ଓ ରାହୁଙ୍କ ପ୍ରଭାବରେ ପ୍ରଶାସନିକ, ସାଂଗଠନିକ, ଗଣତାନ୍ତ୍ରିକ ସ୍ଥିତି ବହୁତ ଭଲ ରହିବ । ଧନାଧିପ ଶନି ନକ୍ଷତ୍ରସ୍ଥ ଯୋଗୁ ଅର୍ଥପ୍ରାପ୍ତିରେ ବାଧା ଘଟିବ । ସ୍ୱଜନବିରୋଧ, ପାରିବେଶିକ ଅଶାନ୍ତି, ଚୋରି, ପକେଟ୍‌ମାରଜନିତ ଧନହାନି ଘଟିପାରେ । ଗବେଷଣାରେ ସଫଳତା, ସ୍ଥାନ ପରିବର୍ତ୍ତନରେ ନୂତନ ବ୍ୟବସାୟାରମ୍ଭ କରିପାରନ୍ତି ।
**ପୁନର୍ବସୁ–ମିଥୁନ** (୭/୩)–ନୀଚରାଶିରୁ ଗୁରୁଦୃଷ୍ଟି ଚତୁର୍ଥ ଓ ବ୍ୟୟଭାବ ପ୍ରତି ରହୁଥିବାରୁ ସ୍ୱାସ୍ଥ୍ୟହାନିରୁ, ଯାନବାହନଜନିତ କ୍ଷୟକ୍ଷତିରୁ, ମାଲିମକଦ୍ଦମାରୁ ବ୍ୟୟବୃଦ୍ଧି ଘଟିବ । ଶନିଙ୍କ କୁଦୃଷ୍ଟିରେ ମିତ୍ରମାନେ ଶତ୍ରୁ ପାଲଟିବେ, ମିଥ୍ୟାପବାଦଜନିତ ଅଶାନ୍ତି ଆସିପାରେ, ଚାକିରିରେ ବଦଳି କିମ୍ବା ପଦୋନ୍ନତି ସ୍ଥଗିତ ରହିଯିବ । ତଥାପି ସରକାରୀ ସହାୟତା, ପଦାଧିକାରୀଙ୍କ ସାହାଯ୍ୟ, ବନ୍ଧୁମାନଙ୍କ ସହଯୋଗରୁ ଉପକୃତ ହେବେ । ଅଧ୍ୟୟନ ଅଧ୍ୟାପନା, କୃଷି, ବାଣିଜ୍ୟ, ରାଜନୀତିରେ ସଫଳତା ପାଇବେ । ବର୍ଷର ଶେଷଭାଗରେ ଆଶା ଓ ଅଭିଳାଷ ପୂରଣ ହୋଇଯିବ ।

## କର୍କଟ

**ପୁନର୍ବସୁ/କର୍କଟ**(୭/୪)–ବର୍ଷ ପ୍ରବେଶଦିନ ରାଶ୍ୟାଧିପ ସ୍ୱରାଶିରେ ଗୁରୁଦୃଷ୍ଟିଲାଭକରି ଗଜକେଶରୀଯୋଗ ସୃଷ୍ଟି କରିଛନ୍ତି । ଫଳରେ ସୁନ୍ଦରସ୍ୱାସ୍ଥ୍ୟ,ପାରିବାରିକ ଶାନ୍ତି, ସୁଖସୌଭାଗ୍ୟ, ଧନସମ୍ମାନ, ବନ୍ଧୁ ସହକର୍ମୀଙ୍କ ସହାନୁଭୂତି ଲାଭକରି ଖୁସୀ ରହିବେ । ଏକାଧିକ ଗ୍ରହଙ୍କ ଶୁଭତ୍ୱ ଆପଣଙ୍କୁ ନିଜ ନିଜ କ୍ଷେତ୍ରରେ ଯଶପ୍ରତିଷ୍ଠା, ନିରଙ୍କୁଶ ଶାସନ, କଳା, କାରିଗରି, ଯୋଗସାଧନା, ଆଧ୍ୟାତ୍ମିକତା ଦିଗରେ ଅନୁପ୍ରେରିତ କରିବେ । ନୂତନ ପ୍ରକଳ୍ପାରମ୍ଭ, ଶିଳ୍ପ, ବାଣିଜ୍ୟର ଅଭିବୃଦ୍ଧି ଘଟିବ । ସ୍ୱଜନଶତ୍ରୁତା କରନ୍ତୁନି, ଅନ୍ୟମନସ୍କ ରହନ୍ତୁନି, ଦେଖିବେ ସବୁ ଠିକ୍ ଠିକ୍ ଚାଲିବ ।
**ପୁଷ୍ୟା/କର୍କଟ**(୮/୪)–ଆପଣଙ୍କ ରାଶିନକ୍ଷତ୍ରରେ ନବବର୍ଷ ଆରମ୍ଭ ହେତୁ ସମସ୍ତ ଝଡଝଞ୍ଜା, ଦୁଃଖଦୈନ୍ୟ, ଅଭାବ ଅସୁବିଧା ଓ ନୈରାଶ୍ୟର ଅବସାନ ଘଟିବ । ଧୀର ମନ୍ଥରଗତିରେ ପ୍ରତ୍ୟେକ କ୍ଷେତ୍ରରେ ଆଗେଇ ଚାଲିବେ ସଫଳତାର ଶୀର୍ଷକୁ । ସ୍ୱାସ୍ଥ୍ୟୋନ୍ନତି, ଆର୍ଥିକ ଉନ୍ନତି, ବନ୍ଧୁବର୍ଗଙ୍କ ସହାନୁଭୂତି, ପାରିବାରିକ ସହମତିରେ କାର୍ଯ୍ୟସିଦ୍ଧି ଘଟିବ ।ନୂତନ ବଣିଜ୍ୟ, ଉଚ୍ଚଶିକ୍ଷାର ସୁଯୋଗ, ଧାର୍ମିକ କାର୍ଯ୍ୟ, ମୂଲ୍ୟବାନ ଦ୍ରବ୍ୟଲାଭ ଓ ସଭାସମିତିକୁ ଆହ୍ୱାନରୁ ଖୁସୀ ରହିବେ । ବିଦେଶଯାତ୍ରା, ଉଚ୍ଚଶିକ୍ଷାର ସୁଯୋଗ ପାଇବେ । ସହକର୍ମୀ ଓ ପ୍ରତିବେଶୀଙ୍କ ଦୌରାତ୍ମ୍ୟ, କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ, ସମ୍ପର୍କରେ ହାନି, କ୍ରନିକ ରୋଗରେ ପୀଡା ପ୍ରତି ସାବଧାନ ରହିବା ଭଲ ।
**ଅଶ୍ଳେଷା/କର୍କଟ** (୯/୪)–ବୁଧ ନକ୍ଷତ୍ରସ୍ଥ ଆପଣଙ୍କ ରାଶ୍ୟାଧୀଶ ବୌଦ୍ଧିକ ବିକାଶ, ବନ୍ଧୁବତ୍ସଳତା ସହ ଭାବପ୍ରବଣତା ଓ ବୃଥାଚିନ୍ତାରୁ ମନସ୍ତାପ ସୃଷ୍ଟି କରିବେ । କିନ୍ତୁ ଧନାଧିପ ସମ୍ପତ୍‌ତାରରେ ଓ କର୍ମାଧିପ ପାପଦୃଷ୍ଟିବିହୀନ ସ୍ୱଗୃହୀ ହେତୁ ଅର୍ଥର ପ୍ରାଚୁର୍ଯ୍ୟ, ଉଚ୍ଚପଦବୀ, ଶତ୍ରୁନାଶ, ବିବାଦର ସମାଧାନ କରି ସମାଜରେ ପ୍ରଶଂସିତ ହେବାର ଯୋଗ ରହିଛି । ସଂଘର୍ଷମୟ ସ୍ଥିତିର ଅବସାନ ଘଟିବ । ମାମଲାର ଫଇସଲା, ବ୍ୟବସାୟିକ ସଫଳତା, ନୂତନ ଗୃହଭୂମିଲାଭ, ମନୋରଞ୍ଜନ, ତୀର୍ଥାଟନ, ବନ୍ଧୁବାନ୍ଧବଙ୍କ ସମାଦରରେ ଜୀବନଯାତ୍ରା ସାବଲୀଳ ରହିବ । ତଥାପି ଡାଇବେଟିସ୍, ଆଣ୍ଠୁଅଣ୍ଟା ବ୍ୟଥା, ମାତୃପିତୃପୀଡା ଓ ସମାଲୋଚନାରୁ ରକ୍ଷା ପାଇବେନି ।

## ସିଂହ

**ମଘା/ସିଂହ**(୧୦/୫)– ଚଳିତବର୍ଷ ରବିବୁଧଙ୍କ ଯୋଗୁ ରାଜକୀୟ ସମ୍ମାନ ପାଇବେ । ଶନି ଶତ୍ରୁତାର ବିଲୋପ, ରିଷ୍ଟଖଣ୍ଡନ, ସମସ୍ୟା ସମାଧାନ, ନୂତନ ନିଯୁକ୍ତିପୂର୍ବକ ନୂଆ ନୂଆ କାମ ଓ ଯୋଜନାରମ୍ଭ ପାଇଁ ପ୍ରବର୍ତ୍ତାଇବେ । ଶୁକ୍ର ଭୋଗବିଳାସ, ସୁଖସମ୍ପଦ ଓ ରାହୁ କର୍ମକ୍ଷେତ୍ରରେ ଗୌରବର ପ୍ରତୀକ ହେବେ । କେତୁ ନକ୍ଷତ୍ରସ୍ଥ ରାଶ୍ୟାଧିପ ପ୍ରଭାବରେ ଯାତ୍ରା, ବାଣିଜ୍ୟ ବ୍ୟବସାୟ, ପରିବହନ, ସ୍ୱାସ୍ଥ୍ୟ, ସୃଜନଶୀଳତା ଓ ଧର୍ମକାର୍ଯ୍ୟ ବାଧାପ୍ରାପ୍ତ ହେବ । ପରୋକ୍ଷଶତ୍ରୁତା ଲାଗିରହିବ । ବନ୍ଧୁମାନଙ୍କ ଅପପ୍ରଚାରରୁ ସାମୟିକ ମାନସିକ ଅଶାନ୍ତି ଓ ପରିବାରର ପ୍ରତିବାଦର ସାମନା କରିବାକୁ ପଡିପାରେ ।
**ପୂର୍ବାଫାଲଗୁନୀ/ସିଂହ**(୧୧/୫)–ଶୁକ୍ରଙ୍କ ସମ୍ମୁଖରେ ଆପଣଙ୍କ ରାଶ୍ୟାଧିପ ରବି ଅବସ୍ଥାନକରି ବନ୍ଧୁବର୍ଗ ଓ ବିଶିଷ୍ଟବ୍ୟକ୍ତିଙ୍କ ପୃଷ୍ଠପୋଷକତା ଲାଭ କରାଇବ । ବ୍ୟବସାୟିକ ସଫଳତା, ପାରିବାରିକ ସୌହାର୍ଦ୍ଦ୍ୟ, ଯାନବାହନାଦି ଯାନ୍ତ୍ରିକ ଜିନିଷ ଓ ଗୃହଭୂମିଲାଭ ହୋଇପାରେ । କିନ୍ତୁ ନିଧନତାରସ୍ଥ ବର୍ଷ ପ୍ରବେଶର ଚନ୍ଦ୍ରନକ୍ଷତ୍ର ଆପଣଙ୍କ ଯଶ, ସମ୍ମାନ ଓ ଗୌରବକୁ କ୍ଷୁଣ୍ଣ କରିପାରନ୍ତି । କର୍ମକ୍ଷେତ୍ରରେ ବଦଳି ଆଶଙ୍କା, ପରିବାରରେ କାନକୁହାକଥା, କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଆସିପାରେ । ସଂପଦହାନି, ଆକସ୍ମିକକଳହ, କଚେରି ମାମଲା, ବନ୍ଧୁବିଚ୍ଛେଦଜନିତ ମନସ୍ତାପ କରିପାରନ୍ତି ।
**ଉତ୍ତରାଫାଲ୍‌ଗୁନୀ/ସିଂହ**(୧୨/୫)– ଆପଣଙ୍କ ରାଶିନକ୍ଷତ୍ରର ରବି ନକ୍ଷତ୍ରସ୍ଥ ଚନ୍ଦ୍ରଙ୍କ ଯୋଗୁ ସୁସ୍ଥତା, ସୁଖସମ୍ପଦ, ଗୁରୁଗୌରବ, ସାହାଯ୍ୟ ସହଯୋଗ ମାଧ୍ୟମରେ ଯଶ ସମ୍ମାନର ଅଧିକାରୀ ହେବେ । ଜୀବନଚର୍ଯ୍ୟା ହେବ ସରଳ ଓ ସାବଲୀଳ । ବ୍ୟବସାୟ ଭଲରେ ଚାଲିବ । ପାଖେଇ ଆସିବେ ବନ୍ଧୁବର୍ଗ, ଆତ୍ମୀୟସ୍ୱଜନ ଓ ପ୍ରତିବେଶୀମାନେ । କଳା, ଅଭିନୟ, ନବଜାତସନ୍ତାନ, ମାଙ୍ଗଳିକ କାର୍ଯ୍ୟ ନୂତନ ଗୃହପ୍ରବେଶ, ରଚନାତ୍ମକ କାର୍ଯ୍ୟରୁ ପ୍ରଶଂସା ମିଳିବ । ସନ୍ଦେହ ଓ ଭୁଲ୍ ବୁଝାମଣାରୁ ପାରିବାରିକ କଳହ, ଶତ୍ରୁତା, ରୋଗପୀଡା, କାର୍ଯ୍ୟହାନି, ବ୍ୟୟବୃଦ୍ଧିରୁ ମନସ୍ତାପ ମଧ୍ୟ ଘଟିବ ।

## କନ୍ୟା

**ଉତ୍ତରାଫାଲ୍‌ଗୁନୀ/କନ୍ୟା**(୧୨/୬)–ଭଲ ମନ୍ଦର ସୁଖ ଓ ଦୁଃଖମିଶ୍ରିତ ଫଳ ଚଳିତବର୍ଷରେ ଅନୁଭୂତ ହେବ । ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ଅର୍ଥନୈତିକ ଅଭିବୃଦ୍ଧି ସଙ୍ଗକୁ ଶନି ଓ ମଙ୍ଗଳ ପ୍ରଭାବରେ ବ୍ୟୟଭାର ମଧ୍ୟ କମିବନାହିଁ । ସାମାଜିକ ସମ୍ମାନ, ବନ୍ଧୁସମ୍ପର୍କ, ବ୍ୟବସାୟିକ ସଫଳତା ଓ କର୍ମକ୍ଷେତ୍ରରେ ପଦୋନ୍ନତି ଅବଶ୍ୟ ଘଟିବ । ସ୍ଥଗିତକାର୍ଯ୍ୟ, ମାଙ୍ଗଳିକ କର୍ମ, ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ । ମଙ୍ଗଳଦୃଷ୍ଟ ଶୁକ୍ର ଧନହାନି, ସୁଖନାଶ, ବନ୍ଧୁଙ୍କ ପ୍ରତାରଣା ଓ ଆକସ୍ମିକ କଳହକୁ ନିମନ୍ତ୍ରଣ କରିପାରେ ।
**ହସ୍ତା–କନ୍ୟା**(୧୩/୬)–କର୍ମକ୍ଷେତ୍ରରେ ଦକ୍ଷତାବୃଦ୍ଧି, ପାରିବାରିକ ସୌଖ୍ୟ, ସ୍ୱାସ୍ଥ୍ୟର ନିୟନ୍ତ୍ରଣରୁ ଆଶ୍ୱସ୍ତି ଲାଭ କରିବେ । ଟଙ୍କା ପାଇଁ କାମ ଅଟକିବ ନାହିଁ କିନ୍ତୁ ଅଭାବ ଲାଗି ରହିବ । ଭଲକାମ କରି ମଧ୍ୟ ନିନ୍ଦା ଶୁଣିବେ । ସନ୍ତାନଙ୍କ ସକାଶେ, ଋଣପରିଶୋଧ ପାଇଁ, ଜମିଜମା ବିବାଦ ଓ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ସମସ୍ୟାର ସମ୍ମୁଖୀନ ହେବେ । କଳାସାହିତ୍ୟ ଓ ମନୋରଞ୍ଜନ କାର୍ଯ୍ୟକ୍ରମରେ ଅଶାନ୍ତି ଉପୁଜିବ । ପରିବହନରୁ ଲାଭ, ଆମଦାନୀ କାରବାର ବୃଦ୍ଧି, ଆନୁଷ୍ଠାନିକ କାର୍ଯ୍ୟ, ଆଇନ ଅଦାଲତରୁ ସୁଫଳ ମିଳିବ ଏବଂ ଦୀର୍ଘପ୍ରତୀକ୍ଷାର ଅନ୍ତ ଘଟିବ ।
**ଚିତ୍ରା/କନ୍ୟା**(୧୪/୬)– କର୍ମାଧିପ ବୁଧ ଓ ଲାଭାଧିପ ଚନ୍ଦ୍ର ଆପଣଙ୍କ ଆର୍ଥିକସ୍ଥିତି ଓ କର୍ମକ୍ଷେତ୍ରକୁ ନିୟନ୍ତ୍ରଣରେ ରଖିବେ । ଶାରୀରିକ ସୁସ୍ଥତା ସଙ୍ଗକୁ ପାରିବାରିକ ସ୍ଥିତି ମଧ୍ୟମ ପ୍ରକାରର ରହିବ । କୋଣସ୍ଥ ବୃହସ୍ପତି ହେତୁ ନୂତନ ପ୍ରକଳ୍ପାରମ୍ଭ, ଗୃହରେ ଶୁଭକାର୍ଯ୍ୟ, ପରୀକ୍ଷାରେ ସଫଳତାଦି ଅଭିଳାଷ ପୂର୍ଣ୍ଣତା ଲାଭ କରିବ । ପରୋକ୍ଷ ଶତ୍ରୁତାଜନିତ ବିବାଦ, ଅସାବଧାନତାରୁ ଧନହାନି, ବନ୍ଧୁରେ କଳହ, ଚୌରଭୟ, ଉଚ୍ଚସ୍ଥାନରୁ ପତନ ପ୍ରତି ସତର୍କ ରହିବା ଭଲ । ତଥାପି ସରକାରୀ ସାହାଯ୍ୟ ସହାନୁଭୂତି, ନୂତନ ବନ୍ଧୁସମ୍ପର୍କ, ପାଖପଡୋଶୀଙ୍କ ଉଦାରତାରୁ ଆଶ୍ୱସ୍ତି ଲାଭ କରିବେ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବିଭିନ୍ନ ପ୍ରକାରର ସମସ୍ୟା, ଅର୍ଥ ସମ୍ପର୍କକୁ ନେଇ ବିବାଦ ଲାଗିବ । ନୂତନ ସ୍ଥାନ ପରିଭ୍ରମଣ, ବ୍ୟବସାୟ କ୍ଷେତ୍ର ଓ ଯାନ୍ତ୍ରିକ ଶିଳ୍ପରେ ଲାଭବାନ ହେତୁ ଖୁସୀ ହେବେ ।

## ତୁଳା

**ଚିତ୍ରା/ତୁଳା** (୧୪/୭)–ଶନି ଓ ବୃହସ୍ପତି ଚତୁର୍ଥକେନ୍ଦ୍ରରେ ରହି କର୍ମସ୍ଥାନକୁ ଦେଖୁଥିବାରୁ କର୍ମକ୍ଷେତ୍ରରେ ପ୍ରତିଷ୍ଠା, ଉଚ୍ଚସମ୍ମାନ, ଯାନବହନ, ଗୃହଭୂମିଲାଭର ଯୋଗ ରହିଛି । ଅଷ୍ଟମସ୍ଥ ରାହୁ ଧନହାନି ଓ ସମସ୍ୟା ସୃଷ୍ଟି କରିବେ । ଦୈହିକସୁସ୍ଥତା ଅକ୍ଷୁଣ୍ଣ ରହିବ କିନ୍ତୁ ମାନସିକ ଅଶାନ୍ତି ଲାଗିରହିବ । ଅବଶ୍ୟ ଶତ୍ରୁମାନେ ଦୂରେଇ ରହିବେ, ଆର୍ଥିକ ଅନଟନ ବଦଳିବ, ଗୃହରେ ବନ୍ଧୁମିଳନ ଓ ଶୁଭକାର୍ଯ୍ୟ ହେବ, ପୁରୁଣାଘର, ଗାଡିମୋଟର, ଯାନ୍ତ୍ରିକଜିନିଷ କ୍ରୟ କରିବେ, ବାଣିଜ୍ୟ, ବ୍ୟବସାୟ, କର୍ମକ୍ଷେତ୍ର ଭଲ ରହିବ । ମଙ୍ଗଳଙ୍କ ପ୍ରଭାବରୁ ଜମିଜମା କ୍ରୟଯୋଗ ଆସିବ । ସାକ୍ଷାତ୍‌କାରରେ କୃତକାର୍ଯ୍ୟ ହେବେ ଓ ନୂତନ ନିଯୁକ୍ତ ମିଳିବ ।
**ସ୍ୱାତୀ/ତୁଳା**(୧୫/୭)– ବୁଧନକ୍ଷତ୍ରସ୍ଥ କେତୁ ଧନସ୍ଥାନରେ ଶୁକ୍ରଯୁକ୍ତ କାରଣରୁ ଆକସ୍ମିକ ଧନଲାଭ, ବିଳାସୋପକରଣ କ୍ରୟ, ରବି ଓ ବୁଧ ଭାଗ୍ୟଭାବକୁ ଦେଖୁଥିବାରୁ ଭାଗ୍ୟୋଦୟ ଘଟିବ । ଯଶ, ମାନ, ପ୍ରତିଷ୍ଠାଦି ବୃଦ୍ଧି ପାଇବ । ଅଟକି ରହିଯାଇଥିବା କାମକୁ ଆରମ୍ଭ କରି ଆଶ୍ୱସ୍ତିଲାଭ କରିବେ । ଏହା ସଙ୍ଗକୁ ନୀଚସଙ୍ଗରୁ ଅପବାଦ, ସତର୍କତା ଅଭାବରୁ ଦୁର୍ଘଟଣା, ସମ୍ମାନ ହାନି, ନୂତନ କର୍ମାରମ୍ଭ, ବନ୍ଧୁପରିସର ବୃଦ୍ଧି ପାଇବ, ପାରିବାରିକ ଝଡଝଞ୍ଜା ଆସିବ, ଉନ୍ନତିର ଗତିରୋଧ ହେବନାହିଁ, ସନ୍ତାନ ହେତୁକ ମନ ଉଦ୍‌ବିଗ୍ନ ରହିପାରେ ।
**ବିଶାଖା/ତୁଳା**(୧୬/୭)– ଜ୍ଞାନକାରକ ବୃହସ୍ପତି କେନ୍ଦ୍ରରେ ରହି ସୃଜନୀଶକ୍ତିର ଅଭିବୃଦ୍ଧି କରାଇବେ । ସାହିତ୍ୟ, ସାମ୍ବାଦିକତା, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା କ୍ଷେତ୍ରରେ ସଫଳତା ମିଳିବ । ଖର୍ଚ୍ଚ ପରିମାଣ ବୃଦ୍ଧି, ନିରୁତ୍ସାହିତ ରହିବେ, କାର୍ଯ୍ୟ ସିଦ୍ଧି, ଅର୍ଥ, ଗୃହୋପଯୋଗୀ ଜମି, ଯାନବାହନ ଲାଭ, ମନୋରଞ୍ଜନ ଓ ଶୁଭ ମାଙ୍ଗଳିକ କାମରୁ ଖୁସୀ ରହିପାରନ୍ତି, କଳା, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା, ନୂତନ ବନ୍ଧୁତ୍ୱ, ଦର୍ଶନୀୟ ସ୍ଥାନକୁ ଭ୍ରମଣେଚ୍ଛା, ଅପୂରଣୀୟ ଆଶା ପୂର୍ଣ୍ଣହେବ, ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପା, କଳହ ଓ ମତାନ୍ତର, ମାନଅଭିମାନ, ଦ୍ରବ୍ୟନଷ୍ଟ, ଆଶଙ୍କା, ଅପବ୍ୟୟଜନିତ ମାନସିକ ଦୁଶ୍ଚିନ୍ତା ଓ ନୈରାଶ୍ୟଭାବ ଆସିବ ।

## ବିଛା

**ବିଶାଖା/ବିଛା**(୧୬/୮)– ସୁଖକାରକ ଶୁକ୍ର ରାଶିରେ କେତୁଯୁକ୍ତ ହୋଇ ବୁଧଙ୍କ ନକ୍ଷତ୍ରରେ ଥିବାରୁ ରଚନାତ୍ମକ କାର୍ଯ୍ୟରୁ, କ୍ରୀଡାଚଳଚ୍ଚିତ୍ରରୁ, ସଙ୍ଗୀତ ସମାରୋହରୁ ସୁନାମ ଅର୍ଜନ କରିବେ । କର୍ମକ୍ଷେତ୍ରରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଲାଭକରି ଯଶ, ସୁଖ୍ୟାତି ଓ ସମ୍ମାନ ପାଇବେ । ମାଲିମକଦ୍ଦମାରେ ସଫଳତା, ମିଥ୍ୟାରୋପରୁ ଦୁଶ୍ଚିନ୍ତା, ଭିଜିଲାନ୍ସ ଚଢାଉ, ସାମ୍ବାଦିକତା, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସଫଳତା, କଚେରି ମାମଲାରେ ବିଜୟୀ, ପ୍ରତିଯୋଗିତାରେ ସଫଳତା, ନୂଆ ଚଳଚ୍ଚିତ୍ର, ଯୋଗଶିକ୍ଷା ଓ ସଙ୍ଗୀତ ସାଧନାରେ ଆତ୍ମତୃପ୍ତି ଲାଭ କରିବେ ।
**ଅନୁରାଧା/ବିଛା**(୧୭/୮)– ଧନଭାବରେ ବୁଧାଦିତ୍ୟ ଯୋଗ ପ୍ରଭାବରେ ଧନଲାଭ, ପ୍ରଗଲ୍‌ଭ ବକ୍ତାଭାବରେ ସୁଖ୍ୟାତି ଅର୍ଜନ କରିବେ । ଭାଗ୍ୟସ୍ଥାନସ୍ଥ ଚନ୍ଦ୍ରଙ୍କୁ ଗୁରୁଦୃଷ୍ଟି ପାରିବାରିକ ସୁଖ, ଆନୁଷ୍ଠାନିକ ସମ୍ମାନ, ସାମାଜିକ ପ୍ରତିଷ୍ଠା ମିଳିବ । ଅତୀତ ସମସ୍ୟା ସମାଧାନ ହୋଇଯିବ । ଦୂରେଇଯାଇଥିବା ବନ୍ଧୁ ପାଖେଇ ଆସିବେ । ଏହାସଙ୍ଗକୁ କର୍ମକ୍ଷେତ୍ରରେ ଭୁଲ୍ ବୁଝାମଣା, ଅଧସ୍ତନ କର୍ମଚାରୀଙ୍କ ବିରୁଦ୍ଧାଚରଣ ଦ୍ୱାରା ସ୍ଥାନାନ୍ତରର ସମ୍ଭାବନା ରହିଛି । ବିବାଦର ସମାଧାନ ଓ ଧର୍ମ କାର୍ଯ୍ୟ ସମ୍ପନ୍ନ, ନୂତନ ଚାକିରି ଅଫର୍, ଆଧ୍ୟାତ୍ମିକ କାର୍ଯ୍ୟକ୍ରମ, ମେଳା, ମଉଛବର ସୁଯୋଗ ଲାଭ କରିପାରନ୍ତି ।
**ଜ୍ୟେଷ୍ଠା/ବିଛା**(୧୮/୮)–ମିତ୍ର ନକ୍ଷତ୍ରରେ ଚନ୍ଦ୍ର ଭାଗ୍ୟସ୍ଥ ହୋଇ ଗୁରୁ ଓ ଶନିଙ୍କ ଦୃଷ୍ଟିରେ ଥିବାରୁ ଆପଣଙ୍କୁ ସୌଭାଗ୍ୟଶାଳୀ କରାଇବେ । ସାମାଜିକ ସମ୍ମାନ, ଉଚ୍ଚପଦାଧିକାରୀଙ୍କ ସୁଦୃଷ୍ଟି, ଶତ୍ରୁତାର ବିଲୋପ, ମକଦ୍ଦମାର ଫଇସଲା ହୋଇଯିବ । ପ୍ରଶାସନିକ ସଫଳତା, ରାଜନୈତିକ ବିବାଦର ସମାଧାନ ମଧ୍ୟ ହୋଇପାରିବ । ବୈଷୟିକ ଅଭିବୃଦ୍ଧି ସହ ଗୃହୋପଯୋଗୀ ଜମିଜମା, ନୂତନ ଯାନବାହନ ଲାଭ ଏବଂ ଲୋକ ସମ୍ପର୍କ ବଢିବ । ପରିବାରଠାରୁ ଆଶାନୁରୂପ ସ୍ନେହ, ଶ୍ରଦ୍ଧା ପାଇବା କଷ୍ଟକର ହେବ । ବିଳମ୍ବ, ଆଶା, ଆଶଙ୍କା, ଅସୁସ୍ଥତା, ଦୁର୍ଘଟଣା, ଦୁଶ୍ଚିନ୍ତା ଓ ପ୍ରତିବନ୍ଧକର ସାମ୍ନା କରିବାକୁ ପଡିପାରେ ।

## ଧନୁ

**ମୂଳା/ଧନୁ** (୧୯/୯)– ଧର୍ମକର୍ମାଧିପତି ରବି ଓ ବୁଧ ରାଶିରେ ଅବସ୍ଥାନ କରି ଅଟକି ରହିଥିବା କାମ, ପାଇ ନ ଥିବା ଧନ, ଗୋପନ ଅଭିଳାଷକୁ ପୂର୍ଣ୍ଣାଙ୍ଗ କରିବେ । ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା, ଭୋଗବିଳାସ, ପାରିବାରିକ ଶାନ୍ତି, ପ୍ରୀତିଲାଭ, ଅର୍ଥ ପ୍ରାଚୁର୍ଯ୍ୟ, କାର୍ଯ୍ୟସିଦ୍ଧି, ସାମାଜିକ ଆଦୃତି ମାଧ୍ୟମରେ ସୁଖ ସମ୍ମାନ ପ୍ରଦାନ କରିବେ । ବାଣିଜ୍ୟ, ବ୍ୟବସାୟ ଓ ନୂତନ ବ୍ୟବସାୟାରମ୍ଭ ଶୁଭପ୍ରଦ ହେବ । ପୁରୁଣା ରୋଗ ବ୍ୟାଧିଜନିତ ପୀଡା, ପ୍ରବାସଯାତ୍ରା, ମହାଜନୀଭାର ଦୁଶ୍ଚିନ୍ତାର କାରଣ ହୋଇପାରେ ।
**ପୂର୍ବାଷାଢ଼ା/ଧନୁ**(୨୦/୯)– ଗତବର୍ଷର ସ୍ଥଗିତ କର୍ମାରମ୍ଭ, କର୍ମକ୍ଷେତ୍ରରେ ପଦୋନ୍ନତି, ଗଠନମୂଳକ କାମରେ ସହଯୋଗ ପାଇ କାର୍ଯ୍ୟହାସଲ କରିବେ । ଆର୍ଥିକ ସ୍ଥିତି ଭଲ ରହିବ । ଭ୍ରାତୃସମ୍ପର୍କରେ ଉନ୍ନତି ଘଟିବ ଓ ପାରିବାରିକ ସ୍ଥିତି ବହୁତ ଭଲ ରହିବ । ତଥାପି ସାମୟିକ ସ୍ୱାସ୍ଥ୍ୟହାନି, ଉଦ୍ୟମରେ ସମସ୍ୟା, ଆକସ୍ମିକ ସ୍ଥାନାନ୍ତର, ମାନସିକ ଦ୍ୱନ୍ଦ୍ୱ, ବିଦେଶ ଯାତ୍ରା, ଭ୍ରମଣ, ଧନହାନି ଓ ପାରିବାରିକ ଅଶାନ୍ତି ଉପୁଜିପାରେ । ଜମିବାଡି କିମ୍ବା ଗୃହ ସମ୍ପର୍କୀୟ କଳହ, ଅର୍ଥାଭାବ ହେତୁ ଧାରକରଜ, ପ୍ରବାସରେ କଷ୍ଟପୂର୍ଣ୍ଣ ପରିସ୍ଥିତି, ବନ୍ଧୁ ବିଚ୍ଛେଦଜନିତ ଦୁଃଖ, ପ୍ରଶାସନିକ ସ୍ତରରେ ଚାପର ସମ୍ମୁଖୀନ, ଅସ୍ଥିରତା ଭିତରେ ସମୟ କଟିବ ।
**ଉତ୍ତରାଷାଢ଼ା/–ଧନୁ**(୨୧/୯)–ନୀଚରାଶିଗତ ବୃହସ୍ପତିଙ୍କ ଦୁର୍ବଳତାରୁ ଶାରୀରିକ ଅସୁସ୍ଥତା, କର୍ମକ୍ଷେତ୍ରରେ ସ୍ଥାନାନ୍ତର, ସମ୍ପର୍କୀୟଙ୍କ ବିରୋଧ ଏବଂ ପାରିବାରିକ ଅଶାନ୍ତି ଅନୁଭବ କରିବେ । ଦ୍ରବ୍ୟ ନଷ୍ଟ, କଳହ, ମତାନ୍ତର, ବିଦେଶ ଯାତ୍ରାରେ ସମସ୍ୟା, ଧନହାନି ଓ ଚୌରଭୟ ପ୍ରଭୃତି ଘଟିବାର ଆଶଙ୍କା ରହିଛି । ରାହୁଙ୍କ ପ୍ରଭାବରୁ ଶତ୍ରୁନାଶ, ରାଜନୈତିକ ପୃଷ୍ଠପୋଷକତା ଲାଭ କରିବେ । ପରୋପକାରରୁ ପ୍ରଶଂସା, ବନ୍ଧୁମିଳନ, ମାଙ୍ଗଳିକ କାର୍ଯ୍ୟ, ଉତ୍ସବାନୁଷ୍ଠାନ, ଅର୍ଥ ଓ ସମ୍ମାନ ଲାଭ, ବାଣିଜ୍ୟରେ ଉନ୍ନତି ଓ ବିବାଦରେ ବିଜୟ ଲାଭରୁ ମନୋବଳ ବୃଦ୍ଧି ପାଇବ । ପାରିବାରିକ ଦୁଶ୍ଚିନ୍ତା, ସ୍ୱଜନ ବିବାଦ, ପାରିବାରିକ ଜୀବନକୁ ଦୁର୍ବିଷହ କରିପାରେ ।

## ମକର

**ଉତ୍ତରାଷାଢ଼ା–ମକର**(୨୧/୧୦)– ସ୍ୱଗୃହୀ ଶନି ପ୍ରଭାବରୁ ଶାରୀରିକ ସୁସ୍ଥତା, ଲୋକସମ୍ପର୍କ ବୃଦ୍ଧି, ସାମାଜିକ ସହଯୋଗ, ପ୍ରଶାସନିକ ସଫଳତା ପାଇବେ । କର୍ମକ୍ଷେତ୍ରରେ ଯଶ, ସମ୍ମାନ, ପ୍ରତିଷ୍ଠା ବୃଦ୍ଧି ପାଇବ । ମଙ୍ଗଳଙ୍କ ସ୍ଥିତି ଆପଣଙ୍କୁ ନୂତନ ଗୃହ, ଯାନବାହନ ପ୍ରଦାନ କରିବ । ସମସ୍ୟା ଓ ସଂଘର୍ଷମୟ ସ୍ଥିତିର ଅବସାନ ଘଟିବ । ମାଙ୍ଗଳିକ କାର୍ଯ୍ୟ, ସଭାସମିତି, ଆନୁଷ୍ଠାନିକ କାମ, ନୂତନ ବନ୍ଧୁତ୍ୱ ସ୍ଥାପନରୁ ଖୁସୀ ରହିବେ । ପାରିବାରିକ ମତଭେଦ ଘଟିଲେ ମଧ୍ୟ ଦୁଃସାହସିକ ପଦକ୍ଷେପ ନେଇ ସମସ୍ୟାକୁ ସୁଧାରି ନେବେ ।
**ଶ୍ରବଣା/ମକର**(୨୨/୧୦)–ଦୈହିକ ସୁସ୍ଥତା, ବନ୍ଧୁବର୍ଗଙ୍କ ସୌହାର୍ଦ୍ଦ୍ୟତା, ଆର୍ଥିକ ଉନ୍ନତି ଓ କାର୍ଯ୍ୟସିଦ୍ଧି କରିବେ । ପ୍ରତ୍ୟରିତାରସ୍ଥ ଚନ୍ଦ୍ର ବିବାଦର ଅବସାନ ଘଟାଇ ବୈବାହିକ କର୍ମ ସମ୍ପନ୍ନ କରାଇବେ । ବାଣିଜ୍ୟ, ବ୍ୟବସାୟରେ ଉନ୍ନତି, ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପ୍ରଦାନ କରିବେ । ସାମୟିକ ପାରିବାରିକ ସମସ୍ୟା, ଆନୁଷ୍ଠାନିକ କାମରେ ବାଧାଜନିତ ମାନସିକ ଅଶାନ୍ତି ଅନୁଭବ କରିବେ । ବାରମ୍ବାର ଭ୍ରମଣ, ଦ୍ରବ୍ୟନଷ୍ଟ ଓ କଳହ ଚିନ୍ତାର କାରଣ ହୋଇପାରେ । ମାମଲାର ଫଇସଲା, ଋଣ ପରିଶୋଧ, ସ୍ଥଗିତ ବଦଳି, ଧାତୁ ଅଳଙ୍କାର କ୍ରୟ କରି ସାମୟିକ ଆତ୍ମତୃପ୍ତି ଅନୁଭବ କରିବାର ସୁଯୋଗ ମିଳିବ ।
**ଧନିଷ୍ଠା/ମକର**(୨୩/୧୦)–ସ୍ୱଗୃହୀମଙ୍ଗଳ କର୍ମୋନ୍ନତି, କାର୍ଯ୍ୟସିଦ୍ଧି, ସୁଖସମ୍ପଦ, ନୂତନ ଗୃହଭୂମି, ପାରିବାରିକ ସୌଖ୍ୟ ଓ ଉଚ୍ଚପଦବୀ ପ୍ରଦାନ କରିବ । ମିତ୍ରତାବୃଦ୍ଧି, ମାଙ୍ଗଳିକ କାମ, ଯାନବାହନ କ୍ରୟ, ଆଇନ ଅଦାଲତରେ ଜୟଲାଭ, ପ୍ରଶାସନିକ ସ୍ତରରେ ସଫଳତା, ବ୍ୟବସାୟ ଓ ପରିବହନରେ ଆଶାତୀତ ଲାଭ, ସ୍ୱାସ୍ଥ୍ୟରେ ଉନ୍ନତିର ଆଶା ରହିଛି । ଶିଳ୍ପ, ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି ଘଟିବ । ମାତ୍ର ରାହୁଙ୍କ କୁପ୍ରଭାବରୁ ସନ୍ତାନଙ୍କ ବିଶୃଙ୍ଖଳା, ସ୍ୱାମୀ/ସ୍ତ୍ରୀଙ୍କ ସମ୍ପର୍କରେ ତିକ୍ତତା, ଧନହାନି, ଅପବ୍ୟୟ, ମିତ୍ରବନ୍ଧୁ ବିରୋଧର ଆଶଙ୍କା ରହିଛି । ପରୋପକାରରୁ ପ୍ରଶଂସା, ବନ୍ଧୁମିଳନ, ମାଙ୍ଗଳିକ କାର୍ଯ୍ୟ ଓ ଉତ୍ସବାନୁଷ୍ଠାନରେ ଯୋଗ ଦେବେ ।

## କୁମ୍ଭ

**ଧନିଷ୍ଠା/କୁମ୍ଭ**(୨୩/୧୧)– ଏକାଦଶରେ ରବି ଓ ବୁଧ ଅର୍ଥ ଓ ସମ୍ମାନ, ବିଶିଷ୍ଟବ୍ୟକ୍ତିଙ୍କ ସାହାଯ୍ୟ, ସରକାରୀ ସହାୟତା, ନୂତନ ନିଯୁକ୍ତି ପ୍ରଦାନ କରିବେ । ନୂତନ ବନ୍ଧୁ ସମ୍ପର୍କ, ମାଙ୍ଗଳିକ କାର୍ଯ୍ୟ, ଆନୁଷ୍ଠାନିକ କ୍ଷେତ୍ରରୁ ସମ୍ମାନ, ସଂଗଠନ, ପ୍ରଶାସନ କ୍ଷେତ୍ରରୁ ସଫଳତା ମିଳିବ । ପାରିବାରିକ, ସାମାଜିକ ଅଶାନ୍ତିଜନିତ ମାନସିକ ଅସ୍ଥିରତା ଓ ସମସ୍ୟା ମଧ୍ୟରେ ସମୟ କଟାଇବେ । କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାରର ଘାତ, ପ୍ରତିଘାତ, ପ୍ରତିବନ୍ଧକ ଓ ମନସ୍ତାପ ଦେଖାଦେବ । ପୁରାତନ ରୋଗ ବ୍ୟାଧି, ଉଚ୍ଚଶିକ୍ଷା କିମ୍ବା ସନ୍ତାନଙ୍କ ସମସ୍ୟାଜନିତ କିଛିଟା ଅଶାନ୍ତକର ପରିସ୍ଥିତି ସୃଷ୍ଟି ହୋଇପାରେ । ଅର୍ଥ ଦେଣନେଣରେ, ଯାତ୍ରାରେ, ପ୍ରବାସରେ ସତର୍କତା ରହିବା ଭଲ ।
**ଶତଭିଷା/କୁମ୍ଭ**(୨୪/୧୧)– ଚଳିତବର୍ଷ ନୂତନ ବନ୍ଧୁତ୍ୱ, ବୈବାହିକ କାର୍ଯ୍ୟ, ଅଭିଳଷିତ କାର୍ଯ୍ୟସିଦ୍ଧି, ସାମାଜିକ ଓ ଆନୁଷ୍ଠାନିକ ସମ୍ମାନ ଲାଭ କରିବେ । ବିବାଦୀୟ ପରିସ୍ଥିତି ଓ ରାଜନୈତିକ କ୍ଷେତ୍ରରେ ରାହୁ ଓ ମଙ୍ଗଳଙ୍କ ପ୍ରଭାବରୁ ବିଜୟୀ ହେବେ । ଶିଳ୍ପ, ରପ୍ତାନି ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ଉନ୍ନତି ଘଟିବ । ଆରୋଗ୍ୟଲାଭ ସହ ଅର୍ଥନୈତିକ ଅଭିବୃଦ୍ଧି ଏବଂ ବନ୍ଧୁବାନ୍ଧବଙ୍କ ସହାନୁଭୂତି ପାଇବେ । କିନ୍ତୁ ନୀଚସ୍ଥ ବୃହସ୍ପତିଙ୍କ ଦୋଷରୁ ଭୁଲ୍ ବୁଝାମଣା, ପରିବାର ଭିତରେ ଅଶାନ୍ତି, ଜମିଜମା ବିବାଦ, ଯାନବାହନରେ ସମସ୍ୟା ଓ ବନ୍ଧୁମାନଙ୍କ ସହ ସାମୟିକ ଝଗଡା ମଧ୍ୟ ସୃଷ୍ଟି ହେବ । ପ୍ରିୟବ୍ୟକ୍ତିଙ୍କୁ ହରାଇ ମାନସିକ ଅସ୍ଥିରତା ଅନୁଭବ କରିବାକୁ ପଡିପାରେ ।
**ପୂର୍ବଭାଦ୍ରପଦ୍/କୁମ୍ଭ–**( ୨୫/୧୧)– ସ୍ୱାସ୍ଥ୍ୟସମସ୍ୟା ନିୟନ୍ତ୍ରଣ ରହିବ, ଧର୍ମକାର୍ଯ୍ୟ କରିବେ, ଗସ୍ତକାର୍ଯ୍ୟକ୍ରମ ବଢିଯିବ । ମଙ୍ଗଳଙ୍କ ସୁପ୍ରଭାବରୁ କର୍ମକ୍ଷେତ୍ରରେ ସ୍ଥାନାନ୍ତରିତ ହେବାର ଭୟ ନାହିଁ । ଭୂସମ୍ପତ୍ତି ଲାଭର ଯୋଗ ରହିଛି । ସନ୍ତାନଙ୍କ କୃତିତ୍ୱରୁ ଆନନ୍ଦିତ ହେବେ । ପାରିବାରିକ ସୁଖାନୁଭବ କରିବେ । ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ । ମାଲିମକଦ୍ଦମା, ପ୍ରତିଯୋଗିତା, ବାଣିଜ୍ୟ, ବ୍ୟବସାୟରେ ସଫଳତା ପାଇବେ । ସମସ୍ୟା ଓ ସଂଘର୍ଷକରି ନିଜ ନିଜର ଲକ୍ଷ୍ୟ ହାସଲ କରିବାରେ ସମର୍ଥ ହେବେ ।

## ମୀନ

**ପୂର୍ବଭାଦ୍ରପଦ୍/ମୀନ**(୨୫/୧୨)–ଲାଭଭାବରେ ଗୁରୁ ଓ ଶନି ସମସ୍ତ କାର୍ଯ୍ୟରେ ସିଦ୍ଧିଲାଭ କରାଇବେ । ବୈଷୟିକ ସୁଖ ସମ୍ପଦ ସହ ସାମାଜିକ ସ୍ଥିତିକୁ ସୁଦୃଢ କରିବେ । ପାରିବାରିକ ଜୀବନ ଓ କର୍ମକ୍ଷେତ୍ର ଭଲ ରହିବ । ଅଭାବ ରହିବନି । ସମସ୍ୟା ସୁଧୁରିଯିବ । ଗୁରୁତ୍ୱପୂର୍ଣ୍ଣ କାମ ସମ୍ପନ୍ନ ହେବ । ହିତୈଷୀ ସହକର୍ମୀ ସାହାଯ୍ୟ ସହଯୋଗ କରିବେ । ପଦସ୍ଥ ବ୍ୟକ୍ତିଙ୍କ ସହାୟତା ମିଳିବ । ତଥାପି ପୁରାତନ ରୋଗର ପୀଡା ଭୋଗି ପାରନ୍ତି । ମହାଜନୀ ଚାପ, ଚାକିରି ସମସ୍ୟା, ଭ୍ରାତୃବିବାଦ, ନିର୍ମାଣରେ ବାଧା, ବୃତ୍ତିଗତ ଧନ୍ଦାରେ ଅବନ୍ନତି ଯୋଗୁ ମନସ୍ତାପ କରିପାରନ୍ତି ।
**ଉତ୍ତରଭାଦ୍ରପଦ୍/ମୀନ** (୨୬/୧୨)– ଧନସ୍ଥାନରେ ମଙ୍ଗଳ କୁଟୁମ୍ବ ସୌଖ୍ୟ, ଆର୍ଥିକ ଉନ୍ନତି, ମଙ୍ଗଳଜନକ କାର୍ଯ୍ୟ ସମ୍ପନ୍ନ କରାଇବେ । ବୃହସ୍ପତିଙ୍କ ପ୍ରଭାବରୁ ସନ୍ତାନସୌଖ୍ୟ, ସଫଳ ଆଲୋଚନା, ସାମାଜିକ ଆଦୃତି ଘଟିବ । ନିର୍ମାଣାଧୀନ ଗୃହ ପୂର୍ଣ୍ଣାଙ୍ଗ ହେବ, ବିଦେଶଯାତ୍ରା, ସଭାସମିତିକୁ ଆହ୍ୱାନ, କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ । ପୁରାତନ ରୋଗର ପ୍ରାଦୁର୍ଭାବ, ଯାନବାହନରେ ସାମୟିକ ଆଘାତ, ଅଜଣାଭୟ ଓ ଆଶଙ୍କା ମନକୁ ଦୋହଲାଇ ପାରେ । ସୁସମ୍ପର୍କରେ ଭଙ୍ଗା, ଚୋରି ଓ ପାରିବାରିକ ଦ୍ୱନ୍ଦ୍ୱ ମନସ୍ତାପର କାରଣ ହେବ ।
**ରେବତୀ/ମୀନ**(୨୭/୧୨)–ଏକାଧିକଗ୍ରହଙ୍କ ଶୁଭତ୍ୱ କାରଣରୁ ସୁନ୍ଦର ସ୍ୱାସ୍ଥ୍ୟ, ଉତ୍ତମ ଶିକ୍ଷା, ବନ୍ଧୁବାନ୍ଧବଙ୍କ ପ୍ରୀତିଲାଭ ଏବଂ ଶିକ୍ଷା, ପରୀକ୍ଷାରେ ସଫଳତା, ନୂତନ ଗୃହ, ଜମିଜମା, ଯାନ ବାହନ କିଣିବାର ସୁଯୋଗ ମିଳିବ । ମାଲି ମକଦ୍ଦମାରେ ସଫଳତା, ନୂତନ ସ୍ଥାନ ପରିଭ୍ରମଣ, ବ୍ୟବସାୟ କ୍ଷେତ୍ର ଓ ଯାନ୍ତ୍ରିକ ଶିଳ୍ପରେ ଲାଭବାନ ହେତୁ ଖୁସୀ ହେବେ । ଲେଖାପଢା, ଋଣ ପରିଶୋଧ, ମୂଲ୍ୟବାନ ଧାତୁ, ଅଳଙ୍କାର କିଣିବାଜନିତ ଖୁସି ହେବେ । ନୂତନ ସ୍ଥାନ ପରିଭ୍ରମଣ, ବ୍ୟବସାୟ କ୍ଷେତ୍ର ଓ ଯାନ୍ତ୍ରିକ ଶିଳ୍ପରେ ଲାଭବାନ ହେତୁ ଖୁସୀ ହେବେ ।

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମୋ–୯୭୭୮୦୧୮୫୫ mail: pkmahapatro@gmail.com

**ନନ୍ଦନକାନନରେ ବୁଲିଲେ ୫୩୪୨ ପର୍ଯ୍ୟଟକ**

ବାରଙ୍ଗ,(ଡ.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନରେ ଗୁରୁବାର ୫୩୪୨ଜଣ ପର୍ଯ୍ୟଟକ ବୁଲିଛନ୍ତି। ତନ୍ମଧ୍ୟରୁ ଅନଲାଇନରେ ୧୩୯ଜଣ ପର୍ଯ୍ୟଟକ ଟିକେଟ କାଟିଥିବା ବେଳେ ଅଫ୍‌ଲାଇନରେ ୫୨୦୩ ଜଣ ଟିକେଟ କାଟିଥିଲେ। ପୁରୀ ମାଟିତୋଟା ଅଞ୍ଚଳର ସସ୍ମିତା ଆଚାର୍ଯ୍ୟ ପରିବାର ସହ ନନ୍ଦନକାନନ ବୁଲିବାକୁ ଆସିଥିଲେ। ସରିସୃପ ଉଦ୍ୟାନ ପାଖରେ ବୁଲୁଥିବା ବେଳେ ସସ୍ମିତାଙ୍କ ମନିପର୍ସ ଜଣେ ମହିଳା ନେଇ ପଳାଉଥିଲେ। ଏହାପରେ ସସ୍ମିତାଙ୍କ ସ୍ୱାମୀ ଲୁଟେରାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।

# ସ୍ୱାସ୍ଥ୍ୟ ସଚିବଙ୍କୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ

### ଅପରେଶନବେଳେ ମହିଳାଙ୍କ ମୃତ୍ୟୁ ମାମଲା

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ପରିବାର ନିୟନ୍ତ୍ରଣ ଅପରେଶନ ସମୟରେ ମହିଳାଙ୍କ ମୃତ୍ୟୁ ମାମଲାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ମୁଖ୍ୟ ସଚିବଙ୍କୁ ନୋଟିସ ଦେଇଛନ୍ତି। ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ମାନବାଧିକାର କର୍ମୀ ଶ୍ରୀ ଅଖଣ୍ଡଙ୍କ ପିଟିଶନର ଶୁଣାଣି କରି ଏନ୍‌ଏଚ୍‌ଆର୍‌ସ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ଜିଲା ଏରସମା ଅଞ୍ଚଳରେ ଡିସେମ୍ବର ୧୧ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏକ ପରିବାର ନିୟନ୍ତ୍ରଣ ଅପରେଶନ କ୍ୟାମ୍ପ୍ କରାଯାଇଥିଲା। କ୍ୟାମ୍ପ୍‌ରେ ଅପରେଶନ ପରେ ବିଦ୍ୟୁଲତା ରାଉତ ନାମକ ଜଣେ ମହିଳା ଅସୁସ୍ଥ ହୋଇପଡ଼ିଥିଲେ। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଏସ୍‌ସିବି ମେଡ଼ିକାଲକୁ ନିଆଯାଉଥିବା ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ମୃତ ମହିଳାଙ୍କ ସ୍ୱାମୀ ଏରସମା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବିଦ୍ୟୁଲତା ପରିବାର ନିୟନ୍ତ୍ରଣ ଅପରେଶନ ପାଇଁ ଆଗ୍ରହୀ ନ ଥିବାବେଳେ ସ୍ଥାନୀୟ ଆଶା କର୍ମୀ ତାଙ୍କୁ ଏଥିପାଇଁ ପ୍ରବର୍ତ୍ତାଇ ଥିଲେ। ତାଙ୍କୁ ଭୁଲ୍ ଆନାସ୍ଥେସିଆ ଦିଆଯିବା ସହ ବିଳମ୍ବିତ ସନ୍ଧ୍ୟା ପର୍ଯ୍ୟନ୍ତ ଅପରେଶନ କରାଯାଇଥିଲା। ସ୍ତ୍ରୀଙ୍କ ମୃତ୍ୟୁ ପାଇଁ ଡାକ୍ତର, ଆଶାକର୍ମୀ ଓ ସମ୍ପୃକ୍ତ ଅନ୍ୟମାନଙ୍କୁ ଦାୟୀ କରିଥିଲେ। ଏହି ଘଟଣାରେ ଶ୍ରୀ ଅଖଣ୍ଡ ଏନ୍‌ଏଚ୍‌ଆର୍‌ସିରେ ପିଟିଶନ (୩୧୮୨/୧୮/୨୩/୨୦୨୦) କରି ବିଭାଗୀୟ ଅଧିକାରୀ ତଥା ଚିକିତ୍ସା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ପୀଡ଼ିତାଙ୍କ ପରିବାରକୁ ଆର୍ଥିକ କ୍ଷତିପୂରଣ ଦେବାକୁ ନିବେଦନ କରିଥିଲେ।

## ଭୁବନେଶ୍ୱରରେ କୋଭିଡ୍ ଯୋଦ୍ଧାଙ୍କ ସ୍ମାରକୀ ପ୍ରତିଷ୍ଠା ହେବ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)– ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସରେ ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପରିବାରବର୍ଗଙ୍କ ସହ ଆଲୋଚନା କରିଛନ୍ତି। ଶହୀଦଙ୍କ ତ୍ୟାଗ କେବେ ବିଫଳ ହେବ ନାହିଁ । କୋଭିଡ୍ ବିରୋଧରେ ଲଢ଼େଇରେ ଆମେ ନିଶ୍ଚିତ ଜିତିବା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ଯୋଦ୍ଧାଙ୍କ ସ୍ମୃତି ରକ୍ଷା ପାଇଁ ଭୁବନେଶ୍ୱରରେ ଏକ ସ୍ମାରକୀ ପ୍ରତିଷ୍ଠା କରାଯିବ। ଏଥିରେ ଶହୀଦ ହୋଇଥିବା ସମସ୍ତ କୋଭିଡ୍‌ଯୋଦ୍ଧାଙ୍କ ନାମ ଲିପିବଦ୍ଧ ହୋଇ ରହିବ ବୋଲି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଲକାନଗିରି, ବରଗଡ, ବାଲେଶ୍ୱର ଓ ଗଞ୍ଜାମ ଜିଲାର ଶହୀଦ କୋଭିଡ୍ ଯୋଦ୍ଧାଙ୍କ ପରିବାର ସହିତ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପି.କେ. ମହାପାତ୍ର, ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫–ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୋଭିଡ୍ ଯୋଦ୍ଧାଙ୍କ ତ୍ୟାଗ ଓ ସେବା ସମ୍ପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା।

# ପରୀ ହତ୍ୟାକାଣ୍ଡର ସିବିଆଇ ତଦନ୍ତ ଦାବି

### ମୁଖ୍ୟ ଶାସନ ସଚିବଙ୍କୁ ଭାଜପା ମହିଳା ମୋର୍ଚ୍ଚାର ସ୍ମାରକପତ୍ର

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ)

ନୟାଗଡ଼ ଜିଲା ଯଦୁପୁର ପରୀ ହତ୍ୟାକାଣ୍ଡର ତଦନ୍ତ ଏବେ ଦିଗହରା ହୋଇଥିବା ଅଭିଯୋଗ ଆଣିଛି ଭାଜପା ମହିଳା ମୋର୍ଚ୍ଚା। ସିବିଆଇକୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦେବା ପାଇଁ ଦଳୀୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହାସହ ମନ୍ତ୍ରୀ ଅରୁଣ ସାହୁ ଏବଂ ଏସ୍‌ଆଇଟି ମୁଖ୍ୟଙ୍କ ଭାଇରାଲ ଅଡିଓ ମଧ୍ୟ ଦିଆଯାଇଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି, ୨୦୨୦ ଜୁଲାଇ ୧୪ରେ ପରୀକୁ ହତ୍ୟା କରାଯାଇଥିଲା। ପୋଲିସ ଶିଶୁର ମା'ବାପାଙ୍କୁ ତଦନ୍ତ ନାମରେ ନିର୍ଯାତନା ଦେଇଚାଲିଛି। ହତ୍ୟା ମାମଲାର ତଦନ୍ତ କରୁଥିବା ଏସ୍‌ଆଇଟି ମୁଖ୍ୟ ଅରୁଣ ବ୍ରୋଥା ସରକାରୀ ଦଳ ନିର୍ଦ୍ଦେଶରେ ଜଣେ ନିର୍ଦ୍ଦୋଷକୁ ଅପରାଧୀ ସଜାଇଛନ୍ତି। ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ବାବୁଲି ନାୟକକୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ଅଭିଯୁକ୍ତଙ୍କୁ ମନ୍ତ୍ରୀ ଅରୁଣ ସାହୁ ସୁରକ୍ଷା ଦେଉଥିବାରୁ ଶାସକ ଦଳ ଚାପରେ ମନଗଢ଼ା ଗପ ରାଜ୍ୟବାସୀଙ୍କ ଆଗରେ ରଖିଛି। ଏସ୍‌ଆଇଟି ତଦନ୍ତ କେବେ ପରୀକୁ ନ୍ୟାୟ ଦେଇପାରିବ ନାହିଁ। ତେଣୁ ଘଟଣାର ସିବିଆଇ ତଦନ୍ତ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।








































## ଟାଙ୍କି ଡାଡ଼ି ଡିଜେଲ ଚୋରି

ଚମ୍ପୁଆ,(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆରେ ଦିନକୁ ଦିନ ଯାନ ବାହାନରୁ ତେଲ ଚୋରି ବଢ଼ିବାରେ ଲାଗିଛି। ଚମ୍ପୁଆ ଯୋଡା ରୋଡରେ ଥିବା ଗ୍ୟାରେଜ ଗୁଡିକରେ ଗାଡି ମରାମତି ପାଇଁ ଆସିଥିବାବେଳେ ବୁଧବାର ରାତିରେ ଚୋର ମାନେ ଠିଆ ହୋଇଥିବା ଗାଡି ଗୁଡିରେ ତେଲଟାଙ୍କି ଚାବି ଭାଙ୍ଗି ଡିଜେଲ ଲୁଟି ନେଇଛନ୍ତି। ଏହି ଗାଡି ଗୁଡିକ ଗ୍ୟାରେଜରେ ଲଗାଇ ହେଲପର ମାନେ ଶୋଇଥିଲେ ମଧ ଏହାର ସୁରାକ ପାଇପାରି ନଥିଲେ। ପ୍ରାୟ ୧୦ରୁ ଉର୍ଦ୍ଧ ଟ୍ରକ ଓ ବସରୁ ଏହି ତେଲ ଚୋରି ହୋଇଛି।



## ସଂକ୍ଷେପରେ

### ଜିଲା ଯୁବ ବିଜେଡି ସଭାପତିଙ୍କୁ ସମ୍ବର୍ଦ୍ଧନା

**ଔପଦା,୩୧।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ଅଞ୍ଚଳରେ ଜିଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଔପଦା କଲେଜ ଛକ ନିକଟରୁ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ତାଙ୍କୁ ସଭାସ୍ଥଳକୁ ପାଛୋଟି ଅଣାଯାଇଥିଲା। ପରେ ଏକ ସମ୍ବର୍ଦ୍ଧନା ସଭା ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ସରପଞ୍ଚ ସଚ୍ଚିନ୍ଦ୍ର ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ନିରଞ୍ଜନ ପ୍ରସାଦ ବାରିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଯୁବକମାନେ ବିଜେଡିର ବିଜୟ ରଥକୁ ଆଗକୁ ନେବାକୁ ଯୁବ ବିଜେଡି ସଭାପତି ତାଙ୍କ ବକ୍ତବ୍ୟରେ କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଜିଲାପରିଷଦ ସଭ୍ୟା ସୁବାସିନୀ ବିଶ୍ୱାଳ, ନାରୀନେତ୍ରୀ ସୁମତୀ ମହାନ୍ତି, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ଯୁବନେତା କମଲଲୋଚନ ପଣ୍ଡା, ଦେବେନ୍ଦ୍ର ଦାଶ, ବିସ୍ମୟ ମଲ୍ଲିକ, କୌଶିକ ମହାପାତ୍ର, ବିଜୟ ସାମଲ, ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନେତା ଅନିରୁଦ୍ଧ ବିଶ୍ୱାଳ, ଅନନ୍ତ ମହାନ୍ତି, ନିତ୍ୟାନନ୍ଦ ମଲ୍ଲିକ, ପ୍ରଫୁଲ୍ଲ ରାଉତ, ଗୟାଧର ସେଠୀ ପ୍ରମୁଖ ବକ୍ତବ୍ୟ ରଖି ଯୁବନେତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ରଜନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଡାଲିଜାତୀୟ ଫସଲ ଲାଗି ବିହନ ଯୋଗାଣ

**ସଜନାଗଡ଼, ୩୧।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କେସିପୁର ପଞ୍ଚାୟତରେ ଗୁରୁବାର ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଯୋଜନାରେ ଧାନ ଚାଷର ପରବର୍ତ୍ତୀ ପଡ଼ିଆ ଜମିରେ ଡାଲି ଜାତୀୟ ଫସଲ ଉତ୍ପାଦନ ପାଇଁ ଉନ୍ନତମାନର ବିହନ ଯୋଗାଣ କରାଯାଇଛି। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, କେସିପୁରର ସରପଞ୍ଚ ମହେନ୍ଦ୍ର ସିଂ, ସମିତିସଭ୍ୟା ଯଶୋଦା ନାଏକ, ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ନିର୍ମଳ କୁମାର ନାୟକ, ସହକାରୀ କୃଷି ଅଧିକାରୀ ସନାତନ ପ୍ରଧାନ, ଗ୍ରାମ୍ୟ କୃଷି ଅଧିକାରୀ ଦିଲୀପ କୁମାର ସାହୁଙ୍କ ଉପସ୍ଥିତିରେ ୩୦ଜଣ ଚାଷୀଙ୍କୁ ବିହନ ଯୋଗାଣ କରାଯାଇଛି।

ସରକାର ଡାଲି ଜାତୀୟ ଫସଲର ଗୁରୁତ୍ୱକୁ ଉପଲବ୍ଧି କରି ଉନ୍ନତ କିସମର ବିହନ ସହ ବିଷ, ଅଣୁସାର, ବାୟୋଫୋର୍ଟିଲାଇଜର, ଲଟାମରା, ଫେରୋମନଟ୍ରାପ ଆଦି ଚାଷୀର ଉତ୍ପାଦନକୁ ଯଥେଷ୍ଟ ବୃଦ୍ଧି ପାଇଁ ପ୍ରଦାନ କରାଯାଇଛି। ସେହିପରି ଭଉଁରିଆବାଡ଼ ପଞ୍ଚାୟତରେ ଚାଷୀଙ୍କୁ ବିହନ ଯୋଗାଣ କରାଯାଇଛି।

# ଭିଡ଼ ଜମାଇଲେଣି ପର୍ଯ୍ୟଟକ

**ଭୋଗରାଇ, ୩୧।୧୨(ଡି.ଏନ.ଏ.)**

### କଟକଣାକୁ ବେଖାତିର

■ଚନ୍ଦନେଶ୍ୱର ମନ୍ଦିର ଆଗରେ ତାଲା, ପଛରେ ଖୋଲା

୨୦୨୦ବର୍ଷକୁ ବିଦାୟ ଓ ନୂତନବର୍ଷ ସ୍ୱାଗତ କରିବା ଲାଗି କରୋନା କଟକଣା ସତ୍ତ୍ୱେ ବାଲେଶ୍ୱର ଜିଲା ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଭିଡ଼ ଲାଗିଛି। ଗୁରୁବାରଠାରୁ ଭୋଗରାଇର ଉଦୟପୁର, ତାଳସାରୀ, ବିଚିତ୍ରପୁରର ଇକୋ ଟୁରିଜିମ୍, ବାଲିଆପାଳର ଡଗରା, ଚୌମୁଖ ବେଳାଭୂମିରେ ବହୁସଂଖ୍ୟକ ପର୍ଯ୍ୟଟକ ସମବେତ ହୋଇଛନ୍ତି। ପ୍ରସିଦ୍ଧ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ସେବାୟତମାନେ ମୁଖ୍ୟଗେଟ୍‌ରେ ତାଲା ପକାଇ ପଛଗେଟ୍‌ରେ ପର୍ଯ୍ୟଟକ ଓ ଭକ୍ତଙ୍କ ନିମନ୍ତେ ଖୋଲା ରଖିଛନ୍ତି। ନୂଆବର୍ଷରେ ଚନ୍ଦନେଶ୍ୱର ମନ୍ଦିର ଓ ଏସିଆର ସର୍ବବୃହତ୍ ଶିବଲିଙ୍ଗ ଭୂଷଣ୍ଡେଶ୍ୱର ମନ୍ଦିରରେ ବହୁ ପର୍ଯ୍ୟଟକ ଓ ଭକ୍ତଙ୍କ ଗହଳି ପରିଲକ୍ଷିତ ହୋଇଛି। ଏତଦ୍‌ଭିନ୍ନ ଭୋଗରାଇ ସୀମାନ୍ତ ଦୀଘା, ଶଙ୍କରପୁର, ତାଜପୁର ଓ ମନ୍ଦାରମଣି ବେଳାଭୂମି ପର୍ଯ୍ୟଟନସ୍ଥଳୀରେ ଦଳ ଦଳ ବଙ୍ଗୀୟ ପର୍ଯ୍ୟଟକମାନେ ଆସ୍ଥାନ ଜମାଇଛନ୍ତି। ଦୀଘା ସୈକତ ସହରରେ ହୋଟେଲଗୁଡ଼ିକରେ ବିଦ୍ୟୁତ୍ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିବା ବେଳେ ଏଠାରେ ଅମରାବତୀ ପାର୍କ ବିଜ୍ଞାନକେନ୍ଦ୍ର, ବିଶ୍ୱବାଂଲା, ମେରାଇନ୍ ଆକ୍ୱାରିୟମ୍ ସ୍ଥାନରେ ଭିଡ଼ ଜମିଛି। ବିଶ୍ୱର ଅନନ୍ୟ ସୌନ୍ଦର୍ଯ୍ୟଭରା ବେଳାଭୂମି ତାଳସାରୀ ସୁବର୍ଣ୍ଣଦୀପରେ ଭ୍ରମଣ, ନାଲି କଙ୍କଡ଼ାର ଲୁଚକାଳି ଖେଳ ଓ ଉଦୟପୁର ବେଳାଭୂମି ସମୁଦ୍ର ଢ଼େଉରେ ଗାଧୋଇବା ନିଆରା ମଜା ନେଉଛନ୍ତି ପର୍ଯ୍ୟଟକ।



ଦୀଘାରେ ପର୍ଯ୍ୟଟକମାନେ ସମୁଦ୍ରରେ ଗାଧୋଇବାର ମଜା ନେଉଛନ୍ତି।

# ଗୋଚରରେ ପୋଖରୀ ଖୋଳା

**ରାଇରଙ୍ଗପୁର, ୩୧।୧୨(ଡି.ଏନ.ଏ)**

### ପ୍ରତିବାଦରେ ରାସ୍ତାରୋକୋ

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଭାଲୁବସା ଗ୍ରାମ ନିକଟସ୍ଥ ଏକ ଗୋଚର ଜମିରେ ବେଆଇନ ପୋଖରୀ ଖୋଳାକୁ ନେଇ ବିବାଦ ସୃଷ୍ଟି ହୋଇଛି। ଏହାକୁ ବିରୋଧ କରି ଗୁରୁବାର ଗ୍ରାମ ନିକଟସ୍ଥ ୨୨୦ନଂ. ଜାତୀୟ ରାଜପଥକୁ ଗ୍ରାମବାସୀ ଅବରୋଧ କରିଥିଲେ। ଖବରପାଇ ତହସିଲଦାର ଯୋଗରଞ୍ଜନ ନାୟକ, ବିଡିଓ ସାଗରଚନ୍ଦ୍ର ମୁର୍ମୁଙ୍କ ସମେତ ସ୍ଥାନୀୟ ଆରଆଇ, ଟାଉନଥାନା ଅଧିକାରୀ ରେଣୁବାଳା ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଥିଲେ। ଆନ୍ଦୋଳନକାରୀ ଗ୍ରାମବାସୀମାନଙ୍କ ସହ ପ୍ରଶାସନିକ ଅଧିକାରୀଙ୍କ ଆଲୋଚନା ପରେ ରାସ୍ତାରୋକୋ ହଟିଥିଲା। ୪ ଡିସମିଲଡ଼୍ ପରିମିତ ଉକ୍ତ ଗୋଚର ଜମିରେ କେତେକ ଲୋକ ଜେସିବି ମେସିନ ମାଧ୍ୟମରେ ପୋଖରୀ ଖୋଳୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

# ସଂଘବଦ୍ଧ ଆକ୍ରମଣରେ ଗୁରୁତର ମହିଳାଙ୍କ ମୃତ୍ୟୁ: ୪ ଗିରଫ

**ବାସୁଦେବପୁର, ୩୧।୧୨(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଡ଼ୁଁଆ ପଞ୍ଚାୟତ ମଳିକସାହି ବସ୍ତିରେ କୁକୁଡ଼ା ଚୋରି ସନ୍ଦେହକୁ ନେଇ ଗତ ୨୯ ତାରିଖରେ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସଂଘବଦ୍ଧ ଆକ୍ରମଣରେ ଗୋଟିଏ ପକ୍ଷର ମଞ୍ଜୁ ମଲିକ ନାମ୍ନୀ ମହିଳା ଗୁରୁତର ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଗୁରୁବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ଦିଆଯାଇଛି। ଏହି ଘଟଣାରେ ବାସୁଦେବପୁର ଥାନା ପୋଲିସ ତଦନ୍ତ କରି ମୃତଦେହ ଜବତ କରିବା ସହ ୪ ଆକ୍ରମଣକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଅଡ଼ୁଁଆ ଗ୍ରାମର ରୂପା ମଲିକ, ଦିଲୀପ ମଲିକ, ଜଲି ମଲିକ ଓ ଅନିଲ ମଲିକ। ପୋଲିସ ସେମାନଙ୍କୁ ଭଦ୍ରକ କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୩୩୮/୨୦) ରୁଜୁ ହୋଇଛି। ସୂଚନାଯୋଗ୍ୟ ଯେ, ମୃତା ମଞ୍ଜୁଙ୍କ କୁକୁଡ଼ା ପଡ଼ୋଶୀ ରୂପା ମଲିକଙ୍କ ବାଡ଼ିରେ ବୁଲୁଥିଲା। ପରେ ଆଉ ତାକୁ ପାଇ ନ ଥିଲେ। ରୂପାଙ୍କ ପରିବାର ଲୋକ କୁକୁଡ଼ାକୁ ନେଇ ଯାଇଥିବା ମଞ୍ଜୁଙ୍କ ମନରେ ସନ୍ଦେହ ହୋଇଥିଲା। ଏହାକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ବଚସା ସହ ମାର୍‌ପିଟ୍ ହୋଇଥିଲା। ଅପରପକ୍ଷର ସଂଘବଦ୍ଧ ଆକ୍ରମଣରେ ମଞ୍ଜୁ ଗୁରୁତର ହେବାରୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭଦ୍ରକ ଓ କଟକ ସ୍ଥାନାନ୍ତର ହୋଇଥିଲେ।

# ଚନ୍ଦ୍ରଭାଗୋତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ, ୩୧।୧୨**

ବାଲେଶ୍ୱର ଷ୍ଟେଶନଛକସ୍ଥିତ ଗାନ୍ଧୀ ସ୍ମୃତିଭବନ ପରିସରରେ ୩୦/୩୧ ବର୍ଷ ଚନ୍ଦ୍ରଭାଗୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁବାର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ଅନୁସୂୟା ନାୟକ, ସୁବାସିନୀ ଜେନା, ଅଞ୍ଜଳି ପଣ୍ଡା, ମମତା ମହାପାତ୍ର, ସୁଶ୍ରୀ ଅରୁଣା ରାୟ, ବାସନ୍ତୀ ପାଣି, ଶ୍ରୀମତୀ ବିପାଶା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥିମାନଙ୍କୁ ଚନ୍ଦ୍ରଭାଗାର ମୁଖ୍ୟ କବି ଶ୍ରୀଦେବ ମୋମେଣ୍ଟୋ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଅନୁଷ୍ଠାନ ସଦସ୍ୟ ଅରୁଣାଂଶୁ ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନାଚ୍ ଅନୁଷ୍ଠାନ ତରଫରୁ ସ୍କୁଲ ପିଲାମାନଙ୍କ ମଧ୍ୟରେ ସଙ୍ଗୀତ ଏବଂ କୌତୁକ ପୋଷାକ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ବିଚାରକ ଭାବେ କଣ୍ଠଶିଳ୍ପୀ ଶରତ ଦାସ ଏବଂ ପ୍ରମୋଦ ଦାସ ଅଂଶଗ୍ରହଣ କରିଥିଲେ। ଶେଷରେ ନାଚ୍ ଅନୁଷ୍ଠାନର ନିର୍ଦ୍ଦେଶିକା ରୋନାଲିସା ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏସ୍.କେ. ରାଜା, ସତ୍ୟ ସାହୁ, ଜ୍ୟୋତିର୍ମୟୀ ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ଚନ୍ଦ୍ରଭାଗୋତ୍ସବ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

# ଅଚିହ୍ନା ମୃତଦେହ ଜବତ

**ଖଇରା, ୩୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ଥାନା ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ସାଲମାଗଡିଆ ଗ୍ରାମ ନିକଟରୁ ଏକ ଅଚିହ୍ନା ବ୍ୟକ୍ତିର ମୃତଦେହ ଜବତ କରାଯାଇଛି। ସକାଳେ ଗ୍ରାମବାସୀ ଗାଁ ମୁଣ୍ଡରେ ମୃତଦେହ ପଡିଥିବା ଦେଖି ଖଇରା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୩୫/୨୦)ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୋର ପଠାଇଛି।

# ମୟୂରଭଞ୍ଜ ମୁକ୍ତିମୋର୍ଚ୍ଚା ପକ୍ଷରୁ ଦାବିପତ୍ର

**ବାରିପଦା ଅଫିସ,୩୧।୧୨**

ମୟୂରଭଞ୍ଜ ମୁକ୍ତି ମୋର୍ଚ୍ଚା ସଂଗଠନ ପକ୍ଷରୁ ଜିଲା ଉପସଭାପତି ଚନ୍ଦନ ସିଂଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରେରଣ କରାଯାଇଛି। ଜିଲାରେ ମୁଣ୍ଡା ସମ୍ପ୍ରଦାୟର ଅଧିବାସୀମାନେ ବସବାସ କରୁଛନ୍ତି। ମାତ୍ର ରାଜ୍ୟ ସରକାର ମୁଣ୍ଡାମାନଙ୍କୁ ଅଣଦେଖା କରି ଅନ୍ୟ ସମାଜକୁ ପ୍ରାଧାନ୍ୟ ଦେଉଛନ୍ତି । ତେଣୁ ସଂଗଠନ ପକ୍ଷରୁ ମୁଣ୍ଡା ସମାଜ ଲିପିର ଲେଖକ ପଣ୍ଡିତ ରହିଦାସ ସିଂ ନାଗଙ୍କ ନାମରେ ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟକୁ ନାମିତ କରିବାପାଇଁ ମୋର୍ଚ୍ଚା ଦାବି କରଛି। ନ ହେଲେ ଆଗାମୀ ନିର୍ବାଚନରେ ମୁଣ୍ଡା ସମାଜ ପକ୍ଷରୁ ରାଜ୍ୟ ସରକାର ତଥା ବିଜୁ ଜନତା ଦଳକୁ ଉଚିତ୍ ଜବାବ ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ସଂଗଠନର ଜିଲା ସଭାପତି ଧରମରାଜ ହାଁସଦା, ଝାଡ଼େଶ୍ୱର ସିଂ, ଚନ୍ଦନ ମହାନ୍ତ, ଜଗନ୍ନାଥ ମହାନ୍ତ ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ପୋଷ୍ୟ ଗ୍ରାମ୍ୟ ଯୋଜନାରେ ପ୍ରକଳ୍ପ ଚୟନ

**ବନ୍ତ,୩୧।୧୨ (ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଅଣିଜୋ ପଞ୍ଚାୟତ ରାଜନଗର ମଙ୍ଗଳପୁର ଗ୍ରାମକୁ ପ୍ରଧାନମନ୍ତ୍ରୀ ପୋଷ୍ୟ ଗ୍ରାମ୍ୟ ଯୋଜନାରେ ସାମିଲ କରାଯାଇଛି। ଏହି ଯୋଜନାରେ ପ୍ରକଳ୍ପ ଚୟନ କରାଯାଇ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ୪୦ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ବିଡିଓ ରେବେକା ବିଲୁଙ୍ଗଙ୍କ ଉପସ୍ଥିତିରେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଗ୍ରାମର ଆଲୋକୀକରଣ, ପାନୀୟ ଜଳ, ପକ୍କା ରାସ୍ତା ଓ ବିଦ୍ୟାଳୟ ମରାମତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସହକାରୀ ଯନ୍ତ୍ରୀ ବଳରାମ ମହାନ୍ତି, କନିଷ୍ଠ ଯନ୍ତ୍ରୀ ପ୍ରଜ୍ଞା ମହାନ୍ତି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୀରକିଶୋର ନାୟକ, ସରପଞ୍ଚ ଜଗବନ୍ଧୁ ବେହେରା, ପୂର୍ବତନ ସରପଞ୍ଚ ଲିଙ୍ଗରାଜ ତ୍ରିପାଠୀ, ୱାର୍ଡସଭ୍ୟ ରଘୁନାଥ ମହାନ୍ତି, ଜୟକୃଷ୍ଣ ଦାସ, ଭଗବାନ ଜେନା, ପରମେଶ୍ୱର ରାଉତ, କରୁଣାକର ଦାସଙ୍କ ସହ ଗ୍ରାମବାସୀ ବୈଠକରେ ଉପସ୍ଥିତ ଥିଲେ।

# କଂଗ୍ରେସର ସାଙ୍ଗଠନିକ ସଭା

**ଚିତ୍ରଡ଼ା,୩୧।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା ମୋରଡ଼ା ଡାକବଙ୍ଗଳା ନିକଟରେ କଂଗ୍ରେସ ପକ୍ଷରୁ ଏକ ସାଙ୍ଗଠନିକ ଆଲୋଚନା ସଭା ଆୟୋଜିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦଳର ଜିଲା ସଭାପତି ହେମନ୍ତ ଦାସ, ସମ୍ମାନିତ ଅତିଥି ଭାବେ ମୋରଡ଼ା ପର୍ଯ୍ୟବେକ୍ଷକ ପ୍ରଦୀପ ଦାସ ଯୋଗ ଦେଇଥିଲେ। ଜିଲା ତଥା ମୋରଡ଼ା ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଙ୍ଗଠନ କିଭଳି ସୁଦୃଢ଼ କରାଯିବ ସେଥିପ୍ରତି ଦୃଷ୍ଟି ଦେବାପାଇଁ ଜିଲା ସଭାପତି ପରାମର୍ଶ ଦେଇଥିଲେ। ଆବାହକ ଭାବେ ସେକ ମୁସ୍ତାଫା, ମୀନକେତନ ବେହେରା, ତୁଷାର ବେହେରା ବ୍ଲକର ସମସ୍ତ ପଞ୍ଚାୟତ କର୍ମୀମାନଙ୍କୁ ସାଙ୍ଗଠନିକ ସଭାକୁ ଆମନ୍ତ୍ରଣ କରିଥିଲେ। ସଭାରେ ମୋରଡ଼ା ବିଧାୟକ ପ୍ରାର୍ଥୀ ପ୍ରଭାସ କର ମହାପାତ୍ର, ଯୁବ କଂଗ୍ରେସ ସଭାପତି, ବ୍ଲକ କଂଗ୍ରେସ ସଭାପତି ଏବଂ ଛାତ୍ର କଂଗ୍ରେସ ସଭାପତି ଅନୁପସ୍ଥିତ ଥିବାରୁ ଗୋଷ୍ଠୀକନ୍ଦଳ ରହିଥିବା କଥା ସାଧାରଣରେ ଆଲୋଚନା ହେଉଛି। ଏନେଇ ଆବାହକ ତୁଷାର ବେହେରାଙ୍କୁ ପଚାରିବାରୁ ଜିଲାରେ ଯୁବ କଂଗ୍ରେସ ସଭାପତି ରହିଛନ୍ତି କିନ୍ତୁ ବ୍ଲକରେ ପଦବୀ ଫାଙ୍କା ପଡ଼ିଛି, ବ୍ଲକ କଂଗ୍ରେସ ସଭାପତି ପଦବୀ ପରିବର୍ତ୍ତେ ଜୋନ ସଭାପତି ଚୟନ ହୋଇଥିବା ସେ ପ୍ରକାଶ କରିଛନ୍ତି। ଏନେଇ ଯୁବ କଂଗ୍ରେସ ସଭାପତି ଶଶଧର ବେହେରାଙ୍କୁ ପଚାରିବାରୁ ଉକ୍ତ ବୈଠକରେ ଦଳ ବିରୋଧୀ କଂଗ୍ରେସ କର୍ମୀମାନେ ଉପସ୍ଥିତ ରହିଥିବା ବେଳେ ସଭା ବିଷୟରେ ସେ ଜାଣି ନ ଥିବା କଥା କହିଥିଲେ। ସେହିପରି ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ଶୁଭ ମହାନ୍ତ ଏବଂ ବ୍ଲକ କଂଗ୍ରେସ ସଭାପତି ଘାସିରାମ ବେହେରା ବୈଠକରେ ଉପସ୍ଥିତ ଥିଲେ।

# ରେଲୱେ ସାଇଡିଂରୁ ଶାଳକାଠ ଜବତ



ଜବତ କାଠ ସହ ବନ ବିଭାଗ କର୍ମଚାରୀ।

**କେନ୍ଦୁଝର, ୩୧।୧୨ (ସ୍ୱ.ପ୍ର./ ଡି.ଏନ୍.ଏ.):** କେନ୍ଦୁଝର ଜିଲା ବଡବିଲ ରେଞ୍ଜ ଅନ୍ତର୍ଗତ ବଲାଣି ରେଲୱେ ସାଇଡିଂରୁ ବନ ବିଭାଗ ଗତ ବୁଧବାର ରାତିରେ ୨୦ ସିଫ୍ଟ ଶାଳ ଚଉକାଠ ଜବତ କରିଛି। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଝାଡଖଣ୍ଡରୁ ମାଲବାହୀ ଟ୍ରେନରେ ଏହି ୪୦ଟି ଶାଳ ଚଉକାଠ ଆସି ବଲାଣି ରେଲୱେ ସାଇଡିଂରେ ଥିଲା। ବଡବିଲ ରେଞ୍ଜର ସୁରଜିତ କୁମାର ସାହୁ, ବଡବିଲ ଫରେଷ୍ଟର ଦଶରଥ ଗିରି, ବଲାଣି ଫରେଷ୍ଟ ଗାର୍ଡ ମଳୟ କୁମାର ଜେନା ଏବଂ ଅନ୍ୟ ସ୍କ୍ୱାଡ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ। ଜବତ୍ କାଠର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ ବୋଲି ଜଣାପଡିଛି। ଏନେଇ ଡିଏଫଓ ସ୍ୱୟମ ମଲ୍ଲିକ କହିଛନ୍ତି ଯେ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ପୋଡ଼ିହୋଇ ନାବାଳିକା ଗୁରୁତର

**ଭଣ୍ଡାରିପୋଖରୀ, ୩୧।୧୨(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଫାଣ୍ଡି ଅଞ୍ଚଳରେ ଭଡ଼ାରେ ରହୁଥିବା ଜଣେ ନାବାଳିକା ଗୁରୁବାର ମଧ୍ୟାହ୍ନରେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଛନ୍ତି। ଘରେ ଏକୁଟିଆ ଥିବାବେଳେ ନାବାଳିକାଙ୍କ ଦେହରେ ନିଆଁ ଲାଗି ଯାଇଥିବା ଦେଖି ପଡ଼ୋଶୀ ତାଙ୍କୁ ମଞ୍ଜୁରୀରୋଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ତେବେ ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ।

# ଜଳିଗଲା ୨ ବଖରା

**ରୂପ୍‌ସା, ୩୧।୧୨(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ଆଙ୍କୋ ପଞ୍ଚାୟତର ସନ୍ତୋଷ କୁମାର ନାୟକଙ୍କ ଘରେ ଗୁରୁବାର ଅଗ୍ନିକାଣ୍ଡ ଘଟି ୨ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି। ଅଗ୍ନିକାଣ୍ଡରେ ଘର ସମସ୍ତ ଆସବାବପତ୍ର, ବାସନକୁସନ, ଧାନଚାଉଳ, ରାଶନସାମଗ୍ରୀ ଓ କାଗଜପତ୍ର ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ରୂପ୍‌ସା ଆର୍‌ଆଇ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି।

### ବାଘାଯତୀନ ସଙ୍ଗଠନ ପକ୍ଷରୁ ସହାୟତା

ଅପରପକ୍ଷରେ ଫୁଲାଡ଼ିସ୍ଥିତ ବାଘାଯତୀନ ସ୍ୱେଚ୍ଛାସେବୀ ସଙ୍ଗଠନର କର୍ମକର୍ତ୍ତା ଅଗ୍ନିବିପନ୍ନ ପରିବାରଙ୍କ ଘରେ ପହଞ୍ଚି ଏକ ମାସର ରାଶନ ସାମଗ୍ରୀ, ନଗଦ ଆର୍ଥିକ ସହାୟତା, ଶୀତବସ୍ତ୍ର ଆଦି ପ୍ରଦାନ କରିଥିଲେ। ବାସହରା ଅଗ୍ନିବିପନ୍ନ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।


**PARADIP PORT TRUST**
**E-TENDER CALL NOTICE**
Name of the work **"Annual repair to Residential Qrs. Type-MA, MB, M-II & M-III at Madhuban area for the year 2020-21"**. Estimated cost Rs.68,72,023.75.. Last date & time of submission of Bid 20.01.2021 at 17.15.Hrs. For details please refer our website **https://eprocure.gov.in/eprocure/app** **Executive Engineer Roads & Building Division**
PPT/PR/359/20-21 Dt.31.12.2020

**PARADIP PORT TRUST**
**e-Tendering Notice**
Online tenders in 04 (Four) bid system i.e. (1) EMD Bid (2) Technical Bid (3) Price Bid & (4) Sample Bid with samples (Through offline) are invited from manufacturers OR authorised delaers / distributors / Stockiest of manufacturerers for supply of **Black Leather Shoes without lace**. The last date and time of submission of the tender is 17.15 Hours on Dt.11.01.2021. For details, log on to website : **https://eprocure.gov.in/eprocure/app**
Sr. Dy. Materials Manager
PPT/PR/358/20-21 Dt-31.12.20

**ବିଜ୍ଞାପିତ ଅଞ୍ଚଳ ପରିଷଦ, କେସିଙ୍ଗା**
ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ । କେସିଙ୍ଗା ପୌରାଞ୍ଚଳର ସର୍ବାଙ୍ଗୀନ ବିକାଶ ନିମନ୍ତେ ଜନସାଧାରଣଙ୍କ ଆନ୍ତରିକ ସହଯୋଗ ଆମର କାମ୍ୟ । ଏହି ପରିପ୍ରେକ୍ଷୀରେ କେସିଙ୍ଗା ସହରକୁ ସବୁଜ, ସୁନ୍ଦର ଓ ପରିଷ୍କାର ପରିଚ୍ଛନ୍ନ ରଖିବା ପାଇଁ ନିବେଦନ କରାଯାଉଅଛି ଯେ–
**ନିବେଦନ:-** ୧. ସରକାରଙ୍କ ଦ୍ୱାରା ଅନୁମୋଦିତ ବ୍ୟବହାରିକ ଫିଜ୍ (User Fees) ପୈଠ କରି ସଫେଇ କାର୍ଯ୍ୟ ସମ୍ପାଦନର କାର୍ଯ୍ୟକ୍ରମରେ ସହାୟକ ହୁଅନ୍ତୁ । ୨. କଠିନ ବର୍ଜ୍ୟବସ୍ତୁ ପରିଚାଳନା ସୂଚାରୁ ରୂପେ ସମ୍ପାଦନ ପାଇଁ ନିଜ ଘରର ଶୁଖିଲା ଏବଂ ଓଦା ବର୍ଜ୍ୟ ପୃଥକ୍ ଭାବରେ ସଂଗ୍ରହ କରିରଖନ୍ତୁ ଓ ଏନ୍.ଏ.ସି.ର ସଫେଇ ଗାଡ଼ି ଯିବା ବେଳେ ସଫେଇ କର୍ମଚାରୀଙ୍କୁ ଦିଅନ୍ତୁ ।
**ଶ୍ରୀଯୁକ୍ତ ସିଦ୍ଧାର୍ଥ ପଟ୍ଟନାୟକ** ନିର୍ବାହୀ ଅଧିକାରୀ
**ଶ୍ରୀଯୁକ୍ତ ସୁଶାନ୍ତ କୁମାର ସିଂ** ପ୍ରଶାସକ, ଏନ୍.ଏ.ସି., କେସିଙ୍ଗା

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦେଓଗାଁ**
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
ତହସିଲ କାର୍ଯ୍ୟାଳୟ, ଦେଓଗାଁଙ୍କ ବିଜ୍ଞପ୍ତି ସଂଖ୍ୟା–୨୦୯୭, ତା–୩୧.୧୨.୨୦୨୦ରିଖରେ ଦେଓଗାଁ ତହସିଲ ଅନ୍ତର୍ଗତ ୮ ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦–୨୧ଠାରୁ ୨୦୨୪–୨୫ ପର୍ଯ୍ୟନ୍ତ ଲିଜ୍ ଇସ୍ତାହାର ପ୍ରକାଶିତ ହୋଇଅଛି। ଏହି ଇସ୍ତାହାର ସମ୍ବନ୍ଧୀୟ ତଥ୍ୟ ବଲାଙ୍ଗିର ଜିଲ୍ଲା ୱେବ୍‌ସାଇଟ୍ www.balangir.nic.inରେ ଉପଲବ୍ଧ ଅଛି । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲ କରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଦେଓଗାଁଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ହାସଲ କରିପାରିବେ ।
ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣର ଶେଷ ତାରିଖ ୧୫.୦୧.୨୦୨୧ ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପ୍ରଥମ ତାରିଖରେ ଯେଉଁ ଉତ୍ସଗୁଡ଼ିକର ଲିଜ୍‌ର ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ନ ପାରିଲେ ସେହି ଉତ୍ସଗୁଡ଼ିକ ଦ୍ୱିତୀୟ ଥର ପାଇଁ ତାରିଖ ୨୨.୦୧.୨୦୨୧ ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଓ ତୃତୀୟ ଥର ପାଇଁ ତାରିଖ ୨୯.୦୧.୨୦୨୧ ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଅଛି । ଗୃହୀତ ଦରଖାସ୍ତଗୁଡ଼ିକ ସେହିଦିନମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲା ହେବ ଏବଂ ଲିଜ୍ ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ ।
**ସ୍ୱା./- ତହସିଲଦାର, ଦେଓଗାଁ**

**ଓଡ଼ିଶା କୃଷି ଶିଳ୍ପ ନିଗମ | The Odisha Agro Industries Corporation Ltd.**
(A Govt. of Odisha Undertaking) | Regd. H.O.: 95, Satyanagar, Bhubaneswar-751007
Tel.: (0674) 2570687,EPBX: 2570654, Fax: 2570313, Email: oaicho@orissaagro.com
**DEAR FARMERS, IF YOU NEED**
1. TRACTOR, POWER TILLER, AGRICULTURAL MACHINERIES & IMPLEMENTS. | 2. DIESEL PUMP SETS | 3. INSTALLATION OF RIVER LIFT PROJECTS, SHALLOW TUBE WELL, BORE WELLS AT YOUR SITE, ELECTRIC PUMPS FOR YOUR DUG WELLS AND MICRO LIFT IRRIGATION PROJECTS (JALANIDHI-II). | 4. FERTILIZER, PESTICIDES, BIO-FERTILISER AND SURAVI BRAND GOOD QUALITY CATTLE FEED.
**All as per the subsidized rate approved by the Government.**
**Please contact our District Offices throughout the State**

| | | | | | | | |
|---|---|---|---|---|---|---|---|
| Angul | 06767-230709 | Dhenkanal | 06762-224732 | Keonjhar | 06766-255347 | Phulbani | 06842-253802 |
| Balasore | 06782-262143 | Gajapati | 06815-222375 | Khurdha | 06755-220548 | Puri (Pipili) | 06758-241038 |
| Bargarh | 06646-234865 | Ganjam | 0680-2291376 | Koraput | 06854-251154 | Rayagada | 06856-222536 |
| Bhadrak | 06784-240733 | Jagatsinghpur | 06724-220125 | Mayurbhanj | 06792-252307 | Sambalpur | 0663-2522264 |
| Bolangir | 06652-232089 | Jajpur | 06728-222102 | Malkangiri | 06861-230375 | Subarnapur | 06654-220955 |
| Boudh | 06841-222259 | Jharsuguda | 06645-272886 | Nayagarh | 06753-211233 | Sundargarh | 06622-272426 |
| Cuttack | 0671-2301390 | Kalahandi | 06670-230446 | Nawarangpur | 06858-222450 | | |
| Deogarh | 06641-226052 | Kendrapara | 06727-220836 | Nuapada | 06678-223570 | | |

Sd./- Sadananda Nayak, OAS (SAG), MANAGING DIRECTOR

**ODISHA SPACE APPLICATIONS CENTRE (ORSAC)**
**BHUBANESWAR**
**NOTICE No. 10/2020**
**Geospatial ETS/DGPS Empanelment (2021-22)**
**No. CAD-1004:-** The validity of empanelment of all existing empanelled vendors of 2018-2020 is extended up to 31-01-2021. All provisionally selected vendors for empanelment (as per ORSAC RFA04/2020-vide ORSAC Order No.3566 dt.25.11.20) are intimated that the date for instrument verification at ORSAC, submission of AMC/Calibration Certificate and security deposit is extended upto 20th January 2021.
For details please visit ORSAC website: **http://www.orsac.gov.in**
OIPR-28007/11/0009/2021 **CHIEF EXECUTIVE**

**ODISHA PUBLIC SERVICE COMMISSION**
**WEBSITE - http://opsconline.gov.in**
*ADVERTISEMENT NO. 07 OF 2020-21*
**RECRUITMENT TO ODISHA CIVIL SERVICES, 2020 UNDER GENERAL ADMINISTRATION & PUBLIC GRIEVANCE DEPARTMENT.**
**No. D-134:-** Online applications are invited from the prospective candidates for recruitment to Odisha Civil Services, 2020 through the Proforma Application to be made available on WEBSITE (http://opsc.gov.in). **The link for registration/re-registration and payment of examination fee shall be available from 12.01.2021 to 11.02.2021 (Note- 18.02.2021 is the last date for submission of Registered Online Application)** for admission to the Odisha Civil Services Preliminary Examination, 2020 in the scale of pay for Group-A Service is Rs.56,100/- in Level-12-Cell-I in the Pay Matrix & Group-B Service is Rs.44,900/- in Level-10-Cell-I in the Pay Matrix provided under Rule-3 of ORSP Rules, 2017.
**2. VACANCY POSITION:** As per requisition filed by the General Administrative & P.G. Department, Government of Odisha, **the vacancy position for the post of Odisha Civil Services Examination, 2020 is 392 (128-w).**
**3. AGE LIMIT:**
A candidate must have attained the age of 21 years and must not be above the age of 32 years as on the 1st day of January, 2020, i.e. he/she must not have been born earlier than **2nd January, 1988** and not later than **1st January, 1999**.
**4. EDUCATIONAL QUALIFICATION:**
A candidate **must hold a Bachelor's Degree** from any University incorporated by an Act of the Central or a State Legislature in India or an Educational Institution established by an Act of Parliament or deemed tobe a University under Section-3 of the University Grants Commission Act, 1956 or a Foreign University approved by the Central Government from time to time.
**5. EXAMINATION FEE:**
A candidate is required to pay a non-refundable and non-adjustable fee of Rs.500 (Rupees five hundred) only. Candidates belonging to Scheduled Caste/Scheduled Tribe of Odisha and persons with disability, whose permanent disability is 40% or more are exempted from payment of this fee.
The candidates are advised to visit the Website of the Commission at **http://opsc.gov.in** for detailed information for applying to the above posts.
**CUTTACK** **Sd./- Secretary**
**DATE- 31.12.2020** **ODISHA PUBLIC SERVICE COMMISSION**
*OIPR-12002/11/0060/2021* **CUTTACK**

**ବ୍ରାହ୍ମଣୀ ନଦୀରେ ବଉଳା କୁମ୍ଭୀର ମୃତ**

ରାଜନଗର, (ଡି.ଏନ.ଏ.):ଭିତରକନିକା ଜାତୀୟ ଉଦ୍ୟାନ ମଧ୍ୟରେ ପ୍ରବାହିତ ବ୍ରାହ୍ମଣୀ ନଦୀର ପରମାନନ୍ଦପୁର ଗାଁ ନିକଟରେ ୧୦ ଫୁଟର ବଉଳା କୁମ୍ଭୀର ମରି ଭାସୁଥିବା ଦେଖିବାକୁ ମିଳିଛି। କୁମ୍ଭୀରଟି ଦୁର୍ଗନ୍ଧ କରୁଥିବାରୁ ୨ରୁ ୩ଦିନ ତଳୁ ମରିଥିବା ଅନୁମାନ କରାଯାଉଛି। କୁମ୍ଭୀରଟି ଚିତ୍ ହୋଇ କୂଳରେ ଲାଗିଛି। ଏହା ମାଈ କୁମ୍ଭୀର ବୋଲି ଜଣାପଡିଛି। ଖବରପାଇ ଗୁରୁବାର ସନ୍ଧ୍ୟାରେ କନିକା ରେଞ୍ଜର ବନ କର୍ମଚାରୀମାନେ ମୃତ କୁମ୍ଭୀରକୁ ଉଦ୍ଧାର କରିଛନ୍ତି।

# ଟ୍ରାଫିକ୍ ଡିସିପିଙ୍କୁ ଓଏଚ୍ଆର୍‌ସିଙ୍କ ସମନ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ଟ୍ରାଫିକ ପରିଚାଳନା ଓ ସଡ଼କ ଦୁର୍ଘଟଣା ସଂକ୍ରାନ୍ତ ପିଟିଶନର ଶୁଣାଣି କରି ରାଜ୍ୟ ମାନବାଧିକାର କମିଶନ (ଓଏଚ୍ଆର୍‌ସି) ଗୁରୁବାର ଭୁବନେଶ୍ୱର-କଟକ ଟ୍ରାଫିକ୍ ଡିସିପିଙ୍କୁ ସମନ ଜାରି କରିଛନ୍ତି। ଆସନ୍ତା ଜାନୁୟାରୀ ୧୧ତାରିଖ ଦିନ ୧ଟା ମଧ୍ୟରେ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଓଏଚ୍ଆର୍‌ସି ପକ୍ଷରୁ ଜାରି ନୋଟିସ୍ ଅନୁଯାୟୀ, ଡିସେମ୍ବର ୧୪ରେ ଟ୍ରାଫିକ୍ ଡିସିପିଙ୍କୁ ମେଲ୍ କରାଯାଇଥିଲେ ମଧ୍ୟ ସେ ଗତ ୨୯ ତାରିଖରେ ହାଜର ହୋଇ ନ ଥିଲେ। ଏପରି କି କମିଶନଙ୍କ ନିକଟରେ କୌଣସି ଜବାବ ମଧ୍ୟ ରଖି ନ ଥିଲେ। ଫଳରେ କମିଶନଙ୍କ ପକ୍ଷରୁ ଟ୍ରାଫିକ ଡିସିପିଙ୍କୁ ଆଉଏକ ନୋଟିସ୍ ଦିଆଯାଇଛି। ସୂଚନା ଅନୁଯାୟୀ, ଟ୍ୱିନ୍ ସିଟିରେ ଟ୍ରାଫିକ୍ ପରିଚାଳନା ଓ ସଡ଼କ ଦୁର୍ଘଟଣା ସଂକ୍ରାନ୍ତରେ ଶିବଶଙ୍କର ମହାନ୍ତି ନାମକ ଜଣେ ବ୍ୟକ୍ତି ଏହି ପିଟିଶନ ଦେଇଥିଲେ। ଏହି ସମସ୍ୟାର ସମାଧାନ ନିମନ୍ତେ ଟ୍ରାଫିକ୍ ଡିସିପିଙ୍କୁ ନୋଟିସ୍ କରାଯାଇଥିଲା। ଟ୍ରାଫିକ୍ ଡିସିପିଙ୍କ ଅନୁପସ୍ଥିତିରେ ଏହି ମାମଲାର ସମାଧାନ କରାଯାଇପାରୁ ନାହିଁ। ଏଥିସହ କମିଶନ ପକ୍ଷରୁ ବୁଧବାର ଦିଆଯାଇଥିବା ନୋଟିସର ନକଲ ପୋଲିସ ମହାନିର୍ଦ୍ଦେଶକ ଓ ଇନ୍‌ସ୍ପେକ୍ଟର ଜେନେରାଲ୍‌ଙ୍କ ନିକଟକୁ ମଧ୍ୟ ପଠାଇ ଦିଆଯାଇଥିବା ଓଏଚ୍ଆର୍‌ସି ପକ୍ଷରୁ ଜଣାପଡିଛି।

# ବିଜେଡି କେନ୍ଦ୍ରାପଡ଼ା ସାଙ୍ଗଠନିକ ଜିଲ୍ଲା ପୁନର୍ଗଠିତ

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

ବିଜୁ ଜନତା ଦଳର କେନ୍ଦ୍ରାପଡା ସାଙ୍ଗଠନିକ ଜିଲାର ପୁନର୍ଗଠନ କରାଯାଇଛି। ଏ ନେଇ ବିଜେଡି ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ପ୍ରଫୁଲ୍ଲ ଦାସଙ୍କୁ ଜିଲା କୃଷକ ସେଲ୍, ଦାଶରଥି ମଲ୍ଲିକଙ୍କୁ ଅନୁସୂଚିତ ଜାତି ସେଲ୍, ସୁରେନ୍ଦ୍ର ପ୍ରସାଦ ରାଉତଙ୍କୁ ଓବିସି ସେଲ୍, ଦୁର୍ଗାଶିଷ ମହାନ୍ତିଙ୍କୁ ଶ୍ରମ ସେଲ୍ ଏବଂ ରୋଶନା ସାହୁଙ୍କୁ ମହିଳା ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିପରି ଜିଲାର ୫ ଜଣଙ୍କୁ ଉପସଭାପତି, ୬ ଜଣଙ୍କୁ ସାଧାରଣ ସମ୍ପାଦକ, ୧୪ ଜଣଙ୍କୁ ସମ୍ପାଦକ ଏବଂ ଶୈଳେନ୍ଦ୍ର ମହାନ୍ତିଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି।























































ନୂଆବର୍ଷକୁ ସ୍ୱାଗତ ଜଣାଇ ପୁରୀ ବେଳାଭୂମିରେ ଶିଳ୍ପୀ ମାନସ ସାହୁଙ୍କ ବାଲୁକା କଳା।

# ବଡ଼ଙ୍କୁ ଛାଡ଼ି ଛୋଟଙ୍କୁ ଧରୁଛନ୍ତି ସରକାର: ଭାଜପା

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

୨୦ବର୍ଷ ଧରି ସରକାର ରାଜ୍ୟରେ ଦୁର୍ନୀତି ଓ ଭ୍ରଷ୍ଟାଚାରକୁ ପ୍ରଶ୍ରୟ ଦେଇ ଚାଲିଛନ୍ତି । ଏବେ କେବଳ ବାହା ବାହା ନେବା ପାଇଁ ସମ୍ପତ୍ତି ତାଲିକା କଥା ଉଠାଇବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପୂର୍ବରୁ ଗେଜେଟେଡ୍ ସରକାରୀ ଅଧିକାରୀଙ୍କ ସମ୍ପତ୍ତି ତାଲିକା ପ୍ରକାଶ କରିବାର ବ୍ୟବସ୍ଥା ଅଛି । ଏହା ବ୍ୟତୀତ ନିର୍ବାଚନ ଲଢ଼ିଥିବା ଏମ୍‌ପି ଓ ବିଧାୟକଙ୍କ ସମ୍ପତ୍ତି ତାଲିକା ସର୍ବସାଧାରଣରେ ରହିଛି । ଏକଥା କିଛି ନୂଆ ନୁହେଁ। କେବଳ ୩ୟ ଓ ୪ର୍ଥ ଶ୍ରେଣୀ କର୍ମଚାରୀ ଏବଂ ପଞ୍ଚାୟତରେ ନିର୍ବାଚିତ ପ୍ରତିନିଧିମାନେ ଏବେ ସମ୍ପତ୍ତି ତାଲିକା ଦେବେ। ମୁଖ୍ୟମନ୍ତ୍ରୀ ଯଦି ଦୁର୍ନୀତି ବନ୍ଦ କରିବା ପାଇଁ ଚାହୁଁଛନ୍ତି ତେବେ ବଡ଼ଙ୍କୁ ଛାଡ଼ି କେବଳ ଛୋଟ ମାଛଙ୍କୁ କାହିଁକି ଧରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ସରକାରଙ୍କ ଦୁର୍ନୀତିକୁ ବନ୍ଦ କରିବା ପାଇଁ କୌଣସି ଆନ୍ତରିକତା ନାହିଁ। ସରକାର କେବଳ ଚୂନାମାଛ ଯଥା ଜେଇ, ଏଏନ୍ଏମ, ପିଇଓ, କିରାଣିଙ୍କ ଘରେ ରେଡ୍ କରି ଲୋକଙ୍କୁ ଭ୍ରମିତ କରୁଛନ୍ତି। ଆଉ ଏଇ ଛୋଟ କର୍ମଚାରୀମାନେ ଯାହାଙ୍କ ବଳରେ ଏତେ ଧନ କମେଇଛନ୍ତି ସେମାନଙ୍କୁ ଗିରଫ କରାଯାଉନାହିଁ କାହିଁକି ବୋଲି ଲେଖାଶ୍ରୀ ପ୍ରଶ୍ନ କରିଛନ୍ତି।

# ସେଲ୍ସମ୍ୟାନଙ୍କୁ ଭୁଜାଲିରେ ହାଣି ନେଇଗଲେ ୨.୨ଲକ୍ଷ

ସାକ୍ଷୀଗୋପାଳ,୩୧।୧୨(ଡ.ଏନ୍.ଏ.)

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥରେ ଲୁଟେରାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୁରୀ ସହରରେ ଥିବା ମଦନ ଟ୍ରେଡିଂ ନାମକ ଏକ ବ୍ୟବସାୟିକ ସଂସ୍ଥାର ସେଲ୍ସମ୍ୟାନ ନରସିଂହ ଜେନା ଗୁରୁବାର ରାତିରେ ଖାଉଟି ଦ୍ରବ୍ୟ ବିକ୍ରି କରି ଟାଟାଏସିଇ (ଓଡି୧୩ଏନ୍ ୧୭୫୯)ରେ ପୁରୀ ଫେରୁଥିଲେ। ରାତି ପ୍ରାୟ ୮ଟାରେ ସତ୍ୟବାଦୀ ଥାନା ସମ୍ମୁଖ ଓଭରବ୍ରିଜରେ ଦୁଇଜଣ ଲୁଟେରା ହଠାତ୍ ଗାଡିକୁ ଅଟକାଇଥିଲେ। ଲୁଟେରାଦ୍ୱୟ ନରସିଂହଙ୍କୁ ଭୁଜାଲିରେ ଆକ୍ରମଣ କରିବା ସହ ବ୍ୟାଗରେ ଥିବା ୨ଲକ୍ଷ ୨୪ହଜାର ଟଙ୍କା ନେଇଯାଇଥିଲେ। ଏଥିସହ ଚାଳକ ଯୁଧିଷ୍ଠିର ବରାଳଙ୍କୁ ମାଡ଼ମାରି ଗାଡ଼ି ଚାବି ଛଡାଇ ନେଇ ବାଇକରେ ଫେରାର ହୋଇଯାଇଥିଲେ। ଆହତ ନରସିଂହଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଖବରପାଇ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ସତ୍ୟବାଦୀ ଥାନା ଆଇଆଇସି ଦେବୀପ୍ରସାଦ ପାତ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ପ୍ରଥମ ପୃଷ୍ଠାରୁ ...

### ୧,୪୨୯ କୋଟି ଟଙ୍କା ...

ଭାବେ ବିଚାରକୁ ନିଆଯାଉଛି। ଏହି ବର୍ଗରେ ଯଦି ରାଜ୍ୟ ସଂସ୍କାର ପ୍ରକ୍ରିୟା ହାତକୁ ନେଉଥାନ୍ତି, ତେବେ ଅତିରିକ୍ତ ଋଣ ଉଠାଣ ଲାଗି ଅନୁମତି ଦେବାକୁ ଚଳିତ ବର୍ଷ ମେ ମାସରେ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଥିଲେ। ଏହା ଅଧୀନରେ ଜିଲା ସ୍ତରରେ ବାଣିଜ୍ୟ ସଂସ୍କାର ଆକ୍ସନ ପ୍ଲାନ୍ ଭଳି ଅନ୍ୟ ପ୍ରମୁଖ ଯୋଜନାକୁ ସାମିଲ କରାଯାଇଛି। କୋଭିଡ୍-୧୯ ଯୋଗୁ ପୁଞ୍ଜି ଯୋଗାଡ଼ କରିବାରେ ରାଜ୍ୟ ବର୍ତ୍ତମାନ ଅନେକ ଚ୍ୟାଲେଞ୍ଜକୁ ସାମ୍ନା କରୁଛି। ଏହାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ରାଜ୍ୟଗୁଡ଼ିକର ଋଣ ଉଠାଇବା ସୀମାକୁ ରାଜ୍ୟ ଜିଡିପିର ୨% ବଢ଼ାଇଥିଲେ। ୱାନ୍ ନେଶନ ୱାନ୍ ରାଶନ କାର୍ଡ, ଇଜ୍ ଅଫ୍ ଡୁଇଁ ବିଜ୍‌ନେସ, ସହରାଞ୍ଚଳ ଶାସନ ବ୍ୟବସ୍ଥା ଏବଂ ଶକ୍ତି କ୍ଷେତ୍ର ଭଳି ଜନକଲ୍ୟାଣକାରୀ ସଂସ୍କାରକୁ କାର୍ଯ୍ୟକାରୀ କରାଇବା ଦିଗରେ ଏହି ଋଣ ଅର୍ଥ ଖର୍ଚ୍ଚ କରାଯିବ। ସୂଚନାଯୋଗ୍ୟ, ୧୦ ରାଜ୍ୟ ଏବେ ସୁଦ୍ଧା ୱାନ୍ ନେଶନ ୱାନ୍ ରାଶନ କାର୍ଡ ସିଷ୍ଟମ ଲାଗୁ କରିଛନ୍ତି। ୭ ରାଜ୍ୟ ଇଜ୍ ଅଫ୍ ଡୁଇଁ ବିଜ୍‌ନେସ ଏବଂ ୨ ରାଜ୍ୟ ସ୍ଥାନୀୟ ଶାସନ ବ୍ୟବସ୍ଥା କ୍ଷେତ୍ରରେ ସଂସ୍କାର ପ୍ରକ୍ରିୟା ଗ୍ରହଣ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ରାଜ୍ୟଗୁଡ଼ିକୁ ୫୧,୬୮୨ କୋଟି ଟଙ୍କାର ଅତିରିକ୍ତ ଋଣ ଉଠାଣ ଲାଗି ଅନୁମତି ପ୍ରଦାନ କରାଯାଇଛି।

### ପରଲୋକରେ ମାଇକେଲ ...

ହୋଇଛନ୍ତି ଏହି ହକି ତାରକା। ଦ୍ୱିତୀୟ ଆଦିବାସୀ ଖେଳାଳିଭାବେ ସେ ଭାରତୀୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ପ୍ରଦର୍ଶନ ଭିତ୍ତିରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ ମାଇକେଲ। ଗତ ୨୦୦୪ରେ ସେ ରାଉରକେଲା ଇସ୍ପାତ କାରଖାନାରୁ ଅବସର ନେଇଥିଲେ। ସେ ଝାଡ଼ଖଣ୍ଡ ରାଜ୍ୟରେ ଜନ୍ମ ଗ୍ରହଣ କରିଥିଲେ ବି ସୁନ୍ଦରଗଡରେ ରହି ହକି ଖେଳ ଓ ଖେଳାଳିଙ୍କ ପାଇଁ ବିଶେଷ ଭୂମିକା ଗ୍ରହଣ କରିଥିଲେ। ହକି ଖେଳାଳିଙ୍କ ମହଲରେ ଜଣେ ସମ୍ମାନସ୍ପଦ ବ୍ୟକ୍ତିଭାବେ ଜଣାଶୁଣା କିଣ୍ଡୋଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ହକି ଖେଳାଳିଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ କହିଛନ୍ତି ବିଶ୍ୱସ୍ତରୀୟ ହକିରେ କିଣ୍ଡୋଙ୍କ ଯୋଗଦାନ ଅଭୁଲା ହୋଇ ରହିବ। ସେ ରାଜ୍ୟ ଓ ଦେଶକୁ ଗର୍ବିତ କରିଛନ୍ତି। ଏଥିସହିତ ସେ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ରାଜ୍ୟ କ୍ରୀଡ଼ାବିଭାଗ ପକ୍ଷରୁ କିଣ୍ଡୋଙ୍କ ପରଲୋକରେ ଶୋକ ପ୍ରକାଶ କରାଯାଇଛି। ଏଥିସହିତ ହକି ଖେଳାଳି ଦିଲୀପ ତିର୍କୀ, ଲାଜରୁସ ବାର୍ଲା, ପ୍ରବୋଧ ତିର୍କୀ, ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ନିଶାନ୍‌ଜ୍ୟୋତି ମହାନ୍ତି ପ୍ରମୁଖ କିଣ୍ଡୋଙ୍କ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି। ପାନପୋଷ କ୍ରୀଡା ସଙ୍ଗଠନ ପକ୍ଷରୁ ମଧ୍ୟ ଶୋକ ପ୍ରକାଶ କରାଯାଇଛି।

### ମେ' ୪ରୁ ସିବିଏସ୍‌ଇ ...

ଅନେକ ସ୍କୁଲ ଅନ୍‌ଲାଇନ ଜରିଆରେ ପ୍ରାକ୍ ବୋର୍ଡ ପରୀକ୍ଷା କରାଇଛନ୍ତି। ତେବେ ବୋର୍ଡ ପରୀକ୍ଷା ଅନ୍‌ଲାଇନରେ ନ ହୋଇ ଲିଖିତ ଭାବେ ହେବ ବୋଲି ସିବିଏସ୍‌ଇ କର୍ତ୍ତୃପକ୍ଷ ପୂର୍ବରୁ ଘୋଷଣା କରିଥିଲେ। କରୋନା ସଂକ୍ରମଣ ଯୋଗୁ ଗତ ମାର୍ଚ୍ଚ ମାସରୁ ଦେଶର ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦିଆଯାଇଥିଲା। କେତେକ ରାଜ୍ୟରେ ଅକ୍ଟୋବର ୧୫ରୁ ବିଦ୍ୟାଳୟ ଆଂଶିକ ଖୋଲିଛି। ସଂକ୍ରମଣ ବଢୁଥିବାରୁ ଅନ୍ୟ ରାଜ୍ୟଗୁଡ଼ିକ ସ୍କୁଲ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଥିଲେ। ଚଳିତ ବର୍ଷ ବୋର୍ଡ ପରୀକ୍ଷା ମଧ୍ୟ ଅଧାରୁ ବନ୍ଦ ରଖି ପରେ ଏହାକୁ ବାତିଲ କରିଦିଆଯାଇଥିଲା। ବିକଳ୍ପ ମୂଲ୍ୟାୟନ ଯୋଜନା ଆଧାରରେ ଫଳ ପ୍ରକାଶ ପାଇଥିଲା।

### ଆଜିଠାରୁ ଡବଲ ...

ଚଳାଇବା ଦ୍ୱାରା ବହୁ ଦୁର୍ଘଟଣା ଘଟୁଛି। ଦୁଇଚକିଆ ଯାନରେ ଅଧିକ ଦୁର୍ଘଟଣା ଘଟୁଛି। ଏହାକୁ ହ୍ରାସ କରିବା ପାଇଁ ନୂଆବର୍ଷରୁ ଡବଲ ହେଲ୍‌ମେଟ ଯାଞ୍ଚ କଡ଼ାକଡ଼ି କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିସହିତ ଟ୍ରାଫିକ୍ ନିୟମକୁ କଡ଼ାକଡ଼ି କରିବାକୁ ଟ୍ରାଫିକ୍ ଏବଂ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

### ବିଶ୍ୱସ୍ତରୀୟ ହେବ ...

ଏକ ସ୍ୱାଧୀନ ପରିଚାଳନା ମଣ୍ଡଳୀ ରହିବ, ଯାହାକି ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବା ସହିତ ଚିକିତ୍ସା, ଶିକ୍ଷା ଓ ଗବେଷଣାର ମାନ ବୃଦ୍ଧି ଦିଗରେ କାମ କରିବ। ଏହି ପ୍ରକଳ୍ପ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଜାନୁୟାରୀ ପହିଲାରେ ଏହାକୁ ଉଦ୍‌ଘାଟନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବୈଠକରେ ମୁଖ୍ୟ ଶାସନ ସଚିବ, ଉନ୍ନୟନ କମିଶନର, ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂର୍ତ୍ତ ସଚିବ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଉପସ୍ଥାପନା କରିଥିଲେ।

### ଫେବୃୟାରୀ ୧୫କୁ ....

ଟୋଲ୍ ସଂଗ୍ରହ ଲାଗି ପୂର୍ବରୁ ଘୋଷଣା କରାଯାଇଥିଲା।

ଟୋଲ୍ ପ୍ଲାଜାଗୁଡ଼ିକରେ ନିର୍ବିଘ୍ନରେ ଯାତାୟାତ ଲାଗି ୨୦୨୧ ବର୍ଷର ପ୍ରଥମ ଦିନରୁ କ୍ୟାଶ୍‌ଲେସ୍ କାରବାର ପାଇଁ ବିଭାଗୀୟ ମନ୍ତ୍ରୀ ନୀତୀନ ଗଡ଼କରି ଲକ୍ଷ୍ୟ ରଖିଥିଲେ। ଏଥିପାଇଁ ନଭେମ୍ବରରେ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଥିଲା। ଜାନୁୟାରୀ ୧ରୁ ଫାସ୍‌ଟାଗ୍ ବାଧ୍ୟତାମୂଳକ ବୋଲି ଗଡ଼କରୀ ଡିସେମ୍ବର ୨୫ରେ ଘୋଷଣା କରିଥିଲେ। ୪ ବ୍ୟାଙ୍କ ପକ୍ଷରୁ ୨୦୧୬ରେ ୧ ଲକ୍ଷ ଫାସ୍‌ଟାଗ୍ ଇସ୍ୟୁ ହୋଇଥିଲା। ୨୦୧୮ ସୁଦ୍ଧା ଏହି ସଂଖ୍ୟା ୩୪ ଲକ୍ଷରେ ପହଞ୍ଚିଥିଲା।

# ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

ବେଗୁନିଆ,୩୧।୧୨ (ଡ.ଏନ୍.ଏ.): ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥ ଅଧୀନ ବାମଡ଼ିହ ଛକ ନିକଟରେ ଗୁରୁବାର ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ମିଳିପାରି ନ ଥିବା ବେଳେ ତାଙ୍କ ଘର ରାୟଗଡ଼ା ଜିଲା ଗୁଣୁପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଗୁରୁବାର ଅପରାହ୍ନ ପ୍ରାୟ ୨ଟା ୫୫ରେ ବାଇକ୍ ଚାଳକ ଜଣଙ୍କ ଭୁବନେଶ୍ୱରରୁ କୌଣସି କାର୍ଯ୍ୟ ସାରି ଘରକୁ ଫେରୁଥିଲେ। ବାମଡ଼ିହ ଛକ ନିକଟରେ ବିପରୀତ ଦିଗ ନୟାଗଡ଼ରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ଟ୍ରକ୍ ସହ ବାଇକ୍ ଚାଳକଙ୍କ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ବେଗୁନିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍‌ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରୁ ଦୁର୍ଘଟଣାଗ୍ରସ୍ତ ଟ୍ରକ୍ ଓ ବାଇକ୍ ଜବତ କରି ତଦନ୍ତ ଚଳାଇଛି।

**OFFICE OF THE NOTIFIED AREA COUNCIL, KHARIAR**
AT/PO-KHARIAR, Dist. - Nuapada, PIN-766107
Office Ph. No. 06671-224294, e-mail: khariarn.hud@ori.nic.in

**ନୂତନ ବର୍ଷ ୨୦୨୧ର ଶୁଭ ଅବସରରେ ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା**

ନୂତନ ବର୍ଷ ୨୦୨୧ ଉପଲକ୍ଷେ ବାର୍ତ୍ତା

୧. ମୁହଁରେ ମାସ୍କ ବ୍ୟବହାର କରନ୍ତୁ । ୨. ଜନଗହଳି ସ୍ଥାନରେ ୧.୫ ମିଟରର ଦୂରତ୍ୱ ରଖନ୍ତୁ । ୩. ନିଜ ଚାରିପଟେ ସଫାସୁତୁରା ରଖନ୍ତୁ । ୪. ଗୃହପାଳିତ ପଶୁମାନଙ୍କୁ ରାସ୍ତାକଡ଼କୁ ନ ଛାଡ଼ି ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ୍ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ୫. ରାସ୍ତା ଉପରେ ପଥର, ଇଟା ତଥା ଅନ୍ୟାନ୍ୟ ଗୃହ ତିଆରି ସାମଗ୍ରୀ ରାସ୍ତା ଉପରେ ରଖି ରାସ୍ତା ଅବରୋଧ କରନ୍ତୁ ନାହିଁ । ୬. ଅଳିଆ ଆବର୍ଜନା ନାଳ ନର୍ଦ୍ଦମାରେ ନ ପକାଇ ଡଷ୍ଟବିନରେ ପକାନ୍ତୁ । ୭. ଖଡ଼ିଆଳ ବିଜ୍ଞାପିତ ଅଞ୍ଚଳ ପରିଷଦର ବିଭିନ୍ନ ଟିକସ ଠିକ୍ ସମୟରେ ପୈଠ କରନ୍ତୁ। ୮. ପ୍ଲାଷ୍ଟିକ୍ ବ୍ୟବହାର ସମ୍ପୂର୍ଣ୍ଣ ରୂପେ ବନ୍ଦ କରନ୍ତୁ, ନଚେତ ଆଇନ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

(ରାମଚନ୍ଦ୍ର ମାଝି), କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖଡ଼ିଆଳ

**GOVT. OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS CIRCLE, BHAWANIPATNA**
Ph. 06670-235504; E-Mail: serwbpt@yahoo.com
**Bid identification No.:- BPT/Online-07/2020-21**
No. O-831:- Date:24.12.2020

**NOTICE INVITING TENDERS FOR ROAD WORKS IN ODISHA**
**NATIONAL COMPETITIVE BIDDING THROUGH e-Procurement**

1. Name of the Work : Periodical maintenance of 5 year completed PMGSY road Parkod to Bisora (Package No.OR-24-39) in the district of Nuapada
2. No of Works : 1 No.
3. Location details : Nuapada District
4. Estimated Cost : As per NIT.
5. Period of Completion : As per NIT.
6. Cost of tender paper : Rs.10,000/- per set.
7. Other details :

| Availability of tender for online bidding | | last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 01.01.2021 11.00 A.M. | 15.01.2021 5.00 P.M. | 13.01.2021 | 16.01.2021 at 11.00 A.M. |

Further details can be seen from the website "www.tendersorissa.gov.in"
Sd./- Superintending Engineer
OIPR-25102/11/0006/2021 Rural Works Circle, Bhawanipatna

**OFFICE OF THE EXECUTIVE ENGINEER, RWS & S DIVISION, BARGARH**
Email :- eerwss_bgh@.nic.in, Ph (O):-06646 233220, FAX :- 06646 234626
No. 3886 / Dt. 24.12.20
**GOVERNMENT OF ODISHA "e" PROCUREMENT NOTICE**
**Bid Identification No 06 Dt 24.12.20 of 2020-21**

**No. O-824:-** The Executive Engineer, RWS&S Division, Bargarh on behalf of the Governor of Odisha invites tenders from the valid licensed holder contractors of class 'B' or 'A' registered with any department of State Government or equivalent class of Central Govt.etc. to be eventually drawn up in G2 Contract Form for the work as per terms and condition noted below.
1. Name of the work:. **Execution of RPWS to Village under Paikmal, Jharbandh & Sohela Block in the District Bargarh – 11 Nos.**
2. Approx. Estimated cost :- Varies from **Rs 43.78 lakh** to **80.88 lakh**
3. Date and time of availability of document in the portal :- **Dt 06.01.2021** to **Dt. 21.01.2021** up to **5.00** P.M
4. Last date/ time for receipt of bids in the portal :- Dt **21.01.2021** up to **5.00** P.M
5. Date & time of Opening of Tender :- Dt **22.01.2021** at **11.00** A.M.
6. Name and address of the Officer Inviting Bid :- Executive Engineer, RWS&S Division, Bargarh, District :- Bargarh

Further details can be seen from the e-procurement portal "**http//tendersorissa.gov.in**".
The authority reserves the right to reject any or all the tenders without assigning any reason thereof.

Executive Engineer,
OIPR-25157/11/0007/2021 RWS&S Division, Bargarh

**DISTRICT PROJECT OFFICE**
**SAMAGRA SHIKSHA, NABARANGPUR**
No.2165 Civil/2020 Date: 30.12.2020
**TENDER CALL NOTICE UNDER TWO PART BIDDING SYSTEM FOR PREPARATION OF DPR (SUB SOIL EXPLORATION, TESTING, PREPARATION OF DESIGN & ESTIMATES) FOR KGBV BUILDINGS OF NABARANGPUR DISTRICT**

Sealed tender under two bid systems are invited in prescribed format from the registered Counsultancies/Agencies of Odisha having valid licence issued by the Chief Engineer, R.D. & Q.P., R&B Division, Bhubaneswar; IT return of last three years, valid PAN/valid GST regn. Certificate with copy of the last GST return. The details of the Tedner Call Notice along with the terms & conditions can be downloaded from website **www.opepa.in** or **www.nabarangpur.nic.in** from 10.00 A.M. of dt.01.01.2021 to 5.30 P.M. of dt.18.01.2021. The tender shall be opened at 11 A.M. on dt.19.01.21 in the Office of the District Project Coordinator, Samagra Shiksha, Nabaranpur in the presence of the bidders or their authorized representatives.
By order of Collector-cum-Chairperson
**Sd./- District Project Coordinator, RTE-SS, Nabarangpur**

GOVERNMENT OF ODISHA No. O-821
**OFFICE OF THE EXECUTIVE ENGINEER**
**KALAHANDI RWS&S DIVISION, BHAWANIPATNA**
e-mail: eerwsskld@gmail.com, eerwss_kld@nic.in, Phone No.: 06670-230784
INVITATION OF BID THROUGH e-TENDERING
Bid Identification No. 29/EE/RWSS/2020-21/Bpt Dated: 30.12.2020
01. Name of the Work : As per Annexure - A

| Procurement Officer | Bid Identification No. | Availability of Tender Online for Bidding on Office hour only | | Date of Opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S Division, Bhawanipatna | 29/EE/RWSS/2020-21 /Bpt Dated: 30.12.2020 | 05.01.2021 10.00 A.M. | 25.01.2021 05.30 P.M. | 27.01.2021 10.00 A.M. onwards |

Cost of tender paper & payment of EMD to be made online payment system.
The original scan documents should be uploaded.
Further details can be seen from the e-procurement portal **http://tenderodisha.gov.in**.
**OIPR-25005/11/0011/2021** **Sd./- Executive Engineer, Kalahandi RWS&S Division, Bhawanipatna**

**ODISHA MINING CORPORATION LIMITED** No. CAD-1005
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**Corrigendum No. 1 Dtd.31.12.2020 against RfP No. 164/OMC/P&T/2020 Dtd.10.12.2020 for Selection of Mine Operator for Bangur Chromite Mine**

| Sl. No. | Event | As appearing in the RfP | Extended Schedule |
|---|---|---|---|
| 1 | Last date and time for submission of Techno-Commercial Bid and Financial Bid on the website of MSTC | 02.01.2021 Time: upto 04.00 P.M. | 18.01.2021 Time: upto 04.00 P.M. |
| 2 | Last date for Physical submission of the Original Bid documents to OMC | 04.01.2021 Time: upto 04.00 P.M. | 19.01.2021 Time: upto 04.00 P.M. |
| 3 | Opening of Techno-Commercial Bids | 05.01.2021 Time: 11.00 A.M. Venue: OMC Head Office, Bhubaneswar | 20.01.2021 Time: 11.00 A.M. Venue: OMC Head Office, Bhubaneswar |
| 4 | Opening of Original documents submitted by the bidders | 05.01.2021 Time: 11.00 A.M. Venue: OMC Head Office, Bhubaneswar | 20.01.2021 Time: 11.00 A.M. Venue: OMC Head Office, Bhubaneswar |

The Corrigendum Notice is available for download from the websites of MSTC (**www.mstcecommerce.com/eprochome/omc**) and OMC (**www.omcltd.in**). All other terms and conditions of the RfP No. 164/OMC/P&T/2020 Dtd.10.12.2020 including the Schedule of the Bidding process shall remain unchanged.
**Sd./- Chief General Manager (Mining), OMC**
**OIPR-30005/11/0138/2021**

**ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC ODISHA NEW OPPORTUNITIES

**NIT No. 32/OMC/CIVIL/2020 (Revised)**
No. CAD-1003: Tender for the following works are invited Online through e-procurement portal of Govt. of Odisha.

| Sl. No. | Name of the Work | Estimated Cost (Rs. in Lakhs) | Time Period of the Work (In month) | Class of Contractor | EMD (Rs.) Online | Cost of Bid Document (Rs.) Online |
|---|---|---|---|---|---|---|
| 1 | Construction of different security related structctures at South Kaliapani mines in the dist of Jajpur. | 309.40 | 08 (Eight) | A & Spl. | 3,09,400/- | 10,000 + 18% GST |
| 2 | Construction of Multipurpose Resource Centre at Tala Rantha of Bhutuda G.P, new class rooms at Uskela Primary School under Fuljhar GP, new class rooms at Rajabasa Ashram School and Bathing Complex at Govt. High School at Fuljhar GP in the district of Sundargarh. (Under PD scheme) | 50.78 | 08 (Eight) | B & A | 50,800/- | 10,000 + 18% GST |
| 3 | Development and renovation of building related works of Suakati GP, Kumundi GP & Tala Kainsari GP of Banspal Block in the district of Keonjhar. (Under PD Scheme) | 535.33 | 08 (Eight) | A & Spl. | 5,35,400/- | 10,000 + 18% GST |
| 4 | Development of CC road connecting township entry gate to LDBC road near T/S- 7 at Daitari Iron Ore Mines in the district of Keonjhar. | 304.66 | 08 (Eight) | A & Spl. | 3,04,700/- | 10,000 + 18% GST |

1. Available of Bid document in Govt. portal from dt. 01.01.2021 to Dt.15.01.2021 up to 5.00 PM.
2. Last date of on-line submission of tender in the portal is dt. 15.01.2021 up to 5.00 PM.
3. Date of opening of Technical Bid is dt. 18.01.2021 at 11.00 AM.

All other details can be seen from DTCN available at Govt. website **www.tendersorissa.gov.in**. The Odisha Mining Corporation Ltd. reserves the right to reject any or all tenders without assigning any reason thereof.
**OIPR-30005/11/0137/2021** **Sd./- CGM (Civil)**

**ସୂଚନା**

No. MM-119:- ଏହି ବନଖଣ୍ଡ ଅଧୀନସ୍ଥ ଭିତରକନିକା ବନ୍ୟଜୀବ ଅଭୟାରଣ୍ୟ, ଗହୀରମଥା (ସାମୁଦ୍ରିକ) ବନ୍ୟଜୀବ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନର ସମସ୍ତ ନଦୀ ନାଳ ଓ ଜଙ୍ଗଲ ଅଞ୍ଚଳ ଇତ୍ୟାଦିମାନଙ୍କରେ ପୂର୍ବ ବର୍ଷମାନଙ୍କ ପରି ଆସନ୍ତା ୨୦୨୧ ମସିହା ପାଇଁ କୁମ୍ଭୀର ସଂଖ୍ୟା ଆକଳନ କାର୍ଯ୍ୟ ଜାନୁୟାରୀ ୦୫ ତାରିଖ ୨୦୨୧ଠାରୁ ଜାନୁୟାରୀ ମାସ ୧୪ ତାରିଖ ୨୦୨୧ ପରିବର୍ତ୍ତେ **ଜାନୁୟାରୀ ମାସ ୧୫ ତାରିଖ ୨୦୨୧ ମସିହାଠାରୁ ଆରମ୍ଭ ହୋଇ ଜାନୁୟାରୀ ମାସ ୨୩ ତାରିଖ ୨୦୨୧ରେ ଶେଷ ହେବ ।** ଉପରୋକ୍ତ ସମୟ ମଧ୍ୟରେ ଭିତରକନିକା ବନ୍ୟଜୀବ ଅଭୟାରଣ୍ୟ, ଗହୀରମଥା (ସାମୁଦ୍ରିକ) ବନ୍ୟଜୀବ ଅଭୟାରଣ୍ୟ ଓ ଭିତରକନିକା ଜାତୀୟ ଉଦ୍ୟାନ ସାଧାରଣ ଯାତାୟାତ ଓ ପରିଦର୍ଶନ ପାଇଁ ବନ୍ଦ ରହିବ । ଉକ୍ତ ବନ୍ଦ ସମୟ ୨୦୨୧ ଜାନୁୟାରୀ ମାସ ୧୫ ତାରିଖଠାରୁ ୨୦୨୧ ଜାନୁୟାରୀ ମାସ ୨୩ ତାରିଖ (ଉଭୟ ଦିନ ଅନ୍ତର୍ଭୁକ୍ତ) ପର୍ଯ୍ୟନ୍ତ ବଳବତ୍ତର ରହିବ ।
ଏଣୁ ଭିତରକନିକା/ଗହୀରମଥା ଆସିବା ପାଇଁ ଇଚ୍ଛୁକ ପର୍ଯ୍ୟଟକ / ପରିଦର୍ଶକମାନେ ଏହି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନ ଆସିବାକୁ ଅନୁରୋଧ । ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।

**ବନଖଣ୍ଡ ଅଧିକାରୀ**
**ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟଜୀବ)**
OIPR-08053/11/0007/2021 **ରାଜନଗର**

GOVERNMENT OF ODISHA
**RURAL WATER SUPPLY & SANITATION ORGANISATION**
**OFFICE OF THE EXECUTIVE ENGINEER**
**RWS&S DIVISION, ANGUL, AT: TALCHER**
At: Baghuabole, P.O.- Hatatota, Talcher, Dist.- Angul, PIN - 759100
(Ph. No./Fax: 06760-240762, E-mail: eerwssang@gmail.com)
**National Competitive Bidding through e-Procurement**
**Bid Identification No. 06/EE/RWSS/ANGUL/2020-21 Dt.24.12.2020 (JJM)**

No. O-817: The Executive Engineer, RWS&S Division, Angul, At: Talcher on behalf of Governor of Odisha invites item rate/percentage bid through e-procurement in double/single cover system according to norm of e-Procurement system in Online mode.

Nature of Work : Rural Piped Water Supply Schemes
1. No. of Tenders : 6 Nos.
2. Tender Paper Cost : Rs.6,000.00 to Rs.10,000.00
3. Value of Work : Rs.33.70 lakhs to Rs.91.66 lakhs
4. Class of Contractor : "C", "B" & "A" Class
5. Date & time of availability of bid document in portal : 04.01.2021 at 13.00 hours to 12.01.2021 upto 17.00 hours
6. Date & time of seeking tender clarification : 08.01.2021 upto 17.00 hours
7. Date & time of opening of tender & verification of original document : 13.01.2021 at 15.00 hours in the Office of the Executive Engineer, RWS&S Division, Angul, At: Talcher
8. Time of Completion : 4 (Four) to 6 (Six) Calnedar Months
9. The bidders have to participate in online bidding only. Further details can be seen from the website **https://www.tendersodisha.gov.in**.
10. Corrigendum if any shall be published in the above website only.

**Sd./- Executive Engineer**
**RWS&S Division, Angul at Talcher**
**OIPR-25019/11/0014/2021**

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଗରବତି ମେସିନ**
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନି ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**GALLERY TOWER COMPANY**
ଦ୍ୱାରା ନିଜର ଖାଲି
ଜମି / ଛାତ / କ୍ଷେତ / ପ୍ଲଟ୍
ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 +
ଭଡ଼ା 45000
9485687401
8901064681

NEA YEAR DHAMAKA
**DHANLAXMI FINANCE**
(Reg. No. Reg.No.U65910CT1970)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୮୨ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848538

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# କେନ୍ଦ୍ରର ଋଣ ୧୦୭ ଲକ୍ଷ କୋଟି ଛୁଇଁଲା

ନୂଆଦିଲ୍ଲୀ,୩୧।୧୨

ଚଳିତ ବର୍ଷ ସେପ୍ଟେମ୍ବର ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କ ମୋଟ ଋଣ ୧୦୭.୦୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ଜୁନ୍ ଶେଷ ବେଳକୁ ୧୦୧.୩ ଲକ୍ଷ କୋଟି ଟଙ୍କା ରହିଥିଲା। ସରକାରଙ୍କ ପବ୍ଲିକ ଡେଟ୍ ଅଫିସିଆଲ ଡାଟାରୁ ଏଭଳି ରିପୋର୍ଟ ସାମ୍ନାକୁ ଆସିଛି। ୨୦୨୦-୨୧ ଦ୍ୱିତୀୟ ତ୍ରୈମାସରେ ଏହି ଋଣ ୫.୬% ବଢ଼ିଥିବା ଜଣାପଡ଼ିଛି। ମୋଟ ଋଣର ୯୧.୧% ପବ୍ଲିକ ଡେଟ୍ ରହିଛି। ୧୩ଟି କିସ୍ତିରେ ଡେଟେଡ୍ ସିକ୍ୟୁରିଟି ଇସ୍ୟୁ ଦ୍ୱାରା ସରକାର ଦ୍ୱିତୀୟ ତ୍ରୈମାସରେ ୪.୨୦ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏହାର ପୂର୍ବରୁ ନିର୍ଦ୍ଧାରିତ ଧାରାଠାରୁ ଅଧିକ ରହିଛି। ପ୍ରଥମ ତ୍ରୈମାସରେ ସରକାର ୩.୪୬ ଲକ୍ଷ କୋଟି ଟଙ୍କାର ଡେଟେଡ ସିକ୍ୟୁରିଟି ଜାରି କରିଥିଲେ। ଏହା ଗତ ବର୍ଷ ପ୍ରଥମ ତ୍ରୈମାସରେ ୨.୨୧ ଲକ୍ଷ କୋଟି ଟଙ୍କା ରହିଥିଲା। ଜାରି ହୋଇଥିବା ମୋଟ ପ୍ରତିଭୂତି ମଧ୍ୟରୁ ବାଣିଜ୍ୟିକ ବ୍ୟାଙ୍କ ୩୮.୬% ଅଂଶ ହାସଲ କରିଛନ୍ତି। ଏହା ମାର୍ଚ୍ଚ ଶେଷ ବେଳକୁ ୪୦.୪% ରହିଥିଲା। ସେହିଭଳି ବୀମା କମ୍ପାନୀ ଏବଂ ଭବିଷ୍ୟନିଧି ପାଣ୍ଠିର ଅଂଶ ଯଥାକ୍ରମେ ୨୫.୩% ଏବଂ ୪.୮% ରହିଛି।

## ବିତ୍ତୀୟ ନିଅଣ୍ଟ ୧୩୫.୧%

ନଭେମ୍ବର ଶେଷ ସୁଦ୍ଧା କେନ୍ଦ୍ର ସରକାରଙ୍କ ବିତ୍ତୀୟ ନିଅଣ୍ଟ ୧୦.୭୫ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ୨୦୨୦-୨୧ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ଏହା ୧୩୫.୧% ଛୁଇଁଛି। କରୋନା ଭାଇରସ୍ ଯୋଗୁ ରାଜସ୍ୱ ସଂଗ୍ରହରେ ପ୍ରଭାବ ଏବଂ ସରକାରଙ୍କୁ ଅଧିକ ଖର୍ଚ୍ଚ କରିବାକୁ ପଡୁଥିବାରୁ ଏଭଳି ସ୍ଥିତି ଉପୁଜିଛି। ଗତ ବର୍ଷ ନଭେମ୍ବରରେ ବିତ୍ତୀୟ ନିଅଣ୍ଟ ବଜେଟ ଧାର୍ଯ୍ୟ ଲକ୍ଷ୍ୟର ୧୧୪.୮% ସ୍ତରରେ ରହିଥିଲା। ମୋଟାମୋଟି ଭାବେ କହିବାକୁ ଗଲେ ଚଳିତ ବର୍ଷ ନଭେମ୍ବର ସୁଦ୍ଧା ବିତ୍ତୀୟ ନିଅଣ୍ଟ ୧୦,୭୫,୫୦୭ କୋଟି ଟଙ୍କା ଛୁଇଁଥିବା କଣ୍ଟ୍ରୋଲର ଜେନେରାଲ ଅଫ୍ ଆକାଉଣ୍ଟସ ପକ୍ଷରୁ ସୂଚନା ରହିଛି। କରୋନା ଭାଇରସ୍‌କୁ ନିୟନ୍ତ୍ରଣ କରିବା ଲାଗି ସାରା ଦେଶରେ ଜାରି ହୋଇଥିବା ଲକ୍‌ଡାଉନ ଯୋଗୁ ବାଣିଜ୍ୟ କାରବାର ଠପ୍ ହୋଇଛି। ଫଳରେ ରାଜସ୍ୱ ସଂଗ୍ରହ ଉପରେ ଏହା ପ୍ରଭାବ ପକାଉଛି। ସରକାରଙ୍କ ରାଜସ୍ୱ ଏବଂ ଖର୍ଚ୍ଚ ମଧ୍ୟରେ ରହିଥିବା ପାର୍ଥକ୍ୟକୁ ବିତ୍ତୀୟ ନିଅଣ୍ଟ କୁହାଯାଇଥାଏ।

## କୋର୍ ସେକ୍ଟର ଉତ୍ପାଦନ ୨.୬% ଖସିଲା

**ନୂଆଦିଲ୍ଲୀ,୩୧।୧୨:** ଗତ ୯ ମାସ ହେବ ଦେଶର ୮ କୋର ସେକ୍ଟର ଶିଳ୍ପରେ ହ୍ରାସ ଧାରା ଜାରି ରହିଛି। ନଭେମ୍ବର ମାସରେ ଏହା ୨.୬% ଖସିଥିବା ଗୁରୁବାର ସରକାରୀ ଡାଟାରୁ ଜଣାପଡ଼ିଛି। ଗତ ବର୍ଷ ନଭେମ୍ବରରେ କୋର୍ ସେକ୍ଟର ଅଭିବୃଦ୍ଧି ୦.୭% ରହିଥିଲା। କୋଇଲା, ସାର ଏବଂ ଇଲେକ୍ଟ୍ରିସିଟିକୁ ବାଦ୍ ଦେଲେ ଅନ୍ୟ ସବୁକ୍ଷେତ୍ରରେ ହ୍ରାସ ଦେଖାଯାଇଛି।

## ଆଇଆରସିଟିସିର ନୂଆ ଇ-ଟିକେଟିଂ ୱେବ୍‌ସାଇଟ

ଆଇଆର୍‌ସିଟିସିର ନୂଆ ଇ-ଟିକେଟିଂ ୱେବ୍‌ସାଇଟ ଏବଂ ଆପ୍ଲିକେଶନକୁ ରେଳ ମନ୍ତ୍ରୀ ପୀୟୂଷ ଗୋୟଲ ଶୁଭାରମ୍ଭ କରିଛନ୍ତି। ଏଥିରେ ଯାତ୍ରୀଙ୍କ ସୁବିଧା ହେଲା ଭଳି ବିଭିନ୍ନ ଫିଚରକୁ ସ୍ଥାନିତ କରାଯାଇଛି। ଏହାଦ୍ୱାରା ଲୋକମାନେ ତ୍ୱରିତ, ନିରନ୍ତର ଏବଂ ପର୍ସନାଲାଇଜ ସେବା ଲାଭ କରିବାକୁ ସକ୍ଷମ ହେବେ ବୋଲି ରେଲୱେ କହିଛି।




## ହ୍ୟାଣ୍ଡ ଟୁଲ୍‌ସ ପ୍ରସ୍ତୁତିରେ ଟାପାରିଆର ସଫଳତା

**ନୂଆଦିଲ୍ଲୀ,୩୧।୧୨:** ଲୋକଙ୍କ କାମକୁ ଆହୁରି ସରଳ କରିବା ଲାଗି ବଢ଼ାଇବା ହ୍ୟାଣ୍ଡ ଟୁଲ୍‌ସର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହାର ବ୍ୟବହାର ଦ୍ୱାରା କାମକୁ ଆଉ ପାଦେ ଆଗେଇବାରେ ସହାୟକ ହୋଇଥାଏ। ଏଭଳି ଟୁଲ୍‌ସ ପ୍ରସ୍ତୁତି କରିବାରେ ଟାପାରିଆ ଏକ ପ୍ରମୁଖ କମ୍ପାନୀ ରହି ଆସିଥିବା ଟାପାରିଆ ଟୁଲ୍‌ସ ଲିମିଟେଡ୍(ଟିଟିଏଲ୍)ର ସିଏମ୍‌ଡି ହରନାରାୟଣନ ଟାପାରିଆଜି କହିଛନ୍ତି। ସେ କହିଛନ୍ତି, ଗତ ୫୦ ବର୍ଷ ହେବ ଲୋକଙ୍କୁ ସେବା ଯୋଗାଣ ଦିଗରେ ଟାପାରିଆ କାମ କରି ଆସୁଛି। ସାରା ଦେଶରେ ପ୍ରଡକ୍ଟ ଲୋକଙ୍କ ନିକଟରେ ଯେଭଳି ପହଞ୍ଚିବ ତାକୁ ଧ୍ୟାନରେ ରଖାଯାଇଛି। ସଙ୍ଗଠିତ ବଜାର କ୍ଷେତ୍ରରେ ୭୦-୭୫% ବଜାର ଅଂଶ ସହ ଟାପାରିଆ ଆଗକୁ ବଢୁଛି। ବର୍ତ୍ତମାନର ପ୍ରତିଦ୍ୱନ୍ଦ୍ୱୀ ପରିବେଶରେ ଉଚ୍ଚ ଗୁଣବତ୍ତା ହ୍ୟାଣ୍ଡ ଟୁଲ୍‌ସ ମାର୍କେଟିଂ କରିବା ବଡ ଚ୍ୟାଲେଞ୍ଜିଂ ବୋଲି ସେ ମତ ପ୍ରକାଶ କରିଛନ୍ତି। ସେ ପୁଣି କହିଛନ୍ତି, କମ୍ପାନୀର ବ୍ରାଣ୍ଡ ଟୁଲ୍‌ସ ଗ୍ରାହକଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି। ଏହାବାଦ କମ୍ପାନୀ ବିଭିନ୍ନ ଦେଶକୁ ଟୁଲ୍‌ସ ରପ୍ତାନି ମଧ୍ୟ କରୁଛି। ଗ୍ରାହକଙ୍କ ଚାହିଦାକୁ ନଜରରେ ରଖି ଏହା ସୁଲଭ ମୂଲ୍ୟରେ ଡୁ ଇଟ୍ ୟୋରସେଲ୍ଫ ଟୁଲ୍‌ସ ବିକଶିତ କରିଛି। ମହିଳା ଏବଂ ଶିଶୁଙ୍କ ପାଇଁ ଟୁଲ କିଟ୍ ସମେତ ଯାନ ପାଇଁ ୟୁଟିଲିଟି ସେଟ୍ ମଧ୍ୟ ପ୍ରସ୍ତୁତ କରାଯାଉଥିବା ଟାପାରିଆଜି ସ୍ପଷ୍ଟ କରିଛନ୍ତି।

## ଝୋଙ୍ଗ ସାନ୍‌ସାନ୍ ଏସିଆର ସବୁଠୁ ଧନୀ ବ୍ୟକ୍ତି

**ମୁମ୍ବାଇ,୩୧।୧୨:** ଚାଇନାର ଝୋଙ୍ଗ ସାନ୍‌ସାନ୍ ଏସିଆର ସବୁଠୁ ଧନଶାଳୀ ବ୍ୟକ୍ତି ସ୍ଥାନ ହାସଲ କରିଛନ୍ତି। ସେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କୁ ପଛରେ ପକାଇ ଏହି ସ୍ଥାନ ହାସଲ କରିଛନ୍ତି। ସାନ୍‌ସାନ୍ ତାଙ୍କର ୨ କମ୍ପାନୀକୁ ନିକଟରେ ସୂଚୀଭୁକ୍ତ କରାଇଛନ୍ତି। ଫଳରେ ତାଙ୍କର ନେଟୱର୍ଥ ବଢିଛି। ପୂର୍ବରୁ ତାଙ୍କ ସମ୍ପତ୍ତି ୭୦.୯ ବିଲିୟନ ଡଲାର ରହିଥିବା ବେଳେ ଏହା ଏବେ ୭୭.୯ ବିଲିୟନକୁ ବଢିଥିବା ଜଣାପଡିଛି।




## ଜିଓରୁ ଅନ୍ୟ ନେଟୱାର୍କ କଲ୍‌ରେ ଚାର୍ଜ ଲାଗିବନି

**ମୁମ୍ବାଇ,୩୧।୧୨:** ଜିଓରୁ ଅନ୍ୟ ନେଟୱାର୍କକୁ କଲ୍ କଲେ ଏଣିକି ଚାର୍ଜ ଲାଗିବନି। ଇଣ୍ଟରକନେକ୍ଟ ୟୁସେଜ ଚାର୍ଜ(ଆଇୟୁସି) ବାବଦକୁ ଗ୍ରାହକଙ୍କୁ ୬ ପଇସା ଦେବାକୁ ପଡୁଥିଲା। ଅନ୍ୟ ନେଟୱାର୍କକୁ କଲ୍ କଲେ ହେଉଥିବା ଖର୍ଚ୍ଚକୁ ଭରଣା କରିବା ଲାଗି କମ୍ପାନୀ ଏଭଳି ଚାର୍ଜ ଲାଗୁ କରୁଥିଲେ। ହେଲେ ଶୁକ୍ରବାରଠାରୁ କମ୍ପାନୀ ଏହି ଚାର୍ଜ ଲାଗୁ କରିବ ନାହିଁ ବୋଲି କହିଛି। ଭାରତୀୟ ଟେଲିକମ ନିୟାମକ କର୍ତ୍ତୃପକ୍ଷ(ଟ୍ରାଇ) ସୂଚନା ମୁତାବକ ଆଇୟୁସି ନିୟମ ୨୦୨୧ ଜାନୁୟାରୀ ପହିଲାରୁ ଶେଷ ହେଉଛି। ଏଣୁ ଜିଓ ଏହା ଅନୁସାରେ ଗ୍ରାହକଙ୍କଠାରୁ ଆଇୟୁସି ଚାର୍ଜ ନେବ ନାହିଁ।

## ନିବେଶକଙ୍କ ସମ୍ପତ୍ତି ୩୨.୪୯ ଲକ୍ଷ କୋଟି ଟଙ୍କା ବୃଦ୍ଧି

**ମୁମ୍ବାଇ,୩୧।୧୨:** ୨୦୨୦ରେ ନିବେଶକଙ୍କ ସମ୍ପତ୍ତି ୩୨.୪୯ ଲକ୍ଷ କୋଟି ଟଙ୍କା ବଢ଼ିଛି। କରୋନା ଭାଇରସ୍ ପାଇଁ ବଜାର ପ୍ରଭାବିତ ହୋଇଥିଲେ ମଧ୍ୟ ଶେୟାର ବଜାରରେ ନିବେଶକ ଭଲ ରିଟର୍ନ ଲାଭ କରିଛନ୍ତି। ବର୍ଷଶେଷ ବେଳକୁ ଭାରତୀୟ ଶେୟାର ବଜାରର କାରବାର ବେଶ୍ ଉନ୍ନତ ରହିଛି। ୨୦୨୦ରେ ସେନ୍‌ସେକ୍ସ ୧୫.୭% ବଢିଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ରେ କ୍ରୟ ବିକ୍ରୟ ଧାରା ଜାରି ରହିଛି। ମାର୍ଚ୍ଚ ୨୪ରେ ସେନ୍‌ସେକ୍ସ ସର୍ବନିମ୍ନ ସ୍ତରକୁ ଖସିଥିଲା। ହେଲେ ଏହା ଚଳିତ ମାସରେ ୪୭ ହଜାର ପଏଣ୍ଟ ସ୍ତର ଛୁଇଁଛି।

## ଫେମା ଉଲ୍ଲଂଘନ କରିଛନ୍ତି ଆମାଜନ, ଫ୍ଲିପ୍‌କାର୍ଟ

**ମୁମ୍ବାଇ,୩୧।୧୨:** ଇ-କମର୍ସ କମ୍ପାନୀ ଆମାଜନ ଏବଂ ଫ୍ଲିପ୍‌କାର୍ଟ ବିରୋଧରେ ବିଦେଶୀ ମୁଦ୍ରା ବିନିମୟ ପରିଚାଳନା ଆଇନ (ଫେମା) ଏବଂ ଏଫ୍‌ଡିଆଇ ଆଇନ ଉଲ୍ଲଂଘନର ଅଭିଯୋଗ ଆସିଛି। ଏହି ମାମଲା ଉପରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି କେନ୍ଦ୍ର ସରକାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଏବଂ ରିଜର୍ଭ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି କମ୍ପାନୀଗୁଡିକ ବିରୋଧରେ ସର୍ବଭାରତୀୟ ବ୍ୟବସାୟୀ ମହାସଂଘ ନିୟମ ଉଲ୍ଲଂଘନର ଅଭିଯୋଗ ଆଣିଥିଲା।



























ଆସିଛି ଶୁଭ ନବବର୍ଷ। କ୍ରୀଡ଼ା ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ୨୦୨୧ ହେବ ସମ୍ଭାବନାର ବର୍ଷ। କୋଭିଡ୍‌-୧୯ ମହାମାରୀ କାରଣରୁ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ, ପାରା ଅଲିମ୍ପିକ୍ସ, ଆଇସିସି ପୁରୁଷ ଟି୨୦ ବିଶ୍ୱକପ, ୟୁରୋକପ୍ ଫୁଟବଲ, ଥୋମାସ ଓ ଉବର କପ୍ ସମେତ ଅନେକ ବିଶ୍ୱସ୍ତରୀୟ ଇଭେଣ୍ଟ ୨୦୨୦ରେ ସମ୍ଭବ ହୋଇ ନ ଥିଲା। ପ୍ରତିଯୋଗିତାଗୁଡ଼ିକ ଏହି ବର୍ଷ ଆୟୋଜନ ହେବ। କରୋନା ଦ୍ୱାରା ପ୍ରଭାବିତ ହୋଇଥିବା ଟୋକିଓ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ଉପରେ ସମସ୍ତଙ୍କ ନଜର ରହିବ। ସେହିପରି କୋପା ଆମେରିକା ଫୁଟବଲ, ୪ ଗ୍ରାଣ୍ଡସ୍ଲାମ ଟେନିସ, ରଗ୍‌ବୀ ଲିଗ୍ ୱାର୍ଲ୍ଡକପ୍, ମହିଳା ରଗ୍‌ବୀ ୱାର୍ଲ୍ଡ କପ୍ ଓ ଆହୁରି ଅନେକ ଇଭେଣ୍ଟ ମଧ୍ୟ କ୍ରୀଡ଼ାପ୍ରେମୀଙ୍କ ଦୃଷ୍ଟି ଆକର୍ଷଣ କରିବ। ଭାରତରେ ଟି୨୦ ବିଶ୍ୱକପ୍ ସମେତ ଏକାଧିକ ଘରୋଇ ଫୁଟବଲ, ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଆୟୋଜନ ହେବ। ତେଣୁ ଜାତୀୟ ତଥା ରାଜ୍ୟ କ୍ରୀଡ଼ା ପାଇଁ ଅନେକ ମହତ୍ତ୍ୱ ରଖିବ।



# ସମ୍ଭାବନାର ବର୍ଷ

## ଟୋକିଓ ଅଲିମ୍ପିକ୍ସ

କୋଭିଡ୍‌-୧୯ ପାଇଁ ବିଶ୍ୱର ସର୍ବବୃହତ୍ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସକୁ ୨୦୨୧ ଘୁଞ୍ଚାଇ ଦିଆଯାଇଛି। ଜାପାନର ରାଜଧାନୀ ଟୋକିଓରେ ଆୟୋଜନ ହେବାକୁ ଥିବା ଏହି ମେଗା ଇଭେଣ୍ଟର ୩୨ତମ ସଂସ୍କରଣ ଜୁଲାଇ ୨୩ରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବ। ୨୦୬ଟି ଦେଶରୁ ୧୧,୦୯୧ଜଣ ଆଥଲେଟ୍ ଏଥିରେ ଅଂଶଗ୍ରହଣ କରିବେ। ୩୩ଟି କ୍ରୀଡ଼ାର ୫୦ଟି ବର୍ଗରେ ମୋଟ୍ ୩୩୯ଟି ଇଭେଣ୍ଟ ଆୟୋଜନ କରାଯିବ। ଜାପାନ ନ୍ୟାଶନାଲ ଷ୍ଟାଡିୟମରେ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବ ସହ କେତୋଟି ଗୁରୁତ୍ୱପୂର୍ଣ୍ଣ ଇଭେଣ୍ଟ ଆୟୋଜନ ହେବ। ଏହି ଅଲିମ୍ପିକ୍ସରେ ଏଥର କୋତୋଟି ନୂଆ ଇଭେଣ୍ଟକୁ ସାମିଲ କରାଯାଇଥିବା ବେଳେ ଆଉ କେତେକ ପ୍ରତ୍ୟାବର୍ତ୍ତନ କରିଛି। ନୂଆ ଇଭେଣ୍ଟ ବାବଦରେ ୩ x ୩ ବାସ୍କେଟବଲ, ଫ୍ରି ଷ୍ଟାଇଲ ବିଏମ୍‌ଏକ୍ସ, ମାଡିସନ ସାଇକ୍ଲିଂ ଏଥର ସାମିଲ ହେବ। କରାଟେ, ସ୍ପୋର୍ଟ୍ସ କ୍ଲାଇମ୍ବିଂ, ସର୍ଫିଙ୍ଗ୍ ଏବଂ ସ୍କେଟ ବୋର୍ଡିଂ ଅଲିମ୍ପିକ୍ସରେ ଏଥର ପଦାର୍ପଣ କରିବ। ସେହିପରି ୨୦୦୮ରୁ ବାଦ୍ ପଡିଥିବା ବେସ୍ ବଲ୍, ସଫ୍ଟ ବଲ ଭଳି ଇଭେଣ୍ଟ ଏଥର ପ୍ରତ୍ୟାବର୍ତ୍ତନ କରିବ। ୨୦୧୩ ସେପ୍ଟେମ୍ବର ୭ ତାରିଖରେ ଆର୍ଜେଣ୍ଟିନାର ବୁଏନସ ଏୟାର୍ସଠାରେ ଅନୁଷ୍ଠିତ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ୧୨୫ତମ ଅଧିବେଶନରେ ଟୋକିଓକୁ ଦ୍ୱିତୀୟଥର ପାଇଁ ଅଲିମ୍ପିକ୍ସ ଆୟୋଜନର ଅଧିକାର ପ୍ରଦାନ କରାଯାଇଥିଲା। କରୋନା ମହାମାରୀ ପାଇଁ ଏଥର ଏହି ମେଗା ଇଭେଣ୍ଟ ବିଭିନ୍ନ କଟକଣା ଓ ନିୟମରେ ଆୟୋଜନ ହେବ। ମହାମାରୀ ଦ୍ୱାରା ପ୍ରଭାବିତ ହୋଇଥିଲେ ମଧ୍ୟ ଅଲିମ୍ପିକ୍ସ ପୂର୍ବପରି ସଫଳତାର ଶୀର୍ଷକୁ ଛୁଇଁବ।

## ୟୁରୋକପ୍ ଫୁଟ୍‌ବଲ

ୟୁରୋପ ମହାଦେଶର ସବୁଠାରୁ ବଡ଼ ଫୁଟବଲ ଟୁର୍ନାମେଣ୍ଟ ୟୁରୋକପ୍ ଫୁଟବଲ୍‌ର ୧୬ତମ ସଂସ୍କରଣ ପ୍ରଥମେ ୨୦୨୦ ଜୁନ୍ ୧୨ରୁ ଜୁଲାଇ ୧୨ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ କୋଭିଡ୍‌-୧୯ ମହାମାରୀ କାରଣରୁ ଏହାକୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ଏହି ମେଗା ଇଭେଣ୍ଟ ଏଥର ୧୧ ଜୁନ୍‌ରୁ ଆରମ୍ଭ ହୋଇ ୧୧ ଜୁଲାଇରେ ଶେଷ ହେବ। ୟୁରୋପର ୨୪ଟି ଦଳ ଏଥିରେ ଅଂଶଗ୍ରହଣ କରିବେ। ୧୨ଟି ଦେଶର ବିଭିନ୍ନ ଭେନ୍ୟୁରେ ମ୍ୟାଚ୍‌ଗୁଡିକ ଆୟୋଜନ ହେବ। ୨୦୧୬ରେ ପର୍ତ୍ତୁଗାଲ ଟାଇଟଲ ହାସଲ କରିଥି। ରୋମର ଅଲିମ୍ପିକ୍ ଷ୍ଟାଡିୟମରେ ତୁର୍କୀ ଓ ଇଟାଲୀ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ। ସେମିଫାଇନାଲ ଓ ଫାଇନାଲ ଲଣ୍ଡନର ୱେମ୍ବଲି ଷ୍ଟାଡିୟମରେ ଖେଳାଯିବ। ଗ୍ରୁପ୍ ଏ'ରେ ତୁର୍କୀ, ଇଟାଲୀ, ୱେଲ୍ସ ଓ ସୁଇଜରଲାଣ୍ଡ ସ୍ଥାନୀତ ହୋଇଛନ୍ତି। ସେହିପରି ଗ୍ରୁପ୍ ବି'ରେ ଡେନମାର୍କ, ଫିନ୍‌ଲାଣ୍ଡ, ବେଲଜିୟମ ଓ ରୁଷିଆ ସାମିଲ ହୋଇଛନ୍ତି। ଗ୍ରୁପ୍ ସି'ରେ ନେଦରଲାଣ୍ଡ୍ସ, ୟୁକ୍ରେନ୍, ଅଷ୍ଟ୍ରିଆ ଓ ନର୍ଥ ମାସିଡୋନିଆ ସାମିଲ ହୋଇଛନ୍ତି। ଗ୍ରପ୍ ଡି'ରେ ଇଂଲଣ୍ଡ, କ୍ରୋଏସିଆ, ସ୍କଟଲାଣ୍ଡ, ଚେକ୍ ଗଣରାଜ୍ୟ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ ଇ'ରେ ସ୍ପେନ, ସୁଇଡେନ, ପୋଲାଣ୍ଡ, ସ୍ଲୋଭାକିଆ, ଗ୍ରୁପ୍ ଏଫ୍'ରେ ହଙ୍ଗେରୀ, ପର୍ତ୍ତୁଗାଲ, ଫ୍ରାନ୍ସ ଓ ଜର୍ମାନୀ ସାମିଲ ହୋଇଛନ୍ତି। ୧୨ଟି ଦେଶ ଯଥା ଆଜରବୈଜାନ, ଇଟାଲୀ, ଡେନ୍‌ମାର୍କ, ରୁଷିଆ, ନେଦରଲାଣ୍ଡ୍ସ, ରୋମାନିଆ, ଇଂଲଣ୍ଡ, ସ୍କଟଲାଣ୍ଡ, ଆୟର୍ଲାଣ୍ଡ, ସ୍ପେନ୍, ଜର୍ମାନୀ ଓ ହଙ୍ଗେରୀ ଆୟୋଜକ ଭାବେ ମ୍ୟାଚ୍ ଆୟୋଜନ କରିବେ।




## କୋପା ଆମେରିକା ଫୁଟ୍‌ବଲ

ଅନ୍ୟ ମେଗା ଇଭେଣ୍ଟଗୁଡ଼ିକ ଭଳି କୋପା ଆମେରିକା ଫୁଟବଲ ମଧ୍ୟ କରୋନା ଭାଇରସ୍ ଦ୍ୱାରା ପ୍ରଭାବିତ ହୋଇଥିଲା। ଏହି ଇଭେଣ୍ଟ ପ୍ରଥମେ ୨୦୨୦ରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। କୋଭିଡ୍‌-୧୯ କାରଣରୁ ଏହାକୁ ୨୦୨୧କୁ ଘୁଞ୍ଚାଇ ଦିଆଯାଇଛି। ଆର୍ଜେଣ୍ଟିନା ଓ କଲମ୍ବିଆରେ ଏହି ଟୁର୍ନାମେଣ୍ଟ ଏବେ ଜୁନ ୧୧ରୁ ଜୁଲାଇ ୧୦ ମଧ୍ୟରେ ଆୟୋଜନ ହେବ। ୨ଟି କନ୍‌ଫେଡେରେଶନର ୧୨ଟି ଦେଶ ଏଥିରେ ଅଂଶଗ୍ରହଣ କରିବେ। ୯ଟି ସହରରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିୟନ ବ୍ରାଜିଲ ୨୦୧୯ରେ ସର୍ବାଧିକ ନବମଥର ପାଇଁ ଟାଇଟଲ ହାସଲ କରିଥିଲା। ୧୯୮୩ ପରେ ପ୍ରଥମଥର ପାଇଁ ଏହି ଇଭେଣ୍ଟକୁ ଏକାଧିକ ଦେଶ ଆୟୋଜନ କରିବେ। ୧୨ଟି ଦଳ ଦୁଇଟି ଗ୍ରୁପ୍‌ରେ ବିଭକ୍ତ ହୋଇଛନ୍ତି। ଗ୍ରପ୍ ଏ' ତଥା ସାଉଥ୍ ଜୋନ୍‌ରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବଲିଭିଆ, ଉରୁଗୁଏ, ଚିଲି ଓ ପାରାଗୁଏ ସ୍ଥାନୀତ ହୋଇଛନ୍ତି। ସେହିପରି ଗ୍ରୁପ୍ ବି' ତଥା ନର୍ଥ ଜୋନ୍‌ରେ କଲମ୍ବିଆ, ବ୍ରାଜିଲ, କାତାର, ଭେନେଜୁଏଲା, ଇକ୍ୟୁଏଡର ଓ ପେରୁ ସାମିଲ ହୋଇଛନ୍ତି। ଆମନ୍ତ୍ରିତ ଦଳ ଭାବେ ଅଷ୍ଟ୍ରେଲିଆ ଓ କାତାରକୁ ଭାଗ ନେବାର ସୁଯୋଗ ଦିଆଯାଇଛି।



## ଥୋମାସ ଓ ଉବର କପ୍

୨୦୨୧ରେ ଡେନ୍‌ମାର୍କର ଆରହୁସ୍‌ରେ ଆୟୋଜନ ହେବ ବ୍ୟାଡମିଣ୍ଟନର ସବୁଠାରୁ ସମ୍ମାନଜନକ ଟୁର୍ନାମେଣ୍ଟ ଥୋମାସ ଓ ଉବର କପ୍। ପୁରୁଷ ଓ ମହିଳା ବର୍ଗରେ ଥୋମାସ କପ୍‌ର ୩୧ତମ ସଂସ୍କରଣ, ଉବର କପ୍‌ର ୨୮ତମ ସଂସ୍କରଣରେ ଏଥର ବିଶ୍ୱସ୍ତରୀୟ ଖେଳାଳିମାନେ ଅଂଶଗ୍ରହଣ କରିବେ। ତେବେ ଏହି ଦୁଇଟି ଟୁର୍ନାମେଣ୍ଟ ପ୍ରଥମେ ୨୦୨୦ ଅଗଷ୍ଟ ୧୫ରୁ ୨୩ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ ଏହା କୋଭିଡ୍‌-୧୯ ମହାମାରୀ କାରଣରୁ ଦୁଇ ଦୁଇଥର ସ୍ଥଗିତ ରହିଥିଲା। ଶେଷରେ ଏହା ୧୨ରୁ ୧୭ ଅକ୍ଟୋବର ମଧ୍ୟରେ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଚାଇନା ପୁରୁଷ ଟିମ ଚାମ୍ପିୟନଶିପ୍ ଥୋମାସ କପ୍‌ର ଓ ଜାପାନ ମହିଳା ଟିମ୍ ଚାମ୍ପିୟନଶିପ୍ ଉବର କପ୍‌ର ଡିପେଣ୍ଡିଂ ଚାମ୍ପିୟନ ରହିଛନ୍ତି। ଏହି ଦୁଇଟି ଟୁର୍ନାମେଣ୍ଟରେ ୧୬ଟି ଲେଖାଏ ଦଳ ଅଂଶଗ୍ରହଣ କରିବେ।






## ଭାରତରେ ଆୟୋଜନ ହେବାକୁ ଥିବା ଇଭେଣ୍ଟ

| | |
|---|---|
| ୫ ଫେବୃୟାରୀରୁ ୨୮ ମାର୍ଚ୍ଚ | ଇଂଲଣ୍ଡ କ୍ରିକେଟ ଦଳର ଭାରତ ଗସ୍ତ |
| ୧୮ ଅକ୍ଟୋବର- ୧୫ ନଭେମ୍ବର | ଆଇସିସି ଟି୨୦ ବିଶ୍ୱକପ୍ |
| ୧୧ ଏପ୍ରିଲ ୨୦୨୧- ୬ ଜୁନ ୨୦୨୧ | ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍) |

## ଗ୍ରାଣ୍ଡସ୍ଲାମ୍ ଟେନିସ

ପ୍ରତିବର୍ଷ ୪ଟି ଗ୍ରାଣ୍ଡସ୍ଲାମ ଟେନିସ ଟୁର୍ନାମେଣ୍ଟ ଆୟୋଜନ ହୋଇଥାଏ। ଏହି ୪ଟି ପ୍ରତିଯୋଗିତା ଟେନିସ୍‌ରେ ସବୁଠାରୁ ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ରୂପେ ପରିଗଣିତ ହୋଇଥାଏ। ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ହେଉଛି ଅଷ୍ଟ୍ରେଲିଆନ ଓପନ ଏଥର ଫେବୃୟାରୀ ୮ ତାରିଖରୁ ଆରମ୍ଭ ହୋଇ ୨୧ରେ ଶେଷ ହେବ। ସେହିପରି ଦ୍ୱିତୀୟ ବର୍ଷର ଦ୍ୱିତୀୟ ଟୁର୍ନାମେଣ୍ଟ ଫ୍ରେଞ୍ଚ୍ ଓପନ ୨୩ ମେ'ରୁ ଆରମ୍ଭ ହୋଇ ଜୁନ୍ ୬ ତାରିଖରେ ଶେଷ ହେବ। ଏହାପରେ ୱିମ୍ବେଲଡନ ଓପନ୍ ୨୮ ଜୁନ୍‌ରେ ଆରମ୍ଭ ହୋଇ ଜୁଲାଇ ୧୧ ତାରିଖରେ ଶେଷ ହେବ। ବର୍ଷର ଅନ୍ତିମ ତଥା ଚତୁର୍ଥ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ଅଗଷ୍ଟ ୩୦ରୁ ସେପ୍ଟେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଖେଳାଯିବ। ଗତବର୍ଷ କୋଭିଡ୍‌-୧୯ ମହାମାରୀ କାରଣରୁ ୱିମ୍ବେଲଡ଼ନ ଖେଳାଯାଇ ନ ଥିଲା।



## ୨୦୨୧ରେ ବିଶ୍ୱସ୍ତରୀୟ କ୍ରୀଡ଼ା ଇଭେଣ୍ଟ

| | | |
|---|---|---|
| ୨୩ ଜୁଲାଇ- ୮ ଅଗଷ୍ଟ | ଅଲିମ୍ପିକ୍ସ | ଟୋକିଓ |
| ୨୪ ଅଗଷ୍ଟ- ୫ ସେପ୍ଟେମ୍ବର | ପାରା ଅଲିମ୍ପିକ୍ସ | ଟୋକିଓ |
| ୩ରୁ-୫ ଜାନୁୟାରୀ | ଡାକାର ରାଲି | ସାଉଦି ଆରବ |
| ୧୧ ଜୁନ- ୧୧ ଜୁଲାଇ | କୋପା ଆମେରିକା ଫୁଟବଲ | ଆର୍ଜେଣ୍ଟିନା, କଲମ୍ବିଆ |
| ୧- ୧୧ ଫେବୃୟାରୀ | ଫିଫା କ୍ଲବ ୱାର୍ଲ୍ଡ କପ | କାତାର |
| ୧୫ରୁ- ୩୧ ଜାନୁୟାରୀ | ଟାଟାଷ୍ଟିଲ୍ ଚେସ୍ | ନେଦରଲାଣ୍ଡ୍ସ |
| ୬- ୧୨ ଫେବୃୟାରୀ | ସ୍ପେଶାଲ ଅଲିମ୍ପିକ୍ସ, ୱାର୍ଲ୍ଡ ୱିଣ୍ଟର ଗେମ୍ସ | ସ୍ୱିଡେନ |
| ୧୯ରୁ- ୨୧ ମାର୍ଚ୍ଚ | ୱାର୍ଲ୍ଡ ଆଥଲେଟିକ୍ସ ଇନ୍‌ଡୋର ଚାମ୍ପିୟନଶିପ | ଚାଇନା |
| ୧୭ ଏପ୍ରିଲ- ୩ ମେ | ୱାର୍ଲ୍ଡ ସ୍ନୁକର ଚାମ୍ପିୟନଶିପ୍ | ଇଂଲଣ୍ଡ |
| ୧୩ -୧୮ ଡିସେମ୍ବର | ଫିନା ୱାର୍ଲ୍ଡ ସୁଇମିଂ ଚାମ୍ପିୟନଶିପ୍ | ୟୁଏଇ |
| ୧୮ ସେପ୍ଟେମ୍ବର- ୧୬ ଅକ୍ଟୋବର | ମହିଳ ରଗବୀ ୱାର୍ଲ୍ଡ କପ୍ | ନ୍ୟୁଜିଲାଣ୍ଡ |
| ୨୧ ମାର୍ଚ୍ଚରୁ | ଫର୍ମୁଲା-୧ କ୍ୟାଲେଣ୍ଡର ଆରମ୍ଭ | ମେଲବୋର୍ନ |
| ଜୁନ ୨୬- ଜୁଲାଇ ୧୮ | ଟୁର ଡି ଫ୍ରାନ୍ସ | ଫ୍ରାନ୍ସ |
| ୧୨- ୧୭ ଅକ୍ଟୋବର | ଥୋମାସ ଓ ଉମର କପ୍ | ଡେନ୍‌ମାର୍କ |



## ମହାମାରୀ ଯୋଗୁ ୨୦୨୧କୁ ଘୁଞ୍ଚିଥିବା ପ୍ରମୁଖ ଇଭେଣ୍ଟ

- ଟୋକିଓ ଅଲିମ୍ପିକ୍ସ
- ପାରା ଅଲିମ୍ପିକ୍ସ
- ୟୁରୋ କପ୍ ଫୁଟବଲ ଟୁର୍ନାମେଣ୍ଟ
- ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍
- ଅଲିମ୍ପିକ୍ସ କ୍ୱାଲିଫାୟର୍ସ (ବକ୍ସିଂ ଓ ରେସଲିଂ)
- ଥୋମାସ ଓ ଉବର କପ୍ ବ୍ୟାଡମିଣ୍ଟନ



## ଏସିଆ କପ୍ ୨୦୨୧

ଏସିଆ କପ ପ୍ରଥମେ ୨୦୨୦ରେ ପାକିସ୍ତାନରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍‌-୧୯ କାରଣରୁ ଏହାକୁ ଘୁଞ୍ଚାଇବାକୁ ପଡିଥିଲା। ଏବେ ଏହି ମେଗା ଇଭେଣ୍ଟ ଶ୍ରୀଲଙ୍କାରେ ୨୦୨୧ ଜୁନ୍‌ରେ ଖେଳାଯିବ। ତେବେ ପାକିସ୍ତାନକୁ ୨୦୨୨ ସଂସ୍କରଣର ଆୟୋଜନ ଅଧିକାର ମିଳିବ। ପାକିସ୍ତାନରେ ଆୟୋଜନ ହେଲେ ଏହି ଟୁର୍ନାମେଣ୍ଟରେ ଭାରତ ଅଂଶଗ୍ରହଣ କରିବା ନେଇ ଆଶଙ୍କା ସୃଷ୍ଟି ହେବ। ଦ୍ୱିତୀୟଥର ପାଇଁ ଏସିଆ କପ୍ ଟି୨୦ ଫର୍ମାଟ୍‌ରେ ଖେଳାଯିବ। ଏହା ଦ୍ୱାରା ଟି୨୦ ପୁରୁଷ ବିଶ୍ୱକପ୍ ପାଇଁ ଦଳଗୁଡିକ ପ୍ରସ୍ତୁତି କରିବେ। ଏସିଆ କପର ଗତ ସଂସ୍କରଣ ବାଂଲାଦେଶରେ ଖେଳାଯାଇଥିଲା ଓ ଭାରତ ଟାଇଟଲ ହାସଲ କରିଥିଲା। ଏଥିରେ ଭାରତ ସମେତ ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ଆଫଗାନିସ୍ତାନ ଭଳି ଦେଶଗୁଡିକ ଅଂଶଗ୍ରହଣ କରିବେ।







## ପାରା ଅଲିମ୍ପିକ୍ସ

ଟୋକିଓ ପାରା ଅଲିମ୍ପିକ୍ସ ଅଗଷ୍ଟ ୨୪ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୫ ତାରିଖରେ ଶେଷ ହେବ। ୧୯୬୪ ପରେ ଦ୍ୱିତୀୟ ଥର ପାଇଁ ଟୋକିଓରେ ପାରା ଅଲିମ୍ପିକ୍ସ ଆୟୋଜନ ହେବ। ଏହି ମେଗା ଇଭେଣ୍ଟର ୧୬ତମ ସଂସ୍କରଣରେ ଏଥର ସେଲିଂ ଓ ୭-ଏ-ସାଇଡ ଫୁଟବଲ ବଦଳରେ ବ୍ୟାଡ୍‌ମିଣ୍ଟନ ଓ ଟାଏକୋଣ୍ଡୋ ଖେଳାଯିବ। ନ୍ୟୁ ନ୍ୟାଶନାଲ ଷ୍ଟାଡିୟମରେ ଜାପାନ ସମ୍ରାଟ ଏହି ମେଗା ଇଭେଣ୍ଟର ଉଦ୍‌ଘାଟନ କରିବେ। ବିଭିନ୍ନ ଦେଶରୁ ୪୪୦୦ ଆଥଲେଟ୍ ୨୨ଟି କ୍ରୀଡ଼ାରେ ୫୪୦ଟି ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଓଡ଼ିଶାର ପାରା ଆଥଲେଟ୍ ତଥା ବ୍ୟାଡମିଣ୍ଟନ ଖେଳାଳି ପ୍ରମୋଦ ଭଗତ ଯୋଗ୍ୟତା ହାସଲ କଲେ ନିଶ୍ଚିତ ଭାବେ ପଦକ ହାସଲ କରିବେ ବୋଲି ଆଶା କରାଯାଉଛି।



## ଆଇସିସି ଟି୨୦ ବିଶ୍ୱକପ୍

ଆଇସିସି ଟି୨୦ ବିଶ୍ୱକପ୍ ସପ୍ତମ ସଂସ୍କରଣ ଏଥର ଭାରତରେ ଅକ୍ଟୋବର ଓ ନଭେମ୍ବର ମାସରେ ଆୟୋଜନ ହେବ। ତେବେ ପ୍ରଥମେ ଏହା ଅଷ୍ଟ୍ରେଲିଆରେ ଗତବର୍ଷ ୧୮ ଅକ୍ଟୋବରରୁ ୧୫ ନଭେମ୍ବର ମଧ୍ୟରେ ଖେଳାଯିବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍‌-୧୯ ମହାମାରୀ କାରଣରୁ ଆଇସିସି ଏହି ମେଗା ଇଭେଣ୍ଟକୁ ୨୦୨୧କୁ ଘୁଞ୍ଚାଇବା ସହ ଭାରତରେ ଆୟୋଜନ କରିବାକୁ ନିଷ୍ପତ୍ତି ନେଇଥିଲା। ଏହି ବିଶ୍ୱକପ୍‌ରେ ଆୟୋଜକ ଭାରତ ସମେତ ୧୬ଟି ଦେଶ ଅଂଶଗ୍ରହଣ କରିବେ ସେ ମୋଟ୍ ଉପରେ ୪୫ଟି ମ୍ୟାଚ୍ ଖେଳାଯିବ।

**ଦିଲ୍ଲୀରେ ନାଇଟ୍ କର୍ଫ୍ୟୁ**

ନୂଆଦିଲ୍ଲୀ : ଦିଲ୍ଲୀ ସରକାର ଦୁଇ ଦିନ ପାଇଁ ରାତ୍ରିକାଳୀନ କର୍ଫ୍ୟୁ ଘୋଷଣା କରିଛନ୍ତି। ଡିସେମ୍ବର ୩୧ ଓ ଜାନୁୟାରୀ ୧ ତାରିଖ ରାତି ୧୧ଟାରୁ ସକାଳ ୬ ଟା ପର୍ଯ୍ୟନ୍ତ ଏହି କଟକଣା ଲାଗୁ ରହିବ। ନୂଆବର୍ଷରେ ଉତ୍ସବ ପାଳନ ଯୋଗୁ କରୋନା ସଂକ୍ରମଣ ବୃଦ୍ଧିର ଆଶଙ୍କା ଥିବାରୁ ଏହି ପଦକ୍ଷେପ ନିଆଯାଇଛି। ଏହି ସମୟ ମଧ୍ୟରେ କୌଣସି ସ୍ଥାନରେ ୫ରୁ ଅଧିକ ଲୋକ ଏକାଠି ହୋଇପାରିବେନି ବୋଲି ନିର୍ଦ୍ଦେଶ ଜାରି ହୋଇଛି।

# ୮ ବର୍ଷୀୟ ଲେଖକ



ବୋଲ୍ଟନ୍, ୩୧।୧୨: କରୋନା ଯୋଗୁ ଜାରି ଲକ୍‌ଡାଉନବେଳେ ୫୦ ଖଣ୍ଡ ବହି ପଢ଼ି ନିଜେ ଏକ ପୁସ୍ତକ ରଚନା କରିଛନ୍ତି ୮ ବର୍ଷର ଛାତ୍ର। ଇଂଲଣ୍ଡର ବୋଲ୍ଟନ ସହରର ବାଳକ ମିଲନ କୁମାର 'କୋଭିଡ୍ ଖ୍ରୀଷ୍ଟମାସ ପରେଡ୍' ବହି ଲେଖି ଏବେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ଏତେ କମ୍ ବୟସରେ ଲକ୍‌ଡାଉନ ସମୟରେ ୫୦ରୁ ଊର୍ଦ୍ଧ୍ୱ ବହି ପଢ଼ିବା ଚ୍ୟାଲେଞ୍ଜ ପୂରଣ କରିବା ପରେ ଡଚେସ୍ ଅଫ୍ କର୍ନୱାଲଙ୍କ ଦ୍ୱାରା ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଏପରିକି ଏହି ବିସ୍ମୟ ବାଳକ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପରିବର୍ତ୍ତନ ପାଇଁ ଉଲ୍ଲେଖନୀୟ ଅବଦାନ ଥିବା ସ୍ୱେଚ୍ଛାସେବୀଙ୍କୁ ପ୍ରଦାନ କରାଯାଉଥିବା ପଏଣ୍ଟ ଅଫ୍ ଲାଇଟ୍ସ ପୁରସ୍କାର ମଧ୍ୟ ମିଳନ ହାସଲ କରିଛନ୍ତି। ବର୍ଷେ ମଧ୍ୟରେ ୫୦ ଖଣ୍ଡ ବହି ପଢ଼ିବା ଚ୍ୟାଲେଞ୍ଜକୁ ମିଲନ ମାତ୍ର ତିନି ମାସରେ ଶେଷ କରିଦେଇଥିଲେ।

**BIRTHDAY WISH**



(Khushi)
Adrija Mishra
Father's Name: Ajit Kumar Mishra
Mother's Name: Deepa ulhas Gaonkar
Many many happy returns of the day. 1st Happy Birthday "KHUSHI". God bless you...
-:Best Wishes:-
Family & Relatives.
D-19426

**ଜନ୍ମଦିନ ଶୁଭେଚ୍ଛା**



ଶ୍ରୀଯୁକ୍ତ ଅଦ୍ୱୈତ ଚରଣ ବିଶ୍ୱାଳ
ପ୍ଲଟ୍ ନଂ.-୧୨୭୭-୭୮, ବମିଖାଲ
ଆଜିର ଏହି ଶୁଭ ନବବର୍ଷରେ ଆପଣ "ଅଶୀ (୮୦) ବର୍ଷରେ ପଦାର୍ପଣ କରୁଥିବା ଅବସରରେ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଇବା ସହିତ ଆପଣଙ୍କର ସୁସ୍ଥ ଓ ନିରାମୟ ଜୀବନ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ ।
-:ଶୁଭେଚ୍ଛା ସହ:-
ଶ୍ରୀ ସୁଶୀଳ କୁମାର ନନ୍ଦ, ଭକ୍ତବନ୍ଧୁ ଦାସ ତଥା "ଅଗ୍ରଣୀ ବରିଷ୍ଠ ନାଗରିକ ସଂଘ", ବମିଖାଲର ସଭ୍ୟବୃନ୍ଦ ।
ଧ-୬୭୪୦୫

**ଜନ୍ମଦିନ ଶୁଭେଚ୍ଛା**



ଶ୍ରୀମତୀ ସୁଜାତା ଦାଶ
ବୁର୍ଲା, ସମ୍ବଲପୁର
ଆଜି ତୁମର ୪୪ତମ ଜନ୍ମଦିନରେ ଜଗତର ନାଥ ଜଗନ୍ନାଥ ତୁମ ଚଲାପଥ କୁସୁମିତ କରନ୍ତୁ ଓ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ବନ୍ଧୁ ଓ ପରିବାରବର୍ଗ ।
ଧ-୬୬୬୫୪

**ପ୍ରଥମ ଜନ୍ମଦିନ ଶୁଭେଚ୍ଛା**



ଅଂଶୁ
ଛତିଆ, ଯାଜପୁର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ ସଦା କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ପାପା: ସୌମ୍ୟ, ମାମା: ରାଜଶ୍ରୀ ଓ ବନ୍ଧୁ ପରିବାରବର୍ଗ ।
ଧ-୧୯୪୩୩

**ଦ୍ୱିତୀୟ ଜନ୍ମବାର୍ଷିକ ଶୁଭେଚ୍ଛା**



ଆରିଆନା ଓଝା (ବେବି)
ସା: କେଶଦୁରାପାଳ, କେନ୍ଦୁଝର
ଜଗତରନାଥ ଶ୍ରୀଜଗନ୍ନାଥଙ୍କ କୃପାରୁ ତୋର ଜୀବନ ସୁଖମୟ ହେଉ ।
-:ଶୁଭେଚ୍ଛା ସହ:-
ବାପା, ମାମା, ଜେଜେ, ଜେଜେମା', ପିଉସା, ପିଉସୀ, ପାପୁଲ୍, ବାବି, ଗୁଡ଼ି ।
ଧ-୭୦୧୪୦

## ସଂକ୍ଷେପରେ

### ଭିନ୍ନ ଧର୍ମ ବିବାହକୁ ଅବୈଧ କହିଲା ଚର୍ଚ୍ଚ

ଇଡୁକି, ୩୧।୧୨: ଜଣେ କ୍ୟାଥୋଲିକ୍ ମହିଳା ଓ ଜଣେ ମୁସଲମାନ ପୁରୁଷଙ୍କ ମଧ୍ୟରେ ବିବାହକୁ ଅବୈଧ କହିଛି କେରଳର ସିରୋ ମାଲାବାର ଚର୍ଚ୍ଚ। ଅନୁସନ୍ଧାନ ପାଇଁ ୩ ଜଣ ବରିଷ୍ଠ ଧର୍ମଯାଜକଙ୍କୁ ନେଇ ଗଠିତ ଏକ ଟିମ୍ ଏଭଳି ଘୋଷଣା କରିଛନ୍ତି। ଥ୍ରିସୁର ଜିଲା ଇରିଞ୍ଜାଲକ୍କୁଡାର କ୍ୟାଥୋଲିକ୍ ମହିଳା ଜଣକ କୋଚିର ଜଣେ ମୁସଲମାନ ଯୁବକଙ୍କୁ ଗତ ନଭେମ୍ବର ୯ ରେ ବିବାହ କରିଥିଲେ। ଚର୍ଚ୍ଚର ଜଣେ ଧର୍ମଯାଜକଙ୍କ କହିବା ମୁତାବକ, ଯାଞ୍ଚ ପାଇଁ ବସିଥିବା କମିଶନଙ୍କ ଦ୍ୱାରା ଉଭୟ ବର ଓ କନ୍ୟାଙ୍କ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରାଯାଇ ଆର୍କ ବିଶପ୍‌ଙ୍କୁ ରିପୋର୍ଟ ପ୍ରଦାନ କରାଯାଇଥିଲା। କ୍ୟାଥୋଲିକ ଚର୍ଚ୍ଚର ଆଇନ ଅନୁଯାୟୀ ଏହି ବିବାହ ଅବୈଧ ବୋଲି କୁହାଯାଇଛି। ଏହାକୁ ନେଇ ବିରୋଧ ମୁଣ୍ଡ ଟେକିବା ଯୋଗୁ ଘଟଣାର ତଦନ୍ତ ପାଇଁ ଆର୍କ ବିଶପ୍ ମାର୍ ଜର୍ଜ ଆଲେନଚେରି ନିର୍ଦ୍ଦେଶ ଦେଇଛନ୍ତି।

### ସାଙ୍ଗକୁ ଗୁଳି କଲେ ଦଶମ ଛାତ୍ର

ମିରଟ, ୩୧।୧୨: ଉତ୍ତରପ୍ରଦେଶ ବୁଲନ୍ଦସହରର ଜଣେ ଦଶମ ଶ୍ରେଣୀ ଛାତ୍ର ଗୁରୁବାର ତାଙ୍କ ସାଙ୍ଗଙ୍କୁ ଗୁଳି କରି ହତ୍ୟା କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଉଭୟେ ଏକ ଘରୋଇ ସ୍କୁଲର ଛାତ୍ର। ଅଭିଯୁକ୍ତ ସନି ଓ ମୃତକ ତାରଜନଙ୍କ ମଧ୍ୟରେ ବୁଧବାର କ୍ଲାସରୁମ୍‌ରେ ସିଟ୍‌ରେ ବସିବାକୁ କେନ୍ଦ୍ର କରି ଝଗଡ଼ା ହୋଇଥିଲା। ଏହାର ଦିନକ ପରେ ସନି ସେନାରେ କାର୍ଯ୍ୟରତ ତାଙ୍କ ଦାଦାଙ୍କ ସର୍ଭିସ ପିସ୍ତଲ ଚୋରି କରି ଆଣି ତାରଜନଙ୍କ ଉପରକୁ ଗୁଳି ଚଳାଇ ଦେଇଥିଲେ।

### ବିମାନବନ୍ଦରରେ ବିସ୍ଫୋରଣ: ୨୫ ମୃତ

ସାନା, ୩୧।୧୨: ୟେମେନର ଆଡେନ ବିମାନବନ୍ଦରରେ ଗୁରୁବାର ଭୟଙ୍କର ବିସ୍ଫୋରଣ ହୋଇଛି। ଏଥିରେ ୨୫ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୧୦ ଜଣ ଆହତ ହୋଇଥିବା ୟେମେନ ସରକାରଙ୍କ ପକ୍ଷରୁ କୁହାଯାଇଛି। ସୌଦି ଆରବ ସମର୍ଥନରେ ନୂଆ କରି ଗଠନ ହୋଇଥିବା ସରକାରୀ ଦଳର ନେତା ଏୟାରପୋର୍ଟରେ ଅବତରଣ କରୁଥିବାବେଳେ ଏହି ବିସ୍ଫୋରଣ ହୋଇଥିଲା। ଏହାର ଲାଇଭ ଭିଡିଓ ସୋସିଆଲ ମିଡିଆରେ ଅପଲୋଡ୍ ହୋଇଛି। ଏଥିରେ ୟେମେନର ସମସ୍ତ ଅଧିକାରୀ ଓ ସୌଦି ଦୂତ ସୁରକ୍ଷିତ ଅଛନ୍ତି। ଆକ୍ରମଣ ପାଇଁ ୟେମେନ ଓ ସୌଦି ଆରବ ଇରାନ ସମର୍ଥିତ ହୁତି ସଙ୍ଗଠନକୁ ଦାୟୀ କରିଛି।

# ର୍‍ୟାକେଟ ମୁଖ୍ୟ ଚାଇନା ନାଗରିକ

**୨୧ ହଜାର କୋଟି ଋଣ ଆପ୍ ଦୁର୍ନୀତି**
- ଭାରତ ଛାଡ଼ିବା ଉଦ୍ୟମ ବେଳେ ବିମାନବନ୍ଦରରୁ ଗିରଫ
- ବିଟ୍ କଏନରେ ହେଉଥିଲା ଅନ୍ତର୍ଜାତୀୟ କାରବାର




ହାଇଦ୍ରାବାଦ, ୩୧।୧୨

ବହୁ କୋଟି ଟଙ୍କାର ଅନ୍‌ଲାଇନ ଋଣ ଦୁର୍ନୀତି (ଇନ୍‌ଷ୍ଟାଣ୍ଟ ଲୋନ୍ ଆପ୍ ସ୍କାମ୍) ମାମଲାର ତଦନ୍ତ କରୁଥିବା ହାଇଦ୍ରାବାଦ ପୋଲିସ ଦିଲ୍ଲୀରୁ ଏହାର ମୁଖ୍ୟ ଜଣେ ଚାଇନା ନାଗରିକଙ୍କୁ ଗିରଫ କରିଛି। ଭାରତ ଛାଡ଼ିବାକୁ ଉଦ୍ୟମ କରୁଥିବା ଝୁ ୱେଇ ଓରଫ ଲମ୍ବୁଙ୍କୁ ବୁଧବାର ଦିଲ୍ଲୀ ବିମାନବନ୍ଦରରୁ ଧରାଯାଇଥିଲା। ତାଙ୍କୁ ଗୁରୁବାର ଗିରଫ କରାଯାଇଥିବା ପୋଲିସ କହିଛି। ଆନ୍ଧ୍ରପ୍ରଦେଶର କୁର୍ନୁଲ ଜିଲାରୁ କେ. ନାଗାରାଜୁ ନାମକ ଅନ୍ୟଜଣେ ଅଭିଯୁକ୍ତଙ୍କୁ ମଧ୍ୟ ଗିରଫ କରାଯାଇଛି।

ପୋଲିସ କହିବା ଅନୁଯାୟୀ, ବେଆଇନ ଲୋନ୍ ଆପ୍ ଚଳାଇଥିବା ୪ଟି କମ୍ପାନୀର ମୁଖ୍ୟ ହେଉଛନ୍ତି ୱେଇ। ସମ୍ପୃକ୍ତ କମ୍ପାନୀଗୁଡ଼ିକ ହେଲେ ଆଗ୍‌ଲୋ ଟେକ୍‌ନୋଲୋଜିଜ୍, ଲିଉଫାଙ୍ଗ ଟେକ୍‌ନୋଲୋଜିଜ୍, ନକ୍ଲମ୍ ଟେକ୍‌ନୋଲୋଜିଜ୍ ଏବଂ ପିନ୍‌ପ୍ରିଣ୍ଟ ଟେକ୍‌ନୋଲୋଜିଜ୍। ଏମାନେ ପ୍ରାୟ ୨୧ ହଜାର କୋଟି ଟଙ୍କାର ଅନ୍‌ଲାଇନ ଋଣ ଠକେଇରେ ସମ୍ପୃକ୍ତ। ବର୍ତ୍ତମାନ ସୁଦ୍ଧା ସେମାନେ ୧.୪ କୋଟି ଟଙ୍କା କାରବାର କରିଥିବା ୱେଇ ସ୍ୱୀକାର କରିଛନ୍ତି। ବେଆଇନ ଲୋନ୍ ଆପ୍ କବଳରେ ପଡ଼ି ୩ ଜଣ ଆତ୍ମହତ୍ୟା କରିବା ପରେ ହାଇଦ୍ରାବାଦ ପୋଲିସ ଏହାର ତଦନ୍ତ ଆରମ୍ଭ କରିଥିଲା। ବେଆଇନ କମ୍ପାନୀଗୁଡ଼ିକ ଲୋକଙ୍କୁ ଋଣ ଜାଲରେ ଫସାଇ ସେମାନଙ୍କଠାରୁ ୩୬ ପ୍ରତିଶତ ସୁଧ ଆଦାୟ କରୁଥିଲେ। ଗତ ୬ ମାସ ମଧ୍ୟରେ ପେମେଣ୍ଟ ଗେଟୱେ ମାଧ୍ୟମରେ ଏବଂ ବ୍ୟାଙ୍କ ଆକାଉଣ୍ଟକୁ ଉକ୍ତ କମ୍ପାନୀଗୁଡ଼ିକ ସହ ସଂଯୋଗ କରି କାରବାର କରାଯାଉଥିଲା। ବହୁସଂଖ୍ୟାରେ ଅନ୍ତର୍ଜାତୀୟ କାରବାର ବିଟ୍ କଏନ୍ ମାଧ୍ୟମରେ ହେଉଥିଲା ବୋଲି ପୋଲିସ କହିଛି।

ଲକ୍‌ଡାଉନ ସମୟରେ ୱେଇ ଦିଲ୍ଲୀର ଏକ ଆପାର୍ଟମେଣ୍ଟରେ ରହୁଥିଲେ। ସେ ନିୟମିତ ଚାଇନା ଯାତାୟାତ କରୁଥିଲେ। ମଝିରେ ସେ ଇଣ୍ଡୋନେସିଆ ଯାଇଥିବା ପାସ୍‌ପୋର୍ଟରୁ ଜଣାପଡିଛି। କୁର୍ନୁଲରୁ ଗିରଫ ହୋଇଥିବା କେ. ନାଗାରାଜୁ କଲ୍ ସେଣ୍ଟର ପରିଚାଳନାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି କଲ୍‌ସେଣ୍ଟରଗୁଡ଼ିକରୁ ଋଣ ନେଇଥିବା ବ୍ୟକ୍ତିଙ୍କୁ ଧମକ ଦିଆଯିବା ସହ ହଇରାଣ କରାଯାଉଥିଲା। ଏମାନଙ୍କୁ ମିଶାଇ ମୋଟ ୧୮ ଜଣଙ୍କୁ ଏହି ଦୁର୍ନୀତି ମାମଲାରେ ଗିରଫ କରାଗଲାଣି। ଦିଲ୍ଲୀ, ଗାଜିଆବାଦ, ଗୁରୁଗ୍ରାମ, ମୁମ୍ବାଇ, ପୁଣେ, ନାଗପୁର ଓ ବେଙ୍ଗାଲୁରୁକୁ ଏହି ଦୁର୍ନୀତିର ଚେର ମାଡ଼ିଥିବା ଜଣାପଡିଛି।

## 'ଔଷଧ, ସତର୍କତା ହେଉ ନୂଆବର୍ଷର ମନ୍ତ୍ର'



ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୩୧।୧୨

ଔଷଧ ସାଙ୍ଗକୁ ସତର୍କତା ବର୍ଷ ୨୦୨୧ର ମନ୍ତ୍ର ହେଉ ବୋଲି ଗୁଜରାଟର ରାଜକୋଟଠାରେ ଏମ୍ସ ଶିଳାନ୍ୟାସ ଉତ୍ସବରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନୂଆବର୍ଷ ଅବସରରେ ମୋଦି କରୋନା ଭୂତାଣୁ ବିରୋଧୀ ଲଢ଼େଇରେ ସାମିଲ ହୋଇଥିବା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପରିମଳ କର୍ମଚାରୀ, ଫାର୍ମାସିଷ୍ଟ ଓ ଅନ୍ୟ ଆଗଧାଡ଼ିର କର୍ମଚାରୀମାନଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ଟିକାକରଣ ପରେ ମଧ୍ୟ କୋଭିଡ୍ କଟକଣାକୁ କଡ଼ାକଡ଼ି ପାଳନ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମ ଲାଗି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭାରତରେ ପ୍ରସ୍ତୁତ ଟିକା ଦେଶବାସୀଙ୍କୁ ଦିଆଯିବ। ଭାରତରେ ବିଶ୍ୱର ସର୍ବବୃହତ ଟିକାକରଣ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କର୍ତ୍ତବ୍ୟ ପାଳନ ବେଳେ ଜୀବନ ଦେଇଥିବା କୋଭିଡ୍ ଯୋଦ୍ଧାମାନଙ୍କୁ ପ୍ରଧାନମନ୍ତ୍ରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଚାଷୀଙ୍କ ଉପରେ ପାଣିମାଡ଼



ଚଣ୍ଡିଗଡ଼/ଜୟପୁର, ୩୧।୧୨(ପି.ଟି.)

ରାଜସ୍ଥାନର ଶାହାଜାହାନପୁର ସୀମାରେ ଚାଷୀମାନେ ଗୁରୁବାର ବ୍ୟାରିକେଡ୍ ଭାଙ୍ଗି ଜାତୀୟ ରାଜଧାନୀ ଅଭିମୁଖେ ଅଗ୍ରସର ହେବାକୁ ଉଦ୍ୟମ କରୁଥିବାବେଳେ ସେମାନଙ୍କୁ ଅଟକାଇବାକୁ ଯାଇ ହରିୟାଣା ପୋଲିସ ପାଣିମାଡ଼ କରିବା ସହ ଲୁହବୁହା ଗ୍ୟାସ୍ ପ୍ରୟୋଗ କରିଛି। ହରିୟାଣା ପୋଲିସର ବ୍ୟାରିକେଡ୍ ଭାଙ୍ଗି ୨୫ଟି ଟ୍ରାକ୍ଟର ଟ୍ରଲିରେ ଚାଷୀମାନେ ଦିଲ୍ଲୀ ଅଭିମୁଖେ ଯାଉଥିଲେ।

କେନ୍ଦ୍ର ସରକାରଙ୍କ ୩ କୃଷି ଆଇନକୁ ବିରୋଧ କରି ହଜାର ହଜାର ଚାଷୀ ମାସେରୁ ଊର୍ଦ୍ଧ୍ୱ ସମୟ ଧରି ଦିଲ୍ଲୀ ସୀମାରେ ଧାରଣାରେ ବସିଛନ୍ତି। ତେବେ ଟ୍ରାକ୍ଟରରେ ଦିଲ୍ଲୀ ଯାଉଥିବା ଚାଷୀମାନେ ଆନ୍ଦୋଳନରତ କୃଷି ସଂଗଠନ କର୍ମକର୍ତ୍ତାଙ୍କ ଅନୁମତି ନେଇ ନ ଥିଲେ ବୋଲି କିଷାନ ମହାପଞ୍ଚାୟତ ସଭାପତି ରାମପାଲ ଜାଟ୍ କହିଛନ୍ତି। ନେତାମାନଙ୍କ ବାରଣ ସତ୍ତ୍ୱେ ଚାଷୀମାନେ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାରୁ ପୋଲିସ ପାଣିମାଡ଼ କରିବା ସହ ଲୁହବୁହା ବାଷ୍ପ ପ୍ରୟୋଗ କଲା ବୋଲି ସେ କହିଛନ୍ତି।



ଅଷ୍ଟ୍ରେଲିଆର ସିଡ୍‌ନୀଠାରେ ରଙ୍ଗିନ ଆତସବାଜିରେ ନବବର୍ଷ ୨୦୨୧କୁ ସ୍ୱାଗତ କରାଯାଉଛି।

## ପାକିସ୍ତାନରେ ମନ୍ଦିର ଭାଙ୍ଗି ୩୦ ଗିରଫ

ନୂଆଦିଲ୍ଲୀ, ୩୧।୧୨: ପାକିସ୍ତାନର ଖାଇବର ପାଖ୍‌ତୁନଖୱା କରକ ଜିଲାରେ ବୁଧବାର ଏକ ହିନ୍ଦୁ ମନ୍ଦିର ଭାଙ୍ଗିବା ଅଭିଯୋଗରେ ୩୦ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତଙ୍କ ମଧ୍ୟରେ ଜାମିଆତ୍ ଉଲେମା-ଇ-ଇସଲାମ ସଂଗଠନର କେନ୍ଦ୍ରୀୟ ନେତା ରେହମତ ସଲାମ ଖଟ୍ଟକ ଅଛନ୍ତି। ମନ୍ଦିର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାବେଳେ ଏହି ମୌଳବାଦୀ ସଙ୍ଗଠନର ସଦସ୍ୟମାନେ ବିରୋଧ କରି ପୁରୁଣା ମନ୍ଦିର ସମେତ ନୂତନ ନିର୍ମାଣକୁ ଭାଙ୍ଗି ଦେଇଥିଲେ।

## ରାଜସ୍ଥାନରେ ବାର୍ଡ ଫ୍ଲୁ

ଜୟପୁର, ୩୧।୧୨: ରାଜସ୍ଥାନରେ ଦେଖାଦେଇଛି ବାର୍ଡ ଫ୍ଲୁ। ଆକାଶରୁ ପକ୍ଷୀ ମରି ପଡୁଛନ୍ତି। ୧୦୦ କାଉଙ୍କ ନମୁନାରୁ ଆଭିଆନ୍ ଇନ୍‌ଫ୍ଲୁଏଞ୍ଜା ସ୍ପଷ୍ଟ ହେବା ପରେ ରାଜ୍ୟରେ ହାଇଆଲର୍ଟ ଜାରି ହୋଇଛି।

## ଟିଏମ୍‌ସି ଯୁବନେତାଙ୍କ ଘରେ ସିବିଆଇ ଚଢ଼ାଉ

କୋଲକାତା, ୩୧।୧୨: କୋଇଲା ଚୋରା କାରବାର ମାମଲାର ତଦନ୍ତ କରୁଥିବା ସିବିଆଇ ଗୁରୁବାର ଟିଏମ୍‌ସିର ଯୁବନେତା ବିନୟ ମିଶ୍ର, ତାଙ୍କ ଭାଇ ଅମିତ୍ ସିଂ ଓ ନୀରଜ ସିଂଙ୍କ ଘରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ତିନି ଭାଇ ଘରେ ନ ଥିଲେ। ଜାନୁୟାରୀ ୪ରେ କୋଲକାତା ସିବିଆଇ କାର୍ଯ୍ୟାଳୟରେ ହାଜର ହୋଇ ଜେରାର ସମ୍ମୁଖୀନ ହେବାକୁ ସେମାନଙ୍କୁ ନୋଟିସ ଜାରି ହୋଇଛି। ପଶ୍ଚିମବଙ୍ଗରେ ଦୀର୍ଘବର୍ଷ ହେଲା ଏକ ର୍‍ୟାକେଟ ବେଆଇନ ଭାବେ ଖଣି ଖୋଳି କୋଟି କୋଟି ଟଙ୍କାର କୋଇଲା ଚୋରାଚାଲାଣ କରୁଥିଲା।

**କୃଷି ଆଇନ ବିରୋଧୀ ସଂକଳ୍ପ ଗୃହୀତ**

## ଭାଜପା ବିଧାୟକଙ୍କ ସମର୍ଥନ

ନୂଆଦିଲ୍ଲୀ, ୩୧।୧୨

କେନ୍ଦ୍ରର ବିବାଦୀୟ କୃଷି ଆଇନ ବିରୋଧରେ କେରଳ ବିଧାନସଭାରେ ଗୁରୁବାର ସର୍ବସମ୍ମତିକ୍ରମେ ସଂକଳ୍ପ ଗୃହୀତ ହୋଇଛି। ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଆଣିଥିବା ଏହି ସଂକଳ୍ପକୁ ସମସ୍ତ ୧୪୦ ବିଧାୟକ ଧ୍ୱନି ଭୋଟରେ ପାରିତ କରାଇଥିଲେ। ଉଲ୍ଲେଖନୀୟ, ଗୃହର ଏକମାତ୍ର ଭାଜପା ବିଧାୟକ ଓ. ରାଜଗୋପାଳ ସଂକଳ୍ପ ବିରୋଧରେ କହିଥିଲେ ହେଁ ଏହା ସପକ୍ଷରେ ଭୋଟ ଦେଇଥିଲେ। ଗଣତାନ୍ତ୍ରିକ ଦୃଷ୍ଟିରୁ ସଂକଳ୍ପର ବିଷୟବସ୍ତୁକୁ ସମର୍ଥନ କରୁଛି, କିନ୍ତୁ ସେଥିରେ ବ୍ୟବହୃତ କେତେକ ଶବ୍ଦକୁ ନେଇ ଭିନ୍ନ ମତ ରହିଛି ବୋଲି ରାଜଗୋପାଳ କହିଥିଲେ। ସଂକଳ୍ପରେ କୃଷି ଆଇନ ପ୍ରତ୍ୟାହାର ଦାବି ରହିଥିବାବେଳେ ସେ କିପରି ଏହାକୁ ସମର୍ଥନ କଲେ ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ସେ ମତ ବଦଳାଇଥିଲେ। ସଂକଳ୍ପକୁ ସେ ଦୃଢ଼ ବିରୋଧ କରନ୍ତି ବୋଲି ପରେ ଏକ ବିବୃତି ଜାରି କରିଛନ୍ତି।



ଓ. ରାଜଗୋପାଳ

## ସିରିଏଲ କିଲରଙ୍କ ମୃତ୍ୟୁ

**୯୩ ମହିଳାଙ୍କୁ ହତ୍ୟା କରିଥିଲେ**



ୱାଶିଂଟନ୍, ୩୧।୧୨: ଆମେରିକାର ୧୯ ରାଜ୍ୟରେ ୯୩ ମହିଳାଙ୍କୁ ହତ୍ୟା କରିଥିବା ସିରିଏଲ କିଲର ସାମୁଏଲ ଲିଟିଲଙ୍କ ୮୦ ବର୍ଷରେ ମୃତ୍ୟୁ ଘଟିଛି। ସାମୁଏଲ ୩୦ ବର୍ଷର ହୋଇଥିବାବେଳେ ଏଭଳି ନରସଂହାର କରିଥିଲେ। ଏହା ଏତେ ନୃଶଂସ ଥିଲା ଯେ, ପୋଲିସ ସମସ୍ତ ମୃତାଙ୍କୁ ଚିହ୍ନଟ କରିପାରି ନ ଥିଲା। ସେ ଦୋଷୀ ବୋଲି ସ୍ୱୀକାର କରିବା ପରେ ଅନେକ ହତ୍ୟାକାଣ୍ଡ ଉପରୁ ପରଦା ଉଠିପାରିଥିଲା। ବିଶେଷକରି ସେକ୍ସ ୱାର୍କର୍ସ, ଡ୍ରଗ୍ସ ବ୍ୟବହାରକାରୀ, ଗରିବ, କୃଷ୍ଣକାୟ ମହିଳା ହତ୍ୟାର ଶିକାର ହୋଇଥିଲେ। ଦୋଷୀ ସାବ୍ୟସ୍ତ ହେବା ପରେ ସାମୁଏଲ ୨୦୧୪ରୁ କଏଦୀ ଜୀବନ କାଟୁଥିଲେ। ଡାଇବେଟିସ୍ ସମେତ ଅନ୍ୟାନ୍ୟ ଅସୁସ୍ଥତା ହେତୁ ତାଙ୍କୁ କାଲିଫର୍ନିଆର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି।

**ମନେ ପଡ଼ନ୍ତି**

**୧୨ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ଅକ୍ଷୟ କୁମାର ଦାଶ
ସିଂହପୁର, ବିଂଝାରପୁର, ଯାଜପୁର
ଆବିର୍ଭାବ: ୨୧।୦୩।୧୯୮୨
ତିରୋଧାନ: ୦୧।୦୧।୨୦୦୯
କନଷ୍ଟେବଳ ମାଲକାନଗିରି ଜିଲ୍ଲା ପୋଲିସ
-:ଶୋକସନ୍ତପ୍ତ:-
ଜେଜେ, ଜେଜେମା' ବାପା, ବୋଉ, ପିଉସା, ପିଉସୀ, ସାନ ବାପା, ସାନ ବୋଉ, ଭଉଣୀ: ବୁଢ଼ୀ, ଝୁନା, ଇତି, ମାମୁ, ମାଇଁ, ଭିଣୋଇ: ରଘୁମଣୀ, ସୂର୍ଯ୍ୟକାନ୍ତ, ସୁକୁମାର, ଭଣଜା: ଚନ୍ଦନ, ପୁପୁଲ, ସିପୁଲ, ଗୁଡୁଲ, ଭାଣିଜୀ: ଝୁମୁରି, ଦାଶ ପରିବାର।
ଧ-୧୯୪୨୭

**୨୯ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**



ସ୍ୱର୍ଗତ ମଦନ ମୋହନ ସେନାପତି
ଆବିର୍ଭାବ: ୨୮।୦୩।୧୯୩୪ (ବୁଧବାର)
ତିରୋଧାନ: ୨୨।୧୨।୧୯୯୧ (ରବିବାର)
(ପୌଷ କୃଷ୍ଣପକ୍ଷ ଦ୍ୱିତୀୟା ତିଥି)
ଆଜିର ଏହି ଶ୍ରାଦ୍ଧ ଦିବସରେ ଆପଣଙ୍କର ଆଶୀର୍ବାଦ ଆମ୍ଭମାନଙ୍କର ଭବିଷ୍ୟତକୁ ଉଜ୍ଜ୍ୱଳମୟ କରୁ। ଆପଣଙ୍କ ସ୍ନେହ, ସେବାଶକ୍ତି ଓ କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ଆପଣଙ୍କର ସ୍ନେହାଭିଳାଷୀ: ସ୍ତ୍ରୀ, ପୁତ୍ର-ବଧୂ, ଝିଅ-ଜ୍ୱାଇଁ, ନାତି ଓ ନାତୁଣୀ, କର୍ମଚାରୀବୃନ୍ଦ: ରବୀନ୍ଦ୍ର ମେଡିକାଲ୍ ହଲ୍ (A Unit of ରବୀନ୍ଦ୍ର ଲାଇଫ୍ ଲାଇନ୍ ପ୍ରା.ଲିଃ), ରବୀନ୍ଦ୍ର ହେଲ୍‌ଥ୍ କେୟାର୍ ପ୍ରା.ଲିଃ., ରବୀନ୍ଦ୍ର ଏଜେନ୍ସି, ରବୀନ୍ଦ୍ର ସର୍ଜିକାଲ୍ ଏଡ୍ ବିତରକ ପ୍ରା.ଲିଃ., ମଦନ ମୋହନ ଆସୋସିଏଟ୍‌ସ୍ ଆଶ୍ରିତ ଉଦ୍ୟମୀ।
ଧ-୫୯୧୯୮

# ୨ରେ ସବୁ ରାଜ୍ୟରେ ଡ୍ରାଏ ରନ୍




ନୂଆଦିଲ୍ଲୀ, ୩୧।୧୨

ଆସାମ, ଆନ୍ଧ୍ରପ୍ରଦେଶ, ପଞ୍ଜାବ ଓ ଗୁଜରାଟରେ କୋଭିଡ୍ ଟିକାକରଣର ଦୁଇଦିନିଆ ଡ୍ରାଏ ରନ୍ ଡିସେମ୍ବର ୨୮ ଓ ୨୯ରେ ସଫଳତାର ସହ ଶେଷ ହୋଇଛି। ଜାନୁୟାରୀ ୨୨ରେ ଅବଶିଷ୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏହି ଡ୍ରାଏ ରନ୍ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। ଫଳରେ ଭାରତରେ ଟିକାକୁ ଜରୁରୀ ବ୍ୟବହାର ନିମନ୍ତେ ମଞ୍ଜୁରୀ ମିଳିବା ପରେ ଟିକାକରଣ ଲାଗି ଆଉ କୌଣସି ପ୍ରତିବନ୍ଧକ ରହିବ ନାହିଁ। ଜାନୁୟାରୀ ୨ରେ ସମସ୍ତ ରାଜ୍ୟ ରାଜଧାନୀ ଅନ୍ୟୂନ ୩ଟି ସ୍ଥାନରେ ଡ୍ରାଏ ରନ୍ କରିବାକୁ କୁହାଯାଇଛି। କେତେକ ରାଜ୍ୟ ଲଜିଷ୍ଟିକ୍‌ର ଉପଯୁକ୍ତ ସୁବିଧା ନ ଥିବା ଜିଲାକୁ ମଧ୍ୟ ଡ୍ରାଏ ରନ୍‌ରେ ସାମିଲ କରିନ୍ତି। ଡମି ଟିକାକୁ ଗଚ୍ଛିତ ସ୍ଥାନରୁ ଟିକାଦାନ ସ୍ଥାନକୁ ପରିବହନ, ଟିକା ପ୍ରଦାନ, ଏ ସମ୍ପର୍କିତ ତଥ୍ୟ କୋ-ୱିନ୍ ଆପ୍‌ରେ ଉଲ୍ଲେଖ କରିବା ଆଦି ସମସ୍ତ ପ୍ରକ୍ରିୟା ଡ୍ରାଏ ରନ୍‌ରେ କରାଯିବ। ପ୍ରସ୍ତୁତିରେ କୌଣସି ତ୍ରୁଟି ରହିଛି କି ନାହିଁ ଖୋଜି ବାହାର କରିବା ଏହାର ଉଦ୍ଦେଶ୍ୟ। ଗୁଜରାଟରେ ୪୭୫ ଜଣଙ୍କୁ ଡମି ପ୍ରକ୍ରିୟାରେ ସାମିଲ କରାଯାଇଥିଲା।

## ଟିକା ସହ ଆରମ୍ଭ ହେବ ନୂଆବର୍ଷ

**ଡିସିଜିଆଇର ସୂଚନା**

ନୂଆଦିଲ୍ଲୀ, ୩୧।୧୨

କୋଭିଡ୍ ଟିକା ସହ ଭାରତରେ ନୂଆବର୍ଷ ଆରମ୍ଭ ହେବ ବୋଲି ଦେଶର ଶୀର୍ଷ ଔଷଧ ନିୟନ୍ତ୍ରକ ଡିସିଜିଆଇ ଗୁରୁବାର ସୂଚନା ଦେଇଛି। ଟିକା ବିକାଶ ପଛରେ ବିଜ୍ଞାନ ଶୀର୍ଷକ ୱେବିନାରରେ ଉଦ୍‌ବୋଧନ ଦେଇ ଭାରତର ଔଷଧ ମହାନିୟନ୍ତ୍ରକ ଭି.ଜି. ସୋମାନି କହିଛନ୍ତି, ଏକ ନୂଆ ଜିନିଷ ସହ ଖୁସିର ନୂଆବର୍ଷ ଆସିବ। ୧ ତାରିଖରେ କେନ୍ଦ୍ରୀୟ ଔଷଧ ମାନ ନିୟନ୍ତ୍ରଣ ସଂଗଠନ (ସିଡିଏସ୍‌ସିଓ)ର ସବ୍‌ଜେକ୍ଟ ଏକ୍ସପର୍ଟ କମିଟି (ଏସ୍‌ଇସି) ବୈଠକ ବସି ଫାଇଜର, ଭାରତର ସେରମ୍ ଇନ୍‌ଷ୍ଟିଚ୍ୟୁଟ ଏବଂ ଭାରତ ବାୟୋଟେକ୍‌ର କୋଭିଡ୍ ଟିକାକୁ ଜରୁରୀ ବ୍ୟବହାରିକ ଅନୁମତି ଦେବା ନେଇ ବିଚାର କରାଯିବ। ଏସ୍‌ଇସିର ଏହା ଦ୍ୱିତୀୟ ବୈଠକ। ଅନୁମୋଦନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି। ତେବେ ସୁରକ୍ଷା ଓ ଫଳପ୍ରଦ ଉପରେ ସାଲିସ୍ କରାଯିବ ନାହିଁ ବୋଲି ସୋମାନି କହିଛନ୍ତି।

**ସଂସ୍କୃତ ବ୍ୟାକରଣରେ ପିଏଚ୍. ଡି**



ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱରର ସଂସ୍କୃତ ଶିକ୍ଷକ ଶ୍ରୀ ଦିଲ୍ଲୀପ କୁମାର ପାଲ୍ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀରୁ ସଂସ୍କୃତ ବ୍ୟାକରଣରେ ଉଚ୍ଚତର ଗବେଷଣା କରି ସମ୍ମାନସୂଚକ ପିଏଚ୍. ଡି ଡିଗ୍ରୀ ଲାଭ କରିଛନ୍ତି। ସେ ପ୍ରଫେସର ଡ. ରମାକାନ୍ତ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "ଉପେନ୍ଦ୍ର ଭଞ୍ଜକୃତ ବୈଦେହୀଶ ବିଳାସେ ପାଣିନି ବ୍ୟାକରଣସ୍ୟ ପ୍ରଭାବ ଓ କିଞ୍ଚନ୍ ସମୀକ୍ଷାତ୍ମକମଧ୍ୟୟନମ୍" ଶୀର୍ଷକ ବିଷୟରେ ଗବେଷଣା କରୁଥିଲେ। ଉକ୍ତ ନିବନ୍ଧ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କିଶୋର ଚନ୍ଦ୍ର ପାଢୀ ଓ ତିରୁପତିସ୍ଥ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ବ୍ୟାକରଣ ପ୍ରଫେସର ମାନଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଛି। ଡ. ଦିଲ୍ଲୀପ କୁମାର ପାଲ୍ କଟକ ଜିଲ୍ଲା ବାଙ୍କୀ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମର ଶ୍ୱେତା ପାଲ୍ ଓ ସ୍ୱର୍ଗତ ମନ୍ଦରଧର ପାଲ୍ ଙ୍କ ଏକମାତ୍ର ସୁଯୋଗ୍ୟ ପୁତ୍ର। ଏହି ସାଫଲ୍ୟ ନିମନ୍ତେ ଡ. ପାଲ୍ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଭକ୍ତି ସୁମନ ଅର୍ପଣ କରିବା ସହ ତାଙ୍କର ପ୍ରୋତ୍ସାହନକାରୀ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ପ୍ରଫେସର ରଘୁନାଥ ପଣ୍ଡା, ପ୍ରଫେସର ଗୋପାଳ କୃଷ୍ଣ ଦାଶ, ପ୍ରାଧ୍ୟାପିକା ସୁଶ୍ରୀ ମନୀଷା ଦାସ, ପ୍ରଫେସର ସୁକାନ୍ତ ସେନାପତି, ଡ. ଦୀନବନ୍ଧୁ ତ୍ରିପାଠୀଙ୍କ ସମେତ ଡିଏଭି ଚନ୍ଦ୍ରଶେଖରପୁରର ଅଧ୍ୟକ୍ଷ ଡ. କେଶବ ଚନ୍ଦ୍ର ଶତପଥୀଙ୍କୁ ହାର୍ଦ୍ଦିକ କୃତଜ୍ଞତା ଜ୍ଞାପନପୂର୍ବକ ପଣ୍ଡିତ ନୃସିଂହ ପଣ୍ଡା, ଡ. କାଳିପ୍ରସନ୍ନ ଶତପଥୀ, ଡ. ବିପିନ ଶତପଥୀ ଶ୍ରୀଯୁକ୍ତ ପ୍ରଦୀପ୍ତ ରଥ, ନୀରଦ ଆର୍ଯ୍ୟ, ଚନ୍ଦ୍ରଶେଖର ଦେବତା, ବୃନ୍ଦମଣି ଦେବତା, ସୌଭାଗ୍ୟ ଦେବତା, କଳ୍ପତରୁ, କିରଣ, ସାଇଶ୍ରୀ, ଚୂଡୁଲ, ମିତୁଲ୍ ଓ ସମସ୍ତ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।
ଧ-୧୯୪୩୧

**ଆସିଷ୍ଟାଣ୍ଟ ପ୍ରଫେସରଙ୍କ Ph.D. ଲାଭ**



ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକ୍ନୋଲୋଜି (ବିପିୟୁଟି)ର ସଂଯୁକ୍ତ ଅନୁଷ୍ଠାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ ମ୍ୟାନେଜ୍‌ମେଣ୍ଟ ଆଣ୍ଡ ଇନଫରମେସନ ଟେକ୍ନୋଲୋଜି (ଆଇଏମଆଇଟି), କଟକର ଆସିଷ୍ଟାଣ୍ଟ ପ୍ରଫେସର ଶ୍ରୀଯୁକ୍ତ ଶୁଭେନ୍ଦ୍ର କୁମାର ଜୟସିଂହ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରୁ Ph.D. ଲାଭ କରିଛନ୍ତି। ସେ ତାଙ୍କ ପ୍ରିୟ ଶିକ୍ଷକ ଡକ୍ଟର ଜୀବେନ୍ଦୁ କୁମାର ମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କର ସନ୍ଦର୍ଭ ଶୀର୍ଷକ "Soft Computing approaches on Climate Modelling and Weather Predictions: A case study on Delhi." ସେଣ୍ଟ୍ରାଲ ୟୁନିଭର୍ସିଟି ହାଇଦ୍ରାବାଦର ପ୍ରଫେସର ଶିବ କୁମାର ଉଦ୍‌ଗାତା ଏବଂ ବରଦ୍ୱାନ ୟୁନିଭର୍ସିଟିର ପ୍ରାକ୍ତନ ପ୍ରଫେସର ଶ୍ରୀପତି ମୁଖୋପାଧ୍ୟାୟଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଅଛି। ଡକ୍ଟର ଶୁଭେନ୍ଦ୍ର କୁମାର ଜୟସିଂହ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟ, ଗୋଡିପଡ଼ା, ନୟାଗଡ଼ର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ଜୟସିଂହ ଓ ଶ୍ରୀମତୀ ଉଷାରାଣୀ ଜୟସିଂହଙ୍କର କନିଷ୍ଠ ପୁତ୍ର ଏବଂ ଶ୍ରୀଯୁକ୍ତ ଘନଶ୍ୟାମ ଦଳବେହେରା ଓ ଶ୍ରୀମତୀ ଅହଲ୍ୟା ଦଳବେହେରାଙ୍କର ଜାମାତା ଅଟନ୍ତି। ଏହି ସଫଳତା ପାଇଁ ଡକ୍ଟର ଜୟସିଂହ ଶ୍ରୀଜଗନ୍ନାଥଙ୍କର ଅପାର କରୁଣା, ବିଜୁ ପଟ୍ଟନାୟକ ୟୁନିଭର୍ସିଟି ଅଫ ଟେକ୍ନୋଲୋଜିର କୁଳପତି ତଥା ତାଙ୍କର ମାର୍ଗଦର୍ଶକ ଶିକ୍ଷକ ପ୍ରଫେସର ଚିତ୍ତ ରଞ୍ଜନ ତ୍ରିପାଠୀ ଓ ତତ୍ତ୍ୱାବଧାରକ ଡକ୍ଟର ମନ୍ତ୍ରୀଙ୍କ ନିରବଚ୍ଛିନ୍ନ ମାର୍ଗ ଦର୍ଶନ, ଗୁରୁଜନମାନଙ୍କର ଆଶୀର୍ବାଦ, ସହଧର୍ମିଣୀ ଶ୍ରୀମତୀ ବିଶ୍ୱକଲ୍ୟାଣୀ ଆଲ୍‌ଭା ଓ ପୁତ୍ର ଶାଶ୍ୱତଙ୍କର ସହଯୋଗ, ସହକର୍ମୀ ଓ ସାଙ୍ଗ ମାନଙ୍କର ପ୍ରେରଣା, ପରିବାର ଓ ଛାତ୍ରଛାତ୍ରୀମାନଙ୍କର ସଦିଚ୍ଛା, ସର୍ବୋପରି ପ୍ରିୟ ଜନ୍ମଭୂମି ମଝିଆଖଣ୍ଡର ପ୍ରତ୍ୟେକଙ୍କର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାକୁ ଶ୍ରେୟ ଦେଇଛନ୍ତି।
ଧ-୧୯୪୨୮

## ହାମିଲ୍‌ଟନଙ୍କୁ ନାଇଟ୍ ଉପାଧି

**ଲଣ୍ଡନ, ୩୧।୧୨ (ଏପି):** ସାତ ଥର ଫର୍ମୁଲା ୱାନ ଚାମ୍ପିୟନ ଲୁଇସ୍ ହାମିଲଟନଙ୍କୁ ନାଇଟ୍ ଉପାଧି ମିଳିଛି। କୁଇନ୍ ଏଲିଜାବେଥ୍-୨ଙ୍କ ନୂଆବର୍ଷର ରାଜକୀୟ ସମ୍ମାନ ତାଲିକାରେ ତାଙ୍କ ନାମ ପ୍ରକାଶ ପାଇଛି। ଏଣିକି ସେ 'ସାର୍' ଲୁଇସ୍ ହାମିଲଟନ ଭାବେ ପରିଚିତ ହେବେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ବ୍ରିଟିଶ ନାଗରିକଙ୍କୁ ସ୍ୱୀକୃତି ପ୍ରଦାନ ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇଥିବା ଏହି ତାଲିକାରେ ବିଶିଷ୍ଟ ରାଜନେତା, ଅଭିନେତା, ସରକାରୀ କର୍ମଚାରୀ ଓ କରୋନା ଭାଇରସକୁ ପରାସ୍ତ କରିବା କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟକରିଥିବା ବ୍ୟକ୍ତିବିଶେଷଙ୍କ ନାମ ସ୍ଥାନ ପାଇଛି। ଗତମାସରେ ୭ମ ଫର୍ମୁଲା ୱାନ୍ ଟାଇଟଲ ସହ ମାଇକେଲ ସୁମାକରଙ୍କ ରେକର୍ଡ ସମକକ୍ଷ ହେବାପରେ ହାମିଲଟନ କହିଥିଲେ ତାଙ୍କର ଏହି ସଫଳତା ପଛରେ ବ୍ଲାକ୍ ଲାଇଭ୍ସ ମ୍ୟାଟର ମୁଭମେଣ୍ଟର ପ୍ରେରଣାର ଭୂମିକା ରହିଛି।

## କ୍ରୀଡ଼ା ସଙ୍ଗଠକଙ୍କ ପରଲୋକ

**ଭୁବନେଶ୍ୱର, ୩୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ବିଶିଷ୍ଟ କ୍ରୀଡ଼ା ସଂଗଠକ ପ୍ରାକ୍ତନ ଫୁଟ୍‌ବଲ ଖେଳାଳି ସଞ୍ଜୟ ପଟ୍ଟନାୟକଙ୍କ ବୁଧବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୫୭ ବର୍ଷ ବୟସ ହୋଇଥିଲା। ସଞ୍ଜୟ ତମାଣ୍ଡୋ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଆୟୋଜକ ସମ୍ପାଦକ ତଥା ଶିବଶକ୍ତି କ୍ଲବର ସମ୍ପାଦକ ଥିଲେ। ସଞ୍ଜୟ ବୁଧବାର ରାତିରେ ତମାଣ୍ଡୋସ୍ଥିତ ବାସଭବନରେ ଶୋଇଥିବା ଅବସ୍ଥାରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

## 'ନୂଆ ବର୍ଷ, ନୂଆ ଆଶା'



କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଅଭ୍ୟାସରତ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

କରୋନା ମହାମାରୀ ପାଇଁ ବିଗତବର୍ଷ କ୍ରୀଡ଼ାବିତ୍‌ଙ୍କ ଲାଗି ଉଭୟ ମାନସିକ ଓ ଶାରୀରିକ ସ୍ତରରେ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଥିଲା। ନୂଆ ବର୍ଷରେ ନୂଆ ଆଶା। ବିଶ୍ୱରୁ ଖୁବ୍‌ଶୀଘ୍ର ଏହି ସଙ୍କଟ ସମୟ ଦୂରେଇ ଯିବା ସହ ସବୁକିଛି ପୁଣି ସ୍ୱାଭାବିକ ହେବାନେଇ ଆମ୍ଭେମାନେ ଆଶାବାଦୀ ଅଛୁ ବୋଲି ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରକାଶ କରିଛନ୍ତି। ଖେଳ ଜୀବନପରେ ଜାତୀୟ ଜୁନିୟର ମହିଳା ଫୁଟବଲ ଦଳର କୋଚ୍ ଏବଂ ଉଭୟ ସିନିୟର ଓ ଜୁନିୟର ଦଳର ଚୟନକର୍ତ୍ତା ଦାୟିତ୍ୱ ତୁଲାଇ ସାରିଥିବା ଶ୍ରଦ୍ଧାଞ୍ଜଳି ଏବେ କଳିଙ୍ଗ ଷ୍ଟାଡିୟମରେ ବ୍ୟକ୍ତିଗତ ଅଭ୍ୟାସ ଜାରି ରଖିବା ସହ ଜୁନିୟର ଖେଳାଳିଙ୍କୁ ଆବଶ୍ୟକ ପରାମର୍ଶ ଦେଉଛନ୍ତି। କୋଭିଡ୍-୧୯ କଟକଣା ସମୟରେ ଘରୁ ବାହାରକୁ ବାହାରିବା ସମ୍ଭବ ନ ଥିବା ସମୟରେ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫ୍‌ଏଫ୍) ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ପକ୍ଷରୁ ଅନ୍‌ଲାଇନ୍‌ରେ ଆୟୋଜିତ ବିଭିନ୍ନ କୋଚିଂ ସମ୍ପର୍କିତ କୋର୍ସରେ ସେ ଅଂଶଗ୍ରହଣ କରିଥିଲେ। ପୂର୍ବରୁ ଏପରି ଅଭିଜ୍ଞତା ନ ଥିଲା। ମାତ୍ର ଏହାର ବହୁ ଉପାଦେୟ ରହିଲା ଏବଂ ଏକାବେଳେ ଦେଶର ବିଭିନ୍ନ କୋଚ୍‌ଙ୍କ ସହିତ ଭାବର ଆଦାନ ପ୍ରଦାନରେ ଅନେକ ଅଭିଜ୍ଞତା ମଧ୍ୟ ହାସଲ ହେଲା ବୋଲି ସମ୍ପ୍ରତି ନାଲ୍‌କୋରେ କାର୍ଯ୍ୟରତ ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ଫୁଟବଲ ପ୍ରତିଭାମାନେ ଦୀର୍ଘଦିନଧରି ପଡ଼ିଆରୁ ଦୂରେଇ ରହିଥିବାରୁ ଫିଟ୍‌ନେସ ସମସ୍ୟା ରହିବା ସ୍ୱାଭାବିକ। ତେଣୁ ପ୍ରଥମେ ଏଥିପ୍ରତି ଧ୍ୟାନ ଦେବାପରେ ଯାଇ ସେମାନେ ଖେଳିବା ଉଚିତ। ନଚେତ ଆହତ ସମସ୍ୟା ରହିବ। ଏବେ ଆଇଏସ୍‌ଏଲ ଏବଂ ଆଇ-ଲିଗ୍ ଚାଲିଛି। ଆଗକୁ ଫାଓ ପକ୍ଷରୁ ଆନ୍ତଃ ଜିଲା ପ୍ରତିଯୋଗିତା ଏବଂ କଟକ ଲିଗ୍ ହେବାର ଅଛି। ଆନ୍ତଃ ଜିଲା ପ୍ରତିଯୋଗିତା ରାଜ୍ୟ ଖେଳାଳିଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେଠାରେ ଭଲ ପ୍ରଦର୍ଶନ କଲେ ସେମାନେ ଜାତୀୟ ଦଳପାଇଁ ସୁଯୋଗ ସୃଷ୍ଟି କରିପାରିବେ ବୋଲି ଶ୍ରଦ୍ଧାଞ୍ଜଳି କହିଛନ୍ତି।

# ଡକ୍‌ୱର୍ଥରେ ଜିତିଲା ପାନ୍ଥର୍ସ

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ଆନୁକୂଲ୍ୟରେ କଟକର ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ରେ ଗୁରୁବାର ଗୋଟିଏ ମ୍ୟାଚ ସମ୍ଭବ ହୋଇଛି। ତେବେ ଫ୍ଲଡ୍‌ଲାଇଟ୍‌ରେ ସମସ୍ୟା ଯୋଗୁ ଡକ୍‌ୱର୍ଥ ଲୁଇସ ନିୟମ ଅନୁସାରେ ଫଳାଫଳ ନିର୍ଣ୍ଣୟ କରାଯାଇଛି। ଏଥିରେ ଓଡ଼ିଶା ପାନ୍ଥର୍ସ

**ଓଡ଼ିଶା ଟି୨୦ କ୍ରିକେଟ ଲିଗ୍**

୨୪ ରନରେ ଚିତାସ୍‌କୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ପାନ୍ଥର୍ସ ୨୦ ଓଭରରେ ୯ ଉଇକେଟ ହରାଇ ୧୩୪ ରନ କରିଥିଲା। ପରେ ଚିତାସକୁ ୧୦ ଓଭରରୁ ୮୩ ରନର ଟାର୍ଗେଟ ଦିଆ ଯାଇଥିଲା। ମାତ୍ର ଚିତାସ୍ ୧୦ ଓଭରରେ ୬ ଉଇକେଟ ହରାଇ ୫୮ ରନ କରିବାକୁ ସକ୍ଷମ ହୋଇଥିଲା। ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ିଥିବା ଚିତାସ ପକ୍ଷରୁ ଅଭିଷେକ ରାଉତ ସର୍ବାଧିକ ୧୯ ରନ କରିବାକୁ ସକ୍ଷମ ହୋଇଥିଲେ। ପ୍ରତିପକ୍ଷ ଦଳର ଶୁଭମ୍ ନାୟକ ଓ ବସନ୍ତ ମହାନ୍ତି ୨ଟି ଲେଖାଏ ଏବଂ ପ୍ରଦୀପ ପ୍ରଧାନ ଓ ଆଲୋକ ସାହୁ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାନ୍ଥର୍ସର ବ୍ୟାଟ୍ସମ୍ୟାନମାନେ ମଧ୍ୟ ବିପକ୍ଷ ଦଳର ବୋଲରଙ୍କୁ ଠିକ୍‌ଭାବେ ମୁକାବିଲା କରିପାରି ନ ଥିଲେ। ଓପନର ଅଙ୍କିତ ସିଂ ୩୮ ରନ କରି ରନଆଉଟ ହୋଇଥିବାବେଳେ ଅଭିଷେକ ଯାଦବ ୩୬ ରନ କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ କ୍ରିଜ୍‌ରେ ତିଷ୍ଠିପାରି ନ ଥିଲେ। ଚିତାସ୍ ବୋଲରଙ୍କ ମଧ୍ୟରେ ମନୋଜ ବାରିକ ନିଜ ୪ ଓଭର ସ୍ପେଲରେ ୨୪ ରନ ଦେଇ ୫ ଉଇକେଟ ସଫଳତା ପାଇଥିଲେ। ଅଭିଷେକ ରାଉତଙ୍କୁ ୨ଟି ଏବଂ ରାମଚନ୍ଦ୍ର ବେହେରାଙ୍କୁ ଗୋଟିଏ ଉଇକେଟ ମିଳିଥିଲା। ୨ ଓଭରରେ ୭ ରନ ଦେଇ ୨ଟି ଉଇକେଟ ନେଇଥିବା ବିଜୟୀ ଦଳର ଶୁଭମ୍ ନାୟକ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପାନ୍ଥର୍ସ ୩ ମ୍ୟାଚରୁ ହ୍ୟାଟ୍ରିକ ବିଜୟ ସହ ୧୨ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଚିତାସ ୩ ମ୍ୟାଚରୁ ପ୍ରଥମ ପରାଜୟ ସହ ତୃତୀୟ ସ୍ଥାନରେ ରହିଛି।



ଗୁରୁବାର ଓଡ଼ିଶା ପାନ୍ଥର୍ସ ଓ ଚିତାସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ସିରିଜରୁ ବାଦ୍ ପଡ଼ିଲେ ଉମେଶ

**ନୂଆଦିଲ୍ଲୀ ୩୧।୧୨(ପି.ଟି.):** ଆହତ ଭାରତୀୟ ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବ ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରୁ ବାଦ୍ ପଡିଛନ୍ତି। କାଫ୍ ଇଞ୍ଜୁରିର ସମ୍ମୁଖୀନ ହୋଇ ତୃତୀୟ ଟେଷ୍ଟରୁ ବାଦ୍ ପଡିଥିବା ଉମେଶ ଏବେ ଚତୁର୍ଥ ତଥା ଅନ୍ତିମ ଟେଷ୍ଟରୁ ମଧ୍ୟ ବାଦ୍ ପଡିଛନ୍ତି। ଜାନୁୟାରୀ ୭ ତାରିଖରୁ ସିଡ୍‌ନୀରେ ତୃତୀୟ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ବାମହାତୀ ପେସ୍ ସେନସେଶନ ଟି. ନଟରାଜନଙ୍କ ବଦଳରେ ସିଡ୍‌ନୀରେ ଯୁବ ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁରଙ୍କୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଖେଳାଇବାକୁ ଚାହୁଁଛି। ନଟରାଜନ ତାମିଲନାଡୁ ତରଫରୁ ମାତ୍ର ଗୋଟିଏ ପ୍ରଥମଶ୍ରେଣୀ ମ୍ୟାଚ ଖେଳିଛନ୍ତି। କିନ୍ତୁ ଶାର୍ଦ୍ଦୁଳ ମୁମ୍ବାଇ ତରଫରୁ ନିୟମିତ ଭାବେ ପ୍ରଥମଶ୍ରେଣୀ କ୍ରିକେଟ ଖେଳି ଆସୁଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲବୋର୍ଡ (ବିସିସିଆଇ)ର ଜଣେ ଅଧିକାରୀ କହିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ ପଦାର୍ପଣ କରିଥିବା ଶାର୍ଦ୍ଦୁଳଙ୍କ ଟେଷ୍ଟ କ୍ୟାରିୟର ଇଞ୍ଜୁରି କାରଣରୁ ପ୍ରଭାବିତ ହୋଇଛି। ଇତି ମଧ୍ୟରେ ସେ ଫିଟ୍‌ନେସ ହାସଲ କରିବା ସହ ଫର୍ମକୁ ଫେରିଛନ୍ତି ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ।

## ଲିଓନ ମେଣ୍ଡୋଙ୍କା ଦେଶର ୬୭ତମ ଗ୍ରାଣ୍ଡମାଷ୍ଟର

**ଚେନ୍ନାଇ, ୩୧।୧୨ (ପି.ଟି.)**

ଇଟାଲୀରେ ଏକ ଟୁର୍ନାମେଣ୍ଟରେ ତୃତୀୟ ଓ ଫାଇନାଲ ନର୍ମ ହାସଲ କରିବାପରେ ଗୋଆର ୧୪ ବର୍ଷୀୟ ଲିଓନ ମେଣ୍ଡୋଙ୍କା ଭାରତର ୬୭ତମ ଚେସ୍ ଗ୍ରାଣ୍ଡମାଷ୍ଟର ହୋଇଛନ୍ତି। ସେ ୧୪ବର୍ଷ ୯ ମାସ ଓ ୧୭ ଦିନ ବୟସରେ ଏହି ସଫଳତା ହାସଲ କରିଛନ୍ତି। ରାଜ୍ୟରେ ସେ ଦ୍ୱିତୀୟ ଗ୍ରାଣ୍ଡମାଷ୍ଟର ହୋଇପାରିଛନ୍ତି। ଏହି ଖେଳାଳି ଅକ୍ଟୋବରରେ ରିଗୋ ଚେସ୍ ଗ୍ରାଣ୍ଡମାଷ୍ଟର ରାଉଣ୍ଡ ରବିନରେ ତାଙ୍କ ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଥିଲେ। ନଭେମ୍ବରର ବୁଦାପେଷ୍ଟରେ ଅନୁଷ୍ଠିତ ଫାଷ୍ଟ ସଟରଡେ ଇଭେଣ୍ଟରେ ଦ୍ୱିତୀୟ ଏବଂ ଇଟାଲୀର ଭର୍ଗାନୀ କପ୍‌ରେ ତାଙ୍କର ଅନ୍ତିମ ନର୍ମ ହାସଲ କରିଥିଲେ। ଭର୍ଗାନୀ କପ୍‌ରେ ସେ ୬.୫ପଏଣ୍ଟ ସହ ୟୁକ୍ରେନ୍‌ର ଭିଟାଲି ବର୍ନାଡସ୍କିଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସୂଚନାଯୋଗ୍ୟ, କରୋନାଭାଇରସ ଜନିତ ଲକ୍‌ଡାଉନ୍ ଓ ଯାତାୟାତ କଟକଣା ଯୋଗୁ ମେଣ୍ଡୋଙ୍କା ଓ ତାଙ୍କ ବାପା ଲିନ୍‌ଡନ ଗତ ମାର୍ଚ୍ଚ ମାସରେ ୟୁରୋପରେ ଅଟକି ରହିଥିଲେ। ଏହାର ସୁଯୋଗରେ ମାର୍ଚ୍ଚରୁ ଡିସେମ୍ବର ୯ ମାସ ଧରି ସେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବା ଲକ୍ଷ୍ୟ ନେଇ ବହୁ ଟୁର୍ନାମେଣ୍ଟରେ ଭାଗ ନେଲେ।

# ହକି କିମ୍ବଦନ୍ତୀ

## ୭୦ ଦଶକର ଦକ୍ଷ ଫୁଲ୍‌ବ୍ୟାକ୍



ଭାରତୀୟ ହକିର କିମ୍ବଦନ୍ତୀ ପୁରୁଷ ମାଇକେଲ କିଣ୍ଡୋଙ୍କର ଗୁରୁବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ହୋଇଥିଲା। ୧୯୪୭ ଜୁନ ୨୦ରେ ଝାଡ଼ଖଣ୍ଡର ସିମ୍‌ଡେଗାରେ ଜନ୍ମଗ୍ରହଣ କରିଥିଲେ ହେଁ ଜୀବନର ଅଧିକାଂଶ ସମୟ ଓଡ଼ିଶାରେ କଟାଇଥିଲେ ଏବଂ ଓଡ଼ିଶା ପାଇଁ ଖେଳିଥିଲେ। ଶେଷ ପର୍ଯ୍ୟନ୍ତ ସେ ରାଉରକେଲାରେ ବସବାସ କରୁଥିଲେ। ଜଣେ ଦକ୍ଷ ଫୁଲ୍‌ବ୍ୟାକ୍ ଭାବେ ସେ ଭାରତୀୟ ହକିର ଅଭେଦ୍ୟ ପ୍ରାଚୀରଭାବେ ପରିଚିତ ଥିଲେ। ଜାତୀୟ ସ୍ତରରେ ସେ ଓଡ଼ିଶା, ବିହାର ଓ ସର୍ଭିସେସ ପାଇଁ ହକି ଖେଳିଥିଲେ। କିଣ୍ଡୋ ଭାରତ ପକ୍ଷରୁ ୩ଟି ବିଶ୍ୱକପ ଏବଂ ଗୋଟିଏ ଅଲିମ୍ପିକ୍ସ ଖେଳିବାର ଗୌରବ ଅର୍ଜନ କରିଥିଲେ। ଅଜିତ ପାଲ୍ ସିଂ, ଏମ.ପି. ଗଣେଶ, ହରବିନ୍ଦର ସିଂଙ୍କ ପରି ଭାରତୀୟ ହକିର ଅନ୍ୟତମ ଦିଗ୍‌ଗଜ ଖେଳାଳିଙ୍କ ସମସାମୟିକ ଥିଲେ ମାଇକେଲ। ୧୯୭୫ରେ ବିଶ୍ୱକପ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। ଏହା ବ୍ୟତୀତ ୧୯୭୩ ଆମଷ୍ଟରଡାମ ବିଶ୍ୱକପରେ ରୌପ୍ୟ ଏବଂ ୧୯୭୧ ମାର୍ସିଲୋନା ବିଶ୍ୱକପରେ ବ୍ରୋଞ୍ଜ ବିଜୟୀ ଭାରତୀୟ ଦଳ ପକ୍ଷରୁ ମଧ୍ୟ ସେ ଖେଳିଥିଲେ। ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ଭାରତର ବ୍ରୋଞ୍ଜ ପଦକ ବିଜୟରେ କିଣ୍ଡୋଙ୍କ ଅବଦାନ ଅନେକ ରହିଥିଲା। ସେ ଗ୍ରେଟ୍ ବ୍ରିଟେନ, ମେକ୍ସିକୋ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଗୋଲ ମଧ୍ୟ ଦେଇଥିଲେ। ଏହି ପ୍ରଦର୍ଶନକୁ ଦୃଷ୍ଟିରେ ରଖି ୧୯୭୨ରେ ଭାରତ ସରକାର ତାଙ୍କୁ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରିଥିଲେ। ଜୟପାଲ ସିଂଙ୍କ ପରେ ଦ୍ୱିତୀୟ ଆଦିବାସୀ ଖେଳାଳିଭାବେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ ମାଇକେଲ। ମାତ୍ର ପ୍ରଥମ ଆଦିବାସୀ ହକି ଖେଳାଳିଭାବେ ସେ ଅର୍ଜୁନ ପୁରସ୍କାର ପାଇଥିଲେ। ୧୯୭୫ ବିଶ୍ୱକପରେ ଚାମ୍ପିୟନ ଭାରତୀୟ ଦଳର ସଦସ୍ୟଭାବେ କିଣ୍ଡୋଙ୍କୁ ହକି ଇଣ୍ଡିଆ ପକ୍ଷରୁ ସମ୍ମାନିତ କରାଯାଇଥିଲା।



୧୯୭୫ ହକି ବିଶ୍ୱକପ୍ ବିଜୟୀ ଭାରତୀୟ ଦଳ।

### ଆଦର୍ଶ ଖେଳାଳି



କରୋନା ମହାମାରୀ ପାଇଁ ୨୦୨୦ ସମସ୍ତଙ୍କ ପାଇଁ ଉଭୟ ଶାରୀରିକ ଓ ମାନସିକ ସ୍ତରରେ କଷ୍ଟରେ କଟିଲା। ମାତ୍ର ବର୍ଷର ଶେଷ ଦିନରେ ହକି ଜଗତ ପାଇଁ ଯେଉଁ ଖବର ଆସିଛି ସେଥିରେ ଆମେ ସମସ୍ତେ ମର୍ମାହତ। ଅନ୍ତର୍ଜାତୀୟ ହକିରେ ମାଇକେଲ କିଣ୍ଡୋ ଥିଲେ ଜଣେ କିମ୍ବଦନ୍ତୀ ଖେଳାଳି। ଏବେ ବି କୌଣସି ଖେଳାଳି ବଲ୍‌କୁ ନିଜ ନିୟନ୍ତ୍ରଣକୁ ନେବାପାଇଁ ଟ୍ୟାକ୍‌ଲ କଲାବେଳେ କିଣ୍ଡୋଙ୍କ କଥା ମନେପଡ଼େ। ଭାରତ ଓ ଓଡ଼ିଶା ହକିପ୍ରତି ତାଙ୍କର ଅନେକ ଅବଦାନ ରହିଛି। ସେ ଗ୍ରାମାଞ୍ଚଳ ହକିକୁ ମଧ୍ୟ ବହୁତ ପ୍ରୋତ୍ସାହନ ଦେଉଥିଲେ। ଭାରତୀୟ ନାଭିରେ ଚାକିରି କରିବାପରେ ସେ ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟରେ କାର୍ଯ୍ୟରତ ଥିଲେ। ଓଡ଼ିଶାର ପାଣି ପବନ ସହିତ ଓତପ୍ରୋତଭାବେ ଜଡ଼ିତ ଥିଲେ। ଜୟପାଲ ସିଂଙ୍କ ପରେ ମାଇକେଲ କିଣ୍ଡୋ ଥିଲେ ଭାରତୀୟ ଦଳର ଦ୍ୱିତୀୟ ଆଦିବାସୀ ଖେଳାଳି। ଆମେ ଯେତେବେଳେ ଖେଳ ଆରମ୍ଭ କଲୁ ସେତେବେଳେ ତାଙ୍କୁ ଆଦର୍ଶ କରିଥିଲୁ। ତାଙ୍କ ବିୟୋଗରେ ହକି ଜଗତରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା। ଏଥିରେ ବ୍ୟକ୍ତିଗତଭାବେ ମୁଁ ଅତ୍ୟନ୍ତ ଦୁଃଖିତ।

**-ପଦ୍ମଶ୍ରୀ ଦିଲୀପ ତିର୍କୀ, ହକି ଅଲିମ୍ପିଆନ**

### ଭାରତୀୟ ହକିର ପ୍ରକୃତ ପ୍ରାଚୀର



କିମ୍ବଦନ୍ତୀ ଫୁଲ୍‌ବ୍ୟାକ୍ ମାଇକେଲ କିଣ୍ଡୋ ୭୦ ଦଶକରେ ଥିଲେ ଭାରତୀୟ ହକିର ପ୍ରକୃତ ପ୍ରାଚୀର (ଅରିଜନାଲ ୱାଲ)। ମ୍ୟୁନିଚ୍ ଅଲିମ୍ପିକ୍ସ ଓ କୁଆଲାଲମ୍ପୁର ବିଶ୍ୱକପ ସମୟରେ ଭାଷ୍ୟକାର ଜସଦେବ ସିଂ କହିଥିଲେ ଯେ, "ଭାରତ କା କିଣ୍ଡୋ ଦିବାରକି ତରା ଖାଡ଼ା ହେ.."। ଅଲିମ୍ପିକ୍ସ ବିଜେତା ଏବଂ ବିଶ୍ୱକପ ବ୍ରୋଞ୍ଜ୍ ମେଡାଲିଷ୍ଟ କିଣ୍ଡୋ ଝାଡ଼ଖଣ୍ଡରେ ଜନ୍ମିତ ହୋଇଥିଲେ ହେଁ ଓଡ଼ିଶାର ରାଉରକେଲାରେ ବସବାସ କରିଥିଲେ। ଓଡ଼ିଶା ପାଇଁ ସେ ଅନେକ ମ୍ୟାଚ ଖେଳିଥିଲେ। ସେ ଜଣେ ଅତ୍ୟନ୍ତ ସାଦାସିଧା, ହୃଦୟବାନ ମଣିଷ ଥିଲେ। ତାଙ୍କ ବିୟୋଗରେ କ୍ରୀଡ଼ା ଜଗତର ବଡ଼ କ୍ଷତି ଘଟିଲା।

**-ଅଶୋକ ମହାନ୍ତି, ପୂର୍ବତନ କ୍ରୀଡ଼ା ପ୍ରଶାସକ**

# ପ୍ରଥମ ପ୍ରାକ୍ଟିସ୍ ସେସନରେ ରୋହିତଙ୍କ ଅଭ୍ୟାସ

**ମେଲବୋର୍ନ,୩୧।୧୨(ପି.ଟି.):** ୧୪ ଦିନି କ୍ୱାରାଣ୍ଟାଇନ୍‌ରେ ରହିବା ପରେ ଭାରତୀୟ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ପ୍ରଥମ ପ୍ରାକ୍ଟିସ୍ ସେସନ୍‌ରେ ଯୋଗ ଦେଇ ଭଲ ଅଭ୍ୟାସ କରିଛନ୍ତି। ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ (ଏମ୍‌ସିଜି)ରେ ସେ ବ୍ୟାଟିଂ କୋଚ୍ ବିକ୍ରମ ରାଠୋରଙ୍କ ତତ୍ତ୍ୱାବଧାନରେ ଅଭ୍ୟାସ କରିଥିଲେ। ଜାନୁୟାରୀ ୭ ତାରିଖରୁ ସିଡ୍‌ନୀରେ ଆରମ୍ଭ ହେବାକୁ ଯାଉଥିବା ତୃତୀୟ ଟେଷ୍ଟରେ ସେ ଖେଳିବା ଆଶା କରାଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ରୋହିତଙ୍କ ପ୍ରାକ୍ଟିସ ଫଟୋ ଟୁଇଟରରେ ଅପଲୋଡ କରିଛି। ରୋହିତ ଅଭ୍ୟାସ କରିଥିଲେ ମଧ୍ୟ ଭାରତୀୟ ଦଳର ବାକି ସଦସ୍ୟ ଦୁଇଦିନ ବିଶ୍ରାମ ନେଇଛନ୍ତି।

୩୩ ବର୍ଷୀୟ ରୋହିତ ହାମ୍‌ଷ୍ଟ୍ରିଙ୍ଗ୍ ଇଞ୍ଜୁରି କାରଣରୁ ସୀମିତ ଓଭର ସିରିଜ ସହ ଅଷ୍ଟ୍ରେଲିଆ ବିପକ୍ଷ ପ୍ରଥମ ଦୁଇଟି ଟେଷ୍ଟ ଖେଳିପାରି ନ ଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବା ଅବସରରେ ସେ ଆହତ ହୋଇଥିଲେ। ରୋହିତଙ୍କୁ ଅଭ୍ୟାସରେ ରାଘବିନ୍ଦ୍ରା, ଶ୍ରୀଲଙ୍କାର ନୁଆନ ସେନେବିରତ୍ନେ ଓ ଦୟାନନ୍ଦ ଗାରନି ସହଯୋଗ କରିଥିଲେ। ଦଳରେ ଯୋଗ ଦେବା ପୂର୍ବରୁ ରୋହିତ ଦୁଇ ସପ୍ତାହ କ୍ୱାରାଣ୍ଟାଇନରେ ରହିଥିଲେ। ତୃତୀୟ ଟେଷ୍ଟରେ ଅନ୍ତିମ ଏକାଦଶରେ ସାମିଲ ହେବା ପୂର୍ବରୁ ବିସିସିଆଇ ମେଡିକାଲ ଟିମ୍ ରୋହିତଙ୍କ ଫିଟ୍‌ନେସ୍ ନେଇ ଯାଞ୍ଚ କରିବ ବୋଲି ମଙ୍ଗଳବାର ହେଡ୍ କୋଚ୍ ରବି ଶାସ୍ତ୍ରୀ କହିଥିଲେ। ବେଙ୍ଗାଲୁରୁ ସ୍ଥିତ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ରୋହିତ ଫିଟ୍‌ନେସ୍ ଟେଷ୍ଟରେ ପାସ୍ କରିଥିଲେ ବୋଲି ବିସିସିଆଇ ଡିସେମ୍ବର ୧୧ରେ ଘୋଷଣା କରିଥିଲା।

ଜାନୁୟାରୀ ୪ରେ ରୋହିତଙ୍କ ସମେତ ଭାରତୀୟ ଦଳ ସିଡ୍‌ନୀ ଯାତ୍ରା କରିବ। ତୃତୀୟ ଟେଷ୍ଟରେ ଯୁବ ଓପନର ଶୁବମନ ଗିଲ୍‌ଙ୍କ ଇନିଂସ ରୋହିତ ଓପନ କରିବା ଉଚିତ ବୋଲି କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର କହିଛନ୍ତି।

# ରାହାନେ ଷଷ୍ଠ, ଅଶ୍ୱିନ ସପ୍ତମ

**ଦୁବାଇ,୩୧।୧୨(ପି.ଟି.)**

ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟକ ବିରାଟ କୋହଲି ପୂର୍ବପରି ବ୍ୟାଟିଂ ତାଲିକାର ଦ୍ୱିତୀୟ ସ୍ଥାନ ବଜାୟ ରଖିଛନ୍ତି। ଗୁରୁବାର ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ରେ କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେ ୫ଟି ସ୍ଥାନ ଉପରକୁ ଉଠି ଷଷ୍ଠ ସ୍ଥାନରେ ରହି ଟପ୍-୧୦ରେ ସ୍ଥାନ ହାସଲ କରିଛନ୍ତି। ମେଲବୋର୍ନରେ ଅନୁଷ୍ଠିତ ଅଷ୍ଟ୍ରେଲିଆ ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ରାହାନେ ପ୍ରଥମ ଇନିଂସରେ ୧୧୨ ରନର ଶତକୀୟ ପାଳି ଖେଳିଥିବା ବେଳେ ଦ୍ୱିତୀୟ ଇନିଂସରେ ଅପରାଜିତ ୨୭ ରନକରି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରି ମ୍ୟାନ୍ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ତେବେ ସେ ଗତବର୍ଷ ଅକ୍ଟୋବରରେ କ୍ୟାରିୟରର ଶ୍ରେଷ୍ଠ ପଞ୍ଚମ ସ୍ଥାନ ଅଧିକାର କରିଥିଲେ।

ଅଫ୍‌ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ମେଲବୋର୍ନରେ ୫ ଉଇକେଟ ସଫଳତା ହାସଲ କରି ୨ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାର ସପ୍ତମ ସ୍ଥାନରେ ରହିଛନ୍ତି। ସେହିପରି ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଗୋଟିଏ ସ୍ଥାନ ଉପରକୁ ଉଠି ନବମ ସ୍ଥାନରେ ରହିଛନ୍ତି। ରବୀନ୍ଦ୍ର ଜାଡେଜା ଦ୍ୱିତୀୟ ଟେଷ୍ଟରେ ଉପଯୋଗୀ ୫୭ ରନ ସଂଗ୍ରହ କରିବା ସହ ୩ ଉଇକେଟ ଅକ୍ତିଆର କରି ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ରେ ପୂର୍ବପରି ୩ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ୱେଷ୍ଟଇଣ୍ଡିଜର ଜାସନ ହୋଲ୍ଡର ଓ ତାଙ୍କ ମଧ୍ୟରେ ଥିବା ତଫାତ୍‌ରେ ୭ ପଏଣ୍ଟ କମିଛି। ତେବେ ଜାଡେଜା ବ୍ୟାଟିଂ ତାଲିକାରେ ୧୧ଟି ସ୍ଥାନ ଉପରକୁ ଉଠି ୩୬ତମ ସ୍ଥାନ ଅଧିକାର କରିଛନ୍ତି ଓ ଏଥିସହିତ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍‌ର ସମକକ୍ଷ ହୋଇଛନ୍ତି। ସେହିପରି ବୋଲିଂ ତାଲିକାରେ ସେ ୪ଟିସ୍ଥାନ ଉପରକୁଉଠି ୧୪ତମ ସ୍ଥାନରେ ରହିଛନ୍ତି।

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଡେବ୍ୟୁ କରିଥିବା ଶୁବମନ ଗିଲ୍ ଓ ମହମ୍ମଦ ସିରାଜ ବ୍ୟାଟିଂ ଓ ବୋଲିଂ ତାଲିକାରେ ଯଥାକ୍ରମେ ୭୬ ଓ ୭୭ତମ ସ୍ଥାନରେ ରହିଛନ୍ତି। ଶୁବମନ ଇନିଂସ ଓପନ କରି ୪୫ ଓ ଅପରାଜିତ ୩୫ ରନ ସଂଗ୍ରହ କରିଥିଲେ। ସେହିପରି ସିରାଜ ମ୍ୟାଚରେ ମୋଟ ୫ ଉଇକେଟ ହାସଲ କରିଥିଲେ। ସେହିପିର ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଭଲ ପ୍ରଦର୍ଶନ କରି ନ ପାରି

**ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍**

ଦୁଇଟି ସ୍ଥାନ ତଳକୁ ଖସି ଦଶମ ସ୍ଥାନରେ ରହିଛନ୍ତି।

ଅଷ୍ଟ୍ରେଲିଆ ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଦ୍ୱିତୀୟ ଟେଷ୍ଟରେ ୪ ଉଇକେଟ ହାସଲ କରି ପଞ୍ଚମ ସ୍ଥାନ ଅଧିକାର କରି କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍‌ର ସମକକ୍ଷ ହୋଇଛନ୍ତି। ସେହିପରି ଓପନର ମାଥ୍ୟୁ ୱେଡ ୫ଟି ସ୍ଥାନ ଉପରକୁ ଉଠି ୫୦ତମ ସ୍ଥାନ ଅଧିକାର କରିଛନ୍ତି। କାମେରନ ଗ୍ରୀନ୍ ୩୬ଟି ସ୍ଥାନ ଉପରକୁ ଉଠି ୧୧୫ତମ ସ୍ଥାନରେ ରହିଛନ୍ତି।

ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନ ବ୍ୟାଟିଂ ତାଲିକାର ଶୀର୍ଷରେ ରହି ବର୍ଷ ଶେଷ କରିଛନ୍ତି। ଅଷ୍ଟ୍ରେଲିଆ ତାରକା ଷ୍ଟିଭ୍ ସ୍ମିଥ୍‌ଙ୍କୁ ସେ ଶୀର୍ଷ ସ୍ଥାନରୁ ହଟାଇଛନ୍ତି। ସ୍ମିଥ୍ ମେଲବୋର୍ନରେ ଦୁଇ ଇନିଂସରେ ୦ ଓ ୮ ରନକରି ଆଉଟ ହେବା ପରେ ତୃତୀୟ ସ୍ଥାନକୁ ଖସିଛନ୍ତି। ପୂର୍ବରୁ ୨୦୧୫ ଶେଷ ଆଡକୁ ୱିଲିୟମସନ ଅଳ୍ପ ସମୟ ପାଇଁ ଶୀର୍ଷରେ ରହିଥିଲେ। ପାକିସ୍ତାନ ବିପକ୍ଷ ଟେଷ୍ଟ ମ୍ୟାଚରେ ସେ ଦମ୍‌ଦାର ପ୍ରଦର୍ଶନ କରି ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୱିଲିୟମସନ ୧୩ ରେଟିଂ ପଏଣ୍ଟ ହାସଲ କରିଛନ୍ତି। ସେ କୋହଲି ଓ ସ୍ମିଥ୍‌ଙ୍କଠାରୁ ଯଥାକ୍ରମେ ୧୧ ଓ ୧୩ ପଏଣ୍ଟ ଅଧିକ ହାସଲ କରିଛନ୍ତି। ଅଭିଜ୍ଞ ରସ୍ ଟେଲର ୩ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନରେ ରହିଛନ୍ତି। ୨୬ ବର୍ଷୀୟ ଦ୍ରୁତ ବୋଲର କାଏଲ ଜେମିସନ ଟପ୍-୩୦ରେ ସ୍ଥାନ ପାଇଛନ୍ତି। ପାକିସ୍ତାନ ପାଇଁ ଫୱାଦ ଆଲମ ୮୦ ସ୍ଥାନ ଉପରକୁ ଉଠି ୧୦୨ତମ ସ୍ଥାନରେ ରହିଛନ୍ତି। ଉଇକେଟକିପର ତଥା ଅଧିନାୟକ ମହମ୍ମଦ ରିଜୱାନ ୨୭ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୪୭ତମ ସ୍ଥାନରେ ରହିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


HONDA
The Power of Dreams
सच कर देंगे सपने
HAPPY
ACTIVA
20 25
Years
Million customers*
This new year,
let's pledge to move on with a mask on.
Visit www.hondaactivindia.com
#ActivIndia
HONDA
SPECIAL EDITION
ANNIVERSARY 20 YEARS
*Cumulative sales since 2001
ENHANCED SMART POWER
HET BS-VI
BEST DEAL HONDA
joyclub
ALWAYS WEAR A HELMET WHILE RIDING
SAFETY-INDIA HONDA
3+3 years warranty
Other Honda Shield Products**
Annual Maintenance Contract
Road Side Assistance
Engine Health Assurance
Follow us on
A QUIET REVOLUTION
Honda is HONDA
Product shown in the picture may vary from actual product available in the market. Accessories shown in the picture are not part of standard equipment. **Conditions apply.
Honda Motorcycle and Scooter India Pvt. Ltd., Registered Office: Commercial Complex II, Sector - 49-50, Golf Course Extension Road, Gurugram - 122018 (Haryana), India; Website: www.honda2wheelersindia.com; Customer Care: customercare@honda2wheelersindia.com